

# ଧରିତ୍ରୀ
DHARITRI



ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୧୮/୨୦୨୦ (୧୬ ପୃଷ୍ଠା) | Sambalpur, Friday, December 18/2020 | ★★

୧୬ଶ ଭାଗ ୩୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-


**ସ୍ୱସ୍ତିକଙ୍କ ଶତକ**
ଓସିଏ ଆନ୍ତଃଜିଲା ସିନିୟର ଟି୨୦ ଲିଗ୍‌ରେ ଗୁରୁବାର ମୟୂରଭଞ୍ଜ ବିପକ୍ଷରେ ଶତକ ହାସଲ କରିଛନ୍ତି ରାଉରକେଲାର ସ୍ୱସ୍ତିକ ସାମଲ। ୧୨

୧୪ **ଶାଢ଼ିରେ ସୁରଭିଙ୍କ ଷ୍ଟନିଂ ଲୁକ୍**
ଅଭିନେତ୍ରୀ ସୁରଭି ଚନ୍ଦନା ଶାଢ଼ିରେ ଏକ ଫଟୋ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଏହାକୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିଛନ୍ତି।

# ମାତିଲେ ଶିଶୁ ହତ୍ୟାକାରୀ

## କୂଅରୁ କାଳିଆ ମୃତଦେହ


ଆୟୁଷ ସାହୁ (ଫାଇଲ ଫଟୋ)

- ରୁଜୁ ହେଲା ହତ୍ୟା ମାମଲା
- ସମ୍ପର୍କୀୟ ଦାଦା, ଖୁଡ଼ୀ ଅଟକ

**ଢେଙ୍କାନାଳ ଅଫିସ, ୧୭।୧୨**

ଗାଁଦାଣ୍ଡରେ ଖେଳୁଥିଲା। ହଠାତ୍ ନିଖୋଜ ହୋଇଗଲା। କେଇ ଘଣ୍ଟା ପରେ ଘର ନିକଟ କୂଅରୁ ରହସ୍ୟଜନକ ଭାବେ ଠାବ ହେଲା କ୍ଷତାକ୍ତ ମୃତଦେହ। ଢେଙ୍କାନାଳ ଜିଲା ନିହଳପ୍ରସାଦ ଥାନା ଖଙ୍କିରା ଗ୍ରାମର ଶିଶୁ ଆୟୁଷ ସାହୁ ଓରଫ୍ କାଳିଆ ନିଖୋଜ ମାମଲାର ଏପରି ଦୁଃଖଦ ପରିସମାପ୍ତି ଘଟିଛି। ଘଟଣାର ଖିଅ ପାରିବାରିକ ଶତ୍ରୁତା ଆଡ଼କୁ ଲମ୍ବିଥିବା ସନ୍ଦେହ କରାଯାଉଥିବାବେଳେ ୩ବର୍ଷର ନିଷ୍ପାପ ଶିଶୁ ଏଥିରେ ବଳି ପଡ଼ିଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ମୃତଶିଶୁଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗକ୍ରମେ ଥାନାରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ପୋଲିସ ସମ୍ପର୍କୀୟ ଦାଦା, ଖୁଡ଼ୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ଖଙ୍କିରା ଗ୍ରାମର ଏଲିଫ୍ୟାଣ୍ଟ ସ୍କ୍ୱାଡ୍ ସଦସ୍ୟ ଚନ୍ଦନ ସାହୁଙ୍କ ଦୁଇପୁଅଙ୍କ ମଧ୍ୟରେ କାଳିଆ ହେଉଛନ୍ତି ସାନ। ଗତ ବୁଧବାର ସନ୍ଧ୍ୟା ୬ଟାରେ ହଠାତ୍ ଗାଁ ଦାଣ୍ଡରୁ ନିଖୋଜ ହୋଇଯିବା ପରେ ଚହଳ ପଡ଼ିଯାଇଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳି ନ ଥିଲା। ସୂଚନା ପାଇ ପୋଲିସ ଗ୍ରାମରେ ପହଞ୍ଚି ପଚରାଉଚୁରା କରିଥିଲା। ☞ପୃଷ୍ଠା–୧୩


ମୃତଦେହ ମିଳିଥିବା କୂଅ।

**ପରୀ, ସ୍ୱାତୀ, ପିହୁ ପରେ ଗାଁ ଦାଣ୍ଡରୁ ନିଖୋଜ ହୋଇଯାଇଥିବା କାଳିଆର ମୃତଦେହ କୂଅରୁ ମିଳିଛି। ହାର୍ଦ୍ଦିକ ହଜିଯାଇଛି। ନୟାଗଡ଼ରୁ ଯାଜପୁର, ବାଲେଶ୍ୱରରୁ ଗଜପତି ଓ ଢେଙ୍କାନାଳ ଯାଏ ଗୋଟିଏ ପରେ ଗୋଟିଏ ଶିଶୁ ନିଖୋଜ, ଅପହରଣ ଅଥବା ହତ୍ୟାର ଶିକାର ହେଉଛନ୍ତି। ମନେହେଉଛି ସତେଯେମିତି ପିଲାଙ୍କ ଉପରେ ହତ୍ୟାକାରୀ ସଇତାନର ନଜର ଲାଗିଛି। ଏହାକୁ ନେଇ ଗାଁରୁ ସହର ପର୍ଯ୍ୟନ୍ତ ମା'ବାପାମାନେ ଚିନ୍ତିତ। କୁହାକୁହି ହେଲେଣି ଶିଶୁ ହତ୍ୟାକାରୀ ମାତିଥିବାରୁ ଛୁଆଙ୍କୁ ପଦାକୁ ଛାଡ଼ନି।**

## ଦାଣ୍ଡରୁ ହଜିଲା ହାର୍ଦ୍ଦିକ

### ବାଇକ୍‌ରେ ଆସି ଉଠାଇ ନେଲେ ୨ ଦୁର୍ବୃତ୍ତ

**କାଶୀନଗର, ୧୭।୧୨(ଡି.ଏନ୍.ଏ.)**

ଓଡ଼ିଶାର ବିଭିନ୍ନ ସ୍ଥାନରେ ଶିଶୁ ଅପହରଣକୁ ନେଇ ତୁମ୍ବିତୋଫାନ ଚାଲିଥିବାବେଳେ ଗଜପତି ଜିଲା କାଶୀନଗର ଅଞ୍ଚଳରୁ ପୁଣି ଜଣେ ଶିଶୁଙ୍କୁ ଅପହରଣ କରାଯାଇଛି। ଦାଣ୍ଡରେ ଖେଳୁଥିବାବେଳେ ଗଜପତି ଜିଲା କାଶୀନଗରସ୍ଥିତ ଜନଗହଳିପୂର୍ଣ୍ଣ ବସ୍‌ଷ୍ଟାଣ୍ଡ ନିକଟ ମର୍ଣ୍ଣି ସାହିରୁ ଜଣେ ୭ ବର୍ଷର ଶିଶୁଙ୍କୁ ବୁଧବାର ବାଇକ୍‌ରେ ଆସି ୨ଜଣ ଦୁର୍ବୃତ୍ତ ଅପହରଣ କରି ନେଇଛନ୍ତି।

ପ୍ରକାଶ ଯେ, ଗାଇବା ନିକଟ ପରିଡା ଗ୍ରାମର ଯାମି ଗୋପୀ ଗତ କିଛିବର୍ଷ ହେଲା କାଶୀନଗରରେ ରହି କାଜୁ ବ୍ୟବସାୟ କରୁଥିଲେ। ବୁଧବାର ସନ୍ଧ୍ୟାରେ ତାଙ୍କ ୭ବର୍ଷର ପୁଅ ହାର୍ଦ୍ଦିକ ୪ଜଣ ସାଙ୍ଗଙ୍କ ସହ ଦାଣ୍ଡରେ ଖେଳୁଥିଲା। ଏକ ଧଳା ରଙ୍ଗର ବାଇକରେ ୨ଜଣ ଆସି ହାର୍ଦ୍ଦିକ୍‌ଙ୍କୁ ନାଁ ଧରି ଡାକିବା ସହ ବାପା କାହାନ୍ତି ବୋଲି ପଚାରିଥିଲେ। କାଜୁ ଫ୍ୟାକ୍ଟ୍ରିରେ ଥିବେ ବୋଲି ହାର୍ଦ୍ଦିକ୍ କହିବାରୁ ସେମାନେ ଫ୍ୟାକ୍ଟ୍ରି ଦେଖାଇ ଦେବାକୁ କହି ହାର୍ଦ୍ଦିକ୍‌ଙ୍କୁ ବାଇକ୍‌ରେ ବସାଇ ନେଇଯାଇଥିବା ସାଙ୍ଗମାନେ କହିଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ପୁଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କୌଣସି ଖୋଜଖବର ନ ପାଇ କାଶୀନଗର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ନଂ.୧୨୨/୨୦ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲେ।


ହାର୍ଦ୍ଦିକ ଗୋପୀ

ଗୁରୁବାର ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ ଓ ଏସ୍‌ଡିପିଓ ରାମକୃଷ୍ଣ ପତି କାଶୀନଗର ଗସ୍ତ କରି ଘଟଣାର ଅନୁସନ୍ଧାନ କରିଛନ୍ତି। ନିକଟସ୍ଥ ପାରଳାଖେମୁଣ୍ଡି, ଗୁଣୁପୁର ଓ ଆନ୍ଧ୍ରର କତ୍ତୁରୁ, ବାଡିଲି, ପୁରୁଣାପାଟ୍ଟନାମ ଥାନାକୁ ଅପହରଣ ସମ୍ପର୍କରେ ଅବଗତ କରାଯାଇ ଖୋଜଖବର ଆରମ୍ଭ ହୋଇଛି। ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଚାଲିଛି। କାଜୁ ଫ୍ୟାକ୍ଟ୍ରିରେ ଲାଗିଥିବା ସିସିଟିଭି ☞ପୃଷ୍ଠା–୧୩

## ପ୍ରଦୀପଙ୍କ ସହଯୋଗୀ ସର୍ବେଶ୍ୱର ଗିରଫ


ଭି. ସର୍ବେଶ୍ୱର ରାଓ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ):** ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରମୁଖ ସହଯୋଗୀ ଭି. ସର୍ବେଶ୍ୱର ରାଓଙ୍କୁ ଗୁରୁବାର କ୍ରାଇମବ୍ରାଞ୍ଚ ଏସ୍‌ଆଇଟି ଗିରଫ କରିଛି। ଟାଟା ମୋଟର୍ସ ନାଁରେ ଜାଲ୍ ନିଯୁକ୍ତି ଓ ଠକେଇ ମାମଲାରେ ବ୍ରହ୍ମପୁରରେ ଡେରା ପକାଇଥିବା କ୍ରାଇମବ୍ରାଞ୍ଚ ଟିମ୍ ପ୍ରଥମେ ସର୍ବେଶ୍ୱରଙ୍କୁ ନିଜ ହେପାଜତକୁ ନେଇଥିଲା। ଠକେଇରେ ସମ୍ପୃକ୍ତ ଥିବା ନେଇ ତଦନ୍ତବେଳେ ଜଣାପଡିବାରୁ ତାଙ୍କୁ ଭୁବନେଶ୍ୱରକୁ ଅଣାଯାଇଥିଲା। ବୁଧବାରଠାରୁ ସର୍ବେଶ୍ୱର ଓ ରିମାଣ୍ଡରେ ଆସିଥିବା ବିଧାୟକ ପାଣିଗ୍ରାହୀଙ୍କୁ ମାରାଥନ ଜେରା କରିଥିଲା କ୍ରାଇମବ୍ରାଞ୍ଚ। ପ୍ରଦୀପ ଓ ଭାବୀ ଜ୍ୱାଇଁ ତଥା ଆଇଏଫ୍‌ଏସ୍ ଅଭୟ ପାଠକଙ୍କ ପୁଅ ଆକାଶଙ୍କ ଏହି ଠକେଇ ର୍‍ୟାକେଟ୍‌ରେ ସର୍ବେଶ୍ୱରଙ୍କ ସିଧାସଳଖ ସମ୍ପୃକ୍ତି ଥିବା ନେଇ ପ୍ରମାଣ ପାଇବା ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିଛି। ସ୍ୱାସ୍ଥ୍ୟ ☞ପୃଷ୍ଠା–୧୩

## ଟିଏମ୍‌ସି ଛାଡ଼ିଲେ ଶୁଭେନ୍ଦୁ
### ଜିତେନ୍ଦ୍ରଙ୍କ ଇସ୍ତଫା


ଶୁଭେନ୍ଦୁ ଅଧିକାରୀ


ଜିତେନ୍ଦ୍ର ତିୱାରୀ

**ନୂଆଦିଲ୍ଲୀ, ୧୭।୧୨:** ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରାଥମିକ ସଦସ୍ୟ ପଦରୁ ଶୁଭେନ୍ଦୁ ଅଧିକାରୀ ଗୁରୁବାର ଇସ୍ତଫା ଦେଇଛନ୍ତି। ଏହି ହେଭିୱେଟ ନେତା ତାଙ୍କର ଇସ୍ତଫା ସମ୍ପର୍କରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଜଣାଇଦେଇଛନ୍ତି। ପୂର୍ବରୁ ସେ ମନ୍ତ୍ରୀ ଓ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ଦଳରେ ତାଙ୍କୁ ମିଳିଥିବା ସୁଯୋଗ ପାଇଁ ସେ ମୁଖ୍ୟମନ୍ତ୍ରୀ ତଥା ଦଳ ଅଧକ୍ଷାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଶୁଭେନ୍ଦୁ ବୁଧବାର ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ଏହା ପୂର୍ବରୁ ସେ ମନ୍ତ୍ରିମଣ୍ଡଳ ଓ ଅନ୍ୟାନ୍ୟ ପଦ ପଦବୀ ଛାଡ଼ିଥିଲେ। ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପଶ୍ଚିମବଙ୍ଗ ଗସ୍ତରେ ଯିବାର ୪୮ ଘଣ୍ଟା ପୂର୍ବରୁ ଶୁଭେନ୍ଦୁ ଟିଏମ୍‌ସି ଛାଡ଼ିଥିବାରୁ ସେ ଭାଜପାରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଛି। ମମତାଙ୍କ କ୍ୟାବିନେଟରେ ସେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଥିଲେ। ସେ ଉକ୍ତ ପଦବୀ ଛାଡ଼ିବା ପରେ କେନ୍ଦ୍ର ସରକାର ତାଙ୍କୁ ଜେଡ୍-ପ୍ଲସ୍ ସୁରକ୍ଷା ଯୋଗାଇଦେଇଥିଲେ। ସେହିପରି ଟିଏମ୍‌ସିର ବିଦ୍ରୋହୀ ବିଧାୟକ ଜିତେନ୍ଦ୍ର ତିୱାରୀ ଆସାନସୋଲ ମ୍ୟୁନିସିପାଲ କର୍ପୋରେଶନ ପ୍ରଶାସନିକ ବୋର୍ଡର ଅଧକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ପାଣ୍ଡବେଶ୍ୱରରୁ ପ୍ରତିନିଧିତ୍ୱ କରୁଥିବା ଏହି ବିଧାୟକ ତାଙ୍କ ଅଞ୍ଚଳକୁ ବିକାଶ ପାଣ୍ଠିର ଉପଯୁକ୍ତ ଭାଗ ମିଳୁ ନ ଥିବାରୁ ଅସନ୍ତୁଷ୍ଟ ଥିଲେ।




## ଅଭୟକାନ୍ତଙ୍କୁ ବାଧ୍ୟତାମୂଳକ ଅବସର ସୁପାରିସ

### ଦୁର୍ନୀତି ବିରୋଧରେ ନବୀନଙ୍କ କଡ଼ା ଆଭିମୁଖ୍ୟ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

ଦୁର୍ନୀତି ବିରୋଧରେ ସର୍ବଦା କଡ଼ା ଆଭିମୁଖ୍ୟ ପୋଷଣ କରିଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଆଉ ଏକ ପଦକ୍ଷେପ ନେଇଛନ୍ତି। ଦୁର୍ନୀତି ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଚାକିରିରୁ ନିଲମ୍ବିତ ହୋଇ ଜେଲ ଯାଇଥିବା ଭାରତୀୟ ବନ ସେବା(ଆଇଏଫ୍‌ଏସ୍) ଅଧିକାରୀ ଅଭୟକାନ୍ତ ପାଠକଙ୍କୁ ବାଧ୍ୟତାମୂଳକ ଅବସର ଦେବା ପାଇଁ ମୁଖ୍ୟମନ୍ତ୍ରୀ ଚିଠି ଲେଖି କେନ୍ଦ୍ରକୁ ସୁପାରିସ କରିଛନ୍ତି। ସର୍ବଭାରତୀୟ ପ୍ରଶାସନିକ ସେବାର ଜଣେ ଆଇଏଫ୍‌ଏସ୍ ଅଫିସରଙ୍କ ବିରୋଧରେ ଏଭଳି ସୁପାରିସ ରାଜ୍ୟର ପ୍ରଥମ ଘଟଣା। ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ସମ୍ପୃକ୍ତ ଆଇଏଫ୍‌ଏସ୍ ଅଫିସର ଦୁର୍ନୀତି କରି ବହୁ ସମ୍ପତ୍ତି ଠୁଳ କରିଛନ୍ତି। ଏଥିପାଇଁ ତାଙ୍କୁ ଗିରଫ କରାଯାଇଛି। ରାଜ୍ୟ ଭିଜିଲାନ୍ସ ବିଭାଗ ଏପର୍ଯ୍ୟନ୍ତ ଅଭୟ ଏବଂ ତାଙ୍କ ପୁତ୍ର ଆକାଶ ପାଠକଙ୍କଠାରୁ ୨୦ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଛି। ଉକ୍ତ ପ୍ରମାଣ ଆଧାରରେ ଉଭୟଙ୍କୁ ଗିରଫ କରାଯାଇଛି। ଏବେ ଉଭୟ ପିତାପୁତ୍ର ଜେଲରେ ଅଛନ୍ତି। ଅଭୟକାନ୍ତଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ତଦନ୍ତ ବେଳେ ସମ୍ପୃକ୍ତ ଆଇଏଫ୍‌ଏସ୍ ଅଧିକାରୀଙ୍କ ଘରୁ ୧୦ କୋଟି ☞ପୃଷ୍ଠା–୧୩

**ଆଇଏଫ୍‌ଏସ୍ ଅଧିକାରୀଙ୍କ ବିରୋଧରେ ସୁପାରିସ ରାଜ୍ୟର ପ୍ରଥମ ଘଟଣା**



# ଭାକ୍ସିନ ଚ୍ୟାଲେଞ୍ଜ

### ୧୩୦ କୋଟି ଭାରତୀୟଙ୍କୁ ଟିକା ଦେବା ପାଇଁ ସରକାର କେତେ ପ୍ରସ୍ତୁତ

**ଟିକାକରଣ ଭାରତ ପାଇଁ ନୂଆ ନୁହେଁ। ତେବେ ଦେଶର ୧୩୦ କୋଟି ଲୋକଙ୍କୁ ବ୍ୟବସ୍ଥିତ ଢଙ୍ଗରେ କୋଭିଡ୍-୧୯ ଭାକ୍ସିନ ଦେବା ନିଶ୍ଚିତ ଭାବେ ଏକ ବଡ଼ ଆହ୍ୱାନ। କାରଣ ଉତ୍ପାଦନ କେନ୍ଦ୍ରରୁ ରାଜ୍ୟଗୁଡ଼ିକର ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ପହଞ୍ଚାଇବାଠାରୁ ନେଇ ଦରକାରୀ ଲୋକଙ୍କ ଶରୀରରେ ଇଞ୍ଜେକ୍ସନ ଜରିଆରେ ତାକୁ ପ୍ରୟୋଗ କରିବା ପର୍ଯ୍ୟନ୍ତ ଆବଶ୍ୟକ ଭିତ୍ତିଭୂମି ଦେଶରେ ଥିବା ଭଳି ମନେହେଉନାହିଁ। ଭାକ୍ସିନ ଅସୁଛି ଆସୁଛି ବୋଲି ହୋହଲ୍ଲା ଚାଲିଥିବାବେଳେ ପରିବହନ, ସୁରକ୍ଷିତ ସଂରକ୍ଷଣ, ବଣ୍ଟନ ଓ ସର୍ବୋପରି ସାମୂହିକ ଟିକାକରଣକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ଏଭଳି ସ୍ଥିତିରେ ଦଳୀୟ ଇସ୍ତାହାରରେ ମାଗଣା ଟିକା ବଣ୍ଟନର ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତାଯାଇପାରେ; କିନ୍ତୁ କରୋନା ମହାମାରୀକୁ ନୁହେଁ।**




**ନୂଆଦିଲ୍ଲୀ,୧୭।୧୨**

ମହାମାରୀ କରୋନା ଭୂତାଣୁରୁ ମୁକ୍ତି ପାଇଁ ଭାକ୍ସିନ ଆସୁଛି। ତେଣୁ ଭାରତରେ ଭାକ୍ସିନ ମହଜୁଦ ରଖିବା ଲାଗି ୨୯,୦୦୦ କୋଲ୍ଡ ଚେନ୍ ପଏଣ୍ଟ, ୨୪୦ ୱାକ୍-ଇନ୍ କୁଲର, ୭୦ ଫ୍ରିଜର, ୪୫,୦୦୦ ଆଇସ୍-ଲାଇନ୍ଡ ରେଫ୍ରିଜିରେଟର, ୪୧,୦୦୦ ଡିପ୍ ଫ୍ରିଜର ଓ ୩୦୦ ସୋଲାର ରେଫ୍ରିଜିରେଟର ବ୍ୟବହାର କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଭାରତର ଭାକ୍ସିନେଶନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୩୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଷ୍ଟେଟ୍ ଷ୍ଟିୟରିଂ କମିଟି ଓ ଷ୍ଟେଟ୍ ଟାସ୍କ ଫୋର୍ସଗୁଡ଼ିକର ବୈଠକ ଶେଷ ହୋଇଛି। ସେହିପରି ୬୩୩ ଜିଲାରେ ଡିଷ୍ଟ୍ରିକ୍ଟ ଟାସ୍କ ଫୋର୍ସ ମଧ୍ୟ ପ୍ରସ୍ତୁତି ବୈଠକ କରିସାରିଥିବା କୁହାଯାଉଛି। କେନ୍ଦ୍ର ସରକାରଙ୍କ ୨୩ ମନ୍ତ୍ରଣାଳୟ ଓ ବିଭାଗକୁ ଯୋଜନା, କାର୍ଯ୍ୟାନ୍ୱୟନ, ସୋସିଆଲ ମୋବିଲାଇଜେଶନ, ସଚେତନତା ସୃଷ୍ଟି ଆଦି ଦାୟିତ୍ୱ ଦିଆଯାଇଛି। ତେବେ ବିଶ୍ୱର ଏହି ସର୍ବବୃହତ୍ ଟିକାକରଣ ଯୋଜନାକୁ ନେଇ କେନ୍ଦ୍ର ସରକାରଙ୍କ ପ୍ରସ୍ତୁତି କେତେ ପ୍ରଭାବୀ ହେବ? କିପରି ଭାବେ ୧୩୦ କୋଟି ଲୋକଙ୍କୁ ଟିକା ଦିଆଯିବ? ଟିକା ନେବା ବ୍ୟକ୍ତି ପୁଣି ସଂକ୍ରମିତ ହେବା ଆଶଙ୍କା ରହିଛି କି? କେଉଁ ଉପାୟରେ ଏହି ଅଭିଯାନକୁ ସଫଳ କରାଯିବ ସେନେଇ ଲୋକଙ୍କ ମନରେ ନାନା ପ୍ରଶ୍ନ ଉଙ୍କି ମାରୁଛି।

ଭାରତରେ ସାଧାରଣ ନିର୍ବାଚନ ବେଳେ ୧୦ ଲକ୍ଷ ପୋଲିଂ ଷ୍ଟେଶନରେ ୯୦ କୋଟି ଭୋଟର ମତଦାନ କରିଥାନ୍ତି। ଉତ୍ତରରୁ ଦକ୍ଷିଣକୁ ଓ ପୂର୍ବରୁ ପଶ୍ଚିମକୁ ୩,୨୮୬,୯୨୭ ବର୍ଗ କି.ମି. ବିସ୍ତୃତ ଅଞ୍ଚଳରେ ଭାରତୀୟ ଭୋଟର ୮,୦୦୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଥାଆନ୍ତି। ଏଥିପାଇଁ ଭାରତର ନିର୍ବାଚନ କମିଶନ ବ୍ୟାପକ ପ୍ରସ୍ତୁତି କରନ୍ତି। କିନ୍ତୁ ଟିକା ନେବା କଥା ଉଠିଲେ ଏହି ପ୍ରସ୍ତୁତିକୁ ଆହୁରି ବ୍ୟାପକ କରିବାକୁ ହେବ। କାରଣ ୧୩୦ କୋଟି ଲୋକଙ୍କୁ କରୋନାମୁକ୍ତ କରିବାକୁ ହେଲେ ଜଣକୁ ପ୍ରାୟ ମାସେ ବ୍ୟବଧାନରେ ଦୁଇଥର ଲେଖାଏ ଟିକା ଦେବାକୁ ପଡ଼ିବ। କରୋନା ଭାଇରସ୍ ଯୋଗୁ ☞ପୃଷ୍ଠା–୧୩

## କକ୍ଷପଥରେ ସିଏମ୍‌ଏସ୍-୦୧

**ଶ୍ରୀହରିକୋଟା, ୧୭।୧୨**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଗୁରୁବାର ଏହାର ୪୨ତମ ଦୂରସଞ୍ଚାର ଉପଗ୍ରହ ସିଏମ୍‌ଏସ୍-୦୧କୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରିଛି। ଏହା ଚଳିତ ବର୍ଷର ଦ୍ୱିତୀୟ ସଫଳ ମିଶନ। ଅପରାହ୍ନ ୩ଟା ୪୧ରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ପିଏସ୍‌ଏଲ୍‌ଭି-ସି୫୦ ରକେଟ ସିଏମ୍‌ଏସ୍-୦୧କୁ ନେଇ ମହାକାଶକୁ ଯାଇଥିଲା। ଏହାର ୨୦ ମିନିଟ ପରେ ପିଏସ୍‌ଏଲ୍‌ଭି-ସି୫୦ ଉପଗ୍ରହକୁ ସଫଳତାର ସହ ଜିଓସିନ୍‌କ୍ରୋନିଅସ୍ ଟ୍ରାନ୍ସଫର ଅର୍ବିଟ୍ (ଜିଟିଓ)କୁ ଛାଡ଼ିଥିଲା।

ସିଏମ୍‌ଏସ୍-୦୧ ସାଟେଲାଇଟ୍‌ର କାର୍ଯ୍ୟକାଳ ୭ ବର୍ଷ ରହିଛି। ଫ୍ରିକ୍ୱେନ୍ସି ସ୍ପେକ୍ଟ୍ରମ୍‌ର ସମ୍ପ୍ରସାରିତ ସି ବ୍ୟାଣ୍ଡ୍‌ରେ ଏହା ସେବା ଯୋଗାଇବା ପାଇଁ ପରିକଳ୍ପିତ ହୋଇଛି। ଏହା ଭାରତୀୟ ମୁଖ୍ୟ ଭୂଖଣ୍ଡ ସମେତ ଆଣ୍ଡାମାନ-ନିକୋବର ଏବଂ ଲାକ୍ଷାଦ୍ୱୀପକୁ ସେବା ଯୋଗାଇବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।



**ଆଜିର ସମ୍ପାଦକୀୟ**

**ଇମ୍ପାକ୍ଟ ଆକାଉଣ୍ଟିଂ**

**ଆଜିର ମନ୍ତବ୍ୟ**

"କିଛି ଲୋକ ଷଡ଼ଯନ୍ତ୍ର କରି ଚାଷୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଚାହୁଁଛନ୍ତି। ହିଂସା କରିବାକୁ ସେମାନେ କୃଷକମାନଙ୍କୁ ଉସୁକାଉଛନ୍ତି।
– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ

**୫ ରାଜ୍ୟରେ ନିର୍ବାଚନ ପାଇଁ ଇସିଙ୍କ ପ୍ରସ୍ତୁତି**

ନୂଆଦିଲ୍ଲୀ : ଆସନ୍ତା ବର୍ଷ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଓ ପୁଡୁଚେରୀ ବିଧାନସଭା କାର୍ଯ୍ୟକାଳ ମେ' ଓ ଜୁନ୍ ମାସରେ ଶେଷ ହେବାକୁ ଥିବାରୁ ସେଠାରେ ନିର୍ବାଚନ ଅନୁଷ୍ଠିତ ହେବ। କିଛିଦିନ ମଧ୍ୟରେ ଇସି ମହାସଚିବ ଉମେଶ ସିହ୍ନା ତାମିଲନାଡୁ ଏବଂ ଉପନିର୍ବାଚନ କମିଶନର ସୁଦୀପ୍ ଜୈନ ପଶ୍ଚିମବଙ୍ଗ ଗସ୍ତରେ ଯିବେ।

## ସଂକ୍ଷେପରେ

### ଟିକ୍ରି ସୀମାରେ କୃଷକଙ୍କ ମୃତ୍ୟୁ

ଚଣ୍ଡିଗଡ଼, ୧୭।୧୨: ଟିକ୍ରି ସୀମାର ଆନ୍ଦୋଳନ ସ୍ଥଳ ନିକଟରୁ ଗୁରୁବାର ସକାଳେ ଜଣେ ୩୮ ବର୍ଷୀୟ କୃଷକଙ୍କ ମୃତଦେହ ମିଳିଛି। ଜୟ ସିଂ ନାମକ ଏହି କୃଷକଙ୍କ ଘର ପଞ୍ଜାବର ବଠିଣ୍ଡା ଜିଲା ଅନ୍ତର୍ଗତ ତୁଙ୍ଗୱାଲି ଗ୍ରାମରେ। ସେ ଓ ତାଙ୍କ ଭାଇ କିଛିଦିନ ହେଲା ହରିୟାଣା-ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ ବୋଲି ଭାରତୀୟ କିଷାନ ୟୁନିୟନ ନେତା ଶିଙ୍ଗାରା ସିଂ କହିଛନ୍ତି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ହୃଦ୍‌ଘାତରୁ ତାଙ୍କର ଜୀବନ ଯାଇଥାଇପାରେ ବୋଲି ସନ୍ଦେହ କରାଯାଉଛି।

### ପଶ୍ଚିମବଙ୍ଗର ୭୫ ଆସନରେ ପ୍ରାର୍ଥୀ ଦେବ ଜେଡିୟୁ

ପାଟନା, ୧୭।୧୨: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାକୁ ଯାଉଛନ୍ତି ଜେଡିୟୁ ସୁପ୍ରିମୋ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ଆସନ୍ତାବର୍ଷ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଜେଡିୟୁ ୭୫ ଆସନରେ ପ୍ରାର୍ଥୀ ଦେବା ଲାଗି ସ୍ଥିର କରିଛି। ଦଳର ପଶ୍ଚିମବଙ୍ଗ ଦାୟିତ୍ୱରେ ଥିବା ନେତା ଗୁଲାମ ରସୁଲ ବଲିୟାୱି ଏହି ସୂଚନା ଦେଇଛନ୍ତି। ଜେଡିୟୁ ଲଢ଼ିବା ପାଇଁ ସିଲିଗୁଡ଼ି, ମୁର୍ଶିଦାବାଦ, ମାଲଦା, ଦିନାଜପୁର, ବାଙ୍କୁରା, ମେଦିନିପୁର, ୨୪ ପ୍ରଗଣା ଓ ନନ୍ଦିଗ୍ରାମ ଆଦି ୭୫ଟି ଆସନ ଚିହ୍ନଟ ହୋଇଥିବା ସେ କହିଛନ୍ତି।

### ବିଦ୍ରୋହୀଙ୍କୁ ଭେଟିବେ ସୋନିଆ

ନୂଆଦିଲ୍ଲୀ, ୧୭।୧୨: କଂଗ୍ରେସର ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଇବା ସହ ସାଂଗଠନିକ ସ୍ତରରେ ଆମୂଳଚୂଳ ପରିବର୍ତ୍ତନ ଲାଗି ଦଳର ଏକ ବିଦ୍ରୋହୀ ଗୋଷ୍ଠୀ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପତ୍ର ଲେଖିଥିଲେ। ସେମାନଙ୍କୁ ଭେଟିବା ଲାଗି ଶେଷରେ ସୋନିଆ ରାଜି ହୋଇଛନ୍ତି। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ ଏହି ବୈଠକର ଆୟୋଜନ କରୁଛନ୍ତି। ୨୩ ଅସନ୍ତୁଷ୍ଟ କଂଗ୍ରେସ ନେତା ସୋନିଆଙ୍କୁ ପତ୍ର ଲେଖିଥିବାବେଳେ ସେମାନଙ୍କ ପ୍ରତିନିଧି ଭାବେ ୫ କିମ୍ବା ୬ ଜଣ ଉକ୍ତ ବୈଠକରେ ଯୋଗଦେବେ ବୋଲି ବିଶ୍ୱାସ କରାଯାଉଛି। ଶନିବାର ଉକ୍ତ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯୋଗଦେବେ କି ନାହିଁ ସ୍ପଷ୍ଟ ହୋଇନାହିଁ। ପତ୍ର ଲେଖିଥିବା ନେତାଙ୍କ ବ୍ୟତୀତ ଅନ୍ୟ କେତେଜଣ ମଧ୍ୟ ବୈଠକରେ ଉପସ୍ଥିତ ରହିପାରନ୍ତି। ଏପର୍ଯ୍ୟନ୍ତ ବିଦ୍ରୋହୀଙ୍କଠାରୁ ଦୂରେଇ ରହିଥିବା କମଲ ନାଥ ସେମାନଙ୍କୁ ଭେଟିବା ଲାଗି ଗାନ୍ଧୀ ପରିବାରକୁ ପ୍ରବର୍ତ୍ତାଇବାରେ ମୁଖ୍ୟ ଭୂମିକା ନେଇଥିଲେ।

### ଚାଷୀ ଆନ୍ଦୋଳନକୁ ବିକେଏସ୍ ଆସାମ ଶାଖାର ସମର୍ଥନ

ଗୁଆହାଟୀ, ୧୭।୧୨: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସ୍ୱୀକୃତିପ୍ରାପ୍ତ ଭାରତୀୟ କିଷାନ ସଂଘ (ବିକେଏସ୍)ର ଆସାମ ଶାଖା ଦିଲ୍ଲୀ ସୀମାରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇଛି। ଯଦିଓ ଏହି ସଂଗଠନ କୃଷି ଆଇନର ପ୍ରତ୍ୟାହାର ଚାହୁଁନାହିଁ, ତେବେ ଉତ୍ପାଦିତ ସାମଗ୍ରୀର ଏମ୍‌ଏସ୍‌ପି ଏବଂ ଚାଷୀଙ୍କୁ ବ୍ୟାଙ୍କ ସିକ୍ୟୁରିଟି ନିଶ୍ଚିତ ହେବା ଆବଶ୍ୟକ ବୋଲି ଦାବି କରିଛି। କର୍ପୋରେଟ ଓ ବୃହତ କମ୍ପାନୀଙ୍କଠାରୁ ଚାଷୀଙ୍କ ସୁରକ୍ଷା ପାଇଁ ବ୍ୟାଙ୍କ ଗ୍ୟାରେଣ୍ଟି ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ କାର୍ଯ୍ୟକାରିତା ହେବା ଆବଶ୍ୟକ ବୋଲି ବିକେଏସ୍ ଆସାମ ଶାଖାର ସଂଗଠନ ସମ୍ପାଦକ କ୍ରିଷ୍ଣକାନ୍ତ ବୋରା କହିଛନ୍ତି।

# ଚନ୍ଦ୍ରରୁ ମାଟି ଆଣିଲା ଚାଇନା



**ବେଜିଂ, ୧୭।୧୨:** ଚାଇନାର ମହାକାଶଯାନ ଚାଙ୍ଗ'ଇ-୫ ଚନ୍ଦ୍ରପୃଷ୍ଠରୁ ମାଟି ନମୁନା ସଂଗ୍ରହ କରି ଗୁରୁବାର ପୃଥିବୀକୁ ଫେରିଛି। ଚାଇନା ଡିସେମ୍ବର ୨ରେ ରୋବଟ ସହ ମହାକାଶଯାନକୁ ଚନ୍ଦ୍ର ପୃଷ୍ଠର ନିର୍ଦ୍ଧାରିତ ସ୍ଥାନରେ ଅବତରଣ କରାଇଥିଲା। ଚାଇନା ନ୍ୟାଶନାଲ ସ୍ପେସ୍ ଆଡମିନିଷ୍ଟ୍ରେଶନ (ସିଏନ୍‌ଏସ୍‌ଏ) ଅନୁଯାୟୀ ଏହି ମହାକାଶଯାନ ଉତ୍ତର ଚାଇନାର ମୋଙ୍ଗୋଲିଆ ସ୍ୱୟଂଶାସିତ ଅଞ୍ଚଳ ସିଜିୱାଙ୍ଗ ବ୍ୟାନରରେ ଅବତରଣ କରିଛି। ୨୦୦୪ରୁ ଚାଇନା ପକ୍ଷରୁ ଆରମ୍ଭ ହୋଇଥିବା ଏହି ମିଶନ ସଫଳ ହୋଇଥିବା ନେଇ ସିଏନ୍‌ଏସ୍‌ଏର ମୁଖ୍ୟ ଜାଙ୍ଗ୍ କେଜିଆନ ଘୋଷଣା କରିଛନ୍ତି। ନମୁନା ଆଣିବାକୁ ୪୦ ବର୍ଷ ପୂର୍ବରୁ ଆମେରିକା ଚନ୍ଦ୍ରକୁ ମହାକାଶଚାରୀ ପଠାଇବା ପରଠାରୁ ପ୍ରଥମ କରି ଚାଇନା ଏହି ମିଶନ ଆରମ୍ଭ କରିଥିଲା। ସଂଗୃହୀତ ନମୁନା ପରୀକ୍ଷଣ କରାଯିବା ପରେ ଚନ୍ଦ୍ରପୃଷ୍ଠ ମଣିଷ ପାଇଁ ବାସ ଉପଯୋଗୀ କି ନୁହେଁ ତାହା ଜଣାପଡିବ।

# ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ କରୋନା

**ପ୍ୟାରିସ୍, ୧୭।୧୨:** ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକରଁ କରୋନାରେ ସଂକ୍ରମିତ ହୋଇଛନ୍ତି। ଏ ନେଇ ରାଷ୍ଟ୍ରପତି ଭବନ ଏଲିସି ପ୍ୟାଲେସ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ମାକରଁଙ୍କଠାରେ କୋଭିଡ୍ ଲକ୍ଷଣ ଦେଖାଯିବା ପରେ ତାଙ୍କର କରୋନା ଟେଷ୍ଟ କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବାରୁ ସେ ଆଇସୋଲେଶନରେ ରହିଛନ୍ତି। ଗତ ସପ୍ତାହର ଶେଷ ଆଡ଼କୁ ମାକରଁ ଓ ଜର୍ମାନ ଚାନସେଲର ଆଞ୍ଜେଲା ମାର୍କେଲଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା। ବୁଧବାର ପର୍ତ୍ତୁଗାଲ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ମାକରଁ ଭେଟିଥିଲେ। ଏଥିସହ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ଜେନ୍ କାସ୍‌ଟେକ୍ସ ଓ ଅନ୍ୟ କ୍ୟାବିନେଟ ମନ୍ତ୍ରୀଙ୍କ ସହ ବୈଠକରେ ସାମିଲ ଥିଲେ।



ଇମାନ୍ୱେଲ ମାକରଁ

# ଯିଏ ଯିବ ଯାଆ



**ଭାଜପାମୁହାଁ ନେତାଙ୍କୁ ମମତାଙ୍କ ଜବାବ**

**ପ୍ରଥମେ ମୁକୁଲ ରାୟ, ଏବେ ଶୁଭେନ୍ଦୁ ଅଧିକାରୀ ଓ ଆଗକୁ ଅନେକ। ପଶ୍ଚିମବଙ୍ଗରେ ଏପରି ଭାବେ ଜଣେ ପରେ ଜଣେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଦଳତ୍ୟାଗ କରିବାରେ ଲାଗିଛନ୍ତି। ସେମାନେ ଭାଜପାମୁହାଁ ହେଉଥିବା କୁହାଯାଉଛି। ରାଜ୍ୟରେ ୨୦୨୧ ଏପ୍ରିଲ ଆଡ଼କୁ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭାଜପା ଶକ୍ତି ବୃଦ୍ଧି ପାଇଁ ଉଦ୍ୟମ ଚଳାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ମଧ୍ୟ ତୁହାକୁ ତୁହା ଗସ୍ତ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟିଏମ୍‌ସି ଗଡ଼ରେ ଚ୍ୟାଲେଞ୍ଜ କରୁଛନ୍ତି। ଏଭଳି ସମୟରେ ଦିଦିଙ୍କ ରାଇଟ୍ ହ୍ୟାଣ୍ଡ କୁହାଯାଉଥିବା ଶୁଭେନ୍ଦୁ ଅଧିକାରୀ ଓ ବିଦ୍ରୋହୀ ବିଧାୟକ ଜିତେନ୍ଦ୍ର ତିୱାରୀଙ୍କ ଆଚରଣ ରାଜ୍ୟ ତଥା ଜାତୀୟ ରାଜନୀତିର ଥଣ୍ଡା ପାଗରେ ଉଷ୍ମତା ଭରିଦେଇଛି। ହେଲେ ବାମପନ୍ଥୀଙ୍କ ୩୪ ବର୍ଷ ଶାସନର ଅବସାନ ଘଟାଇ ୯ ବର୍ଷ ହେଲା କ୍ଷମତାସୀନ ଥିବା ମମତା ଏସବୁକୁ ନେଇ ଚିନ୍ତିତ ଥିବା ଭଳି ମନେହେଉ ନାହିଁ। ତାଙ୍କ ମତରେ ଯିଏ ଦଳ ଛାଡ଼ି ଯୁଆଡ଼େ ଯିବାକୁ ଚାହୁଁଛନ୍ତି ଯାଆନ୍ତୁ। କିଛି ଫରକ୍ ପଡ଼ିବନି।**

କୋଲକାତା/ନୂଆଦିଲ୍ଲୀ,୧୭।୧୨

ଟିଏମ୍‌ସି ଶାସିତ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ଦଳବଦଳ ସେତିକି ବଢ଼ିବାରେ ଲାଗିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଶନିବାର ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଯିବେ। କେନ୍ଦ୍ରର ବିବାଦୀୟ କୃଷି ଆଇନ ବିରୋଧରେ ୨୨ ଦିନ ଧରି ଆନ୍ଦୋଳନ ଚାଲିଥିବାବେଳେ ଶାହା ପୂର୍ବ ମେଦିନାପୁର ଜିଲାର ଜଣେ ଚାଷୀଙ୍କ ଘରେ ଭୋଜନ କରିବେ। ଏହାର ରାଜନୈତିକ ସଙ୍କେତ ହେଉଛି କେନ୍ଦ୍ର ସରକାର କୃଷକଙ୍କ ସହ ଅଛନ୍ତି। ତେବେ ଶାହାଙ୍କ ଏହି ଗସ୍ତ ବେଳେ ୬୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ଭାଜପାରେ ଯୋଗଦେବେ ବୋଲି କୁହାଯାଉଛି। ଏହି ମିଶ୍ରଣ ପର୍ବ ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ତେବେ ଯେଉଁ ନେତା ଓ କର୍ମୀ ପଦ୍ମ ଧରିବାକୁ ଯାଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷମତାସୀନ ଦଳ ଟିଏମ୍‌ସିର ବୋଲି ଜଣାପଡ଼ିଛି। ଏହି ଆୟୋଜନ ପଛରେ ବରିଷ୍ଠ ଭାଜପା ନେତା ମୁକୁଲ ରୟ ଓ ଗୈରିକ ଦଳରେ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଥିବା ପୂର୍ବତନ ପରିବହନ ମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପ୍ରଚ୍ଛନ୍ନ ଭୂମିକା ରହିଥିବା ବିଶ୍ଳେଷକମାନେ କହୁଛନ୍ତି।

ଶାରଧା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ପଡ଼ି ପୂର୍ବତନ ରେଳମନ୍ତ୍ରୀ ମୁକୁଲ ରାୟ ଅଣନିଃଶ୍ୱାସୀ ହୋଇଯାଇଥିଲେ। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଏବଂ ଇଡି ତାଙ୍କୁ ଘାଣ୍ଟିଚକଟି ଦେଇଥିବାବେଳେ ୨୦୧୭ ସେପ୍ଟେମ୍ବରରେ ସେ ଟିଏମ୍‌ସି ଛାଡ଼ିଥିଲେ। ସେହିବର୍ଷ ନଭେମ୍ବର ୩ରେ ମୁକୁଲ ଭାଜପାରେ ମିଶିଥିଲେ। ଭାଜପାରେ ସାମିଲ ହେବା ପରେ ମୁକୁଲ ଅଧୁଆ ମୂଳାରୁ ଧୁଆ ମୂଳା ପାଲଟିଯାଇଥିଲେ। ପଶ୍ଚିମବଙ୍ଗରେ ମମତାଙ୍କୁ ଘେରିବା ପାଇଁ ଭାଜପା ତାଙ୍କୁ ଯେତିକି ପୁରସ୍କୃତ କରିଥିଲା ସେତିକି ବ୍ୟବହାର ମଧ୍ୟ କରିଥିଲା। ମୁକୁଲଙ୍କ ଯୋଗୁ ପରବର୍ତ୍ତୀ ସମୟରେ ଭାଜପା ସେଠାରେ ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିପାରିଥିଲା। ଆଗକୁ ନିର୍ବାଚନ ଥିବାରୁ ପଶ୍ଚିମବଙ୍ଗ ରାଜନୀତି ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି।

ଶୁଭେନ୍ଦୁ ଅଧିକାରୀ ବୁଧବାର ଏକ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏଥିରେ ଏମ୍‌ପି ସୁନୀଲ ମଣ୍ଡଳ ଓ ବିଧାୟକ ଜିତେନ୍ଦ୍ର ତିୱାରୀଙ୍କ ସମେତ ଶାସକ ଦଳର ଅନେକ ବିଦ୍ରୋହୀ ନେତା ଯୋଗଦେଇଥିଲେ। ସୁନୀଲଙ୍କ ପଶ୍ଚିମ ବର୍ଦ୍ଧମାନ ଜିଲାସ୍ଥିତ କଙ୍କସା ବାସଭବନରେ ହୋଇଥିବା ଉକ୍ତ ବୈଠକକୁ ନେଇ ଅନେକ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ଆହୁରି ଅନେକ ନେତା ଟିଏମ୍‌ସି ଛାଡ଼ି ଭାଜପାରେ ମିଶିବା ଚର୍ଚ୍ଚା ହେଉଛି। ବୀରଭୂମ, ବର୍ଦ୍ଧମାନ ଓ ଅନ୍ୟ କେତେକ ଜିଲାର ନେତା ମଧ୍ୟ ସେଥିରେ ଯୋଗଦେଇଥିଲେ। ସେମାନେ ଟିଏମ୍‌ସି ସରକାରକୁ ଖୋଲାଖୋଲି ସମାଲୋଚନା କରି ନନ୍ଦିଗ୍ରାମ ହେଭିଓ୍ୱେଟ୍ ଶୁଭେନ୍ଦୁଙ୍କ ସମର୍ଥନରେ ବାହାରିଛନ୍ତି। ତେଣୁ ମମତାଙ୍କ ବିରୋଧରେ ଶୁଭେନ୍ଦୁଙ୍କୁ ଭାଜପା ବ୍ୟବହାର କରିପାରେ। ଇତିମଧ୍ୟରେ ପାଣ୍ଡବେଶ୍ୱର ନିର୍ବାଚନମଣ୍ଡଳୀର ବିଦ୍ରୋହୀ ବିଧାୟକ ଜିତେନ୍ଦ୍ର ତିୱାରୀ ମଧ୍ୟ ଦଳ ଛାଡ଼ିବାକୁ ଧମକ ଦେଇଛନ୍ତି। କହିଛନ୍ତି, ତାଙ୍କ ପାଖରେ ପର୍ଯ୍ୟାପ୍ତ ରାଜନୈତିକ ଇଚ୍ଛାଶକ୍ତି ରହିଛି। ତେଣୁ ସେ ନିଜ ଦମ୍‌ରେ ନିର୍ବାଚନ ଜିତିପାରିବେ। ଏହି ପରିବର୍ତ୍ତନଶୀଳ ପାଣିପାଗକୁ ଦେଖି ଟିଏମ୍‌ସି ମୁଖ୍ୟ ମମତା କହିଛନ୍ତି, ବିରୋଧୀ ଦଳ ସହ ଯୋଗସୂତ୍ର ରଖିଥିବା ନେତାମାନେ ଟିଏମ୍‌ସି ଛାଡ଼ିପାରନ୍ତି। ଦଳ ବିରୋଧୀ କାର୍ଯ୍ୟକଳାପକୁ ବରଦାସ୍ତ କରାଯାଇ ପାରିବ ନାହିଁ। ଦଳ ଭିତରେ ଥାଇ ଅନ୍ତର୍ଘାତୀ କାର୍ଯ୍ୟ କରିବା ଅପେକ୍ଷା ସେମାନେ ଅନ୍ୟ ଦଳକୁ ଚାଲିଯିବା ଭଲ। ସେ ଏପରି ଲକ୍ଷେ ନେତା ତିଆରି କରିପାରିବେ।



ସିଙ୍ଘୁ ସୀମାରେ ଆନ୍ଦୋଳନରତ ଚାଷୀ କେନ୍ଦ୍ରର କୃଷି ଆଇନ ବିରୋଧରେ ସ୍ଲୋଗାନ ଦେଉଛନ୍ତି।

## ଭାରତ-ବାଂଲାଦେଶ ୭ ଚୁକ୍ତି

ନୂଆଦିଲ୍ଲୀ, ୧୭।୧୨(ପି.ଟି.)

ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କକୁ ଆଗେଇ ନେବା ପାଇଁ ଗୁରୁବାର ୭ଟି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ସୀମାପାର ରେଳ ସଂଯୋଗକୁ ପୁନର୍ବାର କାର୍ଯ୍ୟକାରୀ କରିବା ସହ ବିଭିନ୍ନ ସେକ୍ଟରରେ ସହଯୋଗ ବୃଦ୍ଧି ଏହି ଚୁକ୍ତିନାମାର ଉଦ୍ଦେଶ୍ୟ। ୧୯୬୫ ଯୁଦ୍ଧ ଯୋଗୁ ଚିଲାହାଟି-ହଳଦୀବାରି ରେଳ ସଂଯୋଗ କାଟିଦିଆଯାଇଥିଲା। ଏଥିସହିତ ହାଇଡ୍ରୋକାର୍ବନ, କୃଷି ଓ ପୋଷାକ ଆଦି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇବ। ବିଜୟ ଦିବସ ପାଳନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବାଂଲାଦେଶ ପ୍ରତିପକ୍ଷ ଶେଖ୍ ହାସିନାଙ୍କର ଭର୍ଚୁଆଲ ସମ୍ମିଳନୀ ଅବସରରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି।

# ମହିଳାଙ୍କୁ ଭାକ୍ସିନ୍ ଭୟ




- ଦ୍ୱନ୍ଦ୍ୱରେ ଅଛନ୍ତି ୪୩ ପ୍ରତିଶତ
- ୧୦% ଟିକା ବିରୋଧୀ
- ଭାକ୍ସିନ ନେବାକୁ ଇଚ୍ଛୁକ ପୁରୁଷ ଗୋଷ୍ଠୀ
- ବିପଜ୍ଜନକ ଭାବୁଛନ୍ତି ବୟସ୍କ

ନୂଆଦିଲ୍ଲୀ, ୧୭।୧୨

କରୋନା ମହାମାରୀରୁ ଦେଶକୁ ରକ୍ଷା କରିବାକୁ ସରକାର ଟିକାକରଣ ପାଇଁ ଜୋରଦାର ଉଦ୍ୟମ ଚଳାଇଥିବାବେଳେ ଲୋକେ କିନ୍ତୁ ଭାକ୍ସିନ୍ ନେବେ କି ନା ସେନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଭାରତରେ ଅର୍ଦ୍ଧାଧିକ ଲୋକ ଏଥିପାଇଁ ପଛଘୁଞ୍ଚା ଦେଉଥିବା ଏବଂ ଅନେକ ଲୋକ ଆଦୌ ଟିକା ନେବାକୁ ଚାହୁଁ ନାହାନ୍ତି। ବିଶେଷ କରି ମହିଳାମାନେ କୌଣସି ପାର୍ଶ୍ୱ ପ୍ରତିକ୍ରିୟାକୁ ଭୟ କରି ଭାକ୍ସିନ ନେବାକୁ ଇଚ୍ଛୁକ ନ ଥିବାବେଳେ ଯୁବଗୋଷ୍ଠୀ କିନ୍ତୁ ଉତ୍ସାହୀ ଥିବା ଏକ ସର୍ଭେରୁ ଜଣାପଡିଛି।

'ଦି ଜିଓକ୍ୟୁଆଇଆଇ କୋଭିଡ୍-୧୯, ଦି ୱେ ଫରୱାର୍ଡ' ନାମରେ ହୋଇଥିବା ଏହି ସର୍ଭେରେ ୧୧ ହଜାର ଅଂଶଗ୍ରହଣକାରୀଙ୍କ ମତାମତ ନିଆଯାଇଥିଲା। ଅନୁସନ୍ଧାନର ରିପୋର୍ଟ ଅନୁଯାୟୀ, ଭାରତରେ ୫୩ ପ୍ରତିଶତ ଲୋକ ଟିକା ପାଇଁ ଦ୍ୱନ୍ଦ୍ୱରେ ରହିଛନ୍ତି। ସେଥିମଧ୍ୟରୁ ୪୩ ପ୍ରତିଶତ ଅନ୍ୟ ଲୋକଙ୍କଠାରେ ଟିକାକରଣ ସଫଳ ହେଲେ ସେମାନେ ଆଗେଇବେ ବୋଲି କହିଛନ୍ତି। ବାକି ୧୦ ପ୍ରତିଶତ ଆଦୌ ଟିକା ନେବାକୁ ଚାହୁଁ ନାହାନ୍ତି। ତେବେ ପୁରୁଷଙ୍କ ତୁଳନାରେ ମହିଳାମାନେ ଟିକା ନେବାକୁ ଭୟ କରୁଛନ୍ତି। ନିକଟରେ ଆମେରିକା ସମେତ ଅନ୍ୟ ଦେଶଗୁଡିକରେ ଟିକାକରଣ ଚାଲିଥିବାବେଳେ କେତେଜଣ ତୀବ୍ର ପାର୍ଶ୍ୱପ୍ରତିକ୍ରିୟାର ସମ୍ମୁଖୀନ ହେଉଥିବାରୁ ଭାରତୀୟ ମହିଳାଙ୍କ ମଧ୍ୟରେ ଏହି ଭୟ ଦେଖିବାକୁ ମିଳିଛି। ୪୨ ପ୍ରତିଶତରୁ ବି କମ୍ ମହିଳା ଟିକାକରଣ ପାଇଁ ଇଚ୍ଛା ଦେଖାଇଛନ୍ତି। ପାଖାପାଖି ୪୮ ପ୍ରତିଶତ ପୁରୁଷ ଭାକ୍ସିନ ନେବାକୁ ଅପେକ୍ଷା କରିଛନ୍ତି। ସେହିପରି ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଯେଉଁମାନଙ୍କୁ ଟିକାର ବେଶୀ ଆବଶ୍ୟକତା ରହିଛି ସେମାନେ ଏହାକୁ ବିପଦଜ୍ଜନକ ଭାବୁଥିବା କହିଛନ୍ତି। କିନ୍ତୁ ଯୁବଗୋଷ୍ଠୀଙ୍କ ମଧ୍ୟରେ ଏଥିପାଇଁ ଆଗ୍ରହ ବଢ଼ିଥିବା ସର୍ଭେରୁ ଜଣାପଡିଛି। ୨୨ ପ୍ରତିଶତ ଲୋକେ ଟିକାକରଣ ପାଇଁ ସରକାରଙ୍କ ନୀତିକୁ ପ୍ରଭାବହୀନ ବୋଲି ଦର୍ଶାଇଛନ୍ତି। ଅନ୍ୟପକ୍ଷରେ କୋଭିଡ୍ ମୁକାବିଲା ବେଳେ ୬୬ ପ୍ରତିଶତ ଲୋକେ ଲକଡାଉନ୍‌କୁ ଧୀରେ ଧୀରେ ଉଠାଇଦେବା ସପକ୍ଷରେ ଥିବାବେଳେ ୩୪ ପ୍ରତିଶତ ପୁନଃ ଲକ୍‌ଡାଉନ ଜାରି କରାଯିବା ଉଚିତ୍ ବୋଲି ମତ ରଖିଛନ୍ତି।

## ଟିକା ନେଇ ୨ ଗୁରୁତର

ୱାଶିଂଟନ୍, ୧୭।୧୨




ଆମେରିକାର ଆଲାସ୍କାସ୍ଥିତ ଏକ ହସ୍ପିଟାଲରେ ଫାଇଜର କୋଭିଡ୍ ଟିକା ନେଇ ୨ ସ୍ୱାସ୍ଥ୍ୟକର୍ମୀ ଗୁରୁତର ହୋଇଛନ୍ତି। ଚଳିତ ସପ୍ତାହରେ ଟିକା ନେବାର ମାତ୍ର କିଛି ମିନିଟ୍ ମଧ୍ୟରେ ଉଭୟଙ୍କ ଶରୀରରେ ତୀବ୍ର ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଇଥିଲା। ଜଣେ ମଧ୍ୟମ ବୟସ୍କ ମହିଳା ସ୍ୱାସ୍ଥ୍ୟକର୍ମୀ ମଙ୍ଗଳବାର ଟିକା ନେଇଥିଲେ। ଏହାର ୧୦ ମିନିଟ୍ ମଧ୍ୟରେ ତାଙ୍କ ମୁହଁ ଓ ତଣ୍ଟି ପାଖ କୁଣ୍ଡାଇ ହେବା ସହ ଆଲର୍ଜି ଭଳି ଫୁଲି ଯାଇଥିଲା। ସେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ତାଙ୍କ ହୃଦ୍‌ସ୍ପନ୍ଦନର ମାତ୍ରା ହଠାତ୍ ବଢ଼ିଯାଇଥିଲା। ତାଙ୍କୁ ଆଣ୍ଟିଆଲର୍ଜିକ ମେଡିସିନ୍ ଦିଆଯିବା ପରେ ଏହି ପ୍ରତିକ୍ରିୟା ସାମାନ୍ୟ କମିଥିଲା। ତେବେ କିଛି ସମୟ ପରେ ପୁଣି ତାହା ଦେଖିବାକୁ ମିଳିଥିଲା। କୌଣସି ଔଷଧ ବେଶୀ ସମୟ ଧରି କାମ ନ କରିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ସେହିପରି ଅନ୍ୟ ସ୍ୱାସ୍ଥ୍ୟକର୍ମୀ ଜଣଙ୍କ କ୍ଷେତ୍ରରେ ସମାନ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯିବାରୁ ତାଙ୍କୁ ମଧ୍ୟ ଆଣ୍ଟିଆଲର୍ଜିକ ମେଡିସିନ ଦ୍ୱାରା ଚିକିତ୍ସା କରାଯାଇଥିଲା। କିଛି ଘଣ୍ଟା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହୋଇଛି। ଉଭୟଙ୍କ ଶରୀରରେ ପୂର୍ବରୁ କୌଣସି ଜିନିଷ ପ୍ରତି ଆଲର୍ଜି ନ ଥିବା ଜଣାଯାଇଛି। ତେବେ ଭାକ୍ସିନ୍ ନେବା ପରେ ଏଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥିଲେ ହେଁ ଟିକାକରଣକୁ ରୋକାଯିବ ନାହିଁ ବୋଲି ସେଠାକାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଟିକାରେ ଥିବା କେଉଁ ପଦାର୍ଥ ଯୋଗୁ ଏଭଳି ସମସ୍ୟା ଦେଖାଯାଉଛି ତାହା ଅନୁଧାନ କରାଯିବ ବୋଲି ଭାକ୍ସିନ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## 'ଏମ୍‌ଏସ୍‌ପି: ଲିଖିତ ପ୍ରତିଶ୍ରୁତି ଦେବେ ସରକାର'

ନୂଆଦିଲ୍ଲୀ, ୧୭।୧୨

ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନ ଗୁରୁବାର ଚତୁର୍ଥ ସପ୍ତାହରେ ପହଞ୍ଚିଥିବାବେଳେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ନେଇ ସରକାର ଲିଖିତ ପ୍ରତିଶ୍ରୁତି ଦେବାକୁ ପ୍ରସ୍ତୁତ ବୋଲି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଚାଷୀମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ପାଇଁ ଆନ୍ଦୋଳନରତ ଚାଷୀଙ୍କ ଗୋଟିଏ ଗୋଷ୍ଠୀ ଦାବି କରିଥିଲେ। ଏହାର ଅର୍ଥ ଏମ୍‌ଏସ୍‌ପିରୁ କମ୍ ଦାମ୍‌ରେ କୃଷି ଉତ୍ପାଦ କିଣିଲେ ଜେଲ୍ କିମ୍ବା ଜରିମାନା ଅଥବା ଉଭୟ ଦଣ୍ଡ ଭୋଗିବାକୁ ପଡ଼ିପାରେ। ନୂଆ କୃଷି ଆଇନକୁ ନେଇ ଅଧିକାଂଶ ଚାଷୀ ଖୁସି ଅଛନ୍ତି। ତେବେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମିଛ ପ୍ରଚାର କରି ଉତ୍ତେଜନା ସୃଷ୍ଟି ପାଇଁ ଷଡ଼ଯନ୍ତ୍ର କରୁଥିବା ତୋମାର ପତ୍ରରେ ଲେଖିଛନ୍ତି। ବିରୋଧୀ ଦଳର ନାଁ ନ ନେଇ ଏମ୍‌ଏସ୍‌ପି ଓ ମଣ୍ଡି ନାମରେ ସେମାନେ ମିଥ୍ୟା ପ୍ରଚାର ଚଳାଇଥିବା ତୋମାର କହିଥିଲେ।

କୃଷକମାନଙ୍କୁ ପତ୍ର ଲେଖିବା ପୂର୍ବରୁ ଭାଜପା କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା, ନିର୍ମଳା ସୀତାରାମନ୍, ପୀୟୂଷ ଗୋୟଲ ଏବଂ ତୋମାରଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।

## କୃଷି ଆଇନର କପି ଚିରିଲେ କେଜ୍‌ରିୱାଲ



ଦିଲ୍ଲୀ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁରୁବାର କେନ୍ଦ୍ର ସରକାରଙ୍କ ୩ ନୂଆ କୃଷି ଆଇନର କପିକୁ ଚିରିଦେଇଛନ୍ତି। ଦେଶର କୃଷକମାନଙ୍କୁ ପ୍ରତାରିତ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ୩ ଆଇନକୁ ବିଧାନସଭା ପ୍ରତ୍ୟାଖ୍ୟାନ କରୁଛି ବୋଲି କେଜ୍‌ରିୱାଲ କହିବା ସହ କୃଷକମାନଙ୍କ ଦାବି ପୂରଣ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ।

# କୃଷକଙ୍କ ଆନ୍ଦୋଳନ ଅଧିକାରକୁ ସ୍ୱୀକୃତି

ନୂଆଦିଲ୍ଲୀ, ୧୭।୧୨(ପି.ଟି.)

**ଅଚଳାବସ୍ଥାର ସମାଧାନ ପାଇଁ କମିଟି ଗଢ଼ିବେ ସୁପ୍ରିମ କୋର୍ଟ**

ଅହିଂସା ଆନ୍ଦୋଳନ କରିବା ଅଧିକାର କୃଷକମାନଙ୍କର ରହିଥିବା ଗୁରୁବାର ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି। ୩ ବିବାଦୀୟ କୃଷି ଆଇନକୁ ନେଇ ଅଚଳାବସ୍ଥା ଲାଗି ରହିଥିବାବେଳେ ଏହାର ସମାଧାନ ପାଇଁ ସର୍ବୋଚ୍ଚ ଅଦାଲତ ଏକ ନିରପେକ୍ଷ ଓ ସ୍ୱାଧୀନ କମିଟି ଗଠନ କରିବାକୁ ଚିନ୍ତା କରୁଛନ୍ତି। ଉକ୍ତ କମିଟିରେ ପି. ସାଇନାଥଙ୍କ ଭଳି କୃଷି ବିଶେଷଜ୍ଞ ଏବଂ ସରକାର ଓ କୃଷକ ସଂଗଠନର ପ୍ରତିନିଧି ସଦସ୍ୟ ରହିବେ। ଉକ୍ତ କମିଟି ଆନ୍ଦୋଳନ ଜନିତ ଅଚଳାବସ୍ଥାର ସମାଧାନ ବାଟ ବାହାର କରିବ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଚାଷୀମାନଙ୍କ ଆନ୍ଦୋଳନ ଅଧିକାରକୁ ଆମେ ସ୍ୱୀକାର କରୁଛୁ, କିନ୍ତୁ ତାହା ହିଂସା ବିହୀନ ହେବା ଆବଶ୍ୟକ। ଆଲୋଚନା ମାଧ୍ୟମରେ ହିଁ ସମସ୍ୟାର ସମାଧାନ ହୋଇପାରିବ। ଆଇନର ବୈଧତାକୁ ନେଇ ଆମେ ବିଚାର କରୁନାହୁଁ, ଆମେ କେବଳ ଆନ୍ଦୋଳନ ଓ ଅନ୍ୟମାନଙ୍କର ମୁକ୍ତ ଯାତାୟାତ ପ୍ରସଙ୍ଗରେ ବିଚାର କରିବୁ ବୋଲି ଖଣ୍ଡପୀଠ କହିଥିଲେ। ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦୀର୍ଘଦିନ ହେଲା ଦିଲ୍ଲୀ ସୀମାର ବିଭିନ୍ନ ରାସ୍ତାରେ ଆନ୍ଦୋଳନ ଜାରି ରହିଛି। ରାସ୍ତା ଅବରୋଧ ଯୋଗୁ ଅନ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସେମାନଙ୍କୁ ତୁରନ୍ତ ହଟାଇବା ପାଇଁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଆନ୍ଦୋଳନ ଜାତୀୟ ପ୍ରସଙ୍ଗରେ ପରିଣତ ହେବାକୁ ଯାଉଥିବା ସର୍ବୋଚ୍ଚ ଅଦାଲତ ଅନୁଭବ କରି ଏହାର ସମାଧାନ ପାଇଁ କୃଷକ ଓ ସରକାରୀ ପ୍ରତିନିଧିଙ୍କୁ ନେଇ ଏକ କମିଟି ଗଢ଼ିବାକୁ ବୁଧବାର ପ୍ରସ୍ତାବ ଦେଇଥିଲେ।



# ଇପିଏଫ୍ ପେନ୍‌ସନ ପୁନଃ ନିର୍ଦ୍ଧାରଣ କରାଯାଉ

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ପେନ୍‌ସନ ଉପଭୋକ୍ତାଙ୍କ ସର୍ବନିମ୍ନ ପେନ୍‌ସନ ପୁନଃ ନିର୍ଦ୍ଧାରଣ କରିବା ଲାଗି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ କେନ୍ଦ୍ର ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାରଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତ, ଓଡ଼ିଶାରେ ୧.୬୨ ଲକ୍ଷ ଇପିଏଫ୍ ପେନ୍‌ସନ ଉପଭୋକ୍ତା ଅଛନ୍ତି। ମାସିକ ସ୍ୱଳ୍ପ ପେନ୍‌ସନ ପାଉଥିବାରୁ ପରିଣତ ବୟସରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇପିଏସ୍-୯୫ ପେନ୍‌ସନ ଉପଭୋକ୍ତା ସଂଘଗୁଡିକ ପକ୍ଷରୁ ସର୍ବନିମ୍ନ ପେନ୍‌ସନ ପୁନଃ ନିର୍ଦ୍ଧାରଣ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିବା ସହ ଏ ନେଇ ରାଜ୍ୟ ସରକାରଙ୍କୁ ବହୁବାର ଦାବିପତ୍ର

## ଗଙ୍ଗୱାରଙ୍କୁ ଚିଠି ଲେଖିଲେ ନବୀନ



ପ୍ରଦାନ କରିଛନ୍ତି। ଇପିଏସ୍-୯୫ ପେନ୍‌ସନ ଉପଭୋକ୍ତାଙ୍କ ପେନ୍‌ସନ ବୃଦ୍ଧି କରିବାକୁ ୨୦୧୩ରେ ରାଜ୍ୟ ସଭା ସଦସ୍ୟ ଭଗବତ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ପିଟିଶନ କମିଟି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲା। ତାହା ଏବେ ସୁଦ୍ଧା କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ।

ଯୁବା ବୟସରେ ଦେଶ ଗଠନରେ ପେନ୍‌ସନ ଉପଭୋକ୍ତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସେମାନଙ୍କ ଦାବିକୁ ସହୃଦୟତାର ସହ ବିଚାର କରିବା ଆବଶ୍ୟକ। ସେମାନଙ୍କର ଅର୍ଥନୈତିକ ଓ ସାମାଜିକ ସୁରକ୍ଷା ଦେଶର କର୍ତ୍ତବ୍ୟ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି। ଇପିଏଫ୍ ପେନ୍‌ସନ ଉପଭୋକ୍ତାଙ୍କର ଯଥାର୍ଥ ଦାବିକୁ ଦୃଷ୍ଟରେ ରଖି ପେନ୍‌ସନ ପୁନଃ ନିର୍ଦ୍ଧାରଣ କରିବା ଆବଶ୍ୟକ। ଦେଶର ସମସ୍ତ ପେନ୍‌ସନ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ ଗଙ୍ଗୱାରଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି।

# ଜାତୀୟ ସୁନ୍ଦରୀ ପ୍ରତିଯୋଗିତାରେ ରାମେଶ୍ୱରୀ



ରାମେଶ୍ୱରୀ ନନ୍ଦ।

**ବ୍ରହ୍ମପୁର ଅଫିସ୍,୧୭।୧୨**

ଜାତୀୟ ସୁନ୍ଦରୀ ପ୍ରତିଯୋଗିତାରେ ବ୍ରହ୍ମପୁର ଅନନ୍ତନଗର ନିବାସୀ ପ୍ରତିମା ନନ୍ଦଙ୍କ ଝିଅ ରାମେଶ୍ୱରୀ ସଫଳତା ହାସଲ କରିଛନ୍ତି। ଗତ ବୁଧବାର ସନ୍ଧ୍ୟାରେ ବମ୍ବେଠାରେ ଏହି ସୁନ୍ଦରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୧ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ରାମେଶ୍ୱରୀ ଜଣେ ମାତ୍ର ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ହୋଇଥିବା ବିଭିନ୍ନ ରାଉଣ୍ଡରେ ରାମେଶ୍ୱରୀ ବାଜିମାତ୍ କରି ବ୍ରାଣ୍ଡ ଆମ୍ବାସାଡର୍ ଅଫ୍-୨୦୨୦ର ବିଜେତା ହାସଲ କରିଛନ୍ତି। ରାମେଶ୍ୱରୀ ପୂର୍ବରୁ ରଜୋତ୍ସବ, ମହିଳା ଦିବସ ଭଳି ବିଭିନ୍ନ ଦିବସରେ ଆୟୋଜିତ ହେଉଥିବା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି। ରାମେଶ୍ୱରୀ ବର୍ତ୍ତମାନ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷ ଛାତ୍ରୀ। ଆଗାମୀ ଦିନରେ ରାମେଶ୍ୱରୀ ନିଜର ଏକ ପ୍ରଡ଼କ୍ସନ୍ ହାଉସ୍ କରିବା ପାଇଁ ଆଶା ରଖିଛନ୍ତି। ତାଙ୍କ ସଫଳତାକୁ ନେଇ ବ୍ରହ୍ମପୁର ସହରର ବିଭିନ୍ନ ସଙ୍ଗଠନ ଓ ଶୁଭେଚ୍ଛୁ କୃତଜ୍ଞତା ଜଣାଇଛନ୍ତି।

# ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା : ସ୍ୱାମୀ ଗିରଫ

**ମନମୁଣ୍ଡା,୧୭।୧୨(ଡି.ଏନ.ଏ)**

ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ଅଭିଯୋଗରେ ପୋଲିସ ଗୁରୁବାର ଅଯୋଧ୍ୟା ମାଝି (୪୫)ଙ୍କୁ ଗିରଫ କରିଛି । ବୌଦ୍ଧ ଜିଲା ମନମୁଣ୍ଡା ଥାନା ବରଗୋଛା ପଞ୍ଚାୟତ ମାଝିପଡା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି । ମୃତକ ହେଲେ ହସ୍ତିନୀ ମାଝୀ (୩୮) । ସେ ଗାଁ ବିଦ୍ୟାଳୟରେ ପାଚିକା ଥିଲେ। ପ୍ରକାଶ ଯେ, ବୁଧବାର ରାତିରେ ସମସ୍ତେ ଖାଇପିଇ ଶୋଇଥିବା ବେଳେ ଅଯୋଧ୍ୟା ଏକ ଟାଙ୍ଗିଆରେ ସ୍ତ୍ରୀ ହସ୍ତିନୀଙ୍କୁ ହାଣି ହତ୍ୟା କରିଥିଲେ। ଚିତ୍କାର ଶୁଣି ପାଖ ପଡୋଶୀ ଓ ଗ୍ରାମବାସୀ ପହଞ୍ଚି ଅଭିଯୁକ୍ତଙ୍କୁ ଘରର ବାହାର ପଟୁ କବାଟରେ ଶିକୁଳି ପକାଇ ଦେଇଥିଲେ । ଖବରପାଇ ଆଇଆଇସି ଗୋପୀନାଥ ପ୍ରଧାନ, ଶଗଡା ଫାଣ୍ଡି ଅଧିକାରୀ ଏସଆଇ ଅରୁଣ ସିଂ ଗୁରୁବାର ପୋଲିସ ବଳ ସହ ଘଟଣାସ୍ଥଳକୁ ଯାଇ ଅଯୋଧ୍ୟାଙ୍କୁ ଗିରଫ କରିବା ସହ ମୃତଦେହ ଜବତ କରିଥିଲେ । ମୃତ ମହିଳାଙ୍କ ବଡଭାଇ ବଲାଙ୍ଗୀର ଜିଲା ସଇଁତଲା ଥାନା ଖାରିବାହାଲ ଗ୍ରାମର ବୈକୁଣ୍ଠ ମାଝି ତାଙ୍କ ଭଉଣୀ ହସ୍ତିନିଙ୍କୁ ହତ୍ୟା କରାଯାଇଥିବା ନେଇ ମନମୁଣ୍ଡା ଥାନାରେ ଏତଲା ଦେଇଛନ୍ତି। ମନମୁଣ୍ଡା ସିଏଚସିରେ ମୃତଦେହ ବ୍ୟବଚ୍ଛେଦ ହୋଇଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରିଛି।







## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ଅନ୍ୱେଷା
ପରିବାରବର୍ଗ


ତପନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ

**ନୂଆଦିଲ୍ଲୀ, ୧୭।୧୨:** ପଞ୍ଜାବର ଅନ୍ତର୍ଜାତୀୟ ସୀମାରେଖାଠାରେ ୨ ପାକିସ୍ତାନୀ ଅନୁପ୍ରବେଶକାରୀ ସୀମା ସୁରକ୍ଷା ବାହିନୀ(ବିଏସ୍ଏଫ୍) ଗୁଳିରେ ନିହତ ହୋଇଛନ୍ତି। ରାଜତଳଠାରେ ଭାରତ ସୀମା ନିକଟରେ ବୁଧବାର ରାତି ପ୍ରାୟ ୨ଟା ୨୦ ମିନିଟ୍‌ରେ କେତେଜଣ ବ୍ୟକ୍ତିଙ୍କ ଉପସ୍ଥିତି ନେଇ ସନ୍ଦେହ ହେବାରୁ ସେନା ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଇଥିଲା। ପାକିସ୍ତାନ ପଟରୁ ୨ ସଶସ୍ତ୍ର ଅନୁପ୍ରବେଶକାରୀ ଭାରତରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଜଣାପଡିବା ପରେ ବିଏସ୍ଏଫ୍ ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ଉଭୟଙ୍କଠାରୁ ଏକ ଏକେ-୫୬ ଏବଂ ସେମି ଅଟୋମେଟିକ୍ ରାଇଫଲ୍, ଗୋଟିଏ ପିସ୍ତଲ, ୫ ମାଗାଜିନ୍, ୨ ପିଭିସି ପାଇପ୍ ଜବତ କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଘ ନ ଦେଖିଲେ ବିରାଡ଼ି ଦେଖ**
**ଖଣ୍ଟ ନ ଦେଖିଲେ ବଣିଆ ଦେଖ।**

ବାଘ ଓ ବିଲେଇ ଦୁହେଁ ଦେଖିବାକୁ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ। ସେହିପରି ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଖଣ୍ଟ ବା ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚିତ ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ବଥୁଆ ଶାଗ**
**ଡାଲିରେ ପଡ଼ିଲେ ଭାରି ସୁଆଗ।**

ସାଧାରଣତଃ ବିଲବାରି ଅଥବା ସୋରିଷ କିଆରିରେ ବଥୁଆ ଶାଗ ବୁଣାଯାଇଥାଏ। ଏହା ଖୁବ୍ ସ୍ୱାଦିଷ୍ଟ। ଏହି ଶାଗକୁ ଡାଲିରେ ପକେଇ ଖାଇଲେ ଭାରି ସୁଆଦିଆ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ତୁରନ୍ତ ୩ ଆଇପିଏସ୍ ଅଫିସରଙ୍କୁ ପଠାଅ

## ପଶ୍ଚିମବଙ୍ଗ ସରକାରଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ/କୋଲକାତା, ୧୭।୧୨**

୩ ଆଇପିଏସ୍ ଅଫିସରଙ୍କୁ ତୁରନ୍ତ କେନ୍ଦ୍ରୀୟ ଡେପୁଟେଶନରେ ପଠାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗୁରୁବାର ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ଏହି ଅଫିସରମାନେ ହେଲେ ଡାଇମଣ୍ଡ ହାର୍ବର ଏସ୍‌ପି ଭୋଳାନାଥ ପାଣ୍ଡେ, ପ୍ରେସିଡେନ୍ସି ରେଞ୍ଜ ଡିଆଇଜି ପ୍ରବୀଣ ତ୍ରିପାଠୀ ଏବଂ ଦକ୍ଷିଣ ବେଙ୍ଗଲ୍ ଏଡିଜି ରାଜୀବ ମିଶ୍ର। ସେମାନଙ୍କୁ ନୂଆ ଦାୟିତ୍ୱରେ ଯୋଗଦେବା ପାଇଁ କୁହାଯାଇଛି। ଡିସେମ୍ବର ୯ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଗାଡ଼ି ଉପରେ ଆକ୍ରମଣ ଘଟଣା ପାଇଁ ଏହି ଅଧିକାରୀମାନଙ୍କୁ ଦାୟୀ କରାଯାଇଥିଲା। ନଡ୍ଡା ଏକ ସାଧାରଣ ସଭାରେ ଯୋଗଦେବାକୁ ଡାଇମଣ୍ଡ ହାର୍ବର ଯାଉଥିବାବେଳେ ସିରାକୋଲଠାରେ ଟିଏମ୍‌ସି ପତାକା ଧରିଥିବା କେତେଜଣ ସମର୍ଥକ ଆକ୍ରମଣ କରିଥିଲେ। ସେମାନଙ୍କ ଢେଲାମାଡ଼ରେ ବହୁ ଗାଡ଼ି ଭାଙ୍ଗିରୁଜି ଯିବା ସହ କେତେଜଣ ଭାଜପା ନେତା ଓ କର୍ମୀ ଆହତ ହୋଇଥିଲେ। କର୍ତ୍ତବ୍ୟରେ ଅବହେଳା କରିଥିବା ୩ ଆଇପିଏସ୍ ଅଫିସରଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ପଠାଇବା ଲାଗି ମମତା ବାନାର୍ଜୀ ସରକାରଙ୍କୁ କେନ୍ଦ୍ର ପତ୍ର ଲେଖିଥିଲା। ସେମାନଙ୍କୁ ପଠାଇବା ପାଇଁ ରାଜ୍ୟ ସରକାର ମନା କରିଦେଇଥିଲେ। ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପୁନର୍ବାର ପତ୍ର ଲେଖି ୩ ଆଇପିଏସ୍ ଅଫିସରଙ୍କୁ ତୁରନ୍ତ ପଠାଇବାକୁ କହିଥିବାରୁ ମମତା ବାନାର୍ଜୀ କେନ୍ଦ୍ର ଉପରେ ବର୍ଷିଛନ୍ତି। ପ୍ରକ୍ସି ମାଧ୍ୟମରେ କେନ୍ଦ୍ର ତାଙ୍କ ସରକାରକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଥିବା ମମତା କହିଛନ୍ତି। ଆସନ୍ତା ବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଥିବାବେଳେ ଏହା ପୂର୍ବରୁ କେନ୍ଦ୍ରର ଏଭଳି ପଦକ୍ଷେପ ସଂଘୀୟ ବ୍ୟବସ୍ଥାର ବିରୋଧ ବୋଲି ମମତା ଟୁଇଟ୍ କରିଛନ୍ତି। ଏହା ଆଇପିଏସ୍ କ୍ୟାଡର ନିୟମାବଳୀ ୧୯୫୪ର ଜରୁରୀ ବ୍ୟବସ୍ଥାର ଅପବ୍ୟବହାର ବୋଲି ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା କହିଛନ୍ତି।

# ତଦନ୍ତ ଅଗ୍ରଗତି ସନ୍ତୋଷଜନକ ନୁହେଁ

## ପରୀ ହତ୍ୟା ମାମଲା

### ୨୪ସୁଦ୍ଧା ପରବର୍ତ୍ତୀ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**କଟକ ଅଫିସ, ୧୭।୧୨**

ନୟାଗଡ଼ ଶିଶୁ କନ୍ୟା ପରୀ ଅପହରଣ ଓ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଏସ୍ଆଇଟି ତଦନ୍ତରେ ବିଶେଷ ଅଗ୍ରଗତି ହୋଇନାହିଁ ବୋଲି ଗୁରୁବାର ମୁଖ୍ୟବିଚାରପତି ମହମ୍ମଦ ରଫିକ୍ ଓ ବିଚାରପତି ବି.ଆର୍.ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରକାଶ କରିଛନ୍ତି। ଆସନ୍ତା ୨୪ତାରିଖ ସୁଦ୍ଧା ପରବର୍ତ୍ତୀ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଏସ୍ଆଇଟି ମୁଖ୍ୟଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପରୀ ହତ୍ୟା ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଗତ ୩ତାରିଖରେ ଅଦାଲତ ଏସ୍ଆଇଟିକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଆଧାରରେ ବୁଧବାର ଏସ୍ଆଇଟି ମୁଖ୍ୟ ଅରୁଣ ବୋଥ୍ରା ଏକ ବନ୍ଦ ଲଫାପାରେ ତଦନ୍ତ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଥିଲେ। ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏସ୍ଆଇଟି ଦାଖଲ କରିଥିବା ତଦନ୍ତ ରିପୋର୍ଟରେ ପରୀକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଏବଂ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ନେଇ ତଥ୍ୟ ଉଲ୍ଲେଖ ରହିଥିବା ସମ୍ପର୍କରେ ବେଶ୍ ଚର୍ଚ୍ଚା ହେଉଥିଲେ ହେଁ ଏନେଇ ଏସ୍ଆଇଟି ମୁଖ୍ୟ ଅରୁଣ ବୋଥ୍ରା କିନ୍ତୁ ମୁହଁ ଖୋଲୁ ନାହାନ୍ତି। ଏଭଳିସ୍ଥିତିରେ ମାମଲାର ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରି ନ ଥିବାରୁ ହାଇକୋର୍ଟଙ୍କ ଅସନ୍ତୋଷ ଏସ୍ଆଇଟିର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଦଶମ ଚନ୍ଦ୍ର ହେତୁ ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ ଓ ଯାହା ଖୋଜୁଛନ୍ତି ତାହା ପାଇବେ। ପ୍ରତ୍ୟେକ ସ୍ତରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି।

**ବୃଷ**
କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଅନ୍ୟମାନଙ୍କର ଚାପରେ ପଡି ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ଟେନ୍‌ସନ ବୃଦ୍ଧି ପାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**
ପାରିବାରିକ କ୍ଷେତ୍ରରେ ଚାପ କ୍ରମଶଃ ବଢିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। କାନକୁହା କଥା ଶୁଣି ଉପର ଅଧିକାରୀମାନେ ଖପ୍ପା ହୋଇପାରନ୍ତି। ମନ ଭିତର ଗୋପନ କଥାକୁ ମନରେ ରଖିପାରିବେ ନାହିଁ, ଅନ୍ୟକୁ କହି ସମାଲୋଚିତ ହେବେ।

**କର୍କଟ**
ଆଜି ଶନିଯୁକ୍ତ ସପ୍ତମ ଚନ୍ଦ୍ର ହେତୁ ଯାତ୍ରା ସ୍ଥଗିତ ମନକୁ ବିଷାଦିତ କରିବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ ନତୁବା ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଆନୁଷ୍ଠାନିକ କାମ ଓ ସଭାସମିତିରେ ସଫଳତା ହାସଲ କରିବେ। ପର କଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**
ବୁଧାଦିତ୍ୟ ଯୋଗ ଗୁରୁକ୍ଷେତ୍ରସ୍ଥ ହେତୁ ଆପଣଙ୍କ ଯୁକ୍ତିଯୁକ୍ତ କଥାକୁ ବନ୍ଧୁମାନେ ପସନ୍ଦ କରିବା ସହ ସହମତି ପ୍ରକାଶ କରିବେ। ପିଲାମାନଙ୍କ ସମସ୍ୟା ଭିତରେ ନିଜେ ବାନ୍ଧି ହୋଇଯିବେ। ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଥିଲେ ମଧ୍ୟ ମାନସିକ ଶାନ୍ତି ବ୍ୟାହତ ହେବ।

**କନ୍ୟା**
ସମସ୍ୟା ରହିଥିଲେ ମଧ୍ୟ ବିଶେଷ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ସହକର୍ମୀଙ୍କ ସାହାଯ୍ୟରେ ଦୀର୍ଘ ଦିନର ବକେୟା ଅର୍ଥ ଆଦାୟ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା**
ଶୁକ୍ର ପ୍ରଭାବରେ ଆନୁଷଙ୍ଗିକ ସୁବିଧା ସୁଯୋଗ ସହ କାବ୍ୟ, ସାହିତ୍ୟ, କଳା, କାରିଗରି ପ୍ରତି ରୁଚି ବଳିବ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ କିନ୍ତୁ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ବାଣିଜ୍ୟ, ନିର୍ମାଣାଦି କ୍ଷେତ୍ରରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ। ବିବାଦୀୟ ପରିସରରେ ଉପସ୍ଥିତ ବୁଦ୍ଧି ଖଟାଇ ସ୍ଥିତି ସମ୍ଭାଳି ନେବେ।

**ବିଛା**
କେତୁ ଯୁକ୍ତ ଶୁକ୍ର ରାଶିସ୍ଥ ହେତୁ କୌଶଳରେ କାମ ହାସଲ କରିପାରିବେ। ପ୍ରଶାସନିକ ସ୍ତରରେ ଆପୋଷ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଲାଭବାନ ହେବେ। କ୍ରୀଡା, ଚଳଚ୍ଚିତ୍ର ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କି ମାରିବ।

**ଧନୁ**
ଆଜି କର୍ମକ୍ଷେତ୍ର, ପ୍ରକାଶନ, ପ୍ରଶାସନିକ ଏବଂ ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଉତ୍ତରାଷାଢା ନକ୍ଷତ୍ରର ସାମାନ୍ୟ ବଚସାରୁ ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ଘଟିପାରେ। ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେବା ସଙ୍ଗକୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବନ୍ଧୁଙ୍କ ଆମନ୍ତ୍ରଣକୁ ଉପେକ୍ଷା କରିପାରିବେନାହିଁ।

**ମକର**
ସକାଳୁ ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ବିଭିନ୍ନ ବିନୟପୂର୍ଣ୍ଣ କଥା କହିବେ। ଆଜି ଅଧ୍ୟୟନ, ଆଲୋଚନା, ତର୍କରେ, ପ୍ରଶଂସିତ ହେବେ। ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ଭୁଲ୍ ବୁଝାମଣା କାରଣରୁ ପଡୋଶୀଙ୍କ ସହ ସମ୍ପର୍କ ତିକ୍ତ ହୋଇପାରେ।

**କୁମ୍ଭ**
ଜନ୍ମ ଚନ୍ଦ୍ର ଶନିକ୍ଷେତ୍ରସ୍ଥ ହେତୁ ବିଭିନ୍ନ କଥା ଚିନ୍ତା କରି ମାନସିକ ସ୍ଥିତି ଭଲ ରହି ନ ପାରେ। ଅଫିସ କାମ ହାସଲ ସକାଶେ ଆଗନ୍ତୁକଟି ପ୍ରଶଂସାରେ ଶତମୁଖ ହୋଇ ଉଠିବ। ଭାବୁଥିବା କଥାଟି ବନ୍ଧୁଙ୍କ ମୁହଁରେ ପ୍ରକାଶ କରିପାରିବେ ନାହିଁ। ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ କିନ୍ତୁ କିଛି କହିପାରିବେ ନାହିଁ।

**ମୀନ**
ସକାଳୁ କୌଣସି ଭଦ୍ରବ୍ୟକ୍ତିଙ୍କ ସହ ଆଲୋଚନା ମନଃସ୍ଥିତିକୁ ଦୃଢ କରିପାରେ। କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଆଶ୍ୱସ୍ତି ଲାଭ କରିବେ। ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳ ଚତୁର୍ଥୀ ଶୁକ୍ରବାର, ଡିସେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୧୯ମି. ଗତେ ଘ.୦୭.୦୨ମି. ମଧ୍ୟେ, ଘ.୦୭.୪୫ମି. ଗତେ ଘ.୦୯.୦୧ମି. ମଧ୍ୟେ, ଘ.୧୨.୦୫ମି. ଗତେ ଘ.୦୨.୫୮ମି. ମଧ୍ୟେ, ଗ.୦୩.୪୧ମି. ଗତେ ଘ.୦୫.୦୭ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୨୨ମି. ଗତେ ଘ.୧୧.୪୩ମି. ମଧ୍ୟେ ରାହୁକାଳ।

# ଅପହୃତା ଛାତ୍ରୀ ଉଦ୍ଧାର, ଅଭିଯୁକ୍ତ ଗିରଫ

**ଧର୍ମଶାଳା,୧୭।୧୨(ଡି.ଏନ୍.ଏ.)**

ଯାଜପୁର ଜିଲା ଧର୍ମଶାଳା ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଛାତ୍ରୀଙ୍କୁ ଗୁରୁବାର ପୋଲିସ କଟକରୁ ଉଦ୍ଧାର କରିବା ସହ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଛି। ଛାତ୍ରୀ ଅପହରଣ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତନାଘନା ଆରମ୍ଭ କରିଥିଲା। ଏପରି କି ଛାତ୍ରୀ ଫୋନ୍‌ଯୋଗେ ତାଙ୍କ ଜୀବନ ପ୍ରତି ବିପଦ ଥିବା ଜଣାଇବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବୁଧବାର ଧର୍ମଶାଳା ପୋଲିସ ଅପହରଣକାରୀଙ୍କ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

ସୂଚନା ଅନୁସାରେ, ଗତ ୫ ତାରିଖରେ ଯୁବତୀ ଜଣକ ନିଜର ମାଇଗ୍ରେଶନ ସାର୍ଟିଫିକେଟ ପାଇଁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଯାଉଥିଲାବେଳେ ତାଙ୍କୁ ଅପହରଣ କରାଯାଇଥିଲା। ଝିଅକୁ ଉଦ୍ଧାର ନିମନ୍ତେ ତାଙ୍କ ବାପା ଥାନାରେ ଅଭିଯୋଗ କରିବା ସହ ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଅନ୍ୟପକ୍ଷରେ ଗୁରୁବାର ଯାଜପୁର ଜିଲା ବଜରଙ୍ଗ ଦଳ ପକ୍ଷରୁ ତୁରନ୍ତ ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଥନାଧିକାରୀଙ୍କୁ ଦାବିପତ୍ର ଦିଆ ଯାଇଥିଲା। ଜିଲା ବଜରଙ୍ଗ ଦଳର ସୂଚନା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ରଞ୍ଜନ ଅଧିକାରୀ, ମଣ୍ଟୁ ମଲ୍ଲିକ ଓ ଗୋପବନ୍ଧୁ ନାୟକ ପ୍ରମୁଖ ଥାନାଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ।

# ୯ ଜିଲାରେ କୁହୁଡ଼ି

**ଭୁବନେଶ୍ୱର,୧୭।୧୨(ବ୍ୟୁରୋ)**

ଗତ କିଛି ଦିନ ଧରି ରାଜ୍ୟରେ ଶୀତ ହ୍ରାସ ପାଇଛି। ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ସେଲସିୟସ ଉପରେ ରହିଛି। କେତେକ ସ୍ଥାନରେ ଏହା ୨୦ ଡିଗ୍ରୀ ଉପରକୁ ଟପି ଯାଇଛି। ତେବେ ଆସନ୍ତା ୧୯ ତାରିଖରୁ ରାଜ୍ୟରେ ପୁଣି ଶୀତ ଆରମ୍ଭ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସର୍ବ ନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲସିୟସ ତଳକୁ ଖସି ଯିବ। ବିଶେଷ କରି ଆଭ୍ୟନ୍ତରୀଣ ଓଡିଶାରେ ଶୀତର ପ୍ରକୋପ ବଢ଼ିଯିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡା, ଯାଜପୁର, ଢେଙ୍କାନାଳ, ବୌଦ୍ଧ, କଟକ ଏବଂ ନୟାଗଡ ଜିଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡି ହେବାର ସମ୍ଭାବନା ରହିଛି। ପୂର୍ବ ଦିଗରୁ ବାୟୁ ପ୍ରବାହ ଜାରି ରହିଥିବାରୁ ଆକାଶ ମେଘାଚ୍ଛନ୍ନ ରହିବା ସହ ଶୀତ ହ୍ରାସ ପାଇଛି।


# classifieds Everyday 0674-2580101, 2549302

real estate

## SALE

100ଫୁଟିଆ ପିଚୁରୋଡ୍‌କୁ ଲାଗି ବାରଙ୍ଗ ପାଖରେ commercial ୯ ଗୁଣ୍ଠ ଜାଗା ତୁରନ୍ତ ବିକ୍ରିହେବ। ଗୁଣ୍ଠ-୬,୫୦,୦୦୦/- direct Owner. 9437033320. D-70124

Semi furnished 2BHK flat available for sale at Jaydev Vihar, Bhubaneswar. Contact: 7978751719. D-67581

Immediate registration and possession with gharabari land, Electricity in Sai Vihar, Jagannathpur, Ranga Bazar, BJEM-II @450/- (Bank finance available). 9437522339. D-70122

ସୁନ୍ଦରପଦାରେ ୨୦୦୦ବର୍ଗ ଫୁଟକୁ ୧୯,୫୦,୦୦୦/- ଫ୍ଲାଟ୍ କିଣି ଆଜି ଘର କରନ୍ତୁ। Xavier, OEC ନିକଟରେ ୫,୫୦,୦୦୦/- ଦିଆଯାଉଛି। 9938016295. D-70127

3BHK 1750sqft., 2BHK 1450sqft. flats, Rs-4,200/- per sqft., total 6flats only 2nd floor available opposite sideroom Reliance fresh, Samantarapur, Bhubaneswar, Handover July-2021. Contact: 7008673872, 8598902781. D-69464

ଭୁବନେଶ୍ୱର AIIMS Hospital ନିକଟରେ 30' ରାସ୍ତାଥାଇ plot immediate registration/ possession. 9937819395. D-70117

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

Booking open for 3BHK/2HK Luxurious & Premium Flat At: Surya Nagar, Bhubaneswar, Genuine Buyer Contact: Deepak - 9937329999. D-69945

ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2kms ମଧ୍ୟରେ gharabari boundary plot କିଣନ୍ତୁ। 7008492511. D-69356

ଭୁବନେଶ୍ୱର ଗୋଠପାଟଣା IIIT, Birla Global University ପାଖରେ ଘରବାରି yellowzone, 30' road, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 1st possession/ registration. 9937819395. D-70125

Pahala Jagannath ମନ୍ଦିର ନିକଟରେ developed demarcated gharabari plot କିଣନ୍ତୁ। 9937166932. D-69357

Immediate construction with ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। 7978998868. D-70126

## PURCHASE

Land requires for plotting project in around Bhubaneswar, 9937816565, 9937568585. D-70123

Required 50 to 300 acres of agriculture land (1-2lakhs per acre) only Ganjam District. Contact: 7990065093. D-70057

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

construction

Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146. D-70044

## GENERAL

## SALE

1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3Bath. 2. Verna Vehicle (Vehicle No. -OD02AX7761) Registered on 31.08.2018. 3. Micra Vehicle (Vehicle No.-OR02BV1467) Registered on 21.01.2012. Contact No-9873669329, 9437028801. D-19207

to-let

Commercial space 1000sqft. ground floor, first floor, Bapuji Nagar, Bhubaneswar. 9556700943. D-70201

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ। ରଙ୍ଗୀନ ଟ୪୨୦/- ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-19148

healthcare

Ayurvedic full body massage & home service for ladies & gents. 9583808247. D-19237

Revitalize your self with our ayurvedic massage and refreshment, Call: 7381239385. D-70055

Experience full body massage with expert therapists. Call: 7377048581. D-70056

Get refreshment body massage by expert therapist contact for 7205084157. D-70058

Swarna SPA newly open positively health benefits with expert therapist. 9556978408. D-70059

Rejuvenate and Ayurvedic full body massage by smart therapist. 9348123330. D-70060

Refreshing your mind & body with best therapy at Lotus Spa. 8018234866 D-69592

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## AFFIDAVIT

By virtue of an affidavit sworn before the Notary Public, Bargarh, I Mohit Kumar Sawadia, S/o. Manoj Kumar Sawadia, R/o. Nadipada, Bargarh, PS/Tahasil/Dist-Bargarh, Odisha- 768028 have Changed my Name from Mohit Sawadia to Mohit Kumar Sawadia for all future purposes as per Driving License issued. D-19259

I, Siv Bahera, S/o Santosh Behera born on 02/01/1988 residing at Vill/PO-Podangi, P.S-Hinjili, Dist - Ganjam, State - Odisha have changed my surname from "BAHERA" to "BEHERA" vide affidavit no L168768 at Hinjili dated 11/12/2020. D-19258

By Virtue of an affidavit before Executive Magistrate, Kantabanji on 16/12/2020, bearing No. 640, It is also published in the gazette of India, New Delhi on 26th November to December 2nd 2016 bearing No. 48 Part-IV and in the Odisha Gazette(extraordinary) No. 442 Cuttack March-7th, 2019 respectively. I hereby declare that in my Educational Certificate my name Kumuda Baikar, father's name Balakrishna Baikar and mother's name Shantilata Baikar wrongly recorded respectively but my actual name is Kumuda Meher, Father's name Gopa Meher and mother's name Lalita Meher. I do hereby declare that I shall be treated known and recognized as Kumuda Meher, S/o- Gopa Meher(father) and Lalita Meher( mother) for all purposes. D-19260

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୪୮,୨୯,୫୨୨ | ୧୬,୬୦,୯୧୮ | ୫,୨୬,୨୦,୫୦୫ |
| ଭାରତ | ୯୯,୬୬,୯୬୬ | ୧,୪୪,୬୬୬ | ୯୫,୦୭,୪୨୧ |
| ଓଡ଼ିଶା | ୩,୨୫,୧୪୭ | ୧୮୨୫(+୫୩) | ୩,୨୦,୫୮୪ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ମାଲକାନଗିର,୧୭।୧୨(ସ୍ୱ.ପ୍ର.): ଏକ ମାଓବାଦୀ ଘଟଣାରେ ଜଡିତ ହୋଇ ୨୦୧୮ରୁ ମାଲକାନଗିରି ଉପକାରାଗାରରେ ବିଚାରାଧୀନ କଏଦୀ ରୂପେ ସଜା ଭୋଗୁଥିବା ବାମନ କୁଞ୍ଜାମି (୨୭)ଙ୍କ ଗୁରୁବାର ମାଲକାନଗିରି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ କିଛିଦିନ ହେଲା ସେ ରୋଗଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଗୁରୁତର ହୋଇପଡିବାରୁ ତାଙ୍କୁ ମାଲକାନଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୂଚନାଯୋଗ୍ୟ, ଦୀର୍ଘ ଦିନ ହେବ ବାମନ ମାଓବାଦୀ ସଙ୍ଗଠନରେ ସାମିଲ ଥିଲେ। ମାଓବାଦୀଙ୍କ ସହ ସମ୍ପୃକ୍ତ ଥିବାରୁ ମାଥିଲି ପୋଲିସ ତାଙ୍କୁ ଗିରଫ କରିଥିଲା।

### ଯୁବକଙ୍କ ହାତଗୋଡ଼ ବନ୍ଧା ମୃତଦେହ ଉଦ୍ଧାର

■ ପ୍ରମାଣ ନଷ୍ଟ ପାଇଁ ମୁଣ୍ଡରେ ଚଢ଼ାଇ ଦିଆଯାଇଛି ଗାଡ଼ି

ଲଖନପୁର,୧୭।୧୨(ଡି.ଏନ୍.ଏ.): ଝାରସୁଗୁଡା ଜିଲା ଲଖନପୁର ଥାନା ଅଧୀନ ବେଲପାହାଡ଼ରୁ ସୁନ୍ଦରଗଡ ଯାଇଥିବା ଗ୍ରୀଣ୍ଡୋଲା-କାଉଧର ରାସ୍ତାରୁ ପୋଲିସ ଗୁରୁବାର ଜଣେ ଯୁବକଙ୍କ ହାତ, ଗୋଡ ବନ୍ଧା ହୋଇଥିବା ମୃତଦେହ ଉଦ୍ଧାର କରିଛି। ପ୍ରମାଣ ନଷ୍ଟପାଇଁ ମୃତଦେହ ଉପରେ କୌଣସି ଗାଡ଼ି ଚଢ଼ାଇ ଦିଆଯାଇଛି। ମୁହଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ମୃତଦେହ ଚିହ୍ନଟ କରିବା ପୋଲିସ ପାଇଁ କଷ୍ଟକର ହୋଇପଡିଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୩୬/୨୦) ରୁଜୁକରି ତଦନ୍ତ ଚଳାଇଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ବୁର୍ଲା ବଡମେଡିକାଲ୍‌କୁ ପଠାଯାଇଛି। ମୃତକଙ୍କ ବୟସ ୩୦ରୁ ୩୫ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ଖବରପାଇ ବ୍ରଜରାଜନଗର ଏସ୍‌ଡିପିଓ ଦିଲୀପ ଦାସ, ଲଖନପୁର ଥାନା ଆଇଆଇସି ପବିତ୍ର କିଷାନ, ବେଲପାହାଡ ଥାନା ଆଇଆଇସି ରଶ୍ମିତା ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛି। ଏହି ରାସ୍ତାଟି ପଡ଼ୋଶୀ ଜିଲା ସୁନ୍ଦରଗଡକୁ ସଂଯୋଗ ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ରହିଛି ଘଞ୍ଚ ଜଙ୍ଗଲ। ଅନେକ ସମୟରେ ରାସ୍ତା ନିଛାଟିଆ ରହୁଥିବାରୁ ଏହି ସୁଯୋଗରେ କେହି ଦୁର୍ବୃତ୍ତ ଯୁବକଙ୍କୁ ହତ୍ୟାକରି ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି। ପୋଲିସ ମଧ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛି।

# ଶ୍ରମ, ରାଜ୍ୟ ବୀମା ବିଭାଗ ପୋର୍ଟାଲ ଲୋକାର୍ପିତ

■ ଉପଲବ୍ଧ ହେବ ସବୁ ଶ୍ରମ ଆଇନ, ୨୨ ପ୍ରକାର ଅନ୍‌ଲାଇନ ସେବା

■ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ୍ ପାଇଁ ସହାୟକ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟ ସରକାରଙ୍କ ୫-ଟି ଅଂଶ ସ୍ୱରୂପ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଶ୍ରମ ପୋର୍ଟାଲର ଲୋକାର୍ପଣ କରିବା ସହ ୨୨ ପ୍ରକାର ଅନ୍‌ଲାଇନ ସେବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୫-ଟି କାର୍ଯ୍ୟକ୍ରମର ମୁଖ୍ୟ ଆଧାର ହେଉଛି ବୈଷୟିକ କୌଶଳ। ଏହା ହିଁ ପରିବର୍ତ୍ତନର ମାର୍ଗକୁ ଅଧିକ ସୁଗମ କରିଥାଏ। ରାଜ୍ୟ ଶ୍ରମ ଓ ଇଏସ୍‌ଆଇ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ଶ୍ରମ ପୋର୍ଟାଲ ଓ ୨୨ ପ୍ରକାର ସେବା ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ ପାଇଁ ବିଶେଷ ସହାୟକ ହେବ। ଏହା ରାଜ୍ୟର ସାମଗ୍ରିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନଫରେନ୍ସରେ ୫-ଟି ଅଂଶ ସ୍ୱରୂପ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଶ୍ରମ ପୋର୍ଟାଲକୁ ଶୁଭାରମ୍ଭ କରିଛନ୍ତି। ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍

ଏହି ପୋର୍ଟାଲରେ ଜନସାଧାରଣଙ୍କ ନିମନ୍ତେ ବିଭିନ୍ନ ଶ୍ରମ ଆଇନ ସମ୍ପର୍କରେ ସୂଚନା ଉପଲବ୍ଧ ହେବ। ଏହାଦ୍ୱାରା ଶିଳ୍ପ, ବ୍ୟବସାୟିକ ପ୍ରତିଷ୍ଠାନ, କ୍ଷୁଦ୍ର ଉଦ୍ୟୋଗୀ ଓ ଜନସାଧାରଣ ଉପକୃତ ହେବେ। ଆଗାମୀ ଦିନରେ ଏହି ପୋର୍ଟାଲରେ ୫୨ ପ୍ରକାର ସେବା ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନା ଯୋଗ୍ୟ, ବ୍ୟବସାୟିକ ପଦ୍ଧତିର ସରଳୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ୫-ଟି କାର୍ଯ୍ୟକ୍ରମରେ ଏହି ନୂତନ ପୋର୍ଟାଲକୁ ପ୍ରସ୍ତୁତ କରାଯାଇଛି। ଏହି ୨୨ ପ୍ରକାର ସେବାରେ ରାଜ୍ୟର ଉଦ୍ୟୋଗୀମାନଙ୍କୁ ଅନ୍‌ଲାଇନ ଜରିଆରେ ପଞ୍ଜୀକରଣ ପ୍ରମାଣପତ୍ର, ଲାଇସେନ୍ସ, କାରଖାନା ନୂତନ ନକ୍ସାର ଅନୁମୋଦନ, ଲାଇସେନ୍ସ ବଦଳୀକରଣ, ବାଷ୍ପିତ୍ର ନିରୀକ୍ଷଣ ଓ ସାମୟିକ ନବୀକରଣ ଆଦି ଅନେକ ସୁବିଧା ମିଳିପାରିବ। ଏଥିସହିତ ପୋର୍ଟାଲରୁ ବିଭାଗ ଅଧୀନ ଶ୍ରମ ଆଇନ ସହିତ ଫର୍ମ, ବିଭିନ୍ନ ସେବା ନିମନ୍ତେ ଆବେଦନ ପ୍ରକ୍ରିୟା ଓ ପୈଠର ପରିମାଣ ସମ୍ପର୍କରେ ସୂଚନା ମିଳି ପାରିବ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଚିତ୍ରା ଅରୁମୁଗମ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରମ କମିଶନର ତିରୁମାଲ୍ଲା ନାୟକ ଧନ୍ୟବାଦ ଦେଇଥିଲେ। ପୋର୍ଟାଲ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର , ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ଆଇଟି ବିଭାଗ ସଚିବ ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ବରଗଡ଼ ଅଫିସ,୧୭।୧୨

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଅଏଁଲାକଟା ଗ୍ରାମରେ ମା, ପୁଅଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବୁଧବାର ବରଗଡ଼ ଅତିରିକ୍ତ ଜିଲା ଜଜ୍ ଆକାଂକ୍ଷିତ ମିଶ୍ର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ରାମ ପାତ୍ରଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି । ଗତ

**ମା, ପୁଅଙ୍କୁ ହତ୍ୟା ମାମଲା**

୨୦୧୫ ଅକ୍ଟୋବର ୩୦ତାରିଖରେ ଅଭିଯୁକ୍ତ ରାମ ପାତ୍ର ଗ୍ରାମର କିରଞ୍ଜି ନାଗଙ୍କ ଘରକୁ ଯାଇ ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏହାର ପ୍ରତିରୋଧ କରିବା ବେଳେ କିରଞ୍ଜିଙ୍କ ସ୍ତ୍ରୀ ରମା ଏବଂ ପୁଅ ଜଗବନ୍ଧୁଙ୍କୁ ମଧ ଅଭିଯୁକ୍ତ ରାମ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ କିରଞ୍ଜି, ରମା ଏବଂ ଜଗବନ୍ଧୁଙ୍କୁ ଡାକ୍ତରଖାନା ନେଇଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରମା ଓ ଜଗବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ କିରଞ୍ଜି ଭେଡ଼େନ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୨୪୪/୧୫) ରୁଜୁ କରିଥିଲା ଏବଂ ମାମଲାଟି କୋର୍ଟରେ ବିଚାରାଧୀନ ରହିଥିଲା ।

## ଭିଜିଲାନ୍ସ ଜାଲରେ ଆଇଟିଡିଏର ୩ ଯନ୍ତ୍ରୀ


ବୈକୁଣ୍ଠନାଥ ବେହେରା


ଶରତ କୁମାର ମାଝି


ପ୍ରମୋଦ ପ୍ରଧାନ

ନବରଙ୍ଗପୁର,୧୭।୧୨(ବି.ପ୍ର.)

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ଅଫିସ ଗାଡ଼ିରେ ଟଙ୍କା ନେଇ ଯାଉଥିବାବେଳେ ୨ ଜଣ ସହକାରୀ ଯନ୍ତ୍ରୀ ଓ ଜଣେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଶରତ କୁମାର ମାଝି, ସହକାରୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା ଓ ପ୍ରମୋଦ କୁମାର ପ୍ରଧାନ। ୩ ଜଣ ଯନ୍ତ୍ରୀ ଅଫିସ୍ ଗାଡ଼ି (ଓଡି-୨୪ଏ-୩୩୨୮)ରେ ଟଙ୍କା ନେଇ ଉମରକୋଟ ଯାଉଥିବା ନବରଙ୍ଗପୁର ଭାରପ୍ରାପ୍ତ ଭିଜିଲାନ୍ସ ଡିଏସ୍‌ପି କଳାବତି ବାଗ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହାପରେ ବାଗଙ୍କ ସମେତ ଜୟପୁର ଭିଜିଲାନ୍ସ ଡିଏସ୍‌ପି ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ଇନ୍ସପେକ୍ଟର ବିନୟ କୁମାର ରୟ, କନଷ୍ଟେବଲ ଅଜିତ ପାଢ଼ୀ ପ୍ରମୁଖ ଏକ ଟିମ୍ ଗଠନ କରି ପାପଡାହାଣ୍ଡି ଡିୟର ପାର୍କ ନିକଟରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ି ଭିତରେ ଥିବା ଗୋଟିଏ ବ୍ୟାଗରୁ ୩ ଲକ୍ଷ ୯ ହଜାର ୪ ଶହ ଟଙ୍କା ମିଳିଥିଲା। ଟଙ୍କା ସବୁ ନିଜର ବୋଲି ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ପ୍ରଧାନ କହିଥିଲେ। ତେବେ ଏତେ ଟଙ୍କା କେଉଁ ଉଦ୍ଦେଶ୍ୟରେ ଉଠାଣ ହୋଇଛି ଓ କାହା ପାଖକୁ ଯାଉଥିଲା ଭିଜିଲାନ୍ସ ବିଭାଗ ତାହାର ଖୋଳତାଡ଼ କରୁଛି। ସନ୍ଧ୍ୟା ପରେ ବ୍ୟାଙ୍କ ବନ୍ଦ ଥିବାରୁ ଶୁକ୍ରବାର ଅଧିକ ତଦନ୍ତ କରାଯିବ। ୩ ଯନ୍ତ୍ରୀଙ୍କୁ ଅଟକ ରଖାଯାଇଛି ବୋଲି ସୂଚନା ମିଳିଛି।

# ୨୧ରେ ଏସ୍‌ପି ଅଫିସ ଘେରିବ କଂଗ୍ରେସ

**ନାବାଳିକା ଅପହରଣ, ନାରୀ ନିର୍ଯାତନା ପ୍ରତିବାଦ**

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ରାଜ୍ୟରେ ନାରୀ ନିର୍ଯାତନା, ନାବାଳିକା ଅପହରଣ, ଯୌନ ନିର୍ଯାତନା, ବଳାତ୍କାର, ଗଣବଳାତ୍କାର, ହତ୍ୟା ବଢି ଚାଲିଛି। ରାଜ୍ୟରେ ଦିନକୁ ପ୍ରାୟ ୧୧ ଜଣ ଶିଶୁ ନିଖୋଜ ହେଉଛନ୍ତି। ବର୍ଷକୁ ପ୍ରାୟ ୪୩୧୫ ଶିଶୁ ଅପହରଣ ଘଟଣା ଗଭୀର ଚିନ୍ତାର କାରଣ ହୋଇଛି। ଏଭଳି ଘଟଣାକୁ ରୋକିବାରେ ସରକାରଙ୍କ ବିଫଳତା ଓ ତଦନ୍ତରେ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଆସନ୍ତା ୨୧ ତାରିଖରେ ରାଜ୍ୟର ସମସ୍ତ ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବ । ଗୁରୁବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହା ଜଣାଇଛନ୍ତି। ଉକ୍ତ ଦିନ ଜିଲା କଂଗ୍ରେସ କମିଟି ସଭାପତିମାନେ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ନିଜ ଜିଲାର ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଆୟୋଜନ କରିବେ। ଜିଲାର ସମସ୍ତ ବିଧାୟକ ଓ ଏମ୍‌ପି, ପ୍ରାକ୍ତନ ବିଧାୟକ ଓ ଏମ୍‌ପି, ବିଧାୟକ ଓ ଏମ୍‌ପି ପ୍ରାର୍ଥୀ, ପିସିସି ପର୍ଯ୍ୟବେକ୍ଷକ, ପିସିସି ଓ ଏଆଇସିସି ସଭ୍ୟ, ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ ଓ କର୍ମକର୍ତ୍ତା, କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସେ ଅନୁରୋଧ କରିଛନ୍ତି। ପରୀ, ସ୍ୱାତୀ, ପିହୁ, ଆୟୁଷଙ୍କ ପରି କୁନିକୁନି ଶିଶୁକନ୍ୟା ଓ ଶିଶୁପୁତ୍ରଙ୍କୁ ଅପହରଣ,ବଳାତ୍କାର ଓ ହତ୍ୟା କରିବା ଘଟଣା ଅତ୍ୟନ୍ତ ବର୍ବରୋଚିତ। ଦୀର୍ଘ ୨୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଜୁ ଜନତା ଦଳ ସରକାର ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଫେଲ୍ ମାରିଛନ୍ତି। ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଦାୟିତ୍ୱରେ ଥାଇ ମୌନବ୍ରତ ଅବଲମ୍ବନ କରିବା ଫଳରେ ନିରୀହ, ନିଷ୍ପାପ ଶିଶୁମାନେ ଯୌନ ପିପାସୁ ଓ ଅପହରଣକାରୀଙ୍କ ଶିକାର ହୋଇଚାଲିଛନ୍ତି। ପରିବାରବର୍ଗଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲେ ମଧ ପୋଲିସର ଅତ୍ୟନ୍ତ ମନ୍ଥର ତଦନ୍ତ ଯୋଗୁ ଜନସାଧାରଣଙ୍କ ଭରସା ତୁଟିଯାଉଛି। ଜିଲା ଆରକ୍ଷୀ ଅଧୀକ୍ଷକ ଏବଂ ଜିଲାପାଳମାନେ ଯେପରି ତତ୍ପରତା ଦେଖାଇବା କଥା ତାହା ପରିଲକ୍ଷିତ ହେଉନାହିଁ। ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁସୁଡ଼ି ଯାଇଛି। ସରକାରୀ ତଥ୍ୟ ଅନୁଯାୟୀ ୨୦୧୬ ସେପ୍ଟେମ୍ବର ଠାରୁ ଏ ପର୍ଯ୍ୟନ୍ତ ରାଜ୍ୟରେ ପ୍ରାୟ ୭୦୦୦ ନାବାଳିକା ଓ ନାବାଳକ ନିଖୋଜ ହୋଇଛନ୍ତି । ଏଥିରୁ ପ୍ରାୟ ୫୦୫୦ ହେଉଛନ୍ତି କେବଳ ନାବାଳିକା। ସେହିପରି ଘରୋଇ ହିଂସା, ନାରୀ ନିର୍ଯାତନାରେ ଓଡ଼ିଶା ଦେଶରେ ତୃତୀୟ ରାଜ୍ୟ ଭାବେ ଉଭା ହୋଇଛି। ଅପରାଧ ସଂଖ୍ୟା ପ୍ରତିବର୍ଷ ଉଦ୍‌ବେଗଜନକ ଭାବେ ବୃଦ୍ଧିପାଉଥିଲେ ମଧ ଏଭଳି ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣାକୁ ନିୟନ୍ତ୍ରଣ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ନିରଞ୍ଜନ ଅଭିଯୋଗ କରିଛନ୍ତି।


ସ୍ଥାୟୀ ନିଯୁକ୍ତ ଦାବିରେ ବହୁଦିନ ହେବ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେଇଥିବା କୋଭିଡ୍୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଗୁରୁବାର ରାସ୍ତାରେ ମାଣବସା ଗୁରୁବାର ଓଷା କରୁଛନ୍ତି।

## ଆଜିଠାରୁ ଖୋଲିବ ଜନଜାତି ସଂଗ୍ରହାଳୟ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ତାଲିମ ପ୍ରତିଷ୍ଠାନ ପରିସରରେ ଥିବା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ୧୮ ତାରିଖ ଶୁକ୍ରବାରଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଏହି ସଂଗ୍ରହାଳୟକୁ ଗତ ୯ ମାସ ଧରି ବନ୍ଦ ରଖାଯାଇଥିଲା। ତେବେ ସଂକ୍ରମଣ କମିଯିବା ସହ ସ୍ଥିତି ସ୍ୱାଭାବିକ ହେଉଥିବାରୁ ସଂଗ୍ରହାଳୟକୁ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ସଂକ୍ରମଣ ଏଡ଼ାଇବା ଲାଗି ଦର୍ଶକଙ୍କ ପ୍ରବେଶ ନିମନ୍ତେ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ସମସ୍ତଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ କରାଯାଇଥିବା ବେଳେ ସଂଗ୍ରହାଳୟକୁ ପ୍ରବେଶ ପୂର୍ବରୁ ମୁଖ୍ୟ ଦ୍ୱାରରେ ପ୍ରତ୍ୟେକ ଦର୍ଶକଙ୍କ ଶରୀରର ତାପମାତ୍ରା ଯାଞ୍ଚ କରାଯିବ। ସଂଗ୍ରହାଳୟ ମଧ୍ୟରେ ବୁଲି ଦେଖିବା ସମୟରେ କୌଣସି ଶୋକେସ୍, ଟଚ୍‌ସ୍କ୍ରିନ୍ କିଓସ୍କ, ଭିଆର୍ ହେଡ୍‌ସେଟ୍ କିମ୍ବା କୌଣସି କଳାବସ୍ତୁକୁ ଛୁଇଁବା ନିଷେଧ କରାଯାଇଛି। ୬୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସଂଗ୍ରହାଳୟ ମଧ୍ୟକୁ ପ୍ରବେଶ ନିମନ୍ତେ ଅନୁମତି ମିଳିବ ନାହିଁ। ଏକ ସମୟରେ ୧୦ଜଣ ଦର୍ଶକଙ୍କୁ ପ୍ରବେଶ ଅନୁମତି ମିଳିବ। ଅନ୍ୟ ୫ଜଣ ଏହା ମଧ୍ୟରେ ଥିବା ପାରମ୍ପରିକ ଜନଜାତି ଗୃହ ମଧ୍ୟକୁ ଜଣ ଜଣ କରି ପ୍ରବେଶ କରିପାରିବେ। ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସଂଗ୍ରହାଳୟ ଖୋଲା ରହିବ ବୋଲି ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା କହିଛନ୍ତି।

## ଭିମ୍‌ସାରରେ ଖୋଲିବ ଫାର୍ମାସିଷ୍ଟ କଲେଜ

**ଏକଜିକ୍ୟୁଟିଭ ବୋର୍ଡ ବୈଠକରେ ନିଷ୍ପତ୍ତି**

■ ଡାକ୍ତର, କର୍ମଚାରୀ ପଦବୀ ପୂରଣ ହେବ

■ ଭିତ୍ତିଭୂମି ବିକାଶ ପାଇଁ ଅନୁମୋଦନ

ସମ୍ବଲପୁର,୧୭।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାର ଭିମ୍‌ସାର ମେଡିକାଲ ପରିସରରେ ଫାର୍ମାସିଷ୍ଟ କଲେଜ ଖୋଲିବ। ଗୁରୁବାର ଭିମ୍‌ସାରର ଏକ୍‌ଜିକ୍ୟୁଟିଭ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର, ଅର୍ଥ ବିଭାଗ ଯୁଗ୍ମ ସଚିବ କୃଷ୍ଣଚନ୍ଦ୍ର ଶତପଥୀଙ୍କ ସମେତ ଜିଲାପାଳଙ୍କ ଅଫିସ ପରିସର ସମ୍ମିଳନୀ କକ୍ଷରେ ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଡିନ୍ ଡା. ବ୍ରଜ ମିଶ୍ର, ଡା. ସୁନୀଲ ଶର୍ମା, ପି.କେ. ମହାନ୍ତି, ଡା. ବିନୋଦ ବିହାରୀ ନାଏକ, ଡା. ଉତ୍ତମ ପାଣି, ଖବରଦାତା ଶିବ ଶଙ୍କର ନନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ପୂର୍ବତନ ବୋର୍ଡ ସଦସ୍ୟ ସ୍ୱର୍ଗତ ଭାଗବତ ପ୍ରସାଦ ନନ୍ଦଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଭିମ୍‌ସାରର ବିଭିନ୍ନ ସମସ୍ୟା ଉପରେ ସଚିବଙ୍କୁ ଅବଗତ କରାଯାଇଥିଲା। ବିଭିନ୍ନ ବିଭାଗରେ ଡାକ୍ତର ଓ କର୍ମଚାରୀଙ୍କ ସମସ୍ୟା, ପ୍ରଶାସନିକ ଓ ଅନ୍ୟ ବିଭାଗରେ କର୍ମଚାରୀ ଅଭାବ ପ୍ରସଙ୍ଗ ଉଠାଯାଇଥିଲା। ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ବହିର୍ବିଭାଗ ନିକଟରେ ଶୌଚାଳୟ ନିର୍ମାଣ, ଔଷଧ ରଖିବା ପାଇଁ ଷ୍ଟୋର ରୁମ୍ ଖୋଲିବା, ଇଏନ୍‌ଟି ବିଭାଗରେ ଅଡିଓଲୋଜି, ସ୍ପୋକ ଥେରାପି ପଦବୀ ପୂରଣ କରିବା ଭଳି ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା। ଶୀଘ୍ର ଭିତ୍ତିଭୂମି ବିକାଶ କରିବା ପାଇଁ ଡିପିଆର ପ୍ରସ୍ତୁତ କରିବା, ବହୁଦିନରୁ ନିର୍ମାଣ ହୋଇପଡିଥିବା ୯ ତାଲା କୋଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଇ ବ୍ୟବହାର କରାଯିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ପ୍ରସ୍ତାବ ଅନୁସାରେ ଭିମ୍‌ସାରରେ ଫାର୍ମାସିଷ୍ଟ କଲେଜ ଖୋଲିବା ପାଇଁ ଅନୁମୋଦନ ହୋଇଥିଲା। ଆସନ୍ତା ଶିକ୍ଷାବର୍ଷରୁ ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ଭିମ୍‌ସାର ପକ୍ଷରୁ ସୂଚନା ଦିଆଯାଇଛି।




## ଅପହୃତ ନାବାଳକ ପଶ୍ଚିମବଙ୍ଗରୁ ଉଦ୍ଧାର: ୪ଗିରଫ

ରାଉରକେଲା ଅଫିସ, ୧୭।୧୨

ରାଉରକେଲା ରେଳଷ୍ଟେଶନ ନିକଟରୁ ଅପହୃତ ହୋଇଥିବା ୫ବର୍ଷର ନାବାଳକକୁ ପଶ୍ଚିମବଙ୍ଗ ମେଦିନାପୁରରୁ ଉଦ୍ଧାର କରାଯାଇଛି। ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଏହି ଘଟଣାରେ ଗୁରୁବାର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉଦିତନଗର ଥାନା ଅନ୍ତର୍ଗତ ବିରଜାପାଲ୍ଲୀର ଅଶ୍ରଫ ଅଲ୍ଲୀ(୩୦), ଗୋପବନ୍ଧୁପାଲ୍ଲୀର ସନ୍ତୋଷୀ ନାୟକ (୪୨), ନିର୍ମଳା ଦାସ(୫୦) ଏବଂ ପଶ୍ଚିମବଙ୍ଗ ମେଦିନାପୁରର ମୂଳନିବାସୀ ତଥା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ରେହମତ ନଗରର ମାନୁଆର ବିବି(୬୧)। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ନାବାଳକଙ୍କୁ ୧ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ନାବାଳକ ହେଉଛନ୍ତି ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ନିକଟ ଲୁଙ୍ଗେର ଟୋଲିର ଶଙ୍କର ସିଂଙ୍କ ପୁଅ। ଗତ ୪ ତାରିଖରେ ସେ ରାଉରକେଲା ରେଳଷ୍ଟେଶନ ନିକଟରୁ ନିଖୋଜ ହୋଇଯାଇଥିଲେ। ତାଙ୍କ ବାପା ଶଙ୍କର ଖୋଜାଖୋଜି କରି ନ ପାଇବା ପରେ ୧୨ ତାରିଖରେ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତକରି ନାବାଳକଙ୍କୁ ଉଦ୍ଧାର କରିବା ସହ ୪ଜଣଙ୍କୁ ଗିରଫ କରିଥିଲା। ନାବାଳକଙ୍କୁ ପଶ୍ଚିମବଙ୍ଗରୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅଶ୍ରଫ ଅଲ୍ଲୀ ନାବାଳକଙ୍କୁ ଅପହରଣ କରି ସନ୍ତୋଷୀ ନାୟକ, ନିର୍ମଳା ଦାସଙ୍କୁ ଦେଇଥିଲେ। ସେମାନେ ମାନୁଆର ବିବିଙ୍କୁ ବିକ୍ରି କରିଥିଲେ ବୋଲି ଜଣାପଡ଼ିଛି।



ନାବାଳକଙ୍କୁ ଅପହରଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନେଉଛି।

ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱସଂଗ୍ରାମ କରି ଚାଲିଛି । କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି । ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭକରିବାକୁ । –ଶ୍ରୀମା



# ଇମ୍ପାକ୍ଟ ଆକାଉଣ୍ଟିଂ

ଆମର ପ୍ରମୁଖ ଚ୍ୟାଲେଞ୍ଜଗୁଡ଼ିକ କିଭଳି ପରସ୍ପରସହ ଜଡିତ ହୋଇ ରହିଛି ତାହା କୋଭିଡ–୧୯ ସଙ୍କଟ ପ୍ରକାଶ କରିଦେଇଛି । ଜୈବବିବିଧତା ହ୍ରାସ ଏବଂ ଅସମାନତା ବୃଦ୍ଧି ଏକ ବଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ବିପତ୍ତି ସୃଷ୍ଟି କରିଛି,ଏକ ଶତାବ୍ଦୀ ମଧ୍ୟରେ ସବୁଠୁ ଖରାପ ଅର୍ଥନୈତିକ ସଙ୍କଟ ସୃଷ୍ଟି କରିଛି । ଏଭଳି ପରିସ୍ଥିତିରେ ବହୁ ସମୟରେ ଲୋକେ ଯାହାକୁ ପୂର୍ବରୁ ଅସ୍ୱୀକାର କରିଥାନ୍ତି ହଠାତ୍ ପରିବର୍ତ୍ତନ ମୁହାଁ ହୋଇ ତାହାକୁ ଗ୍ରହଣ କରିଥାନ୍ତି । ଉଦାହରଣ ସ୍ୱରୂପ କର୍ପୋରେଟ ୱାର୍ଲ୍ଡରେ ଏକ ବଡ ସିଫ୍ଟ ରହିଛି । ଏଇଠି ଅନେକ ମ୍ୟାନେଜର ଏବଂ ନିବେଶକ ଅଧିକ ସ୍ଥାୟୀ ଏବଂ ଦାୟିତ୍ୱସମ୍ପନ୍ନ କାର୍ଯ୍ୟ ଓ ବିଜ୍‌ନେସ ମଡେଲ ଗ୍ରହଣ କରିବାକୁ ଇଚ୍ଛୁକ ରହିଛନ୍ତି । ଆମେ କିପରି ନିଶ୍ଚିତ ହେବା ଯେ ସବୁ ବିଜ୍‌ନେସ ଠିକ୍ ଭାବେ ଚାଲିଛି ଏବଂ ସେଗୁଡ଼ିକ ଶେୟାର ହୋଲଡର ଏବଂ ଇନଭେଷ୍ଟରଙ୍କ ଆବଶ୍ୟକତା ଓ ଚାହିଦା ପୂରଣ କରିପାରିବ । ଏହାର ଏକ ସ୍ପଷ୍ଟ ଉତ୍ତର ଏନଭାଇରନମେଣ୍ଟାଲ, ସୋସିଆଲ ଏବଂ ଗଭର୍ନାନ୍ସ ଷ୍ଟାଣ୍ଡାର୍ଡ ବା ପରିବେଶଗତ,ସାମାଜିକ ଏବଂ ଶାସକୀୟ ମାନକ ( ଇଏସ୍‌ଜି)ମଧ୍ୟରେ ରହିଛି । କିନ୍ତୁ ଇଏସ୍‌ଜି ଏହାର ଆଂଶିକ ସମାଧାନ କରିପାରିବ । କାରଣ ଏହି କ୍ଷେତ୍ର ଏବେ ବହୁତ ବଢ଼ୁଛି । ଏହା ଅଧିକ ଜଟିଳ ଓ ଭ୍ରମାତ୍ମକ ହୋଇଯାଇଛି । ଭାଗ୍ୟବଶତଃ ଏବେ ମୁଖ୍ୟ ଇଏସ୍‌ଜି ଷ୍ଟାଣ୍ଡାର୍ଡ–ସେଟରଗୁଡ଼ିକରେ ଯଥା ଗ୍ଲୋବାଲ ରିପୋର୍ଟିଂ ଇନିସିଏଟିଭ ଏବଂ ସଷ୍ଟେନାବିଲିଟି ଆକାଉଣ୍ଟଂ ଷ୍ଟାଣ୍ଡାର୍ଡ ବୋର୍ଡ ଭଳି କିଛି ଏକୀକରଣ ହେବା ଦେଖାଦେଇଛି । ସେମାନେ ଏକାଠି କାମ କରିବେ ବୋଲି ଘୋଷଣା କରିଛନ୍ତି । ସେମାନଙ୍କ ଲକ୍ଷ୍ୟ କେବଳ ଏକ ଏକକ ମାନକ ସୃଷ୍ଟି ପାଇଁ ନୁହେଁ ବରଂ କିଭଳି ମାନକଗୁଡ଼ିକୁ ସମାନ୍ତର ଭାବେ ଉପଯୋଗ କରାଯାଇପାରିବ ସେ ସମ୍ପର୍କରେ ଷ୍ଟେକହୋଲଡରମାନଙ୍କୁ ବୁଝାଇବାକୁ ହେବ ।

ସେହିଭଳି ସ୍ୱଚ୍ଛତା, ତୁଳନୀୟତା ଏବଂ ସ୍ଥିରତା ବା ସୁସଙ୍ଗତି ପରିପ୍ରେକ୍ଷୀରେ ୱାର୍ଲ୍ଡ ଇକୋନୋମିକ ଫୋରମ ବା ବିଶ୍ୱ ଆର୍ଥିକ ମଞ୍ଚର ଇଣ୍ଟରନ୍ୟାଶନାଲ ବିଜ୍‌ନେସ କାଉନ୍‌ସିଲ ନିକଟରେ ଷ୍ଟେକହୋଲ୍‌ଡର କ୍ୟାପିଟାଲିଜମ ମେଟ୍ରିକ୍ସ ଜାରି କରିଛି । ଆଗୁଆ ପ୍ରାଇଭେଟ ଷ୍ଟାଣ୍ଡାର୍ଡ– ସେଟର୍‌ମାନଙ୍କ ମଧ୍ୟରେ ସମ୍ମିଳିତ ମନୋଭାବ ବଢ଼ାଇବା ଲକ୍ଷ୍ୟରେ ଏହା କରିଛି । ୟୁରୋପୀୟ ସଂଘ ଏହାର ଅଣ ବିତ୍ତୀୟ ରିପୋର୍ଟି ଡାଇକେଟିଭ୍‌ର ଏକ ସମୀକ୍ଷା ଆରମ୍ଭ କରିଛି । ଏଥିରେ ବଡ କମ୍ପାନୀଗୁଡ଼ିକୁ ସେମାନେ କିଭଳି ଚଳାଉଛନ୍ତି ଏବଂ ସାମାଜିକ ଓ ପରିବେଶଗତ ଆହ୍ୱାନର ପରିଚାଳନା କରୁଛନ୍ତି ତା’ସମ୍ପର୍କରେ ପ୍ରକାଶ କରିବାର ଆବଶ୍ୟକତା ରହିଛି । ଏହା ସବୁ ଅତ୍ୟନ୍ତ ଭଲ । ଇଏସ୍‌ଜି ଫାଇନାନ୍ସିଂ ସେକ୍ଟର ଦ୍ରୁତ ଗତିରେ ବଢ଼ୁଛି ଏବଂ ଆଗକୁ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଏହାଦ୍ୱାରା କମ୍ପାନୀଗୁଡ଼ିକ କୋଭିଡ–୧୯ ସଙ୍କଟରେ ଆହୁରି ମଜଭୁତ ହୋଇପାରିବ ବୋଲି କୁହାଯାଉଛି । କିନ୍ତୁ ଯଦି ନିବେଶକମାନେ ଏହି କର୍ପୋରେଟ ଇସିଜିର ପ୍ରକାଶିତ ତଥ୍ୟକୁ ଆଉ ଏକ ସହ ତୁଳନା ନ କରିବେ ତେବେ ଏହି ଅଗ୍ରଗତିରେ ବାଧା ଉପୁଜିବ । ଏକ ସ୍ୱଚ୍ଛ, ସମାନ ମାନକ ଏବଂ ପ୍ରକାଶ୍ୟ ନିୟମ ଆମର ଦରକାର । ଏହାର ମାନେ ନୁହେଁ ଯେ ଗୋଟିଏ ସେଟ୍ ଷ୍ଟାଣ୍ଡାର୍ଡ ବା ମାନକ ଦରକାର । କିଛି ରିପୋର୍ଟି ଷ୍ଟାଣ୍ଡାର୍ଡ ଅନ୍ୟ ଆପେକ୍ଷା ଅଧିକ ତଥ୍ୟ ଦେବ । କିଛି ଏଭଳି ବିଷୟ ଉପରେ ଜୋର ଦେବ ଯାହା ଉଦ୍ୟୋଗର ମାନ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ଏବଂ ଆଉ କିଛି ବିଶ୍ୱରେ କମ୍ପାନୀର ପ୍ରଭାବ ଉପରେ ଗୁରୁତ୍ୱ ଦେବ । ଏବେ ବି ଇସିଜି ରିପୋର୍ଟିଂ ଉପରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ରହିଛି । କିନ୍ତୁ ସାରା ବିଶ୍ୱ ସେହି ଏକା ଆଧାର ଉପରେ ରହିଛି । ଯାହାହେଉ ଇସିଜି ରିପୋର୍ଟିଂ ଦ୍ୱନ୍ଦ୍ୱରେ ରହିଛି । ବିଜନେସଗୁଡ଼ିକ ଇସିଜି ଆଧାରିତ ରିକ୍ସକୁ ମାନକ ଦ୍ୱାରା ହିଁ ପୂରଣ କରବା ଦରକାର । ଏହାର ପରିବେଶ ଓ ସମାଜ ଉପରେ କି ନକାରାତ୍ମକ ଓ ସକାରାତ୍ମକ ପ୍ରଭାବ ରହିଛି ତାହା ଆକଳନ କରିବା ଆବଶ୍ୟକ । ଆଉ ଏକ ଉପାୟରେ ଆମେ ନିଶ୍ଚିତ ଅନ୍ୟ ଏକ ସଫଳ ବିଶ୍ୱକୁ ଆଡକୁ ଯାଇପାରିବା । କମ୍ପାନୀର ବ୍ୟାପ୍ତ ପ୍ରଭାବ ଆକଳନ କରିବା କର୍ପୋରେଟ ଆକାଉଣ୍ଟିଂର ପ୍ରଥମ ପାହାଚ । ଏହି ପ୍ରକାର ଢାଞ୍ଚା କର୍ପୋରେଟ ଲିଡରମାନଙ୍କୁ ସେମାନଙ୍କ ମୁଖ୍ୟ ରଣନୀତିରେ ଲକ୍ଷ୍ୟ ହାସଲ କରିବାକୁ ଉତ୍ସାହିତ କରିବ । ନିବେଶରେ ପୁଞ୍ଜି ଲଗାଣକୁ ବଢାଇପାରିବ । ଏହା ମଧ୍ୟ ସରକାରଙ୍କୁ କର୍ପୋରେଟ କାର୍ଯ୍ୟକୁ ପ୍ରଭାବିତ କରିବା ଭଳି ନୀତି ଗହଣ କରିବାକୁ ସହଜ ହେବ । ଷ୍ଟେକହୋଲ୍‌ଡର କେଉଁଠି ପୁଞ୍ଜି ଲଗାଇବେ ତାହା ସୃଷ୍ଟି କରିବା ପାଇଁ ଇମ୍ପାକ୍ଟ ଆକାଉଣ୍ଟିଂ ସବୁଠୁ ଭଲ ପଦ୍ଧତି । ଜଳବାୟୁଗତ ଏବଂ ଜୈବିବିଧତା ପ୍ରଭାବ ଉପରେ କି ନିଷ୍ପତ୍ତି ନିଆଯାଇଛି ତା’ଉପରେ ଏହା ସୂଚନା ଦିଏ । ଏହା ମଧ୍ୟ ନିଯୁକ୍ତି ସମସ୍ୟା ଓ ବୃତ୍ତିଗତ, ସ୍ୱାସ୍ଥ୍ୟ ଓ ସୁରକ୍ଷା ସମସ୍ୟାର ମାପ ବା ଆକଳନ କରେ । ଏହା କମ୍ପାନୀଗୁଡ଼ିକୁ ସେମାନଙ୍କ ଯୋଗାଣ ଚେନ୍‌ରେ କାରବାର ବଢାଇବାକୁ ଉତ୍ସାହିତ କରେ । ଏହାଦ୍ୱାରା ସେମାନେ ରିଟର୍ନ ପାଇଥାନ୍ତି । ଅଚାନକ ଝଟକା ବିରୋଧରେ ଲଢି ସେମାନଙ୍କୁ ଏହା ମଜଭୁତ କରିପାରେ । ଇମ୍ପାକ୍ଟ ମେଟ୍ରିକ୍ସ (କମ୍ପାନୀର କ’ଣ ପ୍ରଭାବ ରହିଛି ତାହା ଜାଣିବା) ଉପଭୋକ୍ତାଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବାର ଏକମାତ୍ର ଚାବିକାଠି । ଅବଶ୍ୟ ସବୁ କମ୍ପାନୀର ବିଶ୍ୱ ଉପରେ ସମାନ ପ୍ରଭାବ ରହିବ ନାହିଁ । କିଛି ଉଦ୍ୟୋଗରେ ଇମ୍ପାକ୍ଟ ଆକଳନ କରିବା ବା ମାପିବା ସବୁବେଳେ ନକାରାତ୍ମକ ରହିଥାଏ । ଏଣୁ ଯେଉଁ କମ୍ପାନୀଗୁଡ଼ିକର ସବୁଠୁ ଅଧିକ ସକାରାତ୍ମକ ପ୍ରଭାବ ରହିଛି ଓ ଯେଉଁଗୁଡ଼ିକର କେବଳ ନକାରାତ୍ମକ ପ୍ରଭାବ ରହିଛି ସେଗୁଡିକୁ ପୃଥକ କରିବାକୁ ହେବ । ଇମ୍ପାକ୍ଟ ଆକାଉଣ୍ଟିଂ ଫାଇନାନ୍ସିଆଲ ଆକାଉଣ୍ଟିଂର ଅନୁପୂରକ ହୋଇପାରିବ କି ନାହିଁ ତାହା ହିଁ ପ୍ରଶ୍ନ । ଯାହାହେଉ କମ୍ପନାଗୁଡ଼ିକର ପ୍ରଭାବ ମାପ କରିବା ଭାରି ଜଟିଳ । ଏହା କେବଳ ସମ୍ଭାବନା ଉପରେ ପର୍ଯ୍ୟବସିତ, ଯାହାକୁ ସହଜରେ ଚ୍ୟାଲେଞ୍ଜ କରାଯାଇପାରିବ । ଏହା ସହ ଏବେ ଫାଇନାନ୍ସିଆଲ ଆକାଉଣ୍ଟିଂ ପଦ୍ଧତି ବି ଠିକ ହେଉନାହିଁ । ଏହା ଆର୍ଥିକ ବାସ୍ତବତାକୁ ଅଣଦେଖା କରି ଆକଳନ କରାଯାଉଛି । ଏଣୁ ଆମେ କମ୍ପାନୀଗୁଡ଼ିକର ସାମାଜିକ ଏବଂ ପରିବେଶଗତ ପ୍ରଭାବ ମାପ କରିବା ସମୟରେ ଉଚିତ ତଥ୍ୟକୁ ଅଣଦେଖା କରିବା ଉଚିତ ନୁହେଁ । ଇଏସଜି ଦ୍ୱାରା ପ୍ରଭାବ ମାପ କରିବାଠାରୁ ଆରମ୍ଭ କରୁି ଏବେ ଆମେ ଉନ୍ନତ ଢାଞ୍ଚାରେ ପହଞ୍ଚିଛୁ । ଆଗକୁ ଏମିତି ବିକଶିତ ହୋଇ ଚାଲିବ । କାର୍ଯ୍ୟ,ଯୋଗାଣ ଚେନ ଏବଂ ପରିବେଶଗତ ଓ ସାମାଜିକ ଆକଳନ, ସାମଗ୍ରୀ ଓ ସେବାର ପ୍ରଭାବୀ ଇମ୍ପାକ୍ଟ ଆକାଉଣ୍ଟିଂ ଦ୍ୱାରା ସରକାର ନୂଆ ନୀତି ପ୍ରଣୟନ କରିବାକୁ ସକ୍ଷମ ହେବେ, ଯାହାଦ୍ୱାରା କମ୍ପାନୀଗୁଡ଼ିକ ଉତ୍ସାହିତ ହେବା ସହ ପରିବେଶ ଉପରେ ଥିବା ନକାରାତ୍ମକ ପ୍ରଭାବକୁ କମ କରିପାରିବେ ।

## ଆଜିର ଅର୍ଥନୀତି

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | A | | | | | | 6 | | | | 3 | 2 | 5 |
| 1 | C | | | | | D | | 3 | 8 | | 6 | | | E |
| | | 7 | 6 | | 4 | | | | | E | | | D | 8 |
| 9 | 6 | | 2 | | | 7 | | | | | | | | C |
| | 3 | | | | C | | | | D | | | | 9 | |
| | 8 | | | | 5 | | | | 0 | | | | A | 4 |
| | A | | | | 1 | | C | 4 | | | D | 8 | | 9 |
| 0 | | | | 3 | | | | D | A | | | | 7 | |
| B | | 9 | | | 6 | | | | 2 | | 1 | | | |
| | | E | | 7 | | 2 | | | B | 6 | 8 | 5 | | |
| | | | | | | 9 | 6 | | 7 | | | | | 0 |
| 7 | | | | | A | 3 | | 8 | 4 | D | 9 | | | |
| | B | | | | E | | 5 | | | | 0 | C | 3 | |
| | | | 5 | 2 | | | | | | | | | 1 | 7 |
| 2 | D | | | | | | E | | | | | | B | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 7 | 9 | A | 1 | 4 | E | 6 | 5 | 3 | 2 | D | C | 0 | 8 |
| 5 | A | 3 | 2 | 8 | B | D | C | 4 | 6 | 0 | 1 | 9 | 7 | E |
| 2 | D | 4 | 5 | E | 0 | 3 | 7 | 1 | 8 | C | 9 | 6 | A | B |
| C | E | 6 | 3 | D | 7 | 9 | 0 | 8 | B | 5 | A | 1 | 4 | 2 |
| 8 | 0 | 1 | 6 | 9 | C | A | 2 | B | 4 | 7 | E | 5 | D | 3 |
| 7 | 2 | D | 1 | B | 6 | C | 9 | A | 0 | E | 8 | 3 | 5 | 4 |
| E | B | 0 | 7 | 4 | 9 | 8 | 5 | 3 | 1 | D | 6 | 2 | C | A |
| 4 | 8 | 5 | 0 | C | A | 7 | 1 | E | 2 | 9 | 3 | D | B | 6 |
| 6 | 1 | A | E | 3 | 5 | 2 | B | D | C | 4 | 7 | 0 | 8 | 9 |
| 9 | 3 | C | D | 2 | 8 | 6 | 4 | 0 | A | B | 5 | 7 | E | 1 |
| 3 | 9 | 7 | 4 | 0 | E | B | A | 2 | 5 | 1 | C | 8 | 6 | D |
| D | 6 | 2 | B | 5 | 1 | 4 | 8 | C | E | 3 | 0 | A | 9 | 7 |
| 0 | 5 | 8 | 9 | A | 3 | 1 | E | 7 | D | 6 | B | 4 | 2 | C |
| 1 | C | E | 8 | 7 | 2 | 5 | D | 6 | 9 | A | 4 | B | 3 | 0 |
| A | 4 | B | C | 6 | D | 0 | 3 | 9 | 7 | 8 | 2 | E | 1 | 5 |

ଗତକାଲିର ଉତ୍ତର

# ଭଲ ଦିଗ ପ୍ରତି ଅଣଦେଖା କାହିଁକି



ଇପ୍ସିତା ମହାନ୍ତି

କିଛିମାସ ଧରି ଡ୍ରଗ୍ସ ତସ୍କର ଓ ବଲିଉଡ ମାଫିଆଙ୍କ ମଧୁଚନ୍ଦ୍ରିକାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି; ଯାହାର ପ୍ରଭାବ ମନୋରଞ୍ଜନ ଦୁନିଆ ସହ ଗଣମାଧ୍ୟମ ଉପରେ ପଡ଼ିଛି । ସଭିଏ ଏହାର ଜାଲରେ ଛନ୍ଦି ହୋଇଥିବା ବେଳେ କ୍ଷୁଦ୍ର ତଥା ନାମମାତ୍ର ଗଞ୍ଜେଇ ଚାଷୀଙ୍କ ଜୀବନଜୀବିକା ଉପରେ ଏହା କିଭଳି ପ୍ରଭାବ ପକାଇଛି ତାହା ବୁଝିବା ପାଇଁ ଆମକୁ ବେଶ୍ କିଛି ସମୟ ଲାଗିଯିବ । କିନ୍ତୁ ଗଞ୍ଜେଇ ଗଛର ଔଷଧୀୟ ଗୁଣ, ତାହାର ଅଣନିଶାକାରୀ ଗୁଣ ଓ ଅନ୍ୟାନ୍ୟ ଅଦୃଶ୍ୟ ଗୁଣ ଉପରେ ଜାରି ରହିଥିବା ବିଭିନ୍ନ ବୈଜ୍ଞାନିକ ଗବେଷଣା ଉପରେ ଏହି ବିବାଦ ସବୁଠାରୁ ବଡ ପ୍ରଭାବ ପକାଇଛି । ବିଭିନ୍ନ ଗଣମାଧ୍ୟମ ଓ ଯାଞ୍ଚକାରୀ ସଂସ୍ଥା ଗଞ୍ଜେଇ ସମେତ ଅନ୍ୟାନ୍ୟ କୃତ୍ରିମ ନିଶାଦ୍ରବ୍ୟକୁ ଏକା ଦୃଷ୍ଟିରେ ଦେଖୁଥିବାରୁ ଲୋକେ ଗଞ୍ଜେଇ ଗଛକୁ କେବଳ ଏକ ମନ୍ଦ ପ୍ରକୃତିର ଉଦ୍ଭିଦ ନୁହେଁ ବରଂ ଏକ କ୍ଷତିକାରକ ଉଦ୍ଭିଦ ବୋଲି ଭାବି ନେଇଛନ୍ତି । ବିଭିନ୍ନ ଅନୁସନ୍ଧାନ ତଥା ଗବେଷଣାତ୍ମକ ତଥ୍ୟ ଅନୁଯାୟୀ ମାନସିକ ବିକାର, ଅପସ୍ମାର, କର୍କଟ, ବ୍ୟଥା ନିବାରଣ ଓ ଏକ୍‌ଜିମା ଭଳି ବିଭିନ୍ନ ପ୍ରକାରର ଚର୍ମରୋଗ ପାଇଁ ଗଞ୍ଜେଇର ଅଣନିଶାକାରୀ ଏବଂ ଅଦୃଶ୍ୟ ଗୁଣ ଅତ୍ୟନ୍ତ ଫଳପ୍ରଦ ହୋଇଥାଏ ।

ବେଙ୍ଗାଲୁରୁଠାରେ ପ୍ରତିଷ୍ଠିତ ନମ୍ରତା ହେଲ୍‌ଥ କେୟାରର ପରିଚାଳନା ନିର୍ଦ୍ଦେଶକ ହର୍ଷବର୍ଦ୍ଧନ ରେଡ୍ଡୀ ସିରୁପାଙ୍କ କହିବା ଅନୁସାରେ ଗଞ୍ଜେଇ ଚାଷ ଏବଂ ଏହାକୁ ନେଇ ଗବେଷଣା, ଅଧ୍ୟୟନ, ଅନୁସନ୍ଧାନ ତଥା ଔଷଧୀୟ ଉଦ୍ୟୋଗର ପ୍ରତିଷ୍ଠା ସକାଶେ ନିଷ୍ପତ୍ତି ନେବା ଓ ଅନୁମତି ଦେବାକୁ ସରକାରଙ୍କୁ ୩ରୁ ୪ ବର୍ଷ ସମୟ ଲାଗିଯିବ । ସିରୁପାଙ୍କ ଆଶଙ୍କା ଏକ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଆଗ୍ରହୀ ଥିବା ବିଭିନ୍ନ ବ୍ୟବସାୟୀଙ୍କ ଆଶଙ୍କା ସହ ମେଳ ଖାଉଛି । ଆଇନକାନୁନରେ ଉଚିତ ପରିବର୍ତ୍ତନ ସହ ଗଞ୍ଜେଇକୁ କୃଷି ଓ ଉଦ୍ୟାନ କ୍ଷେତ୍ରରେ, କପଡ଼ା ଉଦ୍ୟୋଗରେ, ଔଷଧ ପ୍ରସ୍ତୁତି ତଥା ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ବ୍ୟବହାର କରିବା ଆଶାରେ ଏସବୁ ବ୍ୟବସାୟୀ ଓ ଉଦ୍ୟୋଗପତି ଏହି କ୍ଷେତ୍ରକୁ ଓହ୍ଲାଇ ଥିଲେ । ଏମାନଙ୍କର ଆକଳନ ଥିଲା ୨୦୨୫ସୁଦ୍ଧା ଏସବୁ ଉଦ୍ୟୋଗର ବଜାର ୧ଶହରୁ ଦେଢଶହ ଆରବ କୋଟିରେ ପହଞ୍ଚିଯିବ । ମାତ୍ର ବର୍ତ୍ତମାନର ପରିସ୍ଥିତି ଏହି ଆକଳନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଦିଲ୍ଲୀସ୍ଥିତ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ଜାତୀୟ ଡ୍ରଗ୍ ନିର୍ଭରଶୀଳ ଚିକିତ୍ସା କେନ୍ଦ୍ର ଓ ମାନସିକ ଚିକିତ୍ସା ବିଭାଗର ଡାକ୍ତର ଅତୁଲ ଆମ୍ବେଦକରଙ୍କ କହିବା ଅନୁସାରେ ଗଞ୍ଜେଇର ଉପକାରିତା ବିଷୟରେ ମୂଳ ରୂପରେ ଅନେକ ଅଦୃଶ୍ୟ ଦିଗ ରହିଛି । ଏସବୁ ଦିଗ ପ୍ରତି ଗବେଷଣା ହେବା ନିହାତି ଆବଶ୍ୟକ । ଏହି ମାମଲାରେ କେଉଁସବୁ ବିଷୟକୁ ମାନିବା ଓ କେଉଁସବୁ ବିଷୟକୁ ମାନିବା ନାହିଁ ତାହା ପ୍ରଥମେ ସ୍ଥିର ହେବା ଦରକାର । ତେବେ ଯାଇ ଏଥିରୁ ଉପକାର ମିଳିପାରିବ । କିନ୍ତୁ ଆମ ପ୍ରଚଳିତ ଆଇନ ବ୍ୟବସ୍ଥା ଲୋକଙ୍କୁ ଗଞ୍ଜେଇଠାରୁ ଦୂରେଇ ରହିବା ପାଇଁ କହୁଛି । ବିଡ଼ମ୍ବନାର ବିଷୟ, ଏସବୁ ନିୟମ ସେହି ମାନ୍ଧାତା ଅମଳର । ଆମ ସମାଜକୁ କିଏ ସବୁଠାରୁ ଅଧିକ କ୍ଷତି ପହଞ୍ଚାଉଛି ଏ ବିଷୟରେ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ଜାତୀୟ ଡ୍ରଗ୍ ନିର୍ଭରଶୀଳ ଚିକିତ୍ସା କେନ୍ଦ୍ରର ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି । ଗତବର୍ଷ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏହି ଅଧ୍ୟୟନ ପାଇଁ ଉପରୋକ୍ତ ସଂସ୍ଥାକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅଧ୍ୟୟନର ତଥ୍ୟ ଅନୁଯାୟୀ ଆମ ଦେଶର ୧୩୦କୋଟି ଲୋକଙ୍କ ମଧ୍ୟରୁ ପ୍ରାୟ ୨କୋଟି ଲୋକ ଗଞ୍ଜେଇ ଗଛରୁ ପ୍ରସ୍ତୁତ ଉତ୍ପାଦକ ସେବନ କରିଥାନ୍ତି । ଆମ ଦେଶରେ ଔଷଧରେ ଅତି କମ୍ ପରିମାଣରେ ଗଞ୍ଜେଇ ବ୍ୟବହାର ହୋଇଥାଏ । ଅପରପକ୍ଷରେ ଚାଇନାରେ ଏହା ଯଥେଷ୍ଟ ବେଶି ।

ଗଞ୍ଜେଇରେ ଟେଟ୍ରାହାଇଡ୍ରୋକାନାବିନୋଲ୍ ବା ଟିଏଚସି ଏବଂ କାନାବିଡିଓଲ୍ ବା ସିବିଡି ନାମକ ୨ପ୍ରକାରର ରାସାୟନିକ ପଦାର୍ଥ ପ୍ରଚୁର ପରିମାଣରେ ରହିଛି । ଟେଟ୍ରାହାଇଡ୍ରୋକାନାବିନୋଲ୍ ବା ଟିଏଚ୍‌ସି ନିଶା ସୃଷ୍ଟି କରାଇଥାଏ । ଏଥିରେ ଏପରି କିଛି ଗୁଣ ରହିଛି, ଯାହା ଚିକିତ୍ସା କ୍ଷେତ୍ରରେ ସୀମିତ ପରିମାଣରେ ବ୍ୟବହାର କରାଯାଇ ପାରିବ । ଶ୍ୱାସକ୍ରିୟାରେ ସମସ୍ୟା ଥିବା ରୋଗୀଙ୍କ ପାଇଁ ଟେଟ୍ରାହାଇଡ୍ରୋକାନାବିନୋଲ୍ ବା ଟିଏଚସି ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଥିବା ଜଣାପଡ଼ିଛି । ଗୁରୁତର କରୋନା ରୋଗୀଙ୍କ ପାଇଁ ଗଞ୍ଜେଇ ଚିକିତ୍ସା ଉପଯୋଗୀ ହୋଇପାରିବ ବୋଲି କିଛିଦିନ ତଳେ ଆମେରିକାର ସାଉଥ କାରୋଲିନା ବିଶ୍ୱବିଦ୍ୟାଳୟର ଗବେଷକଗଣ ଦାବି କରିଥିଲେ । ମୂଷାଙ୍କ ଉପରେ ଗଞ୍ଜେଇ ଚିକିତ୍ସା ସଫଳ ହେବା ପରେ ଏମାନଙ୍କ ଆଶା ଦ୍ୱିଗୁଣିତ ହୋଇଅଛି । ମାତ୍ର କାନାବିଡିଓଲ୍ ବା ସିବିଡି ଚିକିତ୍ସା କ୍ଷେତ୍ରରେ ଅଧିକ ଉପାଦେୟ ହୋଇଥିବାରୁ ବୈଜ୍ଞାନିକଙ୍କୁ ଗବେଷଣା ପାଇଁ ଏହା ଖୋରାକ ଯୋଗାଇ ଥାଏ ।

ମୁମ୍ବାଇସ୍ଥିତ କସ୍ତୁରବା ମେଡିକାଲ ସୋସାଇଟିର ଆୟୁର୍ବେଦିକ ପରାମର୍ଶଦାତ୍ରୀ ଡା.କଳ୍ପନା ଧୁରୀ ଶାହଙ୍କ ମତରେ ଯେଉଁ ରୋଗୀଙ୍କୁ ଔଷଧରେ ଗଞ୍ଜେଇ ମିଶିଛି ବୋଲି କୁହାଯାଉଛି ତାଙ୍କ ମନରେ ଏହାକୁ ନେଇ କୌଣସି ପ୍ରକାରର ନକାରାତ୍ମକ ପ୍ରତିକ୍ରିୟା ଦେଖିବାକୁ ମିଳୁନାହିଁ । ଆମ ଦେଶରେ ଖ୍ରୀଷ୍ଟପୂର୍ବ ୫ଶହରୁ ଗଞ୍ଜେଇ ଏକ ଔଷଧୀୟ ଦ୍ରବ୍ୟ ରୂପେ ବ୍ୟବହୃତ ହୋଇଆସୁଛି । ୧୯୬୧ର ନାର୍କୋଟିକ୍ସ ଡ୍ରଗ୍ସ କନ୍‌ଭେନ୍ସନରେ ସବୁଠାରୁ ବିପଦଜନକ ଡ୍ରଗ୍ସ ତାଲିକାର ଗଞ୍ଜେଇକୁ ତାଲିକାଭୁକ୍ତ କରାଯାଇଥିଲା । ଏଥିରୁ ବାଦ୍ ଦେବା ପାଇଁ ୨୦୧୯ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ପୂର୍ବରୁ ୧୯୮୫ରେ ଆମେରିକାର ଚାପରେ ପଡ଼ି ଭାରତ ସମେତ ପୃଥିବୀର ବିଭିନ୍ନ ଦେଶ ଗଞ୍ଜେଇ ଚାଷକୁ ବେଆଇନ ଘୋଷଣା କରି ଏହାର ପରିବହନ, ଆମଦାନୀ ଓ ରପ୍ତାନି ଉପରେ କଟକଣା ଲଗାଇଥିଲେ । ଫଳରେ ଏହାର ପ୍ରଭାବ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତି, କାଗଜ, କପଡ଼ା, ଚକୋଲେଟ୍, ମିଠା, କସ୍‌ମେଟିକ୍, ଗୃହ ନିର୍ମାଣ ସାମଗ୍ରୀ, ଜୋତା ରଙ୍ଗ ଆଦି ଉଦ୍ୟୋଗ ଉପରେ ପଡ଼ିଛି । ତେଣୁ ଆମ ଦେଶରେ ପ୍ରଚଳିତ ଏଥି ସମ୍ପର୍କିତ ଆଇନକାନୁନରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ତା’ହେଲେ ଯାଇ ବିଭିନ୍ନ କମ୍ପାନୀ ଓ ଉଦ୍ୟୋଗପତି ଏଥି ସମ୍ବନ୍ଧୀୟ ବିଭିନ୍ନ ଗବେଷଣା, ଅଧ୍ୟୟନ ଓ ଉନ୍ନୟନ କାର୍ଯ୍ୟ ସକାଶେ ପୁଞ୍ଜି ନିବେଶ ପାଇଁ ଆଗେଇ ଆସିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଭାରତରେ ବିଭିନ୍ନ କିସମର ଏହି ଉଦ୍ଭିଦ ପ୍ରଚୁର ପରିମାଣରେ ରହିଥିବା ସତ୍ତ୍ୱେ ଆମେ ଔଷଧ ପ୍ରସ୍ତୁତି ପାଇଁ ଏହାକୁ ବିଦେଶରୁ ଆମଦାନୀ କରୁଛୁ । ଏକଥା ଯେତିକି ହାସ୍ୟାସ୍ପଦ ସେତିକି ଆଶ୍ଚର୍ଯ୍ୟଜନକ । କାରଣ ଏପଟେ ଆମ ଦେଶର କେତେକ ଅଞ୍ଚଳରେ ଗଞ୍ଜେଇ ଚାଷକୁ ତ ଆଉ କେତେକ ଅଞ୍ଚଳରେ ଜବତ ଗଞ୍ଜେଇକୁ ବେଆଇନ ଦର୍ଶାଇ ପୋଡି ନଷ୍ଟ କରି ଦିଆଯାଉଛି । ସେ ପରମାଣୁ ହେଉ ଅବା ଗଞ୍ଜେଇ ପ୍ରତ୍ୟେକ ଜିନିଷର ଭଲମନ୍ଦ ଭଳି ଉଭୟ ଦିଗ ରହିଅଛି । ମନ୍ଦ ଦିଗଟି ନକାରାତ୍ମକ ଭାବରେ ଜୀବଜଗତର କ୍ଷତି ପହଞ୍ଚାଇ ସମାଜର ବିନାଶ ଘଟାଉଥିବା ବେଳେ ଭଲ ଦିଗଟି ସକାରାତ୍ମକ ଢଙ୍ଗରେ ଜନକଲ୍ୟାଣ କାର୍ଯ୍ୟରେ ଜୀବଜଗତ ଓ ସମାଜର ମଙ୍ଗଳ ସାଧନ କରିଥାଏ । ଏ ଦୃଷ୍ଟିରୁ ଗଞ୍ଜେଇର ଭଲ ଦିଗକୁ ଜନକଲ୍ୟାଣ କ୍ଷେତ୍ରରେ ବିନିଯୋଗ ପାଇଁ ସରକାର ପ୍ରତିବଦ୍ଧତା ଦେଖାଇବା ଆବଶ୍ୟକ ।

ଇତିମଧ୍ୟରେ ୨୦୨୦ ଡିସେମ୍ବର ୨ରେ ଜାତିସଂଘ ବିପଜ୍ଜନକ ଡ୍ରଗ୍ସ ତାଲିକାରୁ ଗଞ୍ଜେଇକୁ ବାଦ୍ ଦେବା ସହ ଔଷଧ ଭାବେ ଏହାକୁ ବ୍ୟବହାର କରିବା ପାଇଁ ପୁନଃ ବର୍ଗୀକରଣ ଉଦ୍ଦେଶ୍ୟରେ କରାଯାଇଥିବା ସୁପାରିସକୁ ଅନୁମୋଦନ କରିଛି । ଏହା ବିଶ୍ୱରେ ଗଞ୍ଜେଇର ବୈଧୀକରଣ ଓ ଡାକ୍ତରୀ ଗବେଷଣା କ୍ଷେତ୍ରରେ ସହାୟକ ହେବ ବୋଲି ଆଶା କରାଯାଇପାରେ । ଅବଶ୍ୟ ବିଶ୍ୱର ୪୦ଟି ଦେଶ ଗଞ୍ଜେଇକୁ ଔଷଧ ଭାବେ ବ୍ୟବହାର କରିବା ପାଇଁ ସ୍ୱୀକୃତି ଦେଇ ସାରିଛନ୍ତି । ବିଭିନ୍ନ ପରିସଂଖ୍ୟାନରୁ ଜଣାଯାଏ, ଚାଇନା ହେଉଛି ସାରାଦୁନିଆରେ ସର୍ବାଧିକ ଗଞ୍ଜେଇ ଉତ୍ପାଦନକାରୀ ଦେଶ । ସାରାଦୁନିଆର ୮୦ପ୍ରତିଶତ ଗଞ୍ଜେଇ ଏକା ଚାଇନା ହିଁ ଉତ୍ପାଦନ କରିଥାଏ । ଚାଇନାରେ ସୂତାଠାରୁ ଆରମ୍ଭ କରି କପଡ଼ା ତିଆରି ପର୍ଯ୍ୟନ୍ତ ଏହାକୁ ବ୍ୟବହାର କରାଯାଉଛି । ଆମ ଦେଶର ଭୌଗୋଳିକ ସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏ କ୍ଷେତ୍ରରେ ଆମେ ବୈଷୟିକ ନେତୃତ୍ୱ ନେବାକୁ ସମ୍ପୂର୍ଣ୍ଣ ରୂପେ ସମର୍ଥ । ଏ କ୍ଷେତ୍ରରେ ଆମ ଦେଶ ନିହାତି ଭାବେ ବିଶ୍ୱଗୁରୁ ହୋଇପାରିବ । ଯଦି ଆମ ରାଜ୍ୟ ଓଡ଼ିଶା କଥାକୁ ଚିନ୍ତା କରିବା ତେବେ ଓଡ଼ିଶା ବି ଏହି କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟର ଭୂମିକା ତୁଲାଇ ପାରିବ । କେବଳ ଏଥିପାଇଁ ସୁହାଇଲା ଭଳି ଉପଯୁକ୍ତ ଆଇନଟିଏ ଦରକାର । ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବଳରେ ଏହି ଲକ୍ଷ୍ୟ ପୂରଣ ହୋଇପାରିବ । ଏପରି ହେଲେ ପ୍ରଥମତଃ ଗଞ୍ଜେଇ ଚାଷ ଦ୍ୱାରା ଚାଷୀମାନେ ଲାଭବାନ ହୋଇପାରିବେ । ୨ୟରେ ଏଥି ସମ୍ପର୍କିତ ଉଦ୍ୟୋଗ ଗଢ଼ି ଉଠିବା ଦ୍ୱାରା ଦେଶର ଅର୍ଥନୀତି ବି ସୁଦୃଢ଼ ହେବ । ୩ୟରେ ଏହା ଦେଶର ବେକାରି ସମସ୍ୟାକୁ ମଧ୍ୟ ଅନେକାଂଶରେ ଦୂର କରିପାରିବ । ଶେଷରେ ଔଷଧ ପ୍ରସ୍ତୁତ ଦ୍ୱାରା ଅନେକଙ୍କ ଜୀବନ ରକ୍ଷା ହୋଇପାରିବ ।

ବୈପାରୀଗୁଡ଼ା, କୋରାପୁଟ
ମୋ:୬୩୭୦୬୭୯୪୦୫
imohanty.1991@gmail.com

# କାର୍ବନ ଉତ୍ସର୍ଜନ ଚିନ୍ତା



ଇଂ. ମାୟାଧର ସ୍ୱାଇଁ

ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ବର୍ଷକୁ ବର୍ଷ ବଢ଼ିଚାଲିଛି । ଏହାର ପରିମାଣ ୧୭୫୦ ମସିହାରେ ଶିଳ୍ପ ସଭ୍ୟତା ଆରମ୍ଭ ବେଳକୁ ବାୟୁମଣ୍ଡଳରେ ଏହାର ପରିମାଣ ୨୮୦ ନିୟୁତାଂଶ (ପିପିଏମ୍) ଥିବାବେଳେ ବର୍ତ୍ତମାନ ଏହା ୪୧୦ ନିୟୁତାଂଶରେ ପହଞ୍ଚିଲାଣି । ଅଙ୍ଗାରକାମ୍ଳ ହେଉଛି ଗୋଟିଏ ସବୁଜଗୃହ ଗ୍ୟାସ । ମିଥେନ୍, ନାଇଟ୍ରସ୍ ଅକ୍‌ସାଇଡ୍, କ୍ଲୋରୋଫ୍ଲୋରୋକାର୍ବନ ଆଦି ହେଉଛି ଅନ୍ୟ ସବୁଜଗୃହ ଗ୍ୟାସ । ମାତ୍ର କଳକାରଖାନା ଏବଂ ବିଶେଷଭାବେ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକରୁ ବାୟୁମଣ୍ଡଳକୁ ଅଧିକ ପରିମାଣର ଅଙ୍ଗାରକାମ୍ଳ ନିର୍ଗତ ହେଉଥିବାରୁ ଏହାର ପ୍ରଭାବ ହେଉଛି ଅଧିକ । ଏହି ଗ୍ୟାସଗୁଡ଼ିକ ଯୋଗୁ ପୃଥିବୀର ଉଷ୍ମତା ବୃଦ୍ଧି ପାଉଛି, ଯାହାଫଳରେ ମେରୁ ଅଞ୍ଚଳର ବରଫ ଓ ହିମସ୍ରୋତଗୁଡ଼ିକ ତରଳିବାକୁ ଲାଗିଲାଣି । ଏଥିପାଇଁ ସମୁଦ୍ର ପତ୍ତନ ବୃଦ୍ଧି ପାଉଛି । ବର୍ତ୍ତମାନ ସମୁଦ୍ର ପତ୍ତନ ବର୍ଷକୁ ହାରାହାରି ୩.୨ ମିଲି ଲିଟର ବଢ଼ୁଛି ଏବଂ ପୂର୍ବାନୁମାନ କରାଯାଉଛି ଯେ, ଏହା ଚଳିତ ଶତାବ୍ଦୀର ଶେଷସୁଦ୍ଧା ୦.୨ରୁ ୨ ମିଟର ମଧ୍ୟରେ ବୃଦ୍ଧି ପାଇପାରେ । ପୃଥିବୀର ଉଷ୍ମତା ବୃଦ୍ଧି ଯୋଗୁ ଜଳବାୟୁରେ ପରିବର୍ତ୍ତନ ହେଉଛି ଏବଂ ପୃଥିବୀରେ ଅଧିକ ସଂଖ୍ୟକ ଝଡ଼ ତୋଫାନ, ଟର୍ନାଡୋ ଆଦି ଦେଖାଦେଉଛି । ନିକଟରେ ରେଡ୍‌କ୍ରସ୍ ପ୍ରକାଶ କରିଥିବା ଏକ ରିପୋର୍ଟରେ ଦର୍ଶାଇଛି ଯେ, ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ଏହି ବର୍ଷ ମାର୍ଚ୍ଚ ମାସରେ କରୋନା ସଂକ୍ରମଣକୁ ମହାମାରୀ ଘୋଷଣା କରିବା ପରେ ପୃଥିବୀରେ ପ୍ରାୟ ୧୦୦ଟି ବିପର୍ଯ୍ୟୟ ଘଟିଛି ଏବଂ ଏଥିରୁ ଅଧିକାଂଶ ହେଉଛି ଜଳବାୟୁ ସମ୍ପର୍କିତ । ଏହି ବିପର୍ଯ୍ୟୟ ଯୋଗୁ ୫ କୋଟିରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ପରିତାପର ବିଷୟ ଯେ ଏହା ସତ୍ତ୍ୱେ କାର୍ବନ ଉତ୍ସର୍ଜନ ହ୍ରାସ ପାଇଁ ପାଞ୍ଚ ବର୍ଷ ପୂର୍ବେ ପୃଥିବୀବାସୀ ଯେପରି ଚିନ୍ତା ପ୍ରକଟ କରିଥିଲେ, ଏବେ ସେଥିରେ ଶିଥିଳତା ଦେଖାଦେଇଛି ।

୨୦୧୫ ଡିସେମ୍ବରରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ଠାରେ ବିଶ୍ୱ ନେତୃବୃନ୍ଦ ଏକତ୍ରିତ ହୋଇ ବାୟୁମଣ୍ଡଳକୁ କାର୍ବନ ଉତ୍ସର୍ଜନର ନିୟନ୍ତ୍ରଣ ପାଇଁ ଏକ ସମୁଚିତ ପଦକ୍ଷେପ ନେଇଥିଲେ । ଏହା ‘ପ୍ୟାରିସ୍ ଜଳବାୟୁ ରାଜିନାମା’ ନାମରେ ଜଣା । କାର୍ବନ୍ ଉତ୍ସର୍ଜନକୁ ହ୍ରାସ କରି ୨୧୦୦ ମସିହା ସୁଦ୍ଧା ପୃଥିବୀରେ ତାପମାତ୍ରା ବୃଦ୍ଧିକୁ ପ୍ରାକ୍ ଓଦ୍ୟୋଗିକ ସ୍ତରଠାରୁ ଦୁଇ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରଖିବା ପାଇଁ ଏଠାରେ ସ୍ଥିର କରାଯାଇଥିଲା । ପୁନଶ୍ଚ ଏହି ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବା ନିମିତ୍ତ ସମସ୍ତ ଦେଶ ଚେଷ୍ଟା କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ଏଠାରେ ପ୍ରତ୍ୟେକ ଦେଶ ସ୍ୱେଚ୍ଛାକୃତ ଭାବେ ନିଜ ନିଜ ଦେଶରେ ବାୟୁମଣ୍ଡଳକୁ କାର୍ବନ ଉତ୍ସର୍ଜନ ହ୍ରାସ କରିବା ପାଇଁ ଲକ୍ଷ୍ୟ ସ୍ଥିର କରିଥିଲେ । ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା, ଚାଇନା, ଭାରତ ଭଳି ଅଧିକ କାର୍ବନ ଉତ୍ସର୍ଜନ କରୁଥିବା ଦେଶ ସମେତ ମୋଟ ୧୯୬ଟି ଦେଶ ସ୍ୱାକ୍ଷର କରିଥିଲେ । ଜଣାପଡୁଥିଲା ଦେଶଗୁଡିକ ସାମୂହିକ ଭାବେ ଏହି ବିପତ୍ତିରୁ ରକ୍ଷା ପାଇବା ପାଇଁ କାର୍ଯ୍ୟ କରିବେ । କିନ୍ତୁ ୨୦୧୭ ମସିହାରେ ଡୋନାଲ୍ଡ ଟ୍ରମ୍ପ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଭାବେ ଗାଦିନସୀନ ହେବା ପରେ ଏଥିପ୍ରତି ଏକ ଶକ୍ତ ଝଟ୍‌କା ଆସିଲା । ଆମେରିକା ପ୍ୟାରିସ୍ ଜଳବାୟୁ ରାଜିନାମାରୁ ଓହରି ଗଲା । ରାଷ୍ଟ୍ରପତି ଟ୍ରମ୍ପ୍ ଜଳବାୟୁ ବିପର୍ଯ୍ୟୟକୁ ଏକ ପ୍ରତାରଣା କହିଲେ ଏବଂ ତାଙ୍କ ପୂର୍ବବର୍ତ୍ତୀ ରାଷ୍ଟ୍ରପତି ବାରାକ୍ ଓବାମା ତୈଳ ଓ ଗ୍ୟାସ ବ୍ୟବହାର କ୍ଷେତ୍ରରେ ଯେଉଁ କଟକଣା ଲଗାଇଥିଲେ, ତାହାକୁ କୋହଳ କରିଦେଲେ । ସୂଚନାଯୋଗ୍ୟ ଯେ, ଚାଇନା ପରେ ଯୁକ୍ତରାଷ୍ଟ୍ର ଆମେରିକା ହେଉଛି ସବୁଠାରୁ ଅଧିକ କାର୍ବନ ଉତ୍ସର୍ଜନକାରୀ ଦେଶ ।

ଏଣୁ ପ୍ୟାରିସ୍ ରାଜିନାମାରୁ ଏହା ଓହରି ଯିବା ନିଶ୍ଚିତ ଭାବେ ରାଜିନାମା ପ୍ରତି ହେଉଛି ଏକ ଶକ୍ତ ଧକ୍କା । ଅବଶ୍ୟ ଚାଇନା ଓ ଭାରତ ଭଳି ବୃହତ୍ ଜନବହୁଳ ଓ ଅଧିକ କାର୍ବନ ଉର୍ସଜନକାରୀ ଦେଶ ପ୍ୟାରିସ୍ ରାଜିନାମାକୁ ଗୁରୁତ୍ୱର ସହ ନେଉଥିବାରୁ ଏହା କିଛି ଆଶା ଉଜ୍ଜୀବିତ କରି ରଖିଛି ।

ଏହି ବର୍ଷ ଜୋ ବାଇଡେନ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଘୋଷଣା କରିଛନ୍ତି ଯେ, ସେ କ୍ଷମତାକୁ ଆସିବାର ପ୍ରଥମ ଦିନରେ ହିଁ ପ୍ୟାରିସ୍ ଜଳବାୟୁ ରାଜିନାମାକୁ ସ୍ୱୀକୃତି ଦେବେ । କିନ୍ତୁ ବିଶେଷଜ୍ଞମାନଙ୍କର ମତ ଯେ ଯୁକ୍ତରାଷ୍ଟ୍ର ଆମେରିକା ଗତ ଚାରିବର୍ଷ ମଧ୍ୟରେ କାର୍ବନ ଉତ୍ସର୍ଜନ ନିୟନ୍ତ୍ରଣ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଅନେକ କ୍ଷତି ହୋଇଯାଇଛି । କେବଳ ସେତିକି ନୁହେଁ, ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟ ୨୦୧୭ ମସିହାରୁ ‘ସବୁଜ ଜଳବାୟୁ କୋଷ’କୁ ପ୍ରତିଶ୍ରୁତି ଦେଇଥିବା ଅନୁଦାନ ବନ୍ଦ କରି ଦେଇଛି । ଏହି ଅର୍ଥରାଶି ଗରିବ ଦେଶଗୁଡିକ ଅକ୍ଷୟ ଶକ୍ତି ବିକାଶ କରିବା ପାଇଁ ଉଦ୍ଦିଷ୍ଟ ଅଛି । ଗତବର୍ଷ ଅଷ୍ଟ୍ରେଲିଆ ମଧ୍ୟ ଆମେରିକାକୁ ଅନୁସରଣ କରି ଏହି କୋଷକୁ ଅନୁଦାନ ଦେବା ବନ୍ଦ କରି ଦେଇଛି । ଫଳରେ ବିଶ୍ୱରେ କାର୍ବନ ଉତ୍ସର୍ଜନକୁ ନିୟନ୍ତ୍ରଣ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଇତିମଧ୍ୟରେ ବିଶ୍ୱ ଶକ୍ତି ସଂସ୍ଥା ଲକ୍ଷ୍ୟ କରିଛି ଯେ, କୋଭିଡ୍ ମହାମାରୀ ଯୋଗୁ ସୌର ଶକ୍ତି ବିକାଶରେ ବିଳମ୍ବ ହୋଇଛି ।

ନିକଟରେ ବିଖ୍ୟାତ ବିଜ୍ଞାନ ପତ୍ରିକା ‘ନେଚର’ରେ ପ୍ରକାଶିତ ଏଇ ଅଧ୍ୟୟନରୁ ଜଣାଯାଇଛି ଯେ, ବଡ ବଡ ଔଦ୍ୟୋଗିକ ଦେଶଗୁଡ଼ିକ ମଧ୍ୟରୁ କେହି ସେମାନଙ୍କର ଘୋଷିତ କାର୍ବନ ଉତ୍ସର୍ଜନ ହ୍ରାସ ଲକ୍ଷ୍ୟ ହାସଲ କରିପାରିନାହାନ୍ତି ଏବଂ କେତେକ ଦେଶ ମଧ୍ୟ ନିଜ ନୀତିକୁ କାର୍ଯ୍ୟକାରୀ କରିବାରେ ଶିଥିଳ ହୋଇଯାଇଛନ୍ତି । ଏଥିରେ ଆହୁରି ମଧ୍ୟ ପ୍ରକାଶ ପାଇଛି ଯେ, ୨୧୦୦ ମସିହା ସୁଦ୍ଧା ଜାଗତିକ ଉଷ୍ମତା ବୃଦ୍ଧିକୁ ଦୁଇ ଡିଗ୍ରୀ ସେଲସିୟସ ତଳେ ରଖିବା ସମ୍ଭବ ହୋଇ ନ ପାରେ ।

ଏହି ସବୁ ଚିନ୍ତାଜନକ ସ୍ଥିତି ମଧ୍ୟରେ ଗୋଟିଏ ଶୁଭ ଖବର ହେଉଛି ଯେ, ୟୁରୋପୀୟ ସଂଘ ୨୦୫୦ ମସିହା ସୁଦ୍ଧା କାର୍ବନ ସନ୍ତୁଳନ ପାଇଁ ଏହାର ସମସ୍ତ ଦେଶକୁ ନିର୍ଦ୍ଦେଶ ଦେଇଛି ଏବଂ ଏଥିପାଇଁ ମଧ୍ୟ ଗୋଟିଏ କାର୍ଯ୍ୟକାରିଣୀ ପ୍ରସ୍ତୁତ କରିଛି । କାର୍ବନ ସନ୍ତୁଳନର ଅର୍ଥ ହେଉଛି ଆମେ ବାୟୁମଣ୍ଡଳକୁ ସେତିକି ଅଙ୍ଗାରକାମ୍ଳ ନିର୍ଗତ କରିବା, ଯେତିକି ପ୍ରାକୃତିକ ଉପାୟରେ ବାୟୁମଣ୍ଡଳରୁ ଅବଶୋଷଣ ହୋଇପାରିବ । ଚାଇନା ମଧ୍ୟ ୨୦୬୦ ମସିହା ସୁଦ୍ଧା କାର୍ବନ ସନ୍ତୁଳନ ହାସଲ କରିବା ପାଇଁ ଘୋଷଣା କରିଛି । ପ୍ରତ୍ୟେକ ଦେଶ ଏହିପରି ଯୋଜନା କଲେ ବିଶ୍ୱ ଏକ ବଡ ସଙ୍କଟରୁ ରକ୍ଷା ପାଇ ଯାଆନ୍ତା ।

୭୦, ଲକ୍ଷ୍ମୀ ବିହାର, ଫେଜ–୧, ଭୁବନେଶ୍ୱର,
ମୋ: ୯୪୩୮୬୯୩୭୨୪

## ଏଇ ଭାରତରେ

ଶିକ୍ଷାଦାନ ମହାପୁଣ୍ୟ,ଏକଥା ହୃଦୟଙ୍ଗମ କରିଛନ୍ତି ବେଙ୍ଗାଲୁରୁର ଏକ ଦମ୍ପତି । ବୟସର ଅପରାହ୍ନରେ ବଦ୍ରିନାଥ ଭିଭଲ ଓ ଇନ୍ଦିରା ଭିଭଲ ମାଗଣାରେ ଅସହାୟ ପିଲାମାନଙ୍କୁ ପଢ଼ାଉଛନ୍ତି । ବଦ୍ରିନାଥଙ୍କ ବୟସ ୮୨ ହୋଇଥିବାବେଳେ ଇନ୍ଦିରାଙ୍କ ବୟସ ୭୭ । ସେମାନେ ୧୦୦ରୁ ଉର୍ଦ୍ଧ୍ୱ ଅସହାୟ ଶିଶୁଙ୍କୁ ପଢାଉଛନ୍ତି । ବଦ୍ରିନାଥ ଜଣେ ଅବସରପ୍ରାପ୍ତ ସିଭିଲ ଇଞ୍ଜିନିୟର । ସେ ବମ୍ବେ ଆଇଆଇଟିରେ ପଢୁଥିଲେ । ତାଙ୍କ ଘରେ ଜଣେ ମହିଳା କାମ କରୁଥିଲେ । ସେ ତାଙ୍କ ଝିଅକୁ ପଢ଼ାଇବା ଲାଗି ଆର୍ଥିକ ସହଯୋଗ ଚାହିଁବା ପରେ ଏହି ଦମ୍ପତି ତାଙ୍କୁ ସାହାଯ୍ୟ କରିଥିଲେ । ବ୍ରଦିନାଥଙ୍କ ସ୍ତ୍ରୀ ଇନ୍ଦିରା ମଧ୍ୟ ଝିଅଟିକୁ ମାଗଣାରେ ପଢ଼ାଇବା ଆରମ୍ଭ କରିଥିଲେ ଓ ପରେ ତା’ ସାନ ଭଉଣୀ ଏଥିରେ ଯୋଗଦେଲା । ସେଇଠୁ ଆରମ୍ଭ ହୋଇଥିଲା ଏମାନଙ୍କ ଅଭିଯାନ । ୨୦୧୪ରେ ସେ ତାଙ୍କ ଘର ନିକଟରେ ରହୁଥିବା ଅଭାବୀ ପରିବାରର ୮ ଜଣ ପିଲା ଏହି ଟ୍ୟୁଶନରେ ଯୋଗଦେଇଥିଲେ । ଏମିତିରେ ୨ରୁ ପିଲା ସଂଖ୍ୟା ୮ରେ ପହଞ୍ଚିଥିଲା । କିନ୍ତୁ ଲକ୍‌ଡାଉନ ଯୋଗୁ ଏମାନେ ଘରକୁ ନ ଆସିବାରୁ ସେମାନଙ୍କୁ ଭିଭଲ ଦମ୍ପତି ଅନ୍‌ଲାଇନରେ ପଢ଼ାଇବା ଆରମ୍ଭ କଲେ । ଅଧିକାଂଶ ପରିବାରରେ ସ୍ମାର୍ଟ ଫୋନ ଥିବାରୁ ଏହା ସମ୍ଭବ ହୋଇପାରିଲା । ଏଭଳି ନ୍ୟୁଜ୍ ପ୍ରକାଶ ପାଇବା ପରେ କର୍ନାଟକର ବିଭିନ୍ନ ସ୍ଥାନରୁ ଲୋକେ ସେମାନଙ୍କ ପିଲାଙ୍କୁ ପଢାଇବା ଲାଗି ଏହି ଦମ୍ପତିଙ୍କୁ ଅନୁରୋଧ କଲେ । ଧୀରେ ଧୀରେ ୮ରୁ ପିଲାଙ୍କ ସଂଖ୍ୟା ପହଞ୍ଚିଗଲା ୧୦୦ ଉପରେ । ପରେ ପଢାଇବା ପାଇଁ ଏହି ଦମ୍ପତିଙ୍କ ସହ ୧୦ରୁ ଅଧିକ ଅବସରପ୍ରାପ୍ତ ଶିକ୍ଷକ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଡିସେମ୍ବର ୧୯୯୫

- ଦକ୍ଷିଣ ଆଫ୍ରିକାର କ୍ୱାଜୁଲ–ନାଟାଲ ପ୍ରଦେଶରେ ଘଟିଥିବା ରାଜନୈତିକ ଏବଂ ଅପରାଧମୂଳକ ହିଂସାକାଣ୍ଡରେ ୨୦ ନିହତ ।
- ଓଡ଼ିଶା ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ରାଜକିଶୋର ଦାସଙ୍କ ୯୧ ବର୍ଷ ବୟସରେ ପରଲୋକ ।

## ଚିରନ୍ତନୀ

ଫଟାଇ ସେ ଧରଣୀର ବୁକୁ
ଡାକି ଉଠେ ପୁଣି ତୁଆ ତୁଆ
ପଞ୍ଚମୀ ଜୋଛନାକୁ ଠେଲି
ସେ ବାଣୀ ଗଗନେ ଯାଏ ମେଲି
କ୍ରନ୍ଦନ କୁଆଁ କୁଆଁ କୁଆଁ
ଡାକି ଉଠେ ପୁଣି ତୁଆ ତୁଆ । –(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅସାଧୁ ବ୍ୟବସାୟୀଙ୍କୁ ଦଣ୍ଡ ଦିଆଯାଉ

ମହାଶୟ,

ବର୍ତ୍ତମାନ ଆମ ରାଜ୍ୟର ସ୍ୱେଚ୍ଛାଚାରୀ ଅସାଧୁ ବ୍ୟବସାୟୀମାନେ ସରଳ–ନିରୀହ ଖାଉଟିମାନଙ୍କୁ ଦ୍ରବ୍ୟ ଓ ସେବା କର ବଢିଯାଇଛି ବୋଲି କହି ବିଭିନ୍ନ ପ୍ରକାରର ଅତ୍ୟାବଶ୍ୟକ ଦ୍ରବ୍ୟଗୁଡ଼ିକୁ ଅତ୍ୟଧିକ ଦାମ୍‌ରେ ବିକ୍ରି କରୁଛନ୍ତି । ଏହା ଫଳରେ ଖାଉଟିମାନେ ଶୋଷିତ ହେଉଛନ୍ତି । ରାଜ୍ୟର ସବୁ ଜିଲାରେ ଥିବା ଅଣପଞ୍ଜୀକୃତ ବ୍ୟବସାୟୀମାନେ ମନଇଚ୍ଛା ବିଭିନ୍ନ ସାମଗ୍ରୀ ବିକ୍ରିକରି ମାଲାମାଲ ହେଉଥିବା ବେଳେ ସବୁ ବର୍ଗର ଖାଉଟିମାନଙ୍କର ଅବସ୍ଥା ଦିନକୁ ଦିନ ବେହାଲ ହେବାରେ ଲାଗିଛି । ଲୁଗାପଟା ବ୍ୟବସାୟୀମାନେ ଲକ୍ଷ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଅର୍ଥ ଆତ୍ମସାତ୍ କରୁଛନ୍ତି । ଦୁଃଖର କଥା ପ୍ରତ୍ୟେକ ଜିଲାରେ ଥିବା ବାଣିଜ୍ୟ କର ଅଧିକାରୀମାନେ ୧୦/୨୦ ଲକ୍ଷ ଟଙ୍କାର କାରବାର କରିଥିବା ଏପରି ଅସାଧୁ ବ୍ୟବସାୟୀଙ୍କଠାରୁ ଜିଏସ୍‌ଟି ଆଦାୟ କଲେନାହିଁ । ଏହି ଅଧିକାରୀମାନେ ଚୁପ୍ ହୋଇଗଲେ କାହିଁକି ? କେବଳ ଲୁଗା ଦୋକାନୀ ନୁହନ୍ତି ; ତେଜରାତି ଦୋକାନୀଙ୍କ ପରି ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ଅନ୍ୟ ଦୋକାନୀମାନେ ମଧ୍ୟ ଖାଉଟିମାନଙ୍କୁ ଶୋଷଣ କରିବା ସହିତ ଜିଏସ୍‌ଟି ଫାଙ୍କିଚାଲିଛନ୍ତି । ଅନେକ ବ୍ୟବସାୟୀ ରସିଦ୍ ମାଗୁଥିବା ଗ୍ରାହକମାନଙ୍କୁ ମଧ୍ୟ ଦୁର୍ବ୍ୟବହାର କରୁଛନ୍ତି । ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଏଭଳି ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ରାଜ୍ୟର ବାଣିଜ୍ୟ କର ଅଧିକାରୀ ଏବଂ ଭିଜିଲାନ୍ସ ବିଭାଗ ଅଧିକାରୀମାନଙ୍କୁ ଏଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଉ ।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ୱେସ୍କୋ ଘରୋଇକରଣକୁ ବିରୋଧ**

ଦେବଗଡ଼,(ଡି.ଏନ୍.ଏ.): ୱେସ୍କୋ ଘରୋଇକରଣକୁ ବିରୋଧ କରି ଦେବଗଡ଼ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ବିଭାଗ ମୁଖ୍ୟ କାର୍ଯ୍ୟାଳୟଠାରେ ଧାରଣା ଦେଇଥିଲେ। ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ, ହିରା ଜିଇଡ଼ି କର୍ମଚାରୀ ସଂଘ, ସ୍ୱେସ୍କୋ ଇଞ୍ଜିନିୟର୍ସ ସର୍ଭିସ୍ ଆସୋସିଏଶନ୍ ଏବଂ ଡ଼ିପ୍ଲୋମା ଇଞ୍ଜିନିୟର୍ସ ସଂଘ ସଦସ୍ୟମାନେ ସରକାରଙ୍କ ଘରୋଇକରଣକୁ ଜନବିରୋଧି କାର୍ଯ୍ୟ ବୋଲି କହିଥିଲେ । ଧାରଣାରେ ଦେବଗଡ଼ ବିଦ୍ୟୁତ ବିଭାଗର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ ।



# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ସମ୍ବଲପୁର,୧୭।୧୨(ବ୍ୟୁରୋ)**

ଧନୁପାଲି ଥାନା ସାକ୍ଷୀପଡାର ବିଜୟ ନାଏକ ହତ୍ୟା ଘଟଣାକୁ ୩ଦିନ ବିତିଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଓଲଟା ପଡାର ନିରୀହ ଲୋକଙ୍କୁ ଥାନାକୁ ଆଣି ହଇରାଣ କରୁଛି। ଏହାର ପ୍ରତିବାଦରେ ଗୁରୁବାର ସାକ୍ଷୀପଡାବାସୀ ଭିଏସ୍ଏସ୍ ମାର୍ଗ ସାକ୍ଷୀପଡା ଛକରେ ପ୍ରାୟ ଏକଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଶତାଧିକ ମହିଳାପୁରୁଷ ରାସ୍ତା ଉପରେ ବସି ପୋଲିସର ଅପାରଗତା ଉପରେ ବର୍ଷିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ପଡାବାସୀଙ୍କୁ ପୂର୍ବରୁ ହଇରାଣ କରୁଥିଲେ। ଏପରି କି ମହିଳାମାନଙ୍କୁ ଦୁର୍ବ୍ୟବହାର କରୁଥିଲେ। ପୋଲିସକୁ ଅଭିଯୋଗ କଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିଲା ବୋଲି ଅଭିଯୋଗ କରିଥିଲେ। ତୁରନ୍ତ ହତ୍ୟାକାରୀଙ୍କୁ ଧରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, ଧନୁପାଲି ଥାନା ଅଧିକାରୀ ପ୍ରଶାନ୍ତ ସାମଲ, ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଡୋରା, ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା ପହଞ୍ଚି ଆଲୋଚନା କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ୨ ଦିନ ସମୟ ମାଗିଥିଲା। ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନାଯୋଗ୍ୟ ଯେ, ସାକ୍ଷୀପଡା ସମଲେଇ ମନ୍ଦିର ନିକଟରେ ଗତ ମଙ୍ଗଳବାର ରାତିରେ ବିଜୟ ନାଏକ (୨୦)ଙ୍କୁ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ବୁର୍ଲା ଭିମ୍ସାର ମେଡିକାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧନୁପାଲି ଥାନା ଅଧିକାରୀ ସାମଲ କହିଛନ୍ତି, ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଖୁବ୍‌ଶୀଘ୍ର ଗିରଫ କରାଯିବ।



ସମ୍ବଲପୁର ଭିଏସ୍ଏସ୍ ମାର୍ଗ ସାକ୍ଷରପଡା ଛକରେ ଆନ୍ଦୋଳନକାରୀମାନେ ଟାୟାର ଜାଳି ଅବରୋଧ କରିଛନ୍ତି ।

**ଯୁବକଙ୍କୁ ହାଣି ହତ୍ୟା ଘଟଣା**

■ ୨ ଦିନ ସମୟ ମାଗିଲା ପୋଲିସ

## ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ: ବାଇପାସ ଦଳ ଚାମ୍ପିୟନ

**ଲହୁଣୀପଡା, ୧୭।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ବୁଢ଼ୀକୁଟୁଣୀ ଗ୍ରାମର ମା ତାରିଣୀ ଫୁଟବଲ କ୍ଲବ ଆୟୋଜନରେ ତ୍ରିଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ବଡପୁରୁଣାପାଣି ସରପଞ୍ଚ ପର୍ଶୁରାମ ଓରାମ ଯୋଗଦେଇଥିଲେ। ଉକ୍ତ ସଭାରେ ଭଜନ କିଷାନ ସଭାପତିତ୍ୱ କରିଥିଲେ। ଏହି ତିନି ଦିନିଆ ଫୁଟବଲ ପ୍ରତିଯୋଗିତାରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଅଙ୍ଗାରପୋଡା ଦଳକୁ ହରାଇ ବାଇପାସ ଦଳ ଚାମ୍ପିୟନ ହୋଇଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ମାଆ ତାରିଣୀ ଫୁଟବଲ କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ୨୪୦ ଗଞ୍ଜେଇ ଗଛ ନଷ୍ଟ କଲା ମିଳିତ ଟିମ୍

**ନାକଟିଦେଉଳ,୧୭।୧୨(ଡି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅଞ୍ଚଳରେ ଗୁରୁବାର ପ୍ରଶାସନ ପକ୍ଷରୁ ଗଠିତ ମିଳିତ ଟିମ୍ ଚଢାଉ କରି ୨୪୦ ଗଞ୍ଜେଇ ଗଛ ନଷ୍ଟ କରିଛି। ତଳନାଳୀ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ବେଆଇନ ଗଞ୍ଜେଇ ଚାଷ ସମ୍ପର୍କରେ ଖବର ପାଇ ଜିଲା ପ୍ରଶାସନ ନିର୍ଦ୍ଦେଶରେ ପୋଲିସ, ଅବକାରୀ ଓ ଜଙ୍ଗଲ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଏହି ଟିମ୍ ୪୦ ଡେସିମିଲ ଜମିରୁ ୨୪୦ ଗଞ୍ଜେଇ ଗଛ ଓପାଡ଼ି ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକଙ୍କ ଉପସ୍ଥିତିରେ ନିଆଁ ଲଗାଇ ପୋଡ଼ି ଦିଆଯାଇଛି। ରେଢାଖୋଲ ଏସ୍‌ଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା।

## ରେଢାଖୋଲ ବ୍ଲକ ଓ ନଗର ଯୁବ ବିଜେଡି ସଭାପତି ନିଯୁକ୍ତ

**ରେଢାଖୋଲ୧୭।୧୨(ଡି.ଏନ.ଏ.):** ରେଢାଖୋଲ ବ୍ଲକ ଓ ନଗର ପାଇଁ ଯୁବ ବିଜେଡି ସଭାପତି ଘୋଷଣା କରାଯାଇଛି। ବ୍ଲକ ଯୁବ ବିଜେଡି ସଭାପତି ଭାବେ ତ୍ରିବଣପୁର ସରପଞ୍ଚ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ସତ୍ୟନାରାୟଣ ସାହୁଙ୍କୁ ରେଢାଖୋଲ ନଗର କମିଟି ସଭାପତି ଭାବେ ଘୋଷଣା କରାଯାଇଛି।

## ନାବାଳିକା ପ୍ରେମିକାଙ୍କୁ ପ୍ରତାରଣା: ଯୁବକ ଅଟକ

**ଲହୁଣୀପଡା, ୧୭।୧୨ (ଡି.ଏନ.ଏ)-** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଲହୁଣୀପଡା ପଞ୍ଚାୟତ ଶଗଡିଆ ପୋଷ ଗ୍ରାମର ଜନୈକା ନାବାଳିକା ସହିତ ପ୍ରେମ ସମ୍ପର୍କ ସ୍ଥାପନ କରି ଗର୍ଭବତୀ କରିବା ପରେ ତାଙ୍କୁ ଗ୍ରହଣ ନକରି ଫେରାର ହୋଇଯିବା ଘଟଣା ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା ରୁଜୁ କରି ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିବା ସହିତ ଘଟଣାର ତଦନ୍ତ ଚଳାଇଛି। ଶଗଡିଆ ପୋଷ ଗ୍ରାମର ଜନୈକା ନାବାଳିକା ତାର ମାମୁଁ ଘର ଦର୍ଜିଂ ପଞ୍ଚାୟତ ଗୌଡଣିପୋଷକୁ ଯିବା ଆସିବା କରିବା ସମୟରେ ସେହି ଗ୍ରାମର ଲାପୁ ମୁଣ୍ଡାର ପୁଅ ବୁଦେନ ମୁଣ୍ଡା (୧୮) ପ୍ରେମ ସମ୍ପର୍କ ସ୍ଥାପନ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଫଳରେ ନାବାଳିକା ଜଣକ ଗର୍ଭବତୀ ହେବାରୁ ନିଜ ପରିବାରରେ ଘଟଣା ସମ୍ପର୍କରେ ପ୍ରକାଶ କରିବାରୁ ପୁଅ ଘର ସହିତ ଆଲୋଚନା କରିଥିଲେ ମଧ ବିଭିନ୍ନ ଆଳ ଦେଖାଇ ବୁଦେନ ମୁଣ୍ଡା ନାବାଳିକାକୁ ଗ୍ରହଣ ନ କରି ଗ୍ରାମରୁ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷେ ନାବାଳିକା ଝିଅ ଗର୍ଭବତୀ ହୋଇଥିବାରୁ ଗୌଡଣିପୋଷ ଗ୍ରାମରେ ଉଭୟ ଗ୍ରାମର ଭଦ୍ରବ୍ୟକ୍ତିମାନେ ସଭା କରି ବୁଦେନଙ୍କ ବାପା ଲାପୁଙ୍କୁ ଜିମା ଦେଇଥିଲେ । ନାବାଳିକା ତାଙ୍କ ଘରେ ରହୁଥିଲେ। କିଛି ଦିନ ପରେ ସେ ସନ୍ତାନର ଜନନୀ ମଧ ହୋଇଥିଲେ। କିନ୍ତୁ ଏହି କିଛି ଦିନ ହେଲା ବୁଦେନ ଘରକୁ ଫେରି ତାଙ୍କ ଘରେ ତାଙ୍କର ନାବାଳିକା ପ୍ରେମିକା ଓ ଛୁଆକୁ ଦେଖି ଗାଳିଗୁଲଜ କରିବା ସହିତ ଘରୁ ବାହାରିଯିବା ପାଇଁ କହିଥିଲେ। ନାବାଳିକା ନିଜ ଛୁଆ ସହିତ ଆସି ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ବୁଦେନଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

## କରୋନା ସଚେତନତା କାର୍ଯ୍ୟକ୍ରମ

**ଦେବଗଡ଼,୧୭।୧୨(ଡି.ଏନ.ଏ.):** ଦେବଗଡ ନେହେରୁ ଯୁବକେନ୍ଦ୍ର ଓ ବାରକୋଟ ବ୍ଲକ ଶିରିଗିଡା ବାବା ବାଣେଶ୍ୱର କ୍ଲବ ମିଳିତ ଆନୁକୂଲ୍ୟରେ ଶିରିଗିଡା ଗ୍ରାମରେ ଏସ୍ଏଚଜି ସଦସ୍ୟାଙ୍କୁ ନେଇ କରୋନା ସଚେତନତା ଓ ଶ୍ରମଦାନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁବକେନ୍ଦ୍ରର ସଂଯୋଜିକା ରୀତା ଶାନ୍ତି ଡୁଙ୍ଗଡୁଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ନିୟୋଜନ ଅଧିକାରୀ ଚିନ୍ତାମଣି ମହାନନ୍ଦ ଯୋଗଦେଇ କରୋନା ସଚେତନତା, ବେକାରୀ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। ଏହି ଅବସରରେ ବାଣେଶ୍ୱର କ୍ଲବ ସଭାପତି ଭୋଲେଶ୍ୱର ବଉଳା, ଉପସଭାପତି ସୌଭାଗ୍ୟ ନାୟକ, ସମ୍ପାଦକ ଭୁବନେଶ୍ୱର ବଉଳାଙ୍କ ତତ୍ତ୍ୱାବଧାନରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନେହେରୁ ଯୁବକେନ୍ଦ୍ରର ତରୁଣ କୁମାର ସାମଲ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ଓ କ୍ଲବର ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି ଶ୍ରମଦାନ କରିବା ସହ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବାବା ବାଣେଶ୍ୱର କ୍ଲବକୁ ଡଷ୍ଟବିନ ପ୍ରଦାନ କରାଯାଇଥିଲା ।

# ଅନାଥ ୫ ଭଉଣୀଙ୍କୁ ସହାୟତା କଲେ ବିଜେଡି ପ୍ରତିନିଧି ଦଳ

**ସୁନ୍ଦରଗଡ଼, ୧୭।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଟାଙ୍ଗରଡିହି ଗିରିପୁର ଗ୍ରାମର ଏକ ଆଦିବାସୀ ପରିବାରର ମାଆ,ବାପା ଛେଉଣ୍ଡ ଶିଶୁଙ୍କୁ ସହାୟତାର ହାତ ବଢାଇଛନ୍ତି ବିଜେଡି ପ୍ରତିନିଧି ଦଳ। ଏହି ପରିବାରର ୫ନାବାଳିକା ଝିଅ ମାନି ବାଡ୍ରା (୧୩), ସେମଦି ବାଡ୍ରା (୧୧), ଲକ୍ଷ୍ମୀ ବାଡ୍ରା (୯), ରିଙ୍କି ବାଡ୍ରା(୫) ଓ ଅନୁସିକା ବାଡ୍ରା (୩ ) ଥିବା ବେଳେ ପ୍ରଥମେ ତାଙ୍କର ବାପା ବୁଧୁ ବାଡ୍ରାଙ୍କ ପରଲୋକ ହୋଇଯିବା ପରେ ମାଆ ଗୀତା ବାଡ୍ରା କନିକା ଗ୍ରାମ ନିକଟରେ ମୂଲ ଲାଗି ଝିଅଙ୍କର ପେଟ ପୋଷି ଆସୁଥିଲେ । ମାତ୍ର ଗତ ୧ମାସ ହେବ ଏକ ବିଷଧର ସାପକାମୁଡାରେ ମା ଗୀତାଙ୍କ ଜୀବନ ଚାଲିଯାଇଛି। ଏହା ପରେ ଏହି ୫ଜଣ ନାବାଳିକା ଝିଅ ଅନାଥ ହୋଇପଡିଛନ୍ତି। ଏହା ପରେ ଗ୍ରାମବାସୀ ଝିଅମାନଙ୍କୁ ଆଣି ପ୍ରଥମେ ହେମଗିର ଏକଲବ୍ୟ ସେବାଶ୍ରମରେ ରଖେଇ ଦେଇଥିଲେ। ଘଟଣାର ଖବରପାଇ ସୁନ୍ଦରଗଡ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀଙ୍କ ଏକ ପ୍ରତିନିଧିମଣ୍ଡଳୀ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ସାକ୍ଷାତକରି ଘଟଣା ସମ୍ପର୍କରେ ଅବଗତ କରି ସେମାନଙ୍କ ଥଇଥାନ ଆଦି ବ୍ୟବସ୍ଥା କରାଯିବା ସହ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଥିଲେ। ଏହା ପରେ ଉପଜିଲାପାଳ ଝିଅମାନେ ନାବାଳିକା ହୋଇଥିବାରୁ ବିପର୍ଯ୍ୟୟଜନିତ ମୃତ୍ୟୁ ପାଇଁ ସରକାରୀସ୍ତରରେ ଯୋଗାଇ ଦିଆଯାଉଥିବା ୪ଲକ୍ଷ ଟଙ୍କା ଅନାଥ ଝିଅମାନଙ୍କୁ କିପରି ମିଳିପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ ଏହି ଟଙ୍କାକୁ କିଭଳି ସୁରକ୍ଷିତ ରଖାଯାଇପାରିବ ସେ ନେଇ ହେମଗିର ବିଡିଓ,ତହସିଲଦାର ଓ ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ଆଲୋଚନା କରିଥିଲେ। ଏହି ପ୍ରତିନିଧିମଣ୍ଡଳୀ ସେବାଶ୍ରମକୁ ଯାଇ ସମସ୍ତ ବ୍ୟବସ୍ଥା କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ଗୋପ ମହାନ୍ତି, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପଞ୍ଚ ବାର୍ଲା, ସୁକାନ୍ତ ପତି, ଗୋପାଳ ପ୍ରଧାନ ପ୍ରମୁଖ ସାମିଲ ହୋଇ ଅନାଥ ନାବାଳିକାଙ୍କୁ ଶୀତବସ୍ତ୍ର, କମ୍ବଳ, ମାକ୍ସ ଆଦି ପ୍ରଦାନ କରିଥିଲେ।



# ଏନ୍‌ଜେସିଏସ୍ ଭର୍ଚୁଆଲ ବୈଠକରେ ହେଲାନି ସହମତି

**ରାଉରକେଲା ଅଫିସ,୧୭।୧୨:** ସେଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏନ୍‌ଜେସିଏସ୍ ନେଇ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ସତ୍ତ୍ୱେ ଏଥିରେ ବିଭିନ୍ନ ପ୍ରସଙ୍ଗରେ ସହମତି ହୋଇ ନ ଥିବା ଜଣାଯାଇଛି। ବୈଠକରେ ଉପସ୍ଥିତ ସେଲ ଅଧକ୍ଷ ତାଙ୍କ ଚିରାଚରିତ ଢଙ୍ଗରେ କମ୍ପାନୀର ଆର୍ଥିକ ସ୍ଥିତି ଓ ବେତନ ଚୁକ୍ତିନାମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ପ୍ରସ୍ତାବ ଦେଇଥିଲା କି ୧୦ ବର୍ଷିଆ କିମ୍ବା ୫ ବର୍ଷିଆ ମଜୁରି ଚୁକ୍ତିନାମା କରିବାକୁ ହେଲେ ଏମ୍‌ଜିବି ଏବଂ ପର୍କ୍ସ କେତେ ମିଳିବ ସେନେଇ ସ୍ପଷ୍ଟ କରାଯିବା ଦରକାର। ଏନେଇ ସବୁ ଶ୍ରମିକ ସଙ୍ଗଠନ ପରସ୍ପର ବିଚାରବିମର୍ଷ କରି ନିଷ୍ପତି ନେବାକୁ ବିଏମ୍ଏସ୍ କହିଥିଲା। ଏହି ପ୍ରସ୍ତାବକୁ ବୈଠକରେ ଅଂଶଗ୍ରହଣ କରିଥିବା ଅନ୍ୟ ଶ୍ରମିକ ସଙ୍ଗଠନ ବିଚାର କରିବ ବୋଲି କହିଥିଲେ। ଆଲୋଚନାରେ ଭାଗ ନେଇଥିବା ଶ୍ରମିକ ସଙ୍ଗଠନ ପକ୍ଷରୁ ମଜୁରି ଚୁକ୍ତିନାମା ଅବଧି ଓ ଗ୍ରାଚ୍ୟୁଇଟି ସିଲିଂ ଉପରେ ଆପୋଷ ଆଲୋଚନା କରି ସର୍ବସମ୍ମତ ନିଷ୍ପତି ମ୍ୟାନେଜମେଣ୍ଟକୁ ପ୍ରଦାନ କରିବାକୁ ଆହ୍ୱାନ ଦିଆଯାଇଛି। ତେବେ ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ସବିଶେଷ ଆଲୋଚନା ସମ୍ଭବ ହୋଇପାରି ନ ଥିବା ବିଏମ୍ଏସ୍ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଫିଜିକାଲ ମିଟିଂ ଆୟୋଜନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ଅବସରରେ ସିଆଇଟିୟୁ ଏବଂ ଏଆଇଟିୟୁସି ପକ୍ଷରୁ ୫ ବର୍ଷିଆ ମଜୁରି ଚୁକ୍ତିନାମା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଭଳି ପ୍ରସ୍ତାବ ଉପରେ ବିଚାର କରିବାକୁ ସେଲ ଅଧକ୍ଷ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହି ଭର୍ଚୁଆଲ ବୈଠକରେ ଡ. ବସନ୍ତ ରାୟ, ଦେବେନ୍ଦ୍ର ପଣ୍ଡା, ରାଜେନ୍ଦ୍ରନାଥ ମହାନ୍ତ ଓ ହିମାଂଶୁ ବଳ ଭାଗ ନେଇଥିଲେ।

# ଜିଲାରେ ଭୁଶୁଡ଼ିଛି ଆଇନଶୃଙ୍ଖଳା



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଓକିଲସଂଘର କର୍ମମର୍ତ୍ତାମାନେ।

**ଜିଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର**

■ ସହରରେ ଆର୍‌ଟିଓ ଅଫିସ ବ୍ରାଞ୍ଚ କରାଯାଉ

■ ହାଇକୋର୍ଟ ବେଞ୍ଚ ପାଇଁ ପୁଣି ହେବ ଆନ୍ଦୋଳନ

**ସମ୍ବଲପୁର,୧୭।୧୨(ବ୍ୟୁରୋ):** ପ୍ରାୟ ୪ ମାସ ହେବ ଡିଆଇଜି ପଦ ଖାଲିପଡିଥିବା ବେଳେ ଏକମାସ ହେଲା ଏସ୍‌ପି ପଦବୀ ପୂରଣ କରାଯାଉ ନାହିଁ। ଦିନକୁ ଦିନ ଅପରାଧିକ କାର୍ଯ୍ୟ ବୃଦ୍ଧି ପାଉଛି। ୧୦ ଦିନ ଭିତରେ ୩ ହତ୍ୟାକାଣ୍ଡ ଘଟିସାରିଲାଣି। ଭୂ-ମାଫିଆ ସରକାର ଓ ଆଦିବାସୀ ଜମି ହଡ଼ପ କରିବାରେ ଲାଗିଛନ୍ତି। କଫ୍ ସିରପ୍ ଓ ନିଶା ବଟିକା ଭଳି ନିଶା ଦ୍ରବ୍ୟର ହବ୍ ପାଲଟିଛି। ଏସବୁକୁ ଦେଖିଲେ ଜିଲାରେ ଆଇନଶୃଙ୍ଖଳା ଭୁଶୁଡ଼ିପଡିଛି ବୋଲି ଗୁରୁବାର ବାର୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ ପ୍ରକାଶ କରିଥିଲେ। ସେ କହିଥିଲେ, ଶୀଘ୍ର ଏସ୍‌ପି ଓ ଡିଆଇଜି ପଦ ପୂରଣ ସହ ସହରରେ ଆର୍‌ଟିଓ ଅଫିସ ବ୍ରାଞ୍ଚ ଖୋଲାଯାଉ। ଜିଲାରେ ଅନେକ ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇରହିଛି। ବିଭିନ୍ନ କ୍ଷେତ୍ରରେ ଜିଲାବାସୀ ପ୍ରଶାସନିକ ଅବହେଳାର ଶିକାର ହେଉଛନ୍ତି। ତେଣୁ ଶୀଘ୍ର ଏ ନେଇ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଏହାସହ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ପୁଣି ଆନ୍ଦୋଳନ ହେବ। ଏ ନେଇ ଶୀଘ୍ର ସାଧାରଣ ପରିଷଦ ବୈଠକ କରାଯିବ ବୋଲି କହିଥିଲେ। ପୂର୍ବରୁ ସଂଘ କର୍ମକର୍ତ୍ତା ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଭେଟି ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ। ପରେ ଜିଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧରେ ସାଧାରଣ ସମ୍ପାଦକ ରବିରଞ୍ଜନ ପୂଜାରୀ, ଉପସଭାପତି ଚନ୍ଦ୍ରକାନ୍ତ ମହାନ୍ତି, ସହ ସମ୍ପାଦକ ଅନୁପ ତରିଆ, ଯୁଗ୍ମ ସମ୍ପାଦକ ଅନୁପ ପଟ୍ଟନାୟକ, କାର୍ଯ୍ୟକାରୀ ସଭ୍ୟ ଅରବିନ୍ଦ ନାୟକ, ଅବତାଫ ଆଲାମ, ଦେଓ କିରଣ ପଟ୍ଟନାୟକ, ସତ୍ୟ ପୁରୋହିତ, ପ୍ରଶାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ବଲପୁରୀ ବସ୍ତ୍ରାଳୟ
SBC



ପବିତ୍ର ଖ୍ରୀଷ୍ଟମାସ ଓ ନବବର୍ଷ ଉପଲକ୍ଷେ
ସରକାରୀ ରିହାତି
10% + 20%
ଅବଧି
ତା୧୫।୧୨।୨୦୨୦ରୁ ତା୦୧।୦୧।୨୦୨୧ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ୍, ସୁଟ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ରାଜ୍ୟ ଭିତରେ ଥିବା ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

See Career Appointment on every Wednesday & Saturday

Mahanadi Netra Chikitsalaya
VOCATIONAL TRAINING CENTER
REG/ NCVRT/ OR/ 25039/ VTC
Recognized by: National Council of Vocational and Research Training, New Delhi
Pandapalli, Birmaharajpur, Subarnapur (DT), Pin: 767018, Odisha
E-mail:mnc@leprahealthinaction.in
LEPRA SOCIETY
ADMISSIONS OPEN
Vocational Programs on Paramedical Sector- 2020-21
PG DIPLOMA, DIPLOMA & CERTIFICATE COURSES

| No. | Name of the Courses | Duration | Qualification |
| --- | --- | --- | --- |
| 1 | Certificate in Optician | 6 Months | 8th Pass |
| 2 | Certificate in Operation Theatre Technician | 6 Months | 8th Pass |
| 3 | Diploma in Optometry | 2 Years | 10th (S.S.C. Pass) |
| 4 | Diploma in Ophthalmic Asst. | 1 Year | 10th (S.S.C. Pass) |
| 5 | PG Diploma in Spectacle Dispensing | 1 Year | Any Graduate/ Diploma |
| 6 | PG Diploma in Pediatric Optometry | 1 Year | Any Graduate/ Diploma |

**Benefits of Programme:** *Quality Training Program *Easy Employment, *Low- Cost Education *Success in Career *Higher earning levels *No age limit *Self Employability *Earn while learn *Easy Instalment on course fee *Work Integrated Program. **Ph: +91- 9668483780, 9437443354 & 94371 98482**

M/S ASIAN NATURAL RESOURCES (INDIA) LIMITED (IN LIQUIDATION)
**Liquidator Address:** 330/348, Atlantis K-10, Sarabhai Main Road, Baroda- 390023, Gujarat, India **Email:** liquidation.anrl@ddip.in ; jlnusb@gmail.com
E-AUCTION SALE NOTICE
Notice is hereby given to the public in general under the Insolvency and Bankruptcy Code, 2016 and Regulations there under, that the properties stated in table given below will be sold by E-auction through the service provider **M/s E-procurement Technologies Limited** (Auction Tiger) via website **https://ncltauction.auctiontiger.net.**

| | |
| --- | --- |
| Date and Time of Auction | Wednesday, 06.01.2021, between 11:00 AM to 2:00 PM |
| Last Date for Submission of EMD | 04.01.2021 before 07:00 PM |
| Inspection Date & Time | 23.12.2020 and 24.12.2020 from 11:00 AM to 5:00 PM Contact person (Mr. Hardik Surani: +91- 81600 94709, Mr. Rushee Deopura: +91- 95740 85948) |

| Details of assets | Blocks | Reserve Price (Rs.) | Earnest Money Deposit (EMD) |
| --- | --- | --- | --- |
| Group of Plots at Korba-Gram Jhabar, Tah- Katghora (Chhatisgarh) | Block 1 | 79,50,000 | 7,95,000 |
| Group of Plots at Village- Upperpally, Ranga Reddy (Telangana) | Block 2 | 58,00,000 | 5,80,000 |
| Group of Plots at Mouza- Belpahar, Jharsuguda (Orissa) | Block 3 | 19,50,000 | 1,95,000 |
| Group of Financial Assets including investments, receivables and claims | Block 4 | 26,60,000 | 2,66,000 |

The EMD (Refundable) shall be payable by interested bidder through NEFT/RTGS/Demand Draft on or before **04.01.2021** in account of **"Asian Natural Resources India Limited- in liquidation"** having account number **2712201050639** and IFS Code **CNRB0002712** (5th character is zero). For detail terms and condition of E-auction sale refer Sale Notice available on https://ncltauction.auctiontiger.net. For any query regarding E-auction contact **Mr. Praveen Thevar at +91-9722778828, 079-61200531/559/594/554, E-mail ID praveen.thevar@auctiontiger.net.**
Sd/-
Abhishek Nagori
Date: 18.12.2020
Place: Vadodara
Liquidator of M/s Asian Natural Resources (India) Limited
IBBI Reg. No: IBBI/IPA-001/IP-P00020/2016-2017/10044

Utkalika
ODISHA STATE CO-OPERATIVE HANDICRAFTS CORPORATION LTD.
Jayadev Vatika Square, Khandagiri, Bhubaneswar-30
EXPRESSION OF INTEREST FOR ENGAGEMENT OF ADVERTISING AGENCY FOR PUBLICITY & BRANDING
Odisha State Co-operative Handicrafts Corporation Ltd. (Utkalika), invites applications from Advertising Agencies having experince in Advertising, Branding, Publicity, Events & Exhibitions for engagement in Utkalika for a period of 2 (Two) years. Details of EOI can be downloaded from our website : www.utkalikaodisha.in. The last date of receipt of EOI/Bid is 28/12/2020 up to 4.00 PM. The authority reserves the right to accept or reject any or all EOI/Bids without assigning any reason thereof.
Sd/- Managing Director

Biju Patnaik University of Technology, Odisha
Rourkela
BPUT/CS&P/52/20/4771 Dated 17.12.2020
TENDER CALL NOTICE
Sealed tenders are invited from the reputed and experienced Agencies/ Firms for **"Development and Maintenance of Biju Patnaik Yoga and Fitness Park, BPUT, Rourkela"**. The detail of tender is available in BPUT website i.e **www.bput.ac.in**. The University reserves right to reject any applications without assigning any reason thereof. The last date and time of receiving sealed tender by Speed Post addressing to **"The Registrar, Biju Patnaik University of Technology, Odisha, Rourkela -769015" on or before 08.01.2021 by 05.00 PM**. The incomplete tender or tenders received beyond the due date and time shall be rejected summarily.
Sd/-
REGISTRAR

LINGARAJ LAW COLLEGE
(Constituent College of Berhampur University)
Berhampur - 760 010 (Odisha)
No. 549/LLC/BU/2020 Date: 17.12.2020
FINAL NOTIFICATION FOR ADMISSION INTO LL.B. 3 YEAR CBCS COURSE (SEMESTER PATTERN) FOR THE ACADEMIC SESSION 2020-21
(FOR SCHEDULED TRIBE CANDIDATES ONLY)
In continuation to Admission Notification No. 221/LLC/BU/2020 dated 01.09.2020 and 466/LLC/BU/2020 dated 02.12.2020, applications are invited from **Scheduled Tribe** candidates only for admission into LL.B. 3 year CBCS Course (Semester Pattern) for the Academic Session 2020-2021. Interested candidates are required to visit website **www.bamu.nic.in**. for admission application form and prospectus for submission.
The eligible candidates as per prospectus are required to attend before the Admission Committee on **29.12.2020 between 11.00 A.M. to 3.00 P.M.** with filled up downloaded admission application. Form, all original Marksheets, Certificates, Caste Certificate, CLC/TC and Conduct Certificates, set of Xerox copy of Certificates, four (4) colour photograph alongwith processing fee and admission fee as per prospectus.
Sd./- Principal

NESCO UTILITY
Head Office: Januganj, Balasore-756019
Email-purchase@nescoodisha.com
NOTICE INVITING TENDER
Tender Notice No. NESCO Utility / WC Meter /18 / 20-21/ 10519 Dt: 16.12.20
For and on behalf of NESCO Utility sealed tenders are invited in duplicate in two part bidding system from eligible bidders who comply with the terms & conditions and specification laid down in the tender documents for **'Supply of 3Ph 4W Whole Current Energy Meter (20-100 Amp.) with Box'** under Deposit Works .
**Last date for submission of Tender :** Dt. 05.01.2021 up to 3.00 P.M.
**Date of opening of Tender:** Dt.05.01.2021 at 3.30 PM. For details please visit our website- **www.nescoodisha.com**. Corrigendum if any will be published in the website only.
Sd./- General Manager (C&MM)

THE BOLANGIR DISTRICT CENTRAL CO-OPERATIVE BANK LTD., BOLANGIR
ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.
ESTT-1/No. 2986 TENDER CALL NOTICE Dt.17.12.2020
Sealed tenders are invited from reputed Printers having valid GSTIN/PAN Registration for printing & supply of Calendar for the year 2021.
The tender along with EMD of Rs.5000/- (Five thousand) only in shape of Demand Draft drawn in favour of The Balangir Dist. Central Co-operative Bank Ltd., Balangir, payable at Balangir shall be submitted to the Chief Executive Officer of the Bank on or before 27.12.2020 upto 3 P.M. which shall be opened on next day at 11.30 A.M.
The details of specifications of calendar to be supplied are mentioned below:
1. Calendar in English
2. Six Sheeter (Two months in each page)
3. 130 GSM Glossy Art Paper with Tin Mounting (Size 17" × 22") - 7000 Pcs.
The authority reserves the right to accept or reject any or all tenders at any time without assigning any reason thereof.
Sd./- Chief Executive Officer
BDCC Bank Ltd., Balangir

ତହସିଲଦାରଙ୍କ କାର୍ଯ୍ୟାଳୟ, ସୋନପୁର
ଦୀର୍ଘ ମିଆଦୀ ଲିଜ୍ ନିଲାମ ଇସ୍ତାହାର
ବିଜ୍ଞପ୍ତି ସଂଖ୍ୟା 6519 ତାରିଖ 16.12.2020
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ସୋନପୁର ତହସିଲ ଅନ୍ତର୍ଗତ ସୈରାତ ଉତ୍ସଗୁଡିକର ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ, ୨୦୧୬ (O.M.M.C. Rules, 2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ୨୦୨୦-୨୧ ଆର୍ଥିକବର୍ଷଠାରୁ ୨୦୨୪-୨୫ ଆର୍ଥିକବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା- ବିଜ୍ଞାପନ, ସର୍ତ୍ତାବଳୀ, ସୈରାତ ଉତ୍ସର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.subarnapur.nic.inରେ ଉପଲବ୍ଧ କରାଯାଇଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form-M ପୂରଣକରି ତତ୍‌ସହିତ ଆବଶ୍ୟକ ଦସ୍ତାବିଜ ସଂଲଗ୍ନକରି ଜଉମୁଦା ଲଫାପାରେ ତହସିଲଦାର, ସୋନପୁରଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ଡାକ ଯୋଗେ ଦତ୍ତ ସମୟସୀମା ମଧରେ ଦାଖଲ କରିପାରିବେ।
ସ୍ୱା./- ତହସିଲଦାର, ସୋନପୁର

## ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ବରପାଲି,(ଡି.ଏନ.ଏ): ବରଗଡ଼ ଜିଲା ବରପାଲି ଥାନା ଅଧୀନ ବନ୍ଦପାଲି ଗ୍ରାମର ମାଉସୀ ମନ୍ଦିର ନିକଟରେ ଗୁରୁବାର ଅପରାହ୍ନରେ ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ହେଲେ ଅବସରପ୍ରାପ୍ତ ଶିକ୍ଷକ ଗୁଣନିଧି ଦାଶ (୭୨)। ସେ ବରପାଲିରୁ ନିଜ ବାଇକ୍ (ନଂ.ଓଡି୧୭ଏଲ/ ୯୩୩୨) ଯୋଗେ ବନ୍ଦପାଲି ତଳି ରାସ୍ତାରେ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଗାଡି ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ଗୁଣନିଧିଙ୍କ ମୃତ୍ୟୁ ଘଟିଥିଲା। ଏହାର ପ୍ରତିବାଦରେ ସେଠାରେ ଉତ୍ତ୍ୟକ୍ତ ଗ୍ରାମବାସୀ ବରପାଲି ତଳିରାସ୍ତାକୁ ଅବରୋଧ କରିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି।

# ୫ ବର୍ଷ ହେଲା ଚାଷୀଙ୍କ କାମରେ ଲାଗୁନି

**କେସିଙ୍ଗା, ୧୭।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଲଇତରା ଗ୍ରାମପଞ୍ଚାୟତ ଜୋଲକୋ ଗ୍ରାମ ନିକଟ ରେତ ନଦୀ ପାର୍ଶ୍ୱରେ ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ୨୦୧୫ରେ ନିର୍ମାଣ ବୃହତ ଉଠାଜଳ ସେଚନ ପ୍ରକଳ୍ପ ଚାଷୀଙ୍କ କାମକୁ ଆସୁନାହିଁ। ପ୍ରକଳ୍ପ ନିର୍ମାଣର ୫ବର୍ଷ ବିତିଯାଇଥିଲେ ସୁଦ୍ଧା ଚାଷୀମାନେ ଠିକ ଭାବେ ପାଣି ପାଇ ପାରୁନାହାନ୍ତି। ଖରିଫ ଋତୁରେ କାଁ ଭାଁ ଜଳସେଚନ ହୋଇଥାଏ। କିନ୍ତୁ ରବି ଋତୁରେ ଆଦୌ ଜଳସେଚନ ସୁବିଧା ହୋଇ ନ ଥାଏ। ଜୋଲକୋଠାରେ ସ୍ଥାପିତ ବୃହତ୍ତ ଉଠା ଜଳସେଚନ ପ୍ରକଳ୍ପ ନିକଟରେ ରେତ ନଦୀ ପ୍ରବାହିତ ହେଉଛି। ଏହି ନଦୀରୁ ପାଇପ ଲାଇନ ସଂଯୋଗ କରାଯାଇ ଉକ୍ତ ୩ଟି ଗ୍ରାମର ଚାଷୀଙ୍କୁ ବର୍ଷା ଋତୁରେ ପାଣି ଯୋଗାଇଥାଏ। ପ୍ରକଳ୍ପ ହୋଇ ୫ବର୍ଷ ହୋଇଥିଲେ ସୁଦ୍ଧା କାର୍ଯ୍ୟରେ ଆସୁନାହିଁ। ତେଣୁ ରେତ ନଦୀଠାରେ ଏକ ଚେକଡ୍ୟାମ୍ ନିର୍ମାଣ ପାଇଁ ଚାଷୀ ଦାବି କରିଛନ୍ତି। ଏ ନେଇ ଲଇତରା ସରପଞ୍ଚ ବିଶ୍ୱମ୍ବର ମହଲାଙ୍କୁ ପଚାରିବାରୁ ଚାଷୀଙ୍କୁ ଠିକ ଭାବେ ପାଇପ ଲାଇନ ସଂଯୋଗ କରାଯାଉ। ଏଥିପାଇଁ ବିଭାଗୀୟ ଇଞ୍ଜିନିୟରଙ୍କୁ ଲିଖିତ ଭାବେ ଜଣାଯାଇଛି ବୋଲି କହିଥିଲେ। ବିଭାଗୀୟ ଏସଡିଓ ମାନସ କୁମାର ପ୍ରଧାନଙ୍କୁ ପଚାରିବାରୁ ଚେକଡ୍ୟାମ ଓ ପୁନଃ ପାଇପ ଲାଇନ ସଂଯୋଗ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି ବୋଲି ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ, ଗତ ୬ ଅଗଷ୍ଟ ୨୦୧୩ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଡିସେମ୍ବର ୨୦୧୫ରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିଲା। ଏହି ବୃହତ୍ତ ଉଠାଜଳ ସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଗତ ୧୨ ଡିସେମ୍ବର ୨୦୧୫ରେ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ୮ କୋଟି ୯୮ ଲକ୍ଷ ବ୍ୟୟରେ ନିର୍ମାଣ ହୋଇଛି। ଏହା ଲଇତରା ଜୋଲକୋ, କର୍ଲାଭାଡି ୩ଟି ଗ୍ରାମର ପ୍ରାୟ ୧୬୦ଜଣ ଚାଷୀଙ୍କ ୫୦୦ ହେକ୍ଟର ଜମିରେ ୨୯ଟି ଆଉଟଲେଟ୍ ସଂଯୋଗ କରାଯାଇଛି। ୧୫୦ ଏଚପିର ୩ଟି ପମ୍ପ ସ୍ଥାପନ ହୋଇଛି। ଚାଷୀମାନଙ୍କୁ ଜଳସେଚନ କରିବା ପାଇଁ ୮.୪୬୪ କି.ମି. ପାଇପ ଲାଇନ ସଂଯୋଗ କରାଯାଇଛି। କିନ୍ତୁ ଯେଉଁ ୨୯ଟି ଆଉଟଲେଟ୍ ସଂଯୋଗ କରାଯାଇଛି ତାହା ଜମିର ଢ଼ିପ ଜାଗାରେ କରା ନ ଯାଇ ତଳ ଜାଗାରେ କରାଯାଇଥିବାରୁ ବହୁ ଚାଷୀମାନେ ଜମିରେ ଜଳସେଚନ ହୋଇପାରୁନାହିଁ। ଗତ ୨୦୧୩ରେ ଆଉଟଲେଟ୍ ଏବଂ ଇନଲେଟ୍‌ର ଭୁଲ ସର୍ଭେ ହୋଇଥିବାରୁ ବହୁ ଚାଷୀଙ୍କ ଜମିରେ ପାଣି ଲାଗି ପାରୁନାହିଁ।



ଜୋଲକୋ ସ୍ଥିତ ବୃହତ ଉଠାଜଳ ସେଚନ ପ୍ରକଳ୍ପ।



**ବୃହତ୍ ଉଠାଜଳ ସେଚନ ପ୍ରକଳ୍ପ**

- ରବି ଋତୁରେ ଚାଷୀ ନିରାଶ
- ଚେକ୍‌ଡ୍ୟାମ ନିର୍ମାଣ ଦାବି

## ମୁଗ ବିହନ ବଣ୍ଟନରେ ଅନିୟମିତତା ଅଭିଯୋଗ

**ଲୋଇସିଂହା,୧୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମରେ ମୁଗ ବିହନ(କିଟ୍) ବଣ୍ଟନରେ ଅନିୟମିତତା ହୋଇଛି। ଭିଏଡବ୍ଲୁ ଓ କୃଷକ ସାଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ୫୦ଚାଷୀଙ୍କୁ ୪କେଜିର କିଟ୍ ଦିଆଯାଇଛି। ହେଲେ ଗୋଟିଏ ପରିବାରର ଏକାଧିକ ସଦସ୍ୟ ଏହାର ଫାଇଦା ନେଇଛନ୍ତି। ବିହନ ବଣ୍ଟନ ସମ୍ପର୍କରେ ଜାଣି ଗ୍ରାମର ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ଦେବକୀ ପଧାନ, ଅମ୍ବିକା ନାଏକ, ଅନୁରା ପଧାନ, କୁମୁଦିନୀ ପଧାନ, ତିଳୋତ୍ତମା ପଧାନ, ସପୂର ନାଏକ, ଗୀତା ପଧାନଙ୍କ ସମେତ ବହୁ ମହିଳା ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ତରବରିଆଭାବେ ବିହନ ବଣ୍ଟନ ସାରି କର୍ମଚାରୀମାନେ ସେଠାରୁ ପଳାଇବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଗୋଟିଏ ପରିବାର ଏକାଧିକ ସଦସ୍ୟ ବିହନ ନେଇଥିବା ନେଇ କୃଷକ ସାଥୀ ରଙ୍କମଣୀ ପଧାନ ସ୍ୱୀକାର କରିଛନ୍ତି। ତେବେ ବିହନ ନେଇଥିବା ଚାଷୀଙ୍କ କ୍ଷେତ ଜାନୁୟାରୀରେ କୃଷି ବିଭାଗର ଏକ ଟିମ ପରିଦର୍ଶନ କରିବ। ଯୋଉଁମାନେ ଚାଷ କରି ନ ଥିବେ ସେମାନଙ୍କୁ ଆଉ କେବେ ସୁବିଧା ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଲୋଇସିଂହା କୃଷି ବିଭାଗ ପକ୍ଷରୁ ରବି ଚାଷ ପାଇଁ ମୁଗ କିଟ୍ ପ୍ରଦାନ କରାଯାଇଛି।

## ହରିଶଙ୍କର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ


ହରିଶଙ୍କର କ୍ଷେତ୍ରର ଭିତ୍ତିଭୂମି ପରିଦର୍ଶନ କରୁଛନ୍ତି ପର୍ଯ୍ୟଟନ ନିର୍ଦ୍ଦେଶକ ଓ ଅନ୍ୟମାନେ।

**କ୍ଷେତ୍ର ପରିଦର୍ଶନ କଲେ ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ**

**ଖପ୍ରାଖୋଲ, ୧୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପର୍ଯ୍ୟଟନସ୍ଥଳୀ ହରିଶଙ୍କରର ସମନ୍ୱିତ ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର.ଯାଦବ, ଓଟିଡିସି ଚେୟାରମ୍ୟାନ ଶ୍ରୀମୟୀ ମିଶ୍ର, ଜିଲାପାଳ ଚଞ୍ଚଳ ରାଣା ଗୁରୁବାର ହରିଶଙ୍କରରେ ପହଞ୍ଚିଥିଲେ। ପ୍ରଥମ ପର୍ଯ୍ୟାୟରେ ହରିଶଙ୍କରର ବିକାଶ ପାଇଁ ବ୍ୟୟବରାଦ ହୋଇଥିବା ୧ କୋଟି ଟଙ୍କା ଖର୍ଚ୍ଚର ଏଷ୍ଟିମେଟ ଦେଖିଥିଲେ। ମାଷ୍ଟର ପ୍ଲାନରେ ଥିବା ମନ୍ଦିର ଚାରିପାଖର ଉନ୍ନତିକରଣ, ମୁଖ୍ୟ ତୋରଣ ନିର୍ମାଣ, ସୌନ୍ଦର୍ଯ୍ୟକରଣ, ପାହାଡ ଚାରିପାଖର ଉନ୍ନତୀ, ପାର୍କ ନିର୍ମାଣ, ବୋଟିଂ ସେଣ୍ଟର ନିର୍ମାଣ ପାଇଁ କ୍ଷେତ୍ର ପରିଦର୍ଶନ କରିଥିଲେ। ମନ୍ଦିର ପରିସର ପୁରୁଣା ଘର,କୋଠା ଭଙ୍ଗା ଯାଇ ଏହାର ବିକାଶ ନୂତନ ଢାଞ୍ଚାରେ କରାଯିବ ବୋଲି ପର୍ଯ୍ୟଟନ ନିର୍ଦ୍ଦେଶକ ଯାଦବ କହିଥିଲେ। ଉପଜିଲାପାଳ ସୋମନାଥ ପଧାନ, କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ ବେହେରା, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟ କୁମାର ପରିଡା, ଡିଏଫଓ ସମୀର ଶତପଥୀ, ବିଡିଓ ତରଣୀ ସୁନା, ତହସିଲଦାର ଧିରୋଜ ପାତ୍ର, ବିପ୍ର ବିଶି, ଅଭୟ ତ୍ରିପାଠୀ, ଶଶି ପୂଝାରୀ, ଗୁପ୍ତେଶ୍ୱର କୁଅଁର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଜୁନାଗଡ, ୧୭।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ସହର ହୀରାସାଗରପଡାସ୍ଥିତ ଏକ ଗଛରୁ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକଙ୍କ ନାମ ବିପିନ ପାତ୍ର (୨୨)। ସେ ଥୁଆମୂଳ ରାମପୁର ପାନଭଟା ଗ୍ରାମର। ସୂଚନା ଅନୁଯାୟୀ, ବିପିନ ଗତ କିଛି ବର୍ଷ ହେଲା ଜୁନାଗଡ ସହର ହୀରାସାଗରପଡାସ୍ଥିତ ନିଜ ବୃଦ୍ଧା ମାଉସୀମଉସା ଘରେ ରହି ସହରରେ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ସକାଳରେ ମାଉସୀ ଘର ପଛପଟ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହକୁ ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପୋଲିସ ଘଟଣା ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜୁନାଗଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୦୨୦) ରୁଜୁ ହୋଇଛି।

### ନୃସିଂହନାଥରେ ଓଟିଡିସି କଟେଜ

**ପାଇକମାଲ, ୧୭।୧୨ (ଡି.ଏନ.ଏ):** ବରଗଡ ଜିଲା ପାଇକମାଲର ନୃସିଂହନାଥ ତୀର୍ଥକ୍ଷେତ୍ରରେ ନିର୍ମିତ ହୋଇଥିବା ଓଟିଡିସିର ୪ଟି କଟେଜ୍‌କୁ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂବରିହା ଗୁରୁବାର ଉଦଘାଟନ କରିଛନ୍ତି। ଏହି ଉତ୍ସବରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ଆର୍. ଯାଦବ, ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର, ପଦ୍ମପୁର ଉପଜିଲାପାଳ ତନ୍ମୟ ଦରୱାନ, ବିଡିଓ ତଥା ମନ୍ଦିର ଟ୍ରଷ୍ଟି ସୁରେନ୍ଦ୍ର ମେହେର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ନୃସିଂହନାଥ ମନ୍ଦିର କମିଟି ନୂତନ କଟେଜର ପରିଚାଳନା ଓ ରକ୍ଷଣାବେକ୍ଷଣ କରିବା ପାଇଁ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ଯାଦବ କହିଥିଲେ ।

### ଶକ୍ତିମନ୍ତ୍ରୀଙ୍କ ଦ୍ୱାରା ଷ୍ଟ୍ରିଟ୍ ଲାଇଟ୍ ଉଦ୍‌ଘାଟିତ



**କେସିଙ୍ଗା, ୧୭।୧୨ (ଡି.ଏନ.ଏ.) :** କଳାହାଣ୍ଡି ଜିଲା କେସିଙ୍ଗା ସହରର ଜଗନ୍ନାଥପଡାଠାରୁ ତେଲ ନଦୀକୁ ସଂଯୋଗ ହୋଇଥିବା ୯୦୦ ମିଟର ଆରଡି ରାସ୍ତା ଉଭୟ ପାର୍ଶ୍ୱରେ ଥିବା ୩୩୪ଟି ବିଦ୍ୟୁତ୍ ଖୁଣ୍ଟରେ ସ୍ମାର୍ଟ ଏଲଇଡି ଆଲୋକିକରଣକୁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କେସିଙ୍ଗା ଏସଡିପିଓ ଏସ ସୁଶ୍ରୀ ପ୍ରମୁଖ ଯୋଗଦେଇଥିଲେ। କେସିଙ୍ଗା ଏନଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସମେତ ଅନ୍ୟ କର୍ମଚାରୀ ଯୋଗଦେଇଥିଲେ। ଶେଷରେ ଓମନଗରଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଶକ୍ତିମନ୍ତ୍ରୀ କେସିଙ୍ଗା ସହରକୁ ଆଲୋକିକରଣ କରିବା ସହିତ ପାନୀୟଜଳ, ରାସ୍ତାଘାଟ, ଡ୍ରେନ ପ୍ରମୁଖ ସୁବିଧା କରାଯିବ ବୋଲି କହିଥିଲେ।

### ଚିକିତ୍ସା ସହାୟତା କଲେ ସ୍ୱେଚ୍ଛାସେବୀ

**ବରଗଡ଼ ଅଫିସ,୧୭।୧୨:** ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ବରଗଡ଼ ସହର ଉପକଣ୍ଠ ଅମ୍ବାପାଲି ଗ୍ରାମର ଶିଶୁ ଲିପୁନ ବାଗ(୯)ଙ୍କୁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ଜନକଲ୍ୟାଣ ସେବା ଟ୍ରଷ୍ଟ ସହଯୋଗର ହାତ ବଢ଼ାଇଛି। ଅନୁଷ୍ଠାନର ସଭାପତି ମୁକୁନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ଲିପୁନଙ୍କୁ ବରଗଡ଼ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ପରେ ତାଙ୍କ ହାତରେ ଲାଗିଥିବା ଏକ ରଡ୍‌କୁ ଅସ୍ତ୍ରୋପଚାର କରି ବାହାର କରାଯାଇଥିଲା। ଅର୍ଥାଭାବ ଯୋଗୁ ଲିପୁନଙ୍କ ପରିବାର ଲୋକେ ସେହି ଅସ୍ତ୍ରୋପଚାର କରାଇ ପାରୁ ନ ଥିଲେ। ଅନୁଷ୍ଠାନର ସଭାପତି ଦାଶଙ୍କ ସମେତ ମହିଳା ପ୍ରମୁଖ ମେନକା ବାଗ, ସମ୍ପାଦିକା ରୀତାଞ୍ଜଳି ଦାଶ, ସହଯୋଗୀ ସନ୍ତୋଷ କୁମାର ଦାଶ ପ୍ରମୁଖ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍‌ପିଟାଲରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ


କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରାଯାଇଛି ।

**କନ୍ଧମାଳ,୧୭।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ-ତରଭା ସେତୁର ଆପ୍ରୋଚ ରାସ୍ତା ନିର୍ମାଣ ଓ ଜମି ହରାଇଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଗୁରୁବାର କଣ୍ଟାମାଳ-ଖୁଣ୍ଟିଗୋରା ୪୧ ନମ୍ବର ରାଜ୍ୟ ରାଜପଥ ଅବରୋଧ କରାଯାଇଥିଲା। ସୁବର୍ଣ୍ଣପୁର ଜିଲା ତରଭା ଥାନା ବନ୍ଦକେଡା ଗ୍ରାମ ଓ କଣ୍ଟାମାଳ ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀ ପୂର୍ବାହ୍ନ ୧୦ଟାରୁ କଣ୍ଟାମାଳ ତହସିଲ ଆଗରେ ରାଜପଥ ଉପରେ ବସି ରହିଥିଲେ । ଫଳରେ ୪ ଘଣ୍ଟା ଧରି ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା । ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିବାହୀ ଯନ୍ତ୍ରୀ ହୃଷୀକେଶ ବରାଳ, କଣ୍ଟାମାଳ ତହସିଲଦାର ଅର୍ଜୁନ ପ୍ରଧାନ, କଣ୍ଟାମାଳ ଆଇଆଇସି ଅଶ୍ୱିନୀ ଭିଡ୍ରିଆ, ସାମାଜିକ କର୍ମୀ ଡମ୍ବରୁଧର କଅଁର, ରବି ନାରାୟଣ ସାହୁ ପ୍ରମୁଖ ସେତୁ ନିର୍ମାଣ ପାଇଁ ଜମି ହରାଇଥିବା କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଏଥିସହିତ ସେମାନେ ଜିଲାପାଳ ଏହାର ସମାଧାନ କରିବା ପାଇଁ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୨ଟାରୁ ରାସ୍ତା ଅବରୋଧ ହଟିଥିଲା ।

## ମୋ ସ୍କୁଲ ଅଭିଯାନ ସଚେତନ କାର୍ଯ୍ୟକ୍ରମ

**ଭବାନୀପାଟଣା, ୧୭।୧୨ (ଡି.ଏନ.ଏ.)**

ଗଣନାଥପୁର ସାଧନ କେନ୍ଦ୍ର ସଂଯୋଜକ ଜଗନ୍ନାଥ ପ୍ରସାଦ ଦାଶଙ୍କ ନେତୃତ୍ୱରେ ଗୁଡିଆଲିପଦର ଗ୍ରାମରେ ମୋ ସ୍କୁଲ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭବାନୀପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଠାକୁର ଚରଣ ସାହୁ, ବିଆରସିସି ଜୟକୁମାର ମାଝି, ଜୟନ୍ତ କୁମାର ପତି ସିଆରସିସି ଦେପୁର, ପ୍ରଦୀପ କୁମାର ସାହୁ ପ୍ରଧାନ ଶିକ୍ଷକ ଉଦେପୁର ଉଚ୍ଚ ବିଦ୍ୟାଳୟ ଓ ପ୍ରଧାନଶିକ୍ଷକ ଗୁଡିଆଲିପଦର ଉଚ୍ଚ ବିଦ୍ୟାଳୟ ନୀଳମଣି ଦୁର୍ଗା ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ, ରେଡିଓ ପାଠଶାଳା, ବିଦ୍ୟାଳୟ ସଫେଇ, ଶିକ୍ଷା ସଂଯୋଗ, ପାକଶାଳା ଉଦ୍ୟାନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଗଣନାଥପୁର ସିଆରସିସିଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ କ୍ଲଷ୍ଟରସ୍ତରୀୟ ଦଳ ଗଠନ ଓ ଏକ ତଥ୍ୟ ପୁସ୍ତିକା ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଦେପୁର ସିଆରସିସି ଗଣନାଥପୁର ସାଧନ କେନ୍ଦ୍ରରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମଗୁଡିକୁ ପଥ ପ୍ରଦର୍ଶନ କରି ଆସୁଥିବାରୁ ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଗୁଡିଆଲିପଦର ଗ୍ରାମରେ ସଚେତନତା ଶୋଭାଯାତ୍ରା କରି ପୁରାତନ ଛାତ୍ରୀଛାତ୍ରମାନଙ୍କୁ ମୋ ସ୍କୁଲ ଅଭିଯାନରେ ସାମିଲ ହେବା ପାଇଁ ବୁଝାଇଥିଲେ। ଉଦେପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସାହୁଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଆରସିସି ଜୟ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣା ଏଡ଼ାଇବାକୁ ରାସ୍ତା ସଫେଇ


କେଉଁଟାପାଲିର ଯୁବଗୋଷ୍ଠୀ ରାସ୍ତା ସଫେଇ କରୁଛନ୍ତି।

**ଲୋଇସିଂହା,୧୭।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୁର୍ଜିଭଟା ପିଡବ୍ଲୁଡି ରାସ୍ତାରୁ କେଉଁଟପାଲି-ଗୋପାଳପୁର ପ୍ରଧାନମନ୍ତ୍ରୀ ରାସ୍ତାରେ ବାଲି ପଡିଛି। ଏଥିଯୋଗୁ ଅନେକ ସମୟରେ ଉକ୍ତ ରାସ୍ତାରେ ଦୁର୍ଘଟଣାମାନ ଘଟୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବାରୁ କେଉଁଟପାଲିର ଯୁବଗୋଷ୍ଠୀ ସାମୂହିକଭାବେ ଗୁରୁବାର ଉକ୍ତ ରାସ୍ତାକୁ ସଫେଇ କରିଥିଲେ। ଯୋଗୀସର୍ଡା ପଞ୍ଚାୟତ ଛେଲବାହାଲ ଗାଁ ନିକଟ ସୁକତେଲ ନଦୀରୁ ବାଲି ନେଇ ଯାଉଥିବା ଟ୍ରାକ୍ଟର ବିନା ଢାଙ୍କୁଣୀରେ ଯାଉଛି। ଏଥିଯୋଗୁ ବାଲି ଉଡି ଓ ଖସି ରାସ୍ତାରେ ପଡୁଛି। ରାସ୍ତା ଉପରେ ବାଲିସ୍ତର ଜମି ରହି ସଇକେଲ, ବାଇକ ଆରୋହୀ ଓ ଅନ୍ୟ ପଥାଚାରୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବା କେଉଁଟପାଲିର ସଞ୍ଜୀବ ତ୍ରିପାଠୀ କହିଛନ୍ତି। ନିକଟରେ ଦୁଇଜଣ ଛାତ୍ରୀ ସାଇକେଲରେ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇ ନିଶ୍ଚିତ ବିପଦରୁ ବର୍ତ୍ତିଥିଲେ। ଏହି କାରଣରୁ ଦୁର୍ଘଟଣାକୁ ଏଡାଇବା ପାଇଁ ଆଲୋଚନା କରି ଗ୍ରାମବାସୀ ସାମୂହିକ ସଫେଇ ନିଷ୍ପତ୍ତି ନେଇଥିଲେ ।

# ପଞ୍ଚାୟତ ଉପନିର୍ବାଚନ, ୨୨ରେ ମତଦାନ

**ସୋନପୁର,୧୭।୧୨(ନି.ପ୍ର.)**

**ସିନ୍ଧୁରପୁର ସରପଞ୍ଚ ପାଇଁ ୪, ମୟୂରଉଡାନ ସମିତି ସଭ୍ୟରେ ୨ ପ୍ରାର୍ଥୀ**

ସୁବର୍ଣ୍ଣପୁର ଜିଲାରେ ପଞ୍ଚାୟତ ଉପନିର୍ବାଚନ ପାଇଁ ଗତ ୪ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିସେମ୍ବର ୨୨ରେ ବିନିକା ବ୍ଲକ ସିନ୍ଧୁରପୁର ପଞ୍ଚାୟତ ଓ ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତର ମତଦାତାମାନେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ପୂର୍ବରୁ ମାର୍ଚ୍ଚ ୨୪ରେ ଉପନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ପ୍ରାର୍ଥୀପତ୍ର ଦାଖଲ, ଯାଞ୍ଚ, ପ୍ରତ୍ୟାହାର ଓ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ଭଳି ସମସ୍ତ ପ୍ରକ୍ରିୟା ସରିଥିଲା। ତେବେ କରୋନା ମହାମାରୀ ପାଇଁ ନିର୍ବାଚନ କମିଶନ ନିର୍ବାଚନକୁ ସ୍ଥଗିତ ରଖିଥିଲେ। ଏବେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜନୈତିକ ବାତାବରଣ ସରଗରମ ହୋଇଛି। ଚୂଡାନ୍ତ ପ୍ରାର୍ଥୀ ତାଲିକା ଅନୁଯାୟୀ ଖାଲି ପଡିଥିବା ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତ ସମିତି ସଭ୍ୟ ପଦବୀ ପାଇଁ ସର୍ଗୁଣାମୁଣ୍ଡାର ମନିନ୍ଦର ମେହେର ଓ କୀର୍ତ୍ତିପୁରର ରିଙ୍କୁ ଖମାରୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି। ସେହିପରି ବିନିକା ବ୍ଲକ ସିନ୍ଧୁରପୁର ପଞ୍ଚାୟତ ସରପଞ୍ଚ ପାଇଁ ବଲାରଙ୍ଗାର ଗୀତାଞ୍ଜଳୀ ମହାକୁର, ଚେରୁପାଲିର ମୀନତି ମଲ୍ଲିକ, ସିନ୍ଧୁରପୁରର ଜୟଶ୍ରୀ ପୂଜାହାରୀ ଓ ମଣିଗାଁର ସୁଭଦ୍ରା ପଧାନ ପ୍ରାର୍ଥୀ ହୋଇଛନ୍ତି। ମୟୂରଉଡାନରେ ୧୨ଟି ବୁଥ୍‌ରେ ଓ ସିନ୍ଧୁରପୁର ପଞ୍ଚାୟତର ୧୧ଟି ବୁଥ୍‌ରେ ମତଦାନ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ନିର୍ବାଚନ କମିସନଙ୍କ ନିର୍ଦ୍ଦେଶ କ୍ରମେ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ସମସ୍ତ ମତଦାନ କେନ୍ଦ୍ର ସାନିଟାଇଜ୍ କରାଯିବ। ମତଦାତାଙ୍କ ଥର୍ମାଲ ସ୍କାନିଂ ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ପ୍ରମୁଖ ରାଜନୈତିକ ଦଳଗୁଡିକ ପୌର ନିର୍ବାଚନ ପୂର୍ବରୁ ଏହି ଉପନିର୍ବାଚନରେ ବିଜୟ ଲାଭ କରିବା ପାଇଁ ଗୋଟି ଚାଳନା ଆରମ୍ଭ କରିଛନ୍ତି।

## ବିଦ୍ୟୁତ୍ କର୍ମଚାରୀଙ୍କ ବିକ୍ଷୋଭ

**ବରଗଡ଼ ଅଫିସ,୧୭।୧୨**

ୱେସ୍କୋକୁ ଟାଟା ପାୱାର ହାତରେ ବିକ୍ରିକୁ ପଶ୍ଚିମ ଓଡ଼ିଶା ବିଦ୍ୟୁତ, ଶ୍ରମିକ କର୍ମଚାରୀ, ଇଞ୍ଜିନିୟର୍ସ ଏକତା ମଞ୍ଚ ବିରୋଧ କରିଛି। ଏହି କ୍ରମରେ ଗୁରୁବାର ବରଗଡ଼ ସ୍ଥିତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚର ବରଗଡ଼ ଜିଲା ଶାଖାର କର୍ମକର୍ତ୍ତା, ସଭ୍ୟମାନେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦେଇଥିଲେ। ଟାଟା ପାୱାର ଯୋଜନାବଦ୍ଧ ଭାବେ ସମସ୍ତ ଶ୍ରମିକ ପଦବୀରେ ଠିକା ନିଯୁକ୍ତି କରିବାର ନିଷ୍ପତ୍ତି ନେଇଛି। ଏହାଦ୍ୱାରା ବହୁ ବିଦ୍ୟୁତ୍ କର୍ମଚାରୀ ନିଯୁକ୍ତି ହରାଇବେ ଏବଂ ନିଯୁକ୍ତି ମଧ୍ୟ ନିୟମିତ ହୋଇ ପାରିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଫଳରେ ସରକାର ଟାଟା ହାତରେ ୱେସ୍କୋକୁ ବିକ୍ରି ନିଷ୍ପତ୍ତିରୁ ଓହରିଯିବାକୁ ମଞ୍ଚ ନିବେଦନ କରିଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବହୁ ବିଦ୍ୟୁତ କର୍ମଚାରୀ ସାମିଲ ହୋଇଥିଲେ।



ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟୁତ୍ କର୍ମଚାରୀ ବିକ୍ଷୋଭ କରୁଛନ୍ତି ।

# ଧାନବିକ୍ରିରୁ ବଞ୍ଚିତ ଚାଷୀ ଜିଲାପାଳଙ୍କୁ ଭେଟିଲେ

**ତରବୋଡ, ୧୭।୧୨ (ଡି.ଏନ.ଏ.)**



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀ ପ୍ରତିନିଧି ଦଳ।

**୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ମିଳିନି ଟୋକନ**

ନୂଆପଡା ଜିଲା ସଦର ବ୍ଲକ ଧମରବାନ୍ଧା ପ୍ୟାକ୍ସ ଅଧୀନ ମୋଟା ନୂଆପଡା ଗ୍ରାମପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଟୋକନ ନ ମିଳିବାରୁ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଗୁରୁବାର ଚାଷୀଙ୍କ ଏକ ପ୍ରତିନିଧି ଦଳ ନୂଆପଡା ଆସି ଜିଲାପାଳ ସ୍ୱାଧାଦେବ ସିଂଙ୍କ ସହିତ ଆଲୋଚନା କରିଛନ୍ତି। ସମସ୍ୟା ଉପରେ ବୁଝିବା ସହିତ ଚାଷୀଙ୍କ ଧାନ ଖୁବଶୀଘ୍ର ବିକ୍ରି ହେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିନିଧି ଦଳକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ନୂଆପଡା ଜିଲା ସଦର ବ୍ଲକ ମୋଟା ନୂଆପଡା ଗ୍ରାମପଞ୍ଚାୟତ ତୋରା, କୁକୁଡାଡ଼ାଲ, ରଜାଭଟ୍ଟା, କୁକୁରିମୁଡି, କଳମିଦାଦର, ସେଟଜମପାନୀ, ପାଶାମାରା, ପାରେ ଗାଁ ଓ ମୋଟା ନୂଆପଡା ଗାଁର ୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଖରିଫ ଧାନ ବିକ୍ରୟ ପାଇଁ ଧମରବନ୍ଧା ପ୍ୟାକ୍ସରେ ନାମ ପଞ୍ଜୀକୃତ ପାଇଁ ଆବେଦନ କରିଥିଲେ। ଅନଲାଇନରେ ଆବେଦନ ହୋଇଥିବା ବେଳେ ପ୍ୟାକ୍ସ କର୍ମଚାରୀଙ୍କ ଅବହେଳା ଯୋଗୁ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇ ଧାନ ବିକ୍ରି କରି ପାରୁନାହାନ୍ତି। ଅନଲାଇନ ସମୟରେ ଫର୍ମରେ ଜମିର ଜଳସେଚିତ କି ଅଣଜଳସେଚିତ ଅଞ୍ଚଳରେ ଅଛି ତାହା ଦର୍ଶାଇବାକୁ ପଡେ। ହେଲେ ଏହି ସବୁ ଗ୍ରାମ ଅଣଜଳସେଚିତ ହୋଇଥିଲେ ବି ଫର୍ମରେ ଲିଫ୍ ଏରିଗେସନ୍ ବୋଲି ଲେଖା ଯାଇଥିବାରୁ ୨୦୦ ଚାଷୀଙ୍କ ଖାତାକୁ ବ୍ଲକ ରଖାଯାଇଛି। ଅନଲାଇନ ସମୟରେ ପ୍ୟାକ୍ସ କର୍ମଚାରୀଙ୍କ ଭୁଲ ଯୋଗୁ ଚାଷୀ ହଇରାଣ ହେବାକୁ ପଡୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଶୀଘ୍ର ଚାଷୀଙ୍କ ଧାନ ବିକ୍ରୟ ହେଉ ବୋଲି ଦିଲୀପ କୁମାର, ନିର୍ମଳ କର, ଲଳିତ ଶବର, କମଳେଶ କାନୱାର, ନେପାଳ ମାଝି, ଗନେଶ ମାଝି, ସୁକାଲୁ କେଉଟ, ବଂଶିଲାଲ ମାଝି, ଗୈଳଲାଲ କେଉଟ, ମୂଳଚନ କେଉଟ, ସୁବାସ ମାଝି, ନେମିଚନ ସାହୁ, ଓମପ୍ରକାଶ ସାହୁ, ପୁରୁଷୋତ୍ତମ ରାଉତ, ଯୋଗେଶ କୁମାର ସାହୁ ପ୍ରମୁଖ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଜିଲାପାଳଙ୍କଠାରେ ଦାବି କରିଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୮ ଡିସେମ୍ବର, ୨୦୨୦



## ଶିଶୁଙ୍କୁ ଉଦ୍ଧାର କଲା ଚାଇଲ୍ଡ ଲାଇନ

ବରଗଡ଼ ଅଫିସ: ବରଗଡ଼ ରୋଡ୍ ରେଳଷ୍ଟେଶନରୁ ବୁଧବାର ସ୍ଥାନୀୟ ଅନୁଷ୍ଠାନ ପତଙ୍ଗ, ଚାଇଲ୍ଡ ଲାଇନ୍‌ର ସ୍ୱେଚ୍ଛାସେବୀମାନେ ଜଣେ ଶିଶୁଙ୍କୁ ଉଦ୍ଧାର କରିଥିଲେ। ଶିଶୁ ଜଣକ ରାଉରକେଲାର ବୋଲି ଜଣାପଡ଼ିଥିଲା । ଏହାପରେ ବରଗଡ଼ ଚାଇଲ୍ଡ ଡାଇନ ପକ୍ଷରୁ ରାଉରକେଲା ଚାଇଲ୍ଡ ଲାଇନ ସହିତ ଯୋଗାଯୋଗ କରାଯାଇଥିଲା । ଶିଶୁର ସମ୍ପୂର୍ଣ୍ଣ ଠିକଣା ମିଳିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ଖବର ପାଇ ଶିଶୁର ମା' ବାପା ବରଗଡ଼ ଆସିଥିଲେ । ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ଶିଶୁ ମଙ୍ଗଳ କମିଟି ଏବଂ ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତା, ଅଧିକାରୀଙ୍କ ଉପସ୍ଥିତିରେ ଶିଶୁକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

**ସଂକ୍ଷେପରେ**

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରି ମିଳିନି ମଜୁରି

ଲାଠୋର, ୧୭।୧୨(ଡି.ଏନ. ଏ.): ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବନ ବିଭାଗ ଦ୍ୱାରା ଗାର୍ଡୱାଲ ନିର୍ମାଣରେ ନିୟୋଜିତ ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମହୁଲପାଟି ପଞ୍ଚାୟତ ଅନ୍ତର୍ଗତ ଗଇନ୍ଦିମାଲର ଶ୍ରମିକମାନେ ପାଇ ନାହାନ୍ତି ମଜୁରୀ। ପାଉଣା ପାଇଁ ସେମାନେ କଣ୍ଟାବାଞ୍ଜି ରେଞ୍ଜରଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ଉପକାର ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୨୦୨୦ରେ ୧୪୫ଶ୍ରମିକଙ୍କ ସହ ମହୁଲପାଟି, ବରିଆଲି ଏବଂ ବାହାବଲ ଗ୍ରାମର ଶତାଧିକ ମହିଳା ପୁରୁଷ ଶ୍ରମିକ ଗଇନ୍ଦିମାଲ ନିକଟ ରାଜୁ ଜଙ୍ଗଲରେ ଗାର୍ଡ଼ୱାଲ କାମ କରିଥିଲେ। ସରକାରୀ ନିୟମ ଅନୁସାରେ କାମ କରିବାର ୧୫ ଦିନ ମଧ୍ୟରେ ଶ୍ରମିକମାନଙ୍କ ଆକାଉଣ୍ଟରେ ମଜୁରି ବାବଦ ଅର୍ଥ ଜମା କରିବା କଥା। ହେଲେ ବନ ବିଭାଗ ନିୟମ ଉଲ୍ଲଂଘନ କରି ସେମାନଙ୍କୁ ମଜୁରି ପ୍ରଦାନ କଲେନାହିଁ ବୋଲି ଶ୍ରମିକ ବଲିଷ୍ଠ ରାଉତ, ଅମଲୁ ପାଣ୍ଡେ, ଜଗନ୍ନାଥ ଥପା, ଗୋପାଳ ପାଣ୍ଡେ, ଦୟାନିଧି ନିଆଲ ପ୍ରମୁଖ କହିଛନ୍ତି। ଏନେଇ ରେଞ୍ଜର ଶ୍ରାଦ୍ଧଦେବ ବଡମାଲିଙ୍କୁ ପଚାରିବାରୁ ତଦନ୍ତ ପରେ ଶ୍ରମିକଙ୍କ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ଗାର୍ଗିବ ମେହେର ମେମୋରିଆଲ କ୍ରିକେଟ: ସେମିରେ ପାଣ୍ଡେଲ

ଦେଓଗାଁ,୧୭।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲିର ଉମ୍ବରୁଧର ଷ୍ଟାଡିୟମରେ ସାହାରା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ବାର୍ଷିକ ଗାର୍ଗିବ ମେହେର କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ପାଣ୍ଡେଲ ଓ ରୁଗୁଡିପାଲି ଦଳ ମଧ୍ୟରେ ହୋଇଥିଲା। ଏଥିରେ ପାଣ୍ଡେଲ ଦଳ ୧୩ରନରେ ବିଜୟୀ ହୋଇଥିଲା । ଗୌରଗୋଠ ଓ ମାଧିଆପାଲି ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ଏଥିରେ ମାଧିଆପାଲି ୧ରନରେ ବିଜୟୀ ହୋଇଥିଲା । ପରେ ପାଣ୍ଡେଲ ଓ ମାଧିଆପାଲି ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ପାଣ୍ଡେଲ ଦଳ ୪ ଉଇକେଟରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ଖେଳକୁ ଜୟରାମ ଭୋଇ, ସୁଶାନ୍ତ କୁଅଁର ଓ ସମୀର ପଧାନ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସରେ ଅତିଥିଭାବେ ସମୀର ସାଗର, ସଚ୍ଚିଦାନନ୍ଦ ପାଢ଼ୀ, ଉଦୟ ସାମଲ, ଦଶରଥ ସାମଲ, ରଞ୍ଜନ ଷଡଙ୍ଗୀ, ଶିବ ପ୍ରସାଦ ସାହୁ, କରଣାକର ସାହୁ, ରାଧାକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ଗୋଡୋମୁଣ୍ଡା ଡାହିମାଲ ରାସ୍ତା କାର୍ଯ୍ୟ ତଦାରଖ କଲେ ଜିଲା ବିଜେଡି ସଭାପତି



କୋକସରା, ୧୭।୧୨ (ଡି.ଏନ.ଏ.): କଳାହାଣ୍ଡି ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଗୁରୁବାର କୋକସରା ବ୍ଲକ ଗସ୍ତ କରିଛନ୍ତି। ଲଡୁଗାଁ ପଞ୍ଚାୟତରେ ପହଞ୍ଚି ବହୁ ପ୍ରତୀକ୍ଷିତ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲକୁ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସରେ ଆଉ କିଛିଦିନ ପରେ କୋକସରା ଅଞ୍ଚଳର କୃଷକ ଭାଇଙ୍କ ପାଇଁ ଲୋକାର୍ପଣ କରିବା କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ। ପରେ ସେ ଗୋତମୁଣ୍ଡା ଡାହିମାଲ ରାସ୍ତା କାମ ପରିଦର୍ଶନ କରିଛନ୍ତି। ବ୍ଲକ ଯୁବ ସଭାପତି ହେମନ୍ତ ମାଝିଙ୍କ ନେତୃତ୍ୱରେ ଅଠରନାଳା ନିକଟରେ ଲୋକଙ୍କ ସହ ଏକ ବୈଠକ କରି ଅଞ୍ଚଳର ସମସ୍ୟା ନେଇ ଆଲୋଚନା କରିଥିଲେ। ରାସ୍ତା ଶୀଘ୍ର ଶେଷ କରିବାକୁ ଲୋକେ ଜିଲା ସଭାପତିଙ୍କ ନିକଟରେ ଦାବି କରିଥିଲେ। ଜିଲା ସଭାପତିଙ୍କ ଗ୍ରସ୍ତ ବେଳେ ରାଜ୍ୟ ବିଜୁ ଛାତ୍ର ବିଜେଡି ଉପସଭାନେତ୍ରୀ ବୈଶାଖୀ ନନ୍ଦ, ଜିଲା ଛାତ୍ର ବିଜେଡି ସଭାନେତ୍ରୀ ପୂଜା ସାଗର, ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, କୋକସରା ବ୍ଲକ ଆମ୍ବା ଅଧକ୍ଷ ରୁତୁରାଜ ମାଝି, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ପ୍ରମୋଦ ପ୍ରଧାନୀ, ବ୍ଲକ ଛାତ୍ର ବିଜେଡି ସଭାପତି ମାନସ ରଞ୍ଜନ ବେହେରା, ନରେନ୍ଦ୍ର ପ୍ରଧାନ, ବନମାଲି ପ୍ରଧାନୀ ସମେତ ଦଳୀୟ କର୍ମୀମାନେ ପ୍ରମୁଖ ଯୋଗଦେଇ ଥିଲେ ।

# ବୀମା ଅବଧି ବୃଦ୍ଧି ଦାବିକଲେ ଚାଷୀ

ବରଗଡ଼ ଅଫିସ,୧୭।୧୨

ରବିଋତୁ ଫସଲ ପାଇଁ ବୀମା ପ୍ରିମିୟମ ଜମା କରିବା ଅବଧି ଗତ ୧୫ତାରିଖରୁ ଶେଷ ହୋଇଛି। ଅନ୍ୟବର୍ଷ ଏହି ଅବଧି ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ରହୁଥିବାବେଳେ ଏଥର ଏହାକୁ ୧୬ଦିନ ପଛକୁ ଫେରାଇ ଆଣିବାରୁ ବହୁ ଚାଷୀ ବୀମା ପ୍ରିମିୟମ ଜମା କରିବାରୁ ବଞ୍ଚିତ ହୋଇଛନ୍ତି । ଫଳରେ ପ୍ରାକୃତିକ ବିପର୍ଯ୍ୟୟ ହେଲେ ସମ୍ପୃକ୍ତ ଚାଷୀମାନଙ୍କୁ ବୀମା କ୍ଷତିପୂରଣ ମିଳିବ ନାହିଁ। ଏହାକୁ ନେଇ ଜିଲାର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର



ବୀମା ଅବଧି ବୃଦ୍ଧି ପାଇଁ ତହସିଲଦାରଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

ପ୍ରତିବାଦରେ ଗୁରୁବାର ବରଗଡ଼ ଜିଲା ଭେଡ଼େନ ବ୍ଲକର ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଅନୀଲ ହୋତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଅନେକ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ଧାନ ବିକିଥିଲେ ସୁଦ୍ଧା ଚାଷୀଙ୍କୁ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟ ମିଳିପାରିନାହିଁ। ଫଳରେ ସେମାନେ ଗତ ୧୫ତାରିଖ ମଧ୍ୟରେ ବୀମା ପ୍ରିମିୟମ ରାଶି ଜମା କରିବାରେ ସକ୍ଷମ ହୋଇପାରିନାହାନ୍ତି। ବୀମା ରାଶି ଜମା କରିବା ଅବଧିକୁ ଆସନ୍ତା ୨୦୨୧ ଜାନୁୟାରୀ ୧୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ଦିଗରେ ପଦକ୍ଷେପ ନେବା ପାଇଁ ଚାଷୀମାନେ ନିବେଦନ କରିଛନ୍ତି। ଭାଜପା ନେତା ବିପିନ ଭୋସାଗର, ଯଶୋବନ୍ତ ସେଠ ପ୍ରମୁଖଙ୍କ ନେତୃତ୍ୱରେ ଚାଷୀମାନେ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଭିନ୍ନକ୍ଷମ ଦମ୍ପତିଙ୍କ ପାଇଁ ଅପହଞ୍ଚ ସରକାରୀ ଯୋଜନା



ଭଙ୍ଗା କୁଡିଆ ସମ୍ମୁଖରେ ଦୂତୀୟା ଓ ତାଙ୍କ ସ୍ତ୍ରୀ ପୁତନା କରୁଆ।

ଖପ୍ରାଖୋଲ, ୧୭।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଅନ୍ତର୍ଗତ ଝାଙ୍କିରିପାଲି ଗାଁର ଦୂତୀୟା କରୁଆ (୬୫) ଓ ତାଙ୍କ ସ୍ତ୍ରୀ ପୁତନା କରୁଆ(୬୦)। ଉଭୟେ ଭିନ୍ନକ୍ଷମ। ଦୂତୀୟାଙ୍କ ଦୁଇଗୋଡ ବଙ୍କା ହୋଇଥିବାରୁ ବିଶେଷ ଚାଲବୁଲ କରି ପାରନ୍ତି ନାହିଁ। ପୁତନା ବାକ୍‌ଶକ୍ତି ବାଧିତ ଏବଂ କର୍ଣ୍ଣଦୋଷ ରହିଛି। ୪ପୁଅ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି। ଏହି ପରିସ୍ଥିତିରେ ବଡକଷ୍ଟରେ ଜୀବନ ଜୀଉଁଛନ୍ତ କରୁଆ ଦମ୍ପତି। ଦୁର୍ଭାଗ୍ୟକୁ କୌଣସି ସରକାରୀ ଯୋଜନାରେ ସାମିଲ ହୋଇ ପାରି ନାହାନ୍ତି ସେମାନେ।

ବେଲପଡା ବ୍ଲକ ଅମାବଂଜିର ମୂଳ ବାସୀନ୍ଦା ଦୂତୀୟାଙ୍କ ଶ୍ୱଶୁର ଘର

**ମିଳୁନି ଚାଉଳ କି ଭତ୍ତା**

ଗାଁ ଝାଙ୍କିରିପାଲିରେ ରହୁଛନ୍ତି। ଶ୍ୱଶୁର ଘର ଆବଶ୍ୟକ ଜାଗା ନ ଥିବାରୁ ଅନ୍ୟ ଜଣଙ୍କ ଘରେ ସେମାନେ ମୁଣ୍ଡ ଗୁଞ୍ଜିଛନ୍ତି। ଝାଙ୍କିରିପାଲିରେ ଥିବା ବେଳେ ତାଙ୍କର ଏକ ବିପିଏଲ୍ କାର୍ଡ ଥିଲା । ହେଲେ ଦାଦନ ଖଟି ଯାଇଥିବାରୁ ବହୁ ଦିନ ହେଲା ତାଙ୍କ କାର୍ଡ କଟିଯାଇଛି। ଏଥିଯୋଗୁ ତାଙ୍କୁ ଚାଉଳ ଓ ଅନ୍ୟାନ୍ୟ ପିଡିଏସ୍ ସାମଗ୍ରୀ ମିଳୁନାହିଁ। ଏପରିକି କୌଣସି ଆବାସ ଯୋଜନାରେ ସାମିଲ ହୋଇ ପାରି ନାହାନ୍ତି। ଏ ନେଇ ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପଚାରିବାରୁ ତାଙ୍କୁ କାଗଜ ପତ୍ର ଦେବା ପାଇଁ କୁହାଯାଇଛି। ଚାଉଳ ଏବଂ ଭତ୍ତା ତୁରନ୍ତ ଯୋଗାଇ ଦେବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ତୁରୁମ, ମିର୍ଦ୍ଧାପଡ଼ା ସେମିକୁ ଉନ୍ନୀତ

ବିନିକା,୧୭।୧୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାମପଞ୍ଚାୟତ ଖଇରମାଳ ଗ୍ରାମ ହରିଶଙ୍କର ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ପଞ୍ଚାୟତସ୍ତରୀୟ ଫୁଟବଲ୍ କପ୍ ଗୁରୁବାର ତୃତୀୟ ଦିବସରେ ପହଞ୍ଚିଛି। ତୃତୀୟ ଦିବସ ପ୍ରତିଯୋଗିତାରେ ମିର୍ଦ୍ଧାପଡା, ସହଁରାପାଲି, ସୋନପୁର ଓ ସୁଲେଇ ଆଦି ୪ଟି ଦଳ ଅଂଶଗ୍ରହଣ କରିଥିଲେ । ପ୍ରଥମ ମ୍ୟାଚ ମିର୍ଦ୍ଧାପଡା ଓ ସହଁରାପାଲି ମଧ୍ୟରେ ହୋଇଥିଲା। ଖେଳରେ ମିର୍ଦ୍ଧାପଡା ସହଁରାପାଲିକୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ସୋନପୁର ଓ ସୁଲେଇ ମଧ୍ୟରେ ହୋଇଥିଲା ।ଏଥିରେ ସୋନପୁର ଦଳ ସୁଲେଇକୁ ୧-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା । ଏହାପରେ ସେମିଫାଇନାଲ ମ୍ୟାଚ ମିର୍ଦ୍ଧାପଡା ଓ ସୋନପୁର ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ଖେଳରେ ଉଭୟ ଦଳ କେହି କାହାକୁ ଗୋଲ ଦେଇ ନ ପାରିବା କାରଣରୁ ପେନାଲ୍‌ଟି ଶୁଟ୍‌ଆଉଟ୍ ହେଲା। ଏଥିରେ ମିର୍ଦ୍ଧାପଡା ୪-୩ ଗୋଲ ଦେଇ ସୋନପୁରକୁ ପରାଜିତ କରି



ତୃତୀୟ ଦିବସ ମ୍ୟାଚର ବିଜେତା ମିର୍ଦ୍ଧାପଡା ଓ ସୋନପୁର ଦଳ ।

**ଖଇରମାଳ ଫୁଟବଲ**

ସେମିଫାଇନାଲକୁ ପ୍ରବେଶ କରିଥିଲା। ଆଜିର ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ ମିର୍ଦ୍ଧାପଡା ଦଳର କ୍ରୀଡାବିତ୍ ଚିଣ୍ଟୁ ବାଘ । ବୁଧବାର ଦ୍ୱିତୀୟ ଦିବସ ମ୍ୟାଚର ପ୍ରଥମ ପର୍ଯ୍ୟାୟ ଫୁଟବଲ ଖେଳ ସିଲାଟି ବନାମ ସାରସମାଳ ମଧ୍ୟରେ ହୋଇଥିଲା। ଏଥିରେ ସାରସମାଳ ବିଜୟୀ ହୋଇଥିଲା। ପରେ ଦ୍ୱିତୀୟ ପର୍ଯ୍ୟାୟ ଫୁଟବଲ ଖେଳ ବାଞ୍ଜିପାଲି ବନାମ ତୁରୁମ ମଧ୍ୟରେ ହୋଇଥିଲା । ମାତ୍ର ଖେଳରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ପେନାଲ୍‌ଟି ଶୁଟ୍ ଆଉଟ୍ ହେଲା । ଏଥିରେ ତୁରୁମ ଦଳ ବାଞ୍ଜିପାଲିକୁ ୪-୩ ଗୋଲ୍‌ରେ ପରାଜିତ କରି ଉନ୍ନୀତ ହୋଇଥିଲା । ସେମିଫାଇନାଲ ମ୍ୟାଚ ସାରସମାଳ ଓ ତୁରୁମ ମଧ୍ୟରେ ହୋଇଥିଲା। ସେମିଫାଇନାଲରେ ତୁରୁମ ଦଳ ସାରସମାଳକୁ ୧-୦ ଗୋଲରେ ପରାସ୍ତ କରି ଖଇରମାଳ ଫୁଟବଲ ମ୍ୟାଚର ଦ୍ୱିତୀୟ ଦଳ ଭାବରେ ସେମିଫାଇନାଲରେ ପହଞ୍ଚିଥିଲା। ଚିତ୍ତାକର୍ଷକ କ୍ରୀଡା ପ୍ରଦର୍ଶନ କରିଥିବାରୁ ତୁରୁମ ଦଳର ଟେଣ୍ଟୁ ପଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ସୁଶାନ୍ତ ମହାକୁର ଓ ରାମଜୀ ପଧାନ ପୁରସ୍କାର ପ୍ରଦାନ କରିଥିଲେ।

## ପାଇପ୍ ଫାଟି ଡ୍ରେନରେ ବହୁଛି ପାଣି

କୋକସରା, ୧୭।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କୋକସରା ଗାଁକୁ ଡିପ ବୋରୱାଲରୁ ପାନୀୟ ଜଳ ଯୋଗାଣ ହେଉଛି। ଗତ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ପାନୀୟ ଜଳ ପାଇପ ଫାଟି ଅନବରତ ପାଣି ଡ୍ରେନରେ ବୋହୁଥିବା ବେଳେ ଡ୍ରେନ ଦୂଷିତ ମଇଳା ପାଣି ପୁଣି ପାଇପରେ ମିଶି ପଡ଼ାବାସୀଙ୍କୁ ଯୋଗାଣ ହେଉଛି। ଅଜାଣତରେ ଲୋକେ ଏହି ଦୂଷିତ ପାଣିକୁ ବ୍ୟବହାର କରୁଛନ୍ତି। ଜଳ ଯୋଗାଣ ଓ ପରିମଳ ବିଭାଗ କିମ୍ବା ସ୍ଥାନୀୟ ପଞ୍ଚାୟତ ପାଇପକୁ ମରାମତି କରୁନାହାନ୍ତି। କୋକସରା ଗ୍ରାମର ୬ ଓ ୧୦ ନମ୍ବର ୱାର୍ଡ଼କୁ ଯୋଗାଣ ହେଉଥିବା ପାନୀୟ ଜଳ ପାଇପ ଗତ ୧୫ ଦିନ ତଳେ ଜଣେ ବ୍ୟକ୍ତିଙ୍କ ଟ୍ରାକ୍ଟର ଚାପାରେ ଫାଟି ଯାଇଛି। ସେହି ଦିନଠୁ ପାଇପରୁ ପାଣି ଡ୍ରେନରେ ମିଶୁଛି, ସେହି ପାଣିକୁ ଏହି ଦୁଇ ୱାର୍ଡ଼ର ଲୋକେ ବ୍ୟବହାର କରୁଛନ୍ତି। ସରପଞ୍ଚଙ୍କଠାରୁ ଜଳ ଯୋଗାଣ ବିଭାଗୀୟ ଯନ୍ତ୍ରୀଙ୍କଠାରେ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି। ଫଳରେ ଏହି ଦୂଷିତ ପାଣି ବ୍ୟବହାର ଯୋଗୁ ଆଗକୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ଆଶଙ୍କା ରହିଛି। ଏ ନେଇ କୋକସରା ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଅଜିତ କୁମାର ସେଠିଙ୍କୁ ପଚରିବାରୁ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମରାମତି କରାଯିବ ବୋଲି କହିଛନ୍ତି ।

## ତଦନ୍ତ କଲେ ତହସିଲଦାର

ଦେଓଗାଁ,୧୭।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଟୁର୍ଲା କୃଷିସେବା ସମବାୟ ସମିତିରେ ଧାନକିଣାରେ ଅନିୟମିତତା ଅଭିଯୋଗ ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ପ୍ରଥମେ ବିଭାଗୀୟ ଅଧିକାରୀ ଏଆରସିଏସ, ଡିଆରସିଏସ ପ୍ରାଥମିକଭାବେ ପରିଦର୍ଶନ ପରେ ସୋମବାର ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ବିଧାୟକ ନରସିଂହ ମିଶ୍ର ଉକ୍ତ ଘଟଣାକୁ ନେଇ ଯୋଗାଣ ନିରୀକ୍ଷକଙ୍କୁ ତଦନ୍ତ କରି ୨ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ କହିଥିଲେ। ବୁଧବାର ସନ୍ଧ୍ୟାରେ ଅଚାନକଭାବେ ଜିଲାପାଳ ଚଞ୍ଚଳ ରାଣା ପ୍ୟାକ୍ସରେ ପହଞ୍ଚି ଧାନକିଣା ବ୍ୟବସ୍ଥାର ତଦାରଖ କରିଥିଲେ। ଏହି ଅବସରରେ ସେ ଘଟଣାର ତଦନ୍ତ କରିବାକୁ ତହସିଲଦାର ନାରାୟଣ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ତହସିଲଦାର

**କୁଟୁର୍ଲା ପ୍ୟାକ୍ସରେ ଫଲ୍ସ ଏଣ୍ଟ୍ରି ଅଭିଯୋଗ**

ସାହୁ, ରାଜସ୍ୱ ନିରୀକ୍ଷକ ଅଧିର କୁମାର ନାଏକ ଦିନତମାମ କୁଟୁର୍ଲା କୃଷିସେବା ସମବାୟ ସମିତି ଅଧୀନ ଚାଷୀଙ୍କ ପ୍ରକୃତ ଚାଷଜମି, ଜମିର କିସମ ଆଦିର ଛାନଭିନ କରିବା ସହ ଫାଇଲ ତନଖି କରିଥିଲେ। ପ୍ରକାଶ ଯେ, ଉକ୍ତ ପ୍ୟାକ୍ସକୁ ଚଳିତ ମାସ ୧୨ ତାରିଖରେ ସଦର ବ୍ଲକର ୨ଟି ମଣ୍ଡିରୁ ୨ଟି ଟ୍ରକରେ ଧାନ ବୋଝେଇ ହୋଇ ଆସିଥିଲା । ଫଳରେ ଚାଷୀ ମହଲରେ ଫଲ୍ସ ଏଣ୍ଟ୍ରୀକୁ ନେଇ ଆଲୋଚନା ହୋଇଥିଲା। ଏ ସଂକ୍ରାନ୍ତରେ ଖବର ପ୍ରଘଟ ହେବାପରେ ପ୍ୟାକ୍ସ କର୍ତ୍ତୃପକ୍ଷ,ମିଲର ଓ ବେପାରୀ ମହଲରେ ଛନକା ପଶିଥିଲା।

## ମା' ବଇରାସରାଣୀ କ୍ରିକେଟ: ବେହେରାପାଲି ଚାମ୍ପିୟନ

ତରଭା,୧୭।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ନିକଟସ୍ଥ ବଇରାସର ପୂର୍ତ୍ତ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଥିବା ମା' ବଇରାସରାଣୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ୬ ଓଭର ବିଶିଷ୍ଟ ଏହି ସରକଲ ମ୍ୟାଚର ଫାଇନାଲ ବଇରାସର ଓ ବେହେରାପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରତି ଦଳରେ ୭ ଜଣ ଖେଳାଳି ଖେଳିବାର ନିୟମ ରଖାଯାଇଥିଲା । ବଇରାସର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୬ ଓଭରରେ ବଇରାସର ଦଳ ୩ ଉଇକେଟ ବିନିମୟରେ ୪୬ ରନ ସଂଗ୍ରହ କରିଥିଲା। ଜବାବରେ ବେହେରାପାଲି ଦଳ ୪ ଓଭର ୨ ବଲରେ ୨ ଉଇକେଟ ବିନିମୟରେ ୪୭ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା । ଏଥିରେ ମ୍ୟାନ ଅଫ୍ ଦି ମ୍ୟାଚ ଓ ବେଷ୍ଟ



ବ୍ୟାଟ୍ସ ମ୍ୟାନ ବେହେରାପାଲି ଦଳର କ୍ୟାପଟେନ ଅରୁଣ ଦୋରା, ବେଷ୍ଟ ବୋଲର ବଇରାସର ଦଳର ଟିଂହିଲୁ ପୋଢ, ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ସୁଧୀର ଭୋଇଙ୍କୁ ଦିଆଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବରେ ସୁଶୀଳ କୁମାର ଅଗ୍ରୱାଲା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶ୍ରୀପତି ବାଘ, ରାଧେଶ୍ୟାମ ସାହୁ, ରାଜେନ୍ଦ୍ର ବିଜୟ ସାହୁ, ଦାମୋଦର ନାଏକ, ରାଜକୁମାର ମାହାଣା ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ବେହେରାପାଲି ଦଳକୁ ଟ୍ରଫି ସହ ୬୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୪୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରବୀଣ ଦଳବେହେରା ଓ ସିଦ୍ଧାର୍ଥ ମାହାଣା ଖେଳ ପରିଚାଳନା କରିଥିଲେ ।

## ଦୁର୍ଗାମଣ୍ଡପ ଉଦ୍‌ଘାଟିତ

ଜୁନାଗଡ, ୧୭।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହର ବଙ୍ଗଳାଛକଠାରେ ଗୁରୁବାର ନୂତନ ଦୁର୍ଗା ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି। ଲଙ୍କେଶ୍ୱରୀ କ୍ଲବ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ଲଙ୍କେଶ୍ୱରୀ କ୍ଲବ ମୁଖ୍ୟ ଉପଦେଷ୍ଟା ଦୁର୍ଗା ପ୍ରସାଦ ନାଏକ, ସଭାପତି ସୁରେନ୍ଦ୍ର କୁମାର ସାହୁ, ସମ୍ପାଦକ ଶଙ୍ଖ ମହାଳିକ, କୋଷାଧ୍ୟକ୍ଷ ରାଜା ମହାଳିକ, ପୂର୍ବତନ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ପୂର୍ବତନ ଏନଏସି ଅଧକ୍ଷ ମହେଶ କୁମାର ସାହୁ, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିର ଖୋଲିବାକୁ ଦାବି

ଜାମଟିକ୍ରା, ୧୭।୧୨ (ଡି.ଏନ.ଏ)

ଅତାବିରା ଅଞ୍ଚଳରେ କରୋନା ସଂକ୍ରମଣ କମିଥିବାରୁ ପଶ୍ଚିମ ଓଡିଶାର ଅଷ୍ଟଶମ୍ଭୁ ପୀଠ, ସରଣ୍ଡାର ବିଶ୍ୱେଶ୍ୱର ମନ୍ଦିର, ସୋର୍ଣ୍ଣାର ସ୍ୱପ୍ନେଶ୍ୱର ପୀଠ, ଅତାବିରାର ଦୁର୍ଗା ମନ୍ଦିର, ଗୋଡଭଗାର ସମଲେଇ ମନ୍ଦିର, ଲାଦରପାଲିର ରାମଚଣ୍ଡୀ ମନ୍ଦିର ସମେତ ସମସ୍ତ ଦେବଦେବୀ ମନ୍ଦିର ଖୋଲିବା ପାଇଁ ଦାବି ହୋଇଛି । ଏହି ପରିପ୍ରେକ୍ଷୀରେ ଅତାବିରା ଦୁର୍ଗା ମନ୍ଦିର କମିଟିର ଏକ ପ୍ରତିନିଧି ଦଳ ସ୍ଥାନୀୟ ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ସାକ୍ଷାତ କରି ଦାବି ଜଣାଇଛନ୍ତି। ମନ୍ଦିର ଖୋଲିବା ପ୍ରସଙ୍ଗରେ ଜିଲା ପ୍ରଶାସନ ସହ ଆଲୋଚନା କରାଯିବ ବୋଲି ତହସିଲଦାର ଭୋଇ ପ୍ରତିଶ୍ରୁତି ଦେଇଛନ୍ତି।

## ମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ମୋଟର କର୍ମଚାରୀ ସଂଘ

ଜୁନାଗଡ, ୧୭।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ମା' କନକ ଦୁର୍ଗା ମୋଟର କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସଂଘର ଗୃହ ପାଇଁ ଜାଗା ଯୋଗାଇଦେବା ପାଇଁ ମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ତହସିଲଦାରଙ୍କୁ ଏହାର ଶୀଘ୍ର ସମାଧାନ କରିବା ପାଇଁ ମନ୍ତ୍ରୀ ମିଶ୍ର ଦାବିରେ ଲିଖିତ ଦେଇଛନ୍ତି। ମା' କନକ ଦୁର୍ଗା ମୋଟର କର୍ମଚାରୀ ସଂଘ ଦୀର୍ଘ ୧୨ବର୍ଷ ହେଲା ସ୍ଥାନୀୟ ଲୋକଙ୍କୁ ସେବା ଯୋଗାଉଛି। ହେଲେ ଅଦ୍ୟାବଧି ସଂଘର ଗୃହ ହୋଇପାରିନାହିଁ। ଗୃହ ପାଇଁ ସ୍ଥାନ ଆବଶ୍ୟକ ହେଉଥିବାରୁ ଶେଷରେ ସଂଘର କର୍ମକର୍ତ୍ତା ମନ୍ତ୍ରୀଙ୍କୁ ଫେରାଦ ହୋଇଛନ୍ତି। ମନ୍ତ୍ରୀଙ୍କୁ ଦାବି ଦେବା ସମୟରେ ସଂଘର ସଭାପତି ମହେନ୍ଦ୍ର ବୈଠାରୁ, ଉପସଭାପତି ମକରଧ୍ୱଜ ନାଏକ, ସାଧାରଣ ସମ୍ପାଦକ ସୁରେନ୍ଦ୍ର ନିଆଲ, କୋଷାଧକ୍ଷ କୁଞ୍ଜ ନାଏକ, ଉପଦେଷ୍ଟା ଦେବେନ୍ଦ୍ର ବାଗ, ଲକ୍ଷ୍ମଣ ଚନ୍ଦନ, କୁନା ଚଲାନ, ଗଜେନ୍ଦ୍ର ଚଲାନ, ହରିହର ମେହେର ପ୍ରମୁଖ ଉପସ୍ଥିତ ଥିଲେ।



ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମହିଳାଙ୍କ ବିକାଶ ହେଲେ ସମାଜରେ ଉନ୍ନତି ସମ୍ଭବ

ବୌଦ୍ଧ/ପୁରୁଣାକଟକ, ୧୭।୧୨(ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁର ଠାରେ ଚାଲିଥିବା ଚତୁର୍ଥ ରାଜ୍ୟସ୍ତରୀୟ ଗଡଜାତ ଲୋକ ମହୋତ୍ସବ-୨୦୨୦ର ଗୁରୁବାର ଥିଲା ତୃତୀୟ ଦିବସ । ଚଳିତବର୍ଷ କରେନା କଟକଣା ଯୋଗୁ ମହୋତ୍ସବକୁ କେବଳ ସେବାମୂଳକ କାର୍ଯ୍ୟକ୍ରମ ଜରିଆରେ ପାଳନ କରାଯାଉଛି । ତୃତୀୟ ଦିନ ବନବିଭାଗ ନର୍ସରୀ ପରିସରସ୍ଥ ସଭାଗୃହଠାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ସମୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ ପରିଷଦର ଅଧକ୍ଷ ବିଶ୍ୱଜିତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଟୁକୁନୀ ସାହୁ ଯୋଗ ଦେଇଥିଲେ । ମନ୍ତ୍ରୀ ସାହୁ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବାକୁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ସଂପର୍କରେ କହିବା ସହ ମହିଳାଙ୍କ ବିକାଶ ହେଲେ ସମାଜରେ




ଗଡଜାତ ମହୋତ୍ସବର ତୃତୀୟ ଦିବସରେ ମନ୍ତ୍ରୀ ଟୁକୁନି ସାହୁ ଓ ଅନ୍ୟମାନେ ।

**ତୃତୀୟ ଦିନରେ ରାଜ୍ୟସ୍ତରୀୟ ଗଡଜାତ ଲୋକ ମହୋତ୍ସବ**

ଶୃଙ୍ଖଳା ଓ ଉନ୍ନତି ଆସିପାରିବ ବୋଲି ପ୍ରକାଶ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବରେ କନ୍ଧମାଳ ବିଧାୟକ ମହୀଧର ରଣା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବବିତା ଦଳବେହେରା, ହରଭଙ୍ଗା ବିଡିଓ ନୀଳକଣ୍ଠ ବେହେରା ଓ ସ୍ଥାନୀୟ ସରପଞ୍ଚ ସୁବର୍ଣ୍ଣ ମଲ୍ଲିକ ଯୋଗ ଦେଇଥିଲେ। ଅନୁଷ୍ଠାନର ସଦସ୍ୟ ବିଜୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିନୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ମହୋତ୍ସବର ତୃତୀୟ ଦିବସ ଅବସରରେ ହରଭଙ୍ଗା ବ୍ଲକ ସରପଞ୍ଚ ସଂଘ ନେତୃତ୍ୱରେ ହରଭଙ୍ଗା ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପଞ୍ଚାୟତର ଯୁବ ଓ ମହିଳା ସ୍ୱେଚ୍ଛାସେବୀମାନେ ଏହି ଶିବିରରେ ସାମିଲ ହୋଇ ୫୯ ୟୁନିଟ ରକ୍ତଦାନ କରିଥିଲେ। ଶିବିରରେ ଅତିଥି ଭାବରେ ହରଭଙ୍ଗା ବିଡିଓ ବେହେରା ଓ ଛତରଙ୍ଗ ସରପଞ୍ଚ ସୁଶୀଲ ପ୍ରଧାନ ଯୋଗ ଦେଇଥିଲେ । ଶିବିରକୁ କୁଶଙ୍ଗ ସରପଞ୍ଚ ସଞ୍ଜୀବ ଦେହୁରୀ, ହରଭଙ୍ଗା ସରପଞ୍ଚ ସୁମିଲାଲ, ଜିଲା ପରିଷଦ ସଦସ୍ୟ ଅବକାଶ ସାହୁ, ମହୋତ୍ସବ କମିଟି ସଂପାଦକ ଦେବାଶିଷ ମହାକୁଡ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ୩୫ ଜଣ ଅସହାୟ ବୃଦ୍ଧା ବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

## ସଂକ୍ଷେପରେ

### ଡାହାଣୀ ସନ୍ଦେହରେ ବୃଦ୍ଧାଙ୍କୁ ଟାଙ୍ଗିଆରେ ହତ୍ୟା

କେନ୍ଦୁଝର/ଢେଙ୍କିକୋଟ,୧୭।୧୨ (ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଜିଲା ଘଟଗାଁ ଥାନା ଭୋଳବେଡ଼ା ଗ୍ରାମର ମୁଣ୍ଡା ସାହିରେ ବୁଧବାର ଡାହାଣୀ ସନ୍ଦେହରେ ଜଣେ ବୃଦ୍ଧାଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ଘଟଣାରେ ଜଣୈକା ନାବାଳିକା ଓ ଜଣେ ନାବାଳକ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ସେମାନଙ୍କୁ ଜୁଭେନାଇଲ୍ କୋର୍ଟକୁ ପଠାଇଦେଇଛି। ମୃତା ମହିଳା ହେଲେ କୁନି ମୁଣ୍ଡା(୬୫)। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୧୬୨/୨୦) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗ୍ରାମରେ କାହାର ଦେହ ଖରାପ ହେଲେ କୁନି ଗୁଣିଗାରେଡ଼ି କରୁଥିବା ସନ୍ଦେହ କରାଯାଉଥିଲା। ବୁଧବାର ରାତି ୮ଟାରେ ଗ୍ରାମରେ ଭୋଜି ଭାତ ଚାଲିଥିବାରୁ ଏକୁଟିଆ ରହୁଥିବା କୁନିଙ୍କୁ ଘରେ ପଶି ହତ୍ୟା କରାଯାଇଥିଲା। ଖବରପାଇ ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ, ଥାନାଧିକାରୀ ଶ୍ୟାମଘନ ବେହେରା ଗୁରୁବାର ସକାଳୁ ଭୋଳବେଡ଼ାରେ ପହଞ୍ଚି ତଦନ୍ତ କରିଥିଲେ। ସନ୍ଧ୍ୟାରେ ଉକ୍ତ ନାବାଳିକା ଓ ନାବାଳକ ଢେଙ୍କିକୋଟ ଫାଣ୍ଡିରେ ଆତ୍ମ ସମର୍ପଣ କରିଥିବା ଫାଣ୍ଡି ଅଧିକାରୀ ସତ୍ୟ ନାରାୟଣ ପରିଡ଼ା ସୂଚନା ଦେଇଛନ୍ତି।

### ସ୍କୁଟି ଡିକିରୁ ନେଇଗଲେ ୧.୫୫ଲକ୍ଷ

କାକଟପୁର,୧୭।୧୨(ଡି.ଏନ୍.ଏ.): କାକଟପୁରସ୍ଥିତ କଲେଜ ଛକଠାରେ ଗୁରୁବାର ସେଖ କଲିମଙ୍କ ସ୍କୁଟି ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୧,୫୫୦୦୦ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। କଲିମଙ୍କ ଅଭିଯୋଗକ୍ରମେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। କାକଟପୁର ବ୍ଲକ ବାଙ୍କେଶ୍ୱର ବସ୍ତିର କଲିମ ଷ୍ଟେଟ ବ୍ୟାଙ୍କରୁ ୧,୫୫୦୦୦ଟଙ୍କା ଉଠାଇ ଘରକୁ ଫେରୁଥିଲେ। କଲେଜ ଛକଠାରେ ସ୍କୁଟି ରଖି ଏକ ଦୋକାନକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଡିକି ଭାଙ୍ଗି ସମସ୍ତ ଟଙ୍କା ନେଇ ପଳାଇଥିଲେ। ଏନେଇ କଲିମ କାକଟପୁର ଥାନାରେ ଅଭିଯୋଗ କରିଥିଲେ।

# ଦେଢ଼ମାସରେ ୧୧ଶହ କୋଟି ଜିଏସ୍‌ଟି ଠକେଇ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

### ଜାଲ୍ କମ୍ପାନୀ ନାଁରେ କାଗଜପତ୍ରରେ ଚାଲିଛି କାରବାର

ନା କିଣା ହୋଇଛି ସାମଗ୍ରୀ, ନା ବିକ୍ରି। କେବଳ କାଗଜକଲମରେ କୋଟିକୋଟି ଟଙ୍କାର କାରବାର ଦର୍ଶାଯାଉଛି। ଏଭଳି ଜାଲିଆତିକରିସରକାରଙ୍କୁଶହଶହକୋଟି ଟଙ୍କାର ବସ୍ତୁ ଓ ସେବା କର(ଜିଏସ୍‌ଟି) ଚୂନ ଲଗାଉଛନ୍ତି ଅସାଧୁ ବ୍ୟବସାୟୀ। ଜାଲ୍ କମ୍ପାନୀ ବିଲ୍ ଜରିଆରେ ଇନ୍‌ପୁଟ୍ ଟ୍ୟାକ୍ସ ଦର୍ଶାଇ ବାହାର ରାଜ୍ୟ ବ୍ୟବସାୟୀଙ୍କ ପାଖରୁ ସଲାସୁତୁରାରେ ଜିଏସ୍‌ଟି ଅର୍ଥ ହାତଉଛନ୍ତି। ଏହି ବ୍ୟବସାୟକୁ ଯଥାର୍ଥ ଦର୍ଶାଇବା ଲାଗି ଅଭିଯୁକ୍ତମାନେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଜାଲ କମ୍ପାନୀ ନାମରେ କୋଟି କୋଟି ଟଙ୍କା କାରବାର କରୁଛନ୍ତି। ଏଥିରେ ଏକାଧିକ ର୍‍ୟାକେଟ୍ ସମ୍ପୃକ୍ତ ଥିବାବେଳେ ରାଜ୍ୟ ବାହାରକୁ ଏମାନଙ୍କ ଚେର ଲମ୍ବିଛି। ତେବେ ଏହି ଚୋରାକାରବାର ରୋକିବା ଲାଗି ଡାଇରେକ୍ଟୋରେଟ ଜେନେରାଲ୍ ଅଫ ଜିଏସ୍‌ଟି ଇଣ୍ଟେଲିଜେନ୍ସ(ଡିଜିଜିଆଇ)ପକ୍ଷରୁ ଗତ ନଭେମ୍ବର ୯ତାରିଖରୁ ଏକ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇଛି, ଯେଉଁଥିରେ ରାଜ୍ୟର ବିଭିନ୍ନ ଜିଲାରେ ଥିବା ଜାଲ୍ କମ୍ପାନୀଗୁଡ଼ିକ ଉପରେ ଚଢାଉ କରାଯାଇଛି। ଗତ ଦେଢ଼ମାସ ଭିତରେ ଓଡ଼ିଶାରୁ ୧୧ଶହ କୋଟି ଟଙ୍କାର ଏଭଳି ଜାଲ୍ ଜିଏସ୍‌ଟି କାରବାର ଧରାପଡ଼ିବା ସହ ୩ଜଣଙ୍କୁ ଗିରଫ କରାଯାଇଛି ବୋଲି ଗୁରୁବାର ଭୁବନେଶ୍ୱରସ୍ଥିତ ଡିଜିଜିଆଇ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ମହାନିର୍ଦ୍ଦେଶକ ଦେବାଶିଷ ସାହୁ ସୂଚନା ଦେଇଛନ୍ତି। ସେହିପରି କୋଲକାତାରୁ ମଧ୍ୟ ଦୁଇ ହଜାର କୋଟି ଟଙ୍କାର ଜାଲ ଜିଏସ୍‌ଟି କାରବାର ଠାବ କରାଯାଇଛି। ସୂଚନା ଅନୁଯାୟୀ, ଓଡ଼ିଶାରୁ ୨୦୧୮ରୁ ନଭେମ୍ବର ୨୦୨୦ମଧ୍ୟରେ ପ୍ରାୟ ୧,୭୪୪ କୋଟି ଟଙ୍କାର ଜିଏସ୍‌ଟି ଠକେଇ ହୋଇଥିବାବେଳେ ଏନେଇ ୨୮୧ଟି ମାମଲା ରୁଜୁ କରାଯାଇଛି। ଏଥିରେ ୧୧ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୮୦୭ କୋଟି ଟଙ୍କା ଆଦାୟ କରାଯାଇଛି।

### କେମିତି ହେଉଛି...

ଜିଏସ୍‌ଟି ଠକେଇରେ ସମ୍ପୃକ୍ତ ଅଭିଯୁକ୍ତମାନେ ଟାକ୍ସି ଚାଳକ, ରିକ୍ସା ବାଲା, ପାନଦୋକାନୀ, ଦିନମଜୁରିଆ, ପାଣିମିସ୍ତ୍ରି, ବେକାର ଯୁବତୀଯୁବକଙ୍କୁ ଟାର୍ଗେଟ କରନ୍ତି। ଅର୍ଥଲୋଭ ଓ ରୋଜଗାର ଦେବା ନାଁରେ ସେମାନଙ୍କଠାରୁ ଆଧାରକାର୍ଡ, ପ୍ୟାନ୍‌କାର୍ଡ, ବ୍ୟାଙ୍କ ତଥ୍ୟ, ଫଟୋ ଆଦି ହାସଲ କରନ୍ତି। ଏହାପରେ ଉକ୍ତ ଡକ୍ୟୁମେଣ୍ଟ ବ୍ୟବହାର କରି ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ସହ ସେମାନଙ୍କ ନିକଟରୁ ଓଟିପି ହାସଲ କରି ନିଅନ୍ତି। ପରେ ତାଙ୍କ ନାଁରେ ଜାଲ୍ କମ୍ପାନୀ ଖୋଲି ଜିଏସ୍‌ଟି ପଞ୍ଜୀକୃତ କରିଥାନ୍ତି, ଯେଉଁଥିରେ କୋଟି କୋଟି ଟଙ୍କାର କାରବାର ହୋଇଥାଏ।

### ୨୬୨କୋଟି ଟଙ୍କାର ଠକେଇ କରି ଜଣେ ଗିରଫ

୨୬୨ କୋଟି ଟଙ୍କାର ଜିଏସ୍‌ଟି ଠକେଇ କରିଥିବା ଅଭିଯୋଗରେ ବିଭାଗର ଇଣ୍ଟେଲିଜେନ୍ସ ଟିମ୍ ରାଉରକେଲାରୁ ବୁଧବାର ଜଣେ ଠକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସନ୍ତୋଷ କୁମାର ଗୁପ୍ତା(୪୦)। ପ୍ଲାଷ୍ଟିକ ବୋତଲ ବ୍ୟବସାୟ ଚାଲୁଥିବା ଦର୍ଶାଇ ସନ୍ତୋଷ ଜାଲ୍‌କାଗଜ ମାଧ୍ୟମରେ ୧୦ରୁ ଅଧିକ ନକଲି କାରଖାନା ଚଳାଉଥିଲେ। ସନ୍ତୋଷଙ୍କ ସହ ଏକ ବଡ ନେଟ୍‌ୱର୍କ ସାମିଲ ଥିବା ସହ ରାଜ୍ୟ ବାହାରର ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବାନେଇ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କୁ ଧରିବା ପାଇଁ ଜିଏସ୍‌ଟି ଇଣ୍ଟେଲିଜେନ୍ସ ଅଧିକ ତଦନ୍ତ କରୁଛି। ତେବେ ଜିଏସ୍‌ଟି ଠକେଇରେ ରାଉରକେଲା ଏବେ ମୁଖ୍ୟ ସ୍ଥଳୀ ପାଲଟିଛି। ପୂର୍ବରୁ ରାଉରକେଲାରୁ ଏଭଳି ୨ଟି ମାମଲାରେ ଶହ ଶହ କୋଟି ଟଙ୍କା ଜିଏସ୍‌ଟି ଫାଙ୍କିଥିବା ଘଟଣା ସାମ୍ନାକୁ ଆସିଥିଲା।



ଭୁବନେଶ୍ୱର ନୟାପଲ୍ଲୀ ଦୁର୍ଗାମଣ୍ଡପ ସମ୍ମୁଖ ଜାତୀୟ ରାଜପଥ ପାର୍ଶ୍ୱରେ ମାଟିପାତ୍ର ବିକ୍ରି କରାଯାଉଛି।



ବନ କର୍ମଚାରୀମାନେ ଗଣନା କାର୍ଯ୍ୟ କରୁଛନ୍ତି।

# ବାଘ ଗଣନା ଆରମ୍ଭ

ପୁରୁଣାକଟକ,୧୭।୧୨(ଡି.ଏନ.ଏ.)

### ମହାନଦୀ ବନ୍ୟପ୍ରାଣୀ ଅଭୟାରଣ୍ୟ
### ଗଣନା କାର୍ଯ୍ୟରେ ୪ ବନାଞ୍ଚଳର ୧୧୧ କର୍ମଚାରୀ ନିୟୋଜିତ

ନୟାଗଡ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ମହାନଦୀ ବନ୍ୟପ୍ରାଣୀ ଅଭୟାରଣ୍ୟର କୁଶଙ୍ଗ, ଛମୁଣ୍ଡିଆ, କୁଆଁରିଆ ଏବଂ ବାଣିଗୋଛା ଭଳି ୪ଟି ବନାଞ୍ଚଳରେ ବୁଧବାର ଠାରୁ ଚଳିତବର୍ଷ ବାଘ ଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ୬ ଦିନ ଧରି ଡିଜିଟାଲ ସର୍ଭେ, ଆପ୍ ମାଧ୍ୟମରେ ଏହି ଗଣନା କାର୍ଯ୍ୟ ଚାଲିବ। ଗଣନା କାର୍ଯ୍ୟରେ ବୌଦ୍ଧ ଜିଲା କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜର ୧୧ଟି ବିଟରେ ୩୩ ଜଣ ଏବଂ ଛାମୁଣ୍ଡିଆ ରେଞ୍ଜର ୧୨ ଟି ବିଟ୍‌ରେ ୩୬ ଜଣ, ବାଣିଗୋଛାର ୭ଟି ବିଟ୍‌ରେ ୨୧ଜଣ ଏବଂ କୁଆଁରିଆ ରେଞ୍ଜର ୭ଟି ବିଟ୍‌ରେ ୨୧ଜଣଙ୍କୁ ମିଶାଇ ମୋଟ ୧୧୧ ଜଣ ବନ୍ୟପ୍ରାଣୀ କର୍ମଚାରୀ ନିୟୋଜିତ ହୋଇଥିବା ସୂଚନା ମିଳିଛି। ଭୋର ସମୟରୁ ଅଭୟାରଣ୍ୟ ମଧ୍ୟରେ ଥିବା ବିଭିନ୍ନ ବିଟ୍ ଅଞ୍ଚଳରେ ବୁଲି ବୁଲି ବନ୍ୟପ୍ରାଣୀଙ୍କ ପାଦଚିହ୍ନ, ମଳ, ଗର୍ଜନ, ରାମ୍ପୁଡା ଦାଗକୁ ଚିହ୍ନଟ କରି ଡିଜିଟାଲ ସର୍ଭେ ଏବଂ ଇକୋଲୋଜିକାଲ ମୋବାଇଲ ଆପ୍ ସାହାଯ୍ୟରେ ଗଣନା କରାଯିବ। ଏହି ସମୟରେ ବିଭିନ୍ନ ପ୍ରଜାତିର ବାଘ, ମାଂସାଶୀ ପ୍ରାଣୀ ଏବଂ ତୃଣଭୋଜୀ ପ୍ରାଣୀଙ୍କ ଗଣନା ଚାଲିବ। ପ୍ରତ୍ୟେକ ରେଞ୍ଜରେ ଦୁଇଟି ଟ୍ରାନ୍‌ଜିଟରେ ଏହି ଗଣନା କାର୍ଯ୍ୟ ଚାଲିଥିବା ବେଳେ ଅଭୟାରଣ୍ୟ ମଧ୍ୟରେ ମହାବଳ ବାଘ, ଚିତାବାଘ, ବଣ କୁକୁର, ରାମଶିଆଳ ଭଳି ସମସ୍ତ ପ୍ରଜାତିର ମାଂସାଶୀ ଏବଂ ତୃଣଭୋଜୀ ପ୍ରାଣୀଙ୍କ ଗଣନା କରାଯାଉଛି। ପ୍ରଥମ ଦଫାରେ ୧୬ରୁ ୧୮ ପର୍ଯ୍ୟନ୍ତ ତିନିଦିନ ଧରି ମାଂସାଶୀ ପ୍ରାଣୀଙ୍କ ସର୍ଭେ କରାଯିବ। ଦ୍ୱିତୀୟ ଦଫାରେ ଅର୍ଥାତ ୧୯ରୁ ୨୧ପର୍ଯ୍ୟନ୍ତ ୩ ଦିନ ଧରି ତୃଣଭୋଜୀ ପ୍ରାଣୀଙ୍କ ଇକୋଲୋଜିକାଲ ମୋବାଇଲ ଆପ୍ ସାହାଯ୍ୟରେ ସର୍ଭେ କରାଯାଇ ଗଣନା କରାଯିବ ବୋଲି ନୟାଗଡ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ସୂଚନା ଦେଇଛନ୍ତି।

## ଦେବୋତ୍ତର କମିଶନରଙ୍କୁ ଦାବିପତ୍ର ପ୍ରଦାନ

ପୁରୁଣା ଭୁବନେଶ୍ୱର, ୧୭।୧୨(ଡି.ଏନ୍.ଏ.): ନିକଟରେ ରାଜ୍ୟ ସରକାର ଶ୍ରୀଲିଙ୍ଗରାଜ ମନ୍ଦିର ପାଇଁ ଏକ ଅଧ୍ୟାଦେଶ ଆଣିଛନ୍ତି। ଏନେଇ ବିଭିନ୍ନ ମହଲରୁ ସ୍ୱାଗତ କରାଯାଉଛି। ଖଟୁଡ଼ା ସେବାୟତ ଦେବୋତ୍ତର ଜମି ଚାଷବାସ ପ୍ରତିବଦଳରେ ଶ୍ରୀଲିଙ୍ଗରାଜ ମନ୍ଦିର ସମେତ ପାର୍ଶ୍ୱ ପୀଠ ଗୁଡ଼ିକର ସୁରକ୍ଷା, ସଫେଇ, ରଥଯାତ୍ରା ସମୟରେ ଖଟୁଡ଼ା ପକାଇବା ସମେତ ଅନେକ ସେବା ଯୋଗାଇ ଆସୁଥିଲେ। ଏବେ ଦେବୋତ୍ତର ଜମିଗୁଡ଼ିକ ବିଭିନ୍ନ ଉଚ୍ଚବର୍ଗ ସେବାୟତଙ୍କ ଦଖଲକୁ ଯିବା ସହ ଆମମାନଙ୍କୁ ସେବାରୁ ବଞ୍ଚିତ କରିବା ପାଇଁ ଚକ୍ରାନ୍ତ ଆରମ୍ଭ ହୋଇଛି। ଏ ନେଇ ଗୁରୁବାର ଶତାଧିକ ଖଟୁଡ଼ା ସେବାୟତ ଦେବୋତ୍ତର କମିଶନର ଏବଂ ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଟ୍ରଷ୍ଟବୋର୍ଡ ବୈଠକ ଏବଂ ଶ୍ରୀଲିଙ୍ଗରାଜ ମନ୍ଦିରର ପ୍ରତ୍ୟେକ ନିଷ୍ପତ୍ତିରେ ଖଟୁଡ଼ା ନିଯୋଗ ପ୍ରତିନିଧିଙ୍କୁ ମତ ଦେବା ଅଧିକାର, ପ୍ରତ୍ୟେକ ସେବାୟତଙ୍କୁ ୨୦୦ ଡିସିମିଲ ଜମି ଏବଂ କୋଭିଡ୍ ସହାୟତା ସରକାରଙ୍କ ପକ୍ଷରୁ ସେବାୟତଙ୍କୁ ପ୍ରଦାନ କରାଯାଇଥିବା ଅନୁଦାନ ସାର୍ବଜନୀନ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

# ଅଭିଯୁକ୍ତ ରାମଙ୍କୁ ୨୦ବର୍ଷ ଜେଲଦଣ୍ଡ

କଟକ ଅଫିସ, ୧୭।୧୨

### ନାବାଳିକା ବଳାତ୍କାର ମାମଲା

ଜଣେ ୭ବର୍ଷର ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତ ଦୋଷୀସାବ୍ୟସ୍ତ ହୋଇଛନ୍ତି। କଟକ ସହକାରୀ ଦୌରାଜଜ୍ ତଥା ପୋକ୍‌ସୋ ଅଦାଲତର ସ୍ପେଶାଲ ଜଜ୍ ବନ୍ଦନା କର ଅଭିଯୁକ୍ତ ରାମ ମୁଣ୍ଡାଙ୍କୁ ୨୦ ବର୍ଷ ସଶ୍ରମ ଜେଲ ଦଣ୍ଡାଦେଶ ଦେବାସହ ୧୦ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ମାମଲାକୁ ଆଇନଜୀବ ରମେଶ ମହାନ୍ତି ପରିଚାଳନା କରୁଥିଲେ।

ପ୍ରକାଶ ଯେ, କେନ୍ଦୁଝର ସଦର ଅଞ୍ଚଳର ରାମ ମୁଣ୍ଡା ନାମକ ଜଣେ ଯୁବକ ୨୦୧୫ରେ କଟକ ସିଡିଏ ଅଞ୍ଚଳରେ ରହି ଦିନମଜୁରିଆ ଭାବେ କାମ କରୁଥିଲେ। ରାମ ରହୁଥିବା ଘର ନିକଟରେ ପୀଡ଼ିତାଙ୍କ ପରିବାର ରହୁଥିଲେ। ୧୪।୩।୨୦୧୫ରେ ନାବାଳିକାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ରାମ ସେଠାକୁ ଯାଇ ନାବାଳିକା ଏବଂ ତାଙ୍କ ୮ ବର୍ଷର ଭାଇକୁ କୁର୍‌କୁରେ ଖାଇବାକୁ ଦେଇଥିଲେ। ପରେ ବିଭିନ୍ନ ପ୍ରଲୋଭନ ଦେଖାଇ ନାବାଳିକାକୁ ଅନ୍ୟତ୍ର ଡାକି ନେଇ ବଳାତ୍କାର କରିଥିଲେ। ଏନେଇ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବାପରେ ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ. ୨୨/୨୦୧୫) ରୁଜୁ ହେଇଥିଲା। ପରେ ଉକ୍ତ ମାମଲା ସହକାରୀ ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ପୋକ୍‌ସୋ ଅଦାଲତରେ ଶୁଣାଣି କରାଯାଇଥିଲା। ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ବିଚାରପତି ବନ୍ଦନା କର ଗୁରୁବାର ଅଭିଯୁକ୍ତ ରାମଙ୍କୁ ଆଇପିସି ଦଫା ୩୭୬(୨)(ଆଇ)ରେ ଦୋଷୀ ସାବ୍ୟସ୍ତ କରିଛନ୍ତି।

# ଡିଜିଟାଇଜେଶନ ହେବ ଶିକ୍ଷାଦାନ ବ୍ୟବସ୍ଥା

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

### ୩ ସଂସ୍ଥା ସହ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଏମ୍ଓୟୁ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଗୁରୁବାର ଲୋକସେବା ଭବନରେ ବିଭିନ୍ନ କଲ୍ୟାଣମୂଳକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ୪ ସଂସ୍ଥା ସହ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛି ବିଭାଗ। ଏହି ବର୍ଗର ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବୃତ୍ତିର ଉନ୍ନତି ନିମନ୍ତେ ଉନ୍ନୟନ କମିଶନର ତଥା ବିଭାଗର ଅତିରିକ୍ତ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ପିପୁଲ ଫର୍ ଆକ୍ସନ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ଓଡ଼ିଆ, ଇଂଲିଶ, ଗଣିତ ଓ ବିଜ୍ଞାନ ଶିକ୍ଷାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଦୂର କରାଯିବା ସହ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ହେବ। ଏହାବାଦ୍ ଆଭେଟି ଲର୍ନିଂ ପ୍ରାଇଭେଟ୍ ଲିମିଟେଡ୍ ସହିତ ମଧ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ପଢୁଥିବା ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଡିଜିଟାଇଜେଶନ କରାଯିବ। ଭିଡିଓ ମାଧ୍ୟମରେ ପାଠପଢ଼ା, ଅନ୍‌ଲାଇନ୍‌ରେ ଅଭ୍ୟାସ, ମୂଲ୍ୟାଙ୍କନ ଓ ୟୁନିଟ୍ ଟେଷ୍ଟ ଭଳି ଡିଜିଟାଲ୍ ସଲ୍ୟୁଶନ ଜରିଆରେ ସମସ୍ତ କାର୍ଯ୍ୟ ହେବ। ପିରାମଲ୍ ଫାଉଣ୍ଡେଶନ ଫର୍ ଏଜୁକେଶନ ଲିଡରଶିପ୍(ପିଏଫ୍‌ଇଏଲ୍) ସହିତ ବିଭାଗର ଆଉଏକ ବୁଝାମଣାପତ୍ର ସ୍ୱାକ୍ଷରିତ ଦ୍ୱାରା ବିଭାଗୀୟ ବିଦ୍ୟାଳୟ ଓ ହଷ୍ଟେଲ୍ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହିତ ଜୀବନଶୈଳୀରେ ଉନ୍ନତି ଅଣାଯାଇପାରିବ। ଏହାସହିତ ସରକାରଙ୍କ ସହାୟତାରେ ଫେଲୋଶିପ୍ କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟକାରୀ କରାଯିବ।

ଏହିଅବସରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ 'ଆଦିବାସୀ' ଜର୍ନାଲ୍‌ରେ ପ୍ରଫେସର ଡ. ଅଖିଳ ବିହାରୀ ଓତାଙ୍କ ଦ୍ୱାରା ପ୍ରସ୍ତୁତ ଏକ ଗବେଷଣାମୂଳକ ନିବନ୍ଧ 'କୋଭିଡ୍-୧୯ ପରିପ୍ରେକ୍ଷୀରେ ମହାମାରୀର ଜନଜାତି ସଂସ୍କୃତି ଉପରେ ପ୍ରଭାବ'କୁ ଅତିରିକ୍ତ ଶାସନ ସଚିବ ଉନ୍ମୋଚନ କରିଥିଲେ। ଏହାସହିତ ବିଭାଗର ତ୍ରୈମାସିକ ନ୍ୟୁଜ୍‌ଲେଟର 'ଭଏସ୍'ର ମଧ୍ୟ ଉନ୍ମୋଚନ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରମୁଖ ଉପସ୍ଥିତ ଥିଲେ। ଭର୍ଚୁଆଲ୍ ମୋଡ୍‌ରେ ସମସ୍ତ ଜିଲାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲା ମଙ୍ଗଳ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

## ଆଜି ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ): ନବ ଗଠିତ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ବିଜେଡି ମୁଖ୍ୟ କାର୍ଯ୍ୟାଳୟରେ ସକାଳ ୧୦ଟା ୩୦ ମିନିଟ୍‌ରେ ଅନୁଷ୍ଠିତ ହେବ। ଏହି ବୈଠକରେ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି, ମହାସଚିବ, ବରିଷ୍ଠ ଉପସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ଯୁଗ୍ମ ସମ୍ପାଦକ, ୩୫ଟି ସାଙ୍ଗଠନିକ ଜିଲାର ସମସ୍ତ ଜିଲା ସଭାପତି ଏବଂ ସମସ୍ତ ଜୋନ୍‌ର ଜୋନ୍ ସଭାପତିମାନେ ଯୋଗଦେବେ। ବିଜେଡି ନବକଳେବର ପରେ ଏହା ପ୍ରଥମ କାର୍ଯ୍ୟକାରିଣୀ ବୈଠକ । ଏହି ବୈଠକରେ ଯୁବ ବିଜେଡିର ବିଭିନ୍ନ ପ୍ରସ୍ତାବ ଆଗତ ହେବା ସହ ତୃଣମୂଳ ସ୍ତରରେ ଯୁବକମାନଙ୍କୁ ସୁସଂଗଠିତ କରାଯାଇ ଦଳର ସଂଗଠନକୁ ବ୍ୟାପକ କ୍ରିୟାଶୀଳ କରିବା ଦିଗରେ ବିସ୍ତୃତ ଆଲୋଚନା କରାଯିବ ବୋଲି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ(ଯୁବ ବ୍ୟାପାର) ପ୍ରଣବ କୁମାର ବଳବନ୍ତରାୟ ଏବଂ ବିଜୁ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

## ଜାଲ୍ ନୋଟ୍ କାରବାର, ୨ ଗିରଫ

ବାରିପଦା ଅଫିସ,୧୭।୧୨

### ୮୫ ହଜାର ଟଙ୍କାର ନକଲି ନୋଟ୍ ଜବତ

ମୟୂରଭଞ୍ଜ ଜିଲା ବାରିପଦା ସହରରେ ନକଲି ନୋଟ୍ କାରବାର କରୁଥିବା ଦୁଇ ଆନ୍ତଃରାଜ୍ୟ ଠକଙ୍କୁ ଗୁରୁବାର ସକାଳେ ଟାଉନଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଓଡ଼ିଶା ଓ ଝାଡ଼ଖଣ୍ଡ ସୀମାନ୍ତରେ ଥିବା ପୂର୍ବସିଂହଭୂମ ଜିଲା ବାହାଡ଼ାଗୋଡ଼ା ଅଞ୍ଚଳର ରକ୍ଷାହରି ରଣା ଓ ରାସବିହାରୀ ରଣା। ପୋଲିସ ସେମାନଙ୍କଠାରୁ ମୋଟ ୮୫ହଜାର ଟଙ୍କାର ଜାଲ୍ ନୋଟ୍, ଗୋଟିଏ ବାଇକ ଓ ଦୁଇଟି ମୋବାଇଲ୍ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୯୦୬/୨୦)ରୁଜୁ କରି ପୋଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି।



ପୋଲିସ କର୍ମଚାରୀଙ୍କ ସହ ଗିରଫ ୨ ଅଭିଯୁକ୍ତ।

## ମୂଳ ଅପରାଧୀଙ୍କୁ ଖସାଇବା ପାଇଁ ବୋଦା ଖୋଜା ଚାଲିଛି: ସୁରେଶ

ନୟାଗଡ଼ ଅଫିସ,୧୭।୧୨

ପରୀକୁ ନ୍ୟାୟ ଦେବା ପାଇଁ ଭାଜପା ପକ୍ଷରୁ ଚାଲି ଥିବା ରିଲେ ଅନଶନ ଗୁରୁବାର ୧୩ ଦିନରେ ପହଞ୍ଚିଛି। ଏଥିରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଯୋଗ ଦେଇ କହିଛନ୍ତି, ମୂଳ ଅପରାଧିଙ୍କୁ ଖସାଇବା ପାଇଁ ବୋଦା ଖୋଜା ଚାଲିଛି। ଟଙ୍କା ନେଇ ଯଦି କିଏ ଅପରାଧି ବୋଲି ସ୍ୱୀକାର କରେ ଏସ୍‌ଆଇଟି ବାହାବା ନେବା ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ଅରୁଣ ବୋଥ୍ରା ପୋଲିସ ନୁହନ୍ତି। ଏସ୍‌ଆଇଟିର ତଦନ୍ତ ଆଇନ ସଙ୍ଗତ ନୁହେଁ। କୋର୍ଟ ଏସ୍‌ଆଇଟି ରିପୋର୍ଟ ଗ୍ରହଣ କରିବେ ନାହିଁ। ଗିରଫ କରିବାର କ୍ଷମତା ମଧ୍ୟ ଏସ୍‌ଆଇଟିର ନାହିଁ। ଏସ୍‌ଆଇଟିର ଗଠନ ତଦନ୍ତକୁ ବାଟବଣା, ଆଇନକୁ ଗତିରୋଧ ଓ ହତ୍ୟାକାରୀଙ୍କୁ ପଛଦ୍ୱାର ଦେଇ ଯିବାକୁ ପଥ ଦେଖାଉଛି। ଏହା ଦ୍ୱାରା କେବେ ନ୍ୟାୟ ମିଳିବ ନାହିଁ। ଅରୁଣ ବାବୁ ଏବେ ପଶ୍ଚାତାପ କରିବାର ସମୟ। ତୁମେ ମୁଖ୍ୟମନ୍ତ୍ରୀଙ୍କୁ ବୁଝାଇ ଇସ୍ତଫା ଦିଅ ବୋଲି ସୁରେଶ କହିଛନ୍ତି।

# ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ପୁନର୍ଗଠନ ହେଉ

ନୟାଗଡ଼ ଅଫିସ,୧୭।୧୨

### ଅରୁଣ ବୋଥ୍ରାଙ୍କୁ ପରିବର୍ତ୍ତନ ପାଇଁ ଦାବି ଉଠାଇଲା କଂଗ୍ରେସ




ଗୁରୁବାର ନୟାଗଡ଼ ଟ୍ରାଫିକ ଛକରେ ଆୟୋଜିତ ପ୍ରତିବାଦ ସଭାରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଓ ଅନ୍ୟମାନେ।

ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ପୁର୍ନଗଠନ ହେଉ। ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କୁ ବଦଳା ଯାଉ ବୋଲି କଂଗ୍ରେସ ଦାବି କରିଛି। ପରୀ ପାଇଁ ନ୍ୟାୟ ଓ ହତ୍ୟାକାରୀଙ୍କୁ ଫାଶିଦଣ୍ଡରେ ଦଣ୍ଡିତ କରିବାକୁ ଦାବି କରି ଗୁରୁବାର କଂଗ୍ରେସ ପକ୍ଷରୁ ନୟାଗଡ଼ ଟ୍ରାଫିକ ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦେଶ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଯୋଗ ଦେଇ ଏହି ଦାବି ଉଠାଇଛନ୍ତି।

ସେ କହିଥିଲେ, ପରୀ ପାଇଁ କଂଗ୍ରେସ ଯେଉଁ ଏସ୍‌ଆଇଟି ତଦନ୍ତ ଦାବି କରିଥିଲା ସରକାର ସେପରି କରି ନ ଥିବାରୁ ସ୍ୱଚ୍ଛତା ରହିନାହିଁ। ଏଣୁ ଏସ୍‌ଆଇଟି ତଦନ୍ତର ଦିଗ ବାଟବଣା ହୋଇଛି। ଗଣମାଧ୍ୟମରେ ସରୋଜ ସେଠୀ ନାମକ କଲେଜ ଛାତ୍ରଙ୍କ ଯେଉଁ ଭିଡିଓ ଓ ଖବର ପ୍ରସାରିତ ହେଉଛି ସେଥିରେ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା ତାଙ୍କୁ ଅପରାଧୀ ସଜାଇବାକୁ ବାଧ୍ୟ କରୁଥିବା ଅଭିଯୋଗ ରହିଛି। ଏପରି ଭିଡିଓ ଦେଖିବା ପରେ ଏସ୍‌ଆଇଟି ତଦନ୍ତ ଉପରୁ ବିଶ୍ୱାସ ତୁଟି ଯାଇଛି। ସରକାର ମନ୍ତ୍ରୀ ଅରୁଣ ସାହୁଙ୍କୁ ବଞ୍ଚାଇବା ପାଇଁ ତଦନ୍ତରେ ହସ୍ତକ୍ଷେପ କରୁଛନ୍ତି। ଏମିତିରେ ପରୀ କେବେ ନ୍ୟାୟ ପାଇବ ନାହିଁ ବୋଲି ମାଝି କହିଛନ୍ତି। ଏହି ଆନ୍ଦୋଳନକୁ କଂଗ୍ରେସ ଜୋରଦାର କରିବ। ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ପୁର୍ନଗଠନ କରିବା ଓ ଅରୁଣ ବୋଥ୍ରାଙ୍କୁ ଏସ୍‌ଆଇଟିର ମୁଖ୍ୟ ପଦରୁ ହଟାଯାଉ ବୋଲି ସେ ଦାବି କରିଛନ୍ତି।

ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମହିଳା କଂଗ୍ରେସର ରାଜ୍ୟ ଉପସଭାନେତ୍ରୀ ଅମିତ ବିଶ୍ୱାଳ ଯୋଗ ଦେଇ ପରୀ ନ୍ୟାୟ ରଥକୁ ବନ୍ଦ କରି ଜିଲା ପ୍ରଶାସନ ଠିକ୍ କରି ନାହିଁ ବୋଲି ସେ କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ପଦ୍ମାକର ଗୁରୁ କହିଛନ୍ତି, ବନ୍ଦ ଲଫାପାରେ ହାଇକୋର୍ଟରେ ଏସ୍‌ଆଇଟିର ଦାଖଲ ରିପୋର୍ଟ ଲିକ୍ ହୋଇ ଯାଉଛି। ହାଇକୋର୍ଟ ତଦନ୍ତରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ମନ୍ତ୍ରୀ ଓ ଏସ୍‌ଆଇଟି ମୁଖ୍ୟ ଦୁହେଁ କୋଳାକୋଳି ହୋଇ ତଦନ୍ତକୁ ବାଟବଣା କରୁଛନ୍ତି। ପ୍ରଦେଶ କଂଗ୍ରେସ ମୁଖପାତ୍ର ତଥା ଜିଲା ପ୍ରଭାରୀ ନିଶିକାନ୍ତ ମିଶ୍ର କହିଥିଲେ, କେବଳ ଆଇଆଇସିଙ୍କୁ ନିଲମ୍ବନ ଓ ଏସ୍‌ଡିପିଓଙ୍କୁ ବଦଳି କରାଗଲା। ଅଥଚ ଏସ୍‌ପି ଉତ୍ତରଦାୟୀ ଥାଇବି ସୁରକ୍ଷିତ ଅଛନ୍ତି। ଜିଲପାଳ ମଧ୍ୟ ଏହି ଘଟଣାରେ ଦାୟୀ। ତାଙ୍କୁ ବଦଳି କରାଯାଉ ନାହିଁ। ସେହିପରି କଂଗ୍ରେସ ନେତା ମନୋଜ ସାହୁ, ହୁସେନ ଖାନ ମଧ୍ୟ ଅନୁରୂପ ଭାବେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

**ହ୍ୱାଟ୍ସ ଆପରେ ବୀମା ପଲିସି କ୍ରୟ ସୁବିଧା**

ଲୋକପ୍ରିୟ ଚାଟ୍ ଆପ୍ ହ୍ୱାଟ୍ସଆପ ଏବେ ସ୍ୱାସ୍ଥ୍ୟ ବୀମା ପଲିସି ବିକ୍ରି କରିବାକୁ ଯୋଜନା ରଖିଛି। ଏ ନେଇ କମ୍ପାନୀ ପ୍ରସ୍ତୁତି ଆରମ୍ଭ କରି ସାରିଛି। ହ୍ୱାଟ୍ସଆପ ଇଣ୍ଡିଆର ମୁଖ୍ୟ ଅଭିଜିତ ବୋଷ କହିଛନ୍ତି, ଚଳିତ ମାସ ଶେଷ ପର୍ଯ୍ୟନ୍ତ ହ୍ୱାଟ୍ସଆପ ପ୍ଲାଟଫର୍ମରେ ସ୍ୱାସ୍ଥ୍ୟ ବୀମା ବିକ୍ରି ସୁବିଧାକୁ ଆରମ୍ଭ କରିବା ଯୋଜନା ରହିଛି। ମାଇକ୍ରୋ ଇନସ୍ୟୁରାନ୍ସ, ପେନଶନ ସର୍ଭିସେସ ସେବା ମଧ୍ୟ ଯୋଗାଇ ଦେବା ଲାଗି ବୀମା କମ୍ପାନୀଙ୍କ ସହ ଆଲୋଚନା ଜାରି ରହିଛି। ଏଥିଲାଗି ହ୍ୱାଟ୍ସଆପ ଆପ୍ଲିକେଶନ ପ୍ରୋଗ୍ରାମିଂ ଇଣ୍ଟରଫେସର ବ୍ୟବହାର କରାଯିବ।

# ଘରମାଲିକ-ଭଡ଼ାଟିଆଙ୍କ ମାମଲା କୋର୍ଟ ବାହାରେ ବିଚାର ହେବ



**ନୂଆଦିଲ୍ଲୀ,୧୭।୧୨**

ଘର ମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ କୌଣସି ବିବାଦ ରହିଥିଲେ ଏହାର ସମାଧାନ ଲାଗି ଆଉ କୋର୍ଟ ଚକ୍କର ଚଲାଇବାକୁ ପଡିବ ନାହିଁ। ଆର୍ବିଟ୍ରେଶନ ବା ମଧ୍ୟସ୍ଥତା ଜରିଆରେ ଏହି ମାମଲାଗୁଡ଼ିକର ସମାଧାନ କରାଯାଇପାରିବ। ଅତ୍ୟଧିକ ଖର୍ଚ୍ଚ ଏବଂ ଲମ୍ବା ସମୟ ଯାଏ ଏଥିପାଇଁ ଆଉ ଅପେକ୍ଷା କରିବାକୁ ପଡିବ ନାହିଁ। ଟ୍ରାନ୍ସଫର ଅଫ୍ ପ୍ରପର୍ଟି ଆଇନ ଅନୁସାରେ ସୁପ୍ରିମକୋର୍ଟ ଏଭଳି ଏକ ପ୍ରସଙ୍ଗ ଉପରେ ପକ୍ଷ ସ୍ୱଷ୍ଟ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ କହିବା ଅନୁସାରେ, ଆର୍ବିଟ୍ରାଲ ଟ୍ରିବ୍ୟୁନାଲଙ୍କ ନିକଟରେ ଟ୍ରାନ୍ସଫର ଅଫ୍ ପ୍ରପର୍ଟି ଆକ୍ଟ ୧୮୮୨ ଅଧୀନରେ ଆସୁଥିବା ବିବାଦଗୁଡିକର ସମାଧାନ ବିଚାର କରିବାର ଅଧିକାର ରହିଛି। ରାଜ୍ୟ ସ୍ତରରେ ଲାଗୁ ହେଉଥିବା ଭଡ଼ା ନିୟନ୍ତ୍ରଣ ଆଇନ ଅଧୀନରେ ଆସୁଥିବା ବିବାଦ ଆର୍ବିଟ୍ରେଶନକୁ ପଠାଯାଇପାରିବ ନାହିଁ। ଏହାର ନିଷ୍ପତ୍ତି ଆଇନ ଅନୁସାରେ କୋର୍ଟ କିମ୍ବା ଫୋରମ କରିବେ। ଜଷ୍ଟିସ ଏନ୍.ବି. ରମନ୍ନାଙ୍କ ଖଣ୍ଡପୀଠ ୧୪ ଡିସେମ୍ବରରେ ବିଦ୍ୟା ଡ୍ରୋଲିଆ ବନାମ ଦୁର୍ଗା ଟ୍ରେଡିଂ କର୍ପୋରେଶନ ମାମଲା ଉପରେ ଶୁଣାଣି କରିଛନ୍ତି। କେଉଁ ବିବାଦଗୁଡିକ ମଧ୍ୟସ୍ଥତା ଦ୍ୱାରା ଫଇସଲା ହେବ ସେ ନେଇ କୋର୍ଟ ପକ୍ଷ ସ୍ୱଷ୍ଟ କରିଛନ୍ତି। ସରକାର ବର୍ତ୍ତମାନ ରିଟେଲ ହାଉସିଂ ଉପରେ ଏବେ ଜୋର ଦେଉଛନ୍ତି। ନିୟମ କୋହଳ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏଭଳି ସ୍ଥିତିରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଗୁରୁତ୍ୱ ବହନ କରୁଛି। ସୁପ୍ରିମକୋର୍ଟ ପୁଣି କହିଛନ୍ତି, ମଧ୍ୟସ୍ଥତା ମଞ୍ଚର ନିଷ୍ପତ୍ତି କୋର୍ଟଙ୍କ ନିଷ୍ପତ୍ତି ଭଳି ଲାଗୁ କରାଯିବ।

# ୨ ବର୍ଷରେ ଉଠିଯିବ ଟୋଲ୍ ପ୍ଲାଜା




**ନୂଆଦିଲ୍ଲୀ,୧୭।୧୨**

ସାରା ଦେଶରେ ଯାନବାହନ ଚଳାଚଳକୁ ବାଧାମୁକ୍ତ କରିବା ଲାଗି ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଆଗାମୀ ୨ ବର୍ଷରେ ସରକାର ସାରା ଦେଶରେ ରହିଥିବା ଟୋଲ୍ ପ୍ଲାଜାଗୁଡିକୁ ଉଠାଇଦେବେ। କେନ୍ଦ୍ର ସଡ଼କ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଗୁରୁବାର କହିଛନ୍ତି, ଆଗାମୀ ୨ ବର୍ଷରେ ଦେଶକୁ ଟୋ୍ଲ ନାକାମୁକ୍ତ କରାଯିବ। ଏଥିଲାଗି ସରକାର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ(ଜିପିଏସ୍)କୁ ବ୍ୟବହାର କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଆଗାମୀ ୨ ବର୍ଷରେ ଟୋଲ୍ କେବଳ ଲୋକଙ୍କ ଲିଙ୍କ୍ ହୋଇଥିବା ବ୍ୟାଙ୍କଖାତାରୁ ଆପେ ଆପେ କଟିଯିବ। ଆସୋଚାମ ଫାଉଣ୍ଡେଶନ ୱିକ୍ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଲେ, ଜିପିଏସ୍ ସିଷ୍ଟମ ବ୍ୟବହାର ଲାଗି ଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଫଳରେ ସାରା ଦେଶକୁ ଟୋଲ ନାକା ମୁକ୍ତ କରିବାରେ ଏହା ସହାୟକ ହେବ।

ବର୍ତ୍ତମାନ ସବୁ ବାଣିଜ୍ୟିକ ଯାନରେ ଭେଇକିଲ ଟ୍ରାକିଂ ସିଷ୍ଟମ ରହିଛି। ସେହିଭଳି ପୁରୁଣା ଯାନଗୁଡ଼ିକରେ ଭେଇକିଲ ଟ୍ରାକିଂ ସିଷ୍ଟମ ସଂଯୋଗ କରିବା ଲାଗି ସରକାର କେତେକ ଯୋଜନା ହାତକୁ ନେବେ ବୋଲି ସେ ସ୍ୱଷ୍ଟ କରିଛନ୍ତି। ଜିପିଏସ୍ ଟେକ୍ନୋଲୋଜି ବ୍ୟବହାର ହେଲେ ଆଗାମୀ ୫ ବର୍ଷରେ ଟୋଲ୍ ଟିକସ ବାବଦ ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ(ଏନ୍ଏଚ୍ଏଆଇ) ୧.୩୪ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ କରିବାକୁ ସକ୍ଷମ ହେବ ବୋଲି ଆକଳନ କରାଯାଇଛି। ଏ ନେଇ ଉଚ୍ଚସ୍ତରୀୟ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ମଧ୍ୟ ହୋଇଯାଇଛି। ଆଗାମୀ ୫ ବର୍ଷରେ ଟୋଲ୍ ସଂଗ୍ରହ ଉନ୍ନତ ହେବା ନେଇ ଗଡ଼କରୀ ଆଶାବାଦୀ ରହିଛନ୍ତି।

ସୂଚନାଯୋଗ୍ୟ, ସରକାର ଗୋଟିଏ ବର୍ଷ ତଳେ ଫାଷ୍ଟାଗ୍‌କୁ ଅନିବାର୍ଯ୍ୟ କରିଥିଲେ। ଯାନଗୁଡିକୁ ବେଶି ସମୟ ଟୋଲ୍ ପ୍ଲାଜାରେ ଛିଡ଼ା ନ ହେବା ଯୋଗୁ ପ୍ରଦୂଷଣ ମଧ୍ୟ ହ୍ରାସ ପାଇଛି। ଇଲେକ୍ଟ୍ରୋନିକ ଟୋଲ୍ କଲେକ୍ସନ ବ୍ୟବହାର ଦ୍ୱାରା କ୍ୟାଶ୍‌ଲେସ ନେଣଦେଣକୁ ମଧ୍ୟ ପ୍ରୋତ୍ସାହନ ମିଳିଛି।

# ସେନ୍‌ସେକ୍ସରେ ଉତ୍ସାହ



**ନୂଆଦିଲ୍ଲୀ,୧୭।୧୨**

ଭାରତୀୟ ପୁଞ୍ଜିବଜାରରେ ଊର୍ଦ୍ଧ୍ୱଗାମୀ ଧାରା ଲାଗି ରହିଛି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍‌ଇ) ବର୍ତ୍ତମାନର ରେକର୍ଡ ସ୍ତରରେ ରହିଛି। ସେନ୍‌ସେକ୍ସ ୨୨୩.୮୮ ପଏଣ୍ଟ(୦.୪୮%) ଊର୍ଦ୍ଧ୍ୱରେ ରହିବା ଯୋଗୁ ୪୬,୮୯୦ ପଏଣ୍ଟ ସ୍ତରରେ କାରବାର ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୫୮ ପଏଣ୍ଟ ବା (୦.୪୨%) ଊର୍ଦ୍ଧ୍ୱରେ ରହିବା ଫଳରେ ୧୩,୭୪୦ ପଏଣ୍ଟରେ ବନ୍ଦ ହୋଇଥିବା ନଜରକୁ ଆସିଛି। ଦିନ ମଧ୍ୟରେ ସେନ୍‌ସେକ୍ସ ୪୬,୯୯୨ ପଏଣ୍ଟ ଏବଂ ନିଫ୍ଟି ୧୩,୭୭୩ ପଏଣ୍ଟ ଛୁଇଁଥିଲା। ସୂଚନାଯୋଗ୍ୟ, ଗୁରୁବାର ସାରା ବିଶ୍ୱର ଶେୟାର ବଜାରଗୁଡ଼ିକରେ ଗୁରୁବାର ଉନ୍ନତ ଟ୍ରେଣ୍ଡ ନଜରକୁ ଆସିଥିଲା। ଭାରତୀୟ ଶେୟାର ବଜାରରେ ବିଦେଶୀ ସଂସ୍ଥାଗତ ନିବେଶକମାନେ ନିବେଶ ବଢ଼ାଇବା ଯୋଗୁ ଉନ୍ନତ ସ୍ଥିତିରେ ରହିଥିବା ଜଣାପଡ଼ିଛି।

# ଚଳିତ ମାସ ଶେଷ ସୁଦ୍ଧା ସୁଧ ଦେବ ଇପିଏଫ୍‌ଓ

**ନୂଆଦିଲ୍ଲୀ,୧୭।୧୨**

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ(ଇପିଏଫ୍‌ଓ) ଆର୍ଥିକ ବର୍ଷ ୨୦୧୯-୨୦ ଲାଗି କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ଫଣ୍ଡରେ ଚଳିତ ମାସ ଶେଷ ସୁଦ୍ଧା ୮.୫% ସୁଧ ପ୍ରଦାନ କରିବ। ପ୍ରାୟ ୬ କୋଟି ଉପଭୋକ୍ତାଙ୍କ ଖାତାରେ ଏହି ସୁଧ ରାଶି ଜମା କରାଯିବ ବୋଲି ଜଣାପଡିଛି। ସେପ୍ଟେମ୍ବର ମାସରେ ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁଧ ହାର ନେଇ ନିଷ୍ପତ୍ତି ହୋଇଥିଲା। ଗୋଟିଏ ଥରରେ ୮.୫% ଏବଂ ଆଉ ଗୋଟିଏ ଥରେ ୦.୩୫% ସୁଧ ପ୍ରଦାନ ନେଇ କୁହାଯାଇଥିଲା। ନ୍ୟୁଜ୍ ଏଜେନ୍ସି ପିଟିଆଇ ରିପୋର୍ଟ ମୁତାବକ ୨୦୧୯-୨୦ ଲାଗି ଇପିଏଫ୍‌ରେ ୮.୫% ସୁଧ ହାର ପ୍ରଦାନ କରିବା ଲାଗି ଶ୍ରମ ମନ୍ତ୍ରଣାଳୟ ଅର୍ଥ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଛି। ପ୍ରସ୍ତାବକୁ ଚଳିତ ମାସରେ ପଠାଯାଇଥିବା ଜଣାପଡିଛି। ପ୍ରସ୍ତାବ ଉପରେ ଅର୍ଥ ମନ୍ତ୍ରଣାଳୟର ମଞ୍ଜୁରୀ ଚଳିତ ମାସରେ ମିଳିଯିବ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଇପିଏଫ୍ ସଦସ୍ୟ ନିଜ ପଞ୍ଜୀକୃତ ମୋବାଇଲ ନମ୍ବରରୁ ମିସ୍‌ଡ କଲ୍ ଦେଇ ଆକାଉଣ୍ଟ ତଥ୍ୟ ଜାଣିପାରିବେ।

# ଏନ୍‌ପିଏ ସମାଧାନ ପାଇଁ ଏସ୍‌ବିଆଇର ପଦକ୍ଷେପ

State Bank of India

**ଭୁବନେଶ୍ୱର,୧୭।୧୨**

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ସମସ୍ତ ଋଣଗ୍ରହୀତାଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଛି କି ଚଳିତ ମାସ ୧୯ ତାରିଖରେ ସ୍ଥାନୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଋଣ ସମାଧାନ ୨୦୨୦-୨୧ ନାମକ ଏକକାଳୀନ ଅନାଦେୟ ବକେୟା ଋଣ ପରିଶୋଧ ଯୋଜନା ପ୍ରଚଳନ କରାଯାଇଛି। ଏହି ଯୋଜନା ଅନୁସାରେ ଅନେକ ବିଶେଷ ରିହାତି ମଧ୍ୟ ଉପଲବ୍ଧ କରାଯାଇଛି। ଏହି ସୁବିଧା ପ୍ରାପ୍ତ କରିବା ପାଇଁ ଗ୍ରାହକମାନେ (ଋଣ ଗ୍ରହୀତା) ନିକଟସ୍ଥ ଷ୍ଟେଟ ବ୍ୟାଙ୍କ ଶାଖାରେ ଯୋଗାଯୋଗ କରି ଏ ସମ୍ପର୍କିତ ସବିଶେଷ ସୂଚନା ପାଇପାରିବେ। ଏହି ଋଣ ସମାଧାନ ସମୟ ଆଗାମୀ ୩୧ ଜାନୁୟାରୀ ୨୦୨୧ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହି ଲୋକ ଅଦାଲତରେ କୌଣସି ବ୍ୟାଙ୍କ ଋଣ ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ ଏବଂ ଅମଲଯୋଗ୍ୟ ବୋଲି ଜଣାପଡିଛି। ଅନାଦେୟ ପୁରୁଣା ବ୍ୟାଙ୍କ ଋଣର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ରେକର୍ଡ ଭାଙ୍ଗିଲା ବିଟ୍ କଏନ୍

**ନୂଆଦିଲ୍ଲୀ,୧୭।୧୨:** କ୍ରିପ୍ଟୋ କରେନ୍ସି ବିଟ୍ କଏନ୍ ବୁଧବାର ସମସ୍ତ ରେକର୍ଡକୁ ଭାଙ୍ଗି ଦେଇଛି। ପ୍ରଥମ ଥର ଲାଗି ଏହି କ୍ରିପ୍ଟୋ କରେନ୍ସିର ମୂଲ୍ୟ ୨୦ ହଜାର ଡଲାର (ପ୍ରାୟ ୧୫ ଲକ୍ଷ) ଟପିଛି। ଚଳିତ ବର୍ଷ ଏହାର ମୂଲ୍ୟ ପ୍ରାୟ ୧୭୦%ରୁ ଊର୍ଦ୍ଧ୍ୱ ବଢିଛି। ଶୀଘ୍ର ଲାଭ ପାଇବା ଆଶାରେ ବଡ ବଡ ନିବେଶକ ଏହି କାରବାରକୁ ଆସୁଥିବାରୁ ଏହାର ମୂଲ୍ୟରେ ଲଗାତର ବୃଦ୍ଧି ଘଟୁଛି। ସେହିଭଳି ନିକଟରେ ସୁନା ଦର କମିଥିବାରୁ ନିବେଶକ କ୍ରିପ୍ଟୋ କରେନ୍ସି କାରବାର ଆଡକୁ ଢଳିଥିଲେ। ଅଗଷ୍ଟରେ ସୁନା ୧୦ ଗ୍ରାମ ପିଛା ୫୬,୨୦୦ ଟଙ୍କା ପହଞ୍ଚିଥିଲା। ବର୍ତ୍ତମାନ ଏଥିରେ ପ୍ରାୟ ୭ ହଜାର ଟଙ୍କା ହ୍ରାସ ପାଇଛି। ବ୍ୟାଙ୍କ ଷ୍ଟ୍ରାଟେଜିଷ୍ଟଙ୍କ କହିବା ମୁତାବକ ଡିଜିଟାଲ କରେନ୍ସିର ଲୋକପ୍ରିୟତା ବଢିଚାଲିଛି।


**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Executive Engineer, Telengiri Canal Division**
**At/Po: Bariniput, Jeypore, Dist: Koraput (764006)**

**CANCELLATION NOTICE**

**No. A-385:-** Due to unavoidable circumstances & some technical problems, the e-Procurement Notice No. EE-TCD-03/2020-21 of dated 07.12.2020 invited by Executive Engineer, Telengiri Canal Division, Bariniput is hereby cancelled and will be republished very shortly.

Sd./- (Er. P.K. Maharana), Executive Engineer, Telengiri Canal Division, Bariniput
OIPR-32080/11/0008/2021

**ROURKELA DEVELOPMENT AUTHORITY**
UDITNAGAR, ROURKELA - 769012
Mail: secretaryrda@gmail.com
No. 3296/RDA Dated: 17.12.2020

**NOTICE TO APPLICANTS FOR LOTTERY**

In response to Advertiement Notice No. 1907/RDA, dated 28.09.2020, the lottery for allotment of C3L1/EWS house/house sites will be held on 22nd December, 2020 at 8.00 A.M. in the Puja Pendal premises near RDA Office, Uditnagar, Rourkela in presence of the Secretary, RDA, Executive Magistrate, Media persons and 5% applicant from each category, alphabetically selected. The applicants are requested to watch the live telecast of lottery process at their homes through the link available in the RDA website **www.rda-rourkela.in/lottery.html** in order to avoid rush during this pandemic period as per the COVID-19 guidelines.

During scrutiny of the applications, it is observed that some applicants claimed as Scheduled Caste/Scheduled Tribe without supported certificate issued for the purpose by the competent authority and in that event their applications have been kept in the un-reserved categories. The detail category wise application are available in the RDA website.

Sd./- Secretary
Rourkela Development Authority

**REQUEST FOR PROPOSAL**
**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁନ୍ଦରଗଡ଼**
**ଡାକ୍ତରଖାନା ଅମ୍ଳଜାନ ବାଷ୍ପ ସରବରାହ ନିମନ୍ତେ ଆବେଦନ**
**FOR CONNECTION OF MEDICAL OXYGEN GASES PIPELINE FROM NEWLY CONSTRUCTED OXYGEN PLANT TO OXYGEN MANIFOLD ROOM OF DHH, SUNDARGARH**

Adv. No. ............/DHH/SNG Dt:

**No. E-449:-** Applications are invited from credible Agency /Firms for **connection of Medical Oxygen Gases Pipe Line from Oxygen Manifold room of MCH Building of DHH, Sundargarh**. The Agency/Firms/NGO's must be registered for above purpose. The Agency/Firms having more than three years and proven experience of working in the related field for minimum of at least three years. It is mandatory that the Agency/Firms should have valid GST and other certificate. Interested parties/ organizations/ agencies should submit their proposal in prescribed format (Technical as well as financial bids under two bid systems) along with all supporting documents in sealed envelope separately through Speed Post/ Regd. Post. Post addressed to the CDM & PUBLIC HEALTH OFFICER, SUNDERGARH on or before 2020 up to 05 P.M in the prescribed application format available in the website http://www.sundargarh.nic.in. The application / proposals shall open on 2020 at 11 AM in the office of undersigned in presence of the parties/ agencies/ or their authorized representatives. The authority reserves right for cancellation / modifications of the selection without assigning any reason thereof.

Sd./- Chief District Medical & Public Health Officer, Sundargarh
OIPR-10100/11/0019/2021

**ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳ**
ବିଜ୍ଞାପନ ସଂଖ୍ୟା-୩୭ ତାରିଖ-୧୬।୧୨।୨୦୨୦

**ଖରିଫ ଧାନ ସଂଗ୍ରହ, ୨୦୨୦-୨୧**

ଏତଦ୍ୱାରା ଢେଙ୍କାନାଳ ରାଜସ୍ୱ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ଖରିଫ ୨୦୨୦-୨୧ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି, ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ନିର୍ଣ୍ଣୟ ଏବଂ ଜିଲ୍ଲାପାଳଙ୍କ ଆଦେଶନାମା ସଂଖ୍ୟା- ୨୫୯୩ ତା ୧୫।୧୨।୨୦୨୦ରିଖ ମୁତାବକ ଢେଙ୍କାନାଳ ଜିଲ୍ଲାରେ ତା୧୮।୧୨।୨୦୨୦ରିଖଠାରୁ ସମସ୍ତ ସେବା ସମବାୟ ସମିତି ଧାନ କ୍ରୟ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କେନ୍ଦ୍ରକୁ ଆଣିବେ। ଧାନ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର, ଏକ କିସମ ଯଥା (ଏଫ୍.ଏ.କ୍ୟୁ.) ମାନର ହୋଇଥିବା ଆବଶ୍ୟକ। ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ କୌଣସି ଅସାଧୁ ବ୍ୟକ୍ତି କିମ୍ବା ମଧ୍ୟସ୍ଥିଙ୍କ କଥାରେ ପରିଚାଳିତ ନ ହୋଇ ନିକଟସ୍ଥ ସେବା ସମବାୟ ସମିତି ଲିଃରେ ଖୋଲାଯାଇଥିବା ମଣ୍ଡିରେ ଧାନ ବିକ୍ରୟ କରନ୍ତୁ ଓ ଧାନର ସହାୟକ ମୂଲ୍ୟ ପ୍ରାପ୍ତ ହୁଅନ୍ତୁ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି, ସମାଧାନ ଧାନ (ଏଫ୍.ଏ.କ୍ୟୁ.) ପାଇଁ ଟ୧୮୬୮.୦୦ଙ୍କା ହୋଇଥିବା ସ୍ଥଳେ ଗ୍ରେଡ୍ 'ଏ' ଧାନର କୁଇଣ୍ଟାଲ ମୂଲ୍ୟ ଟ୧୮୮୮.୦୦ଙ୍କା ଅଟେ।

**ଧାନର ମିଶ୍ରିତ ନିକୃଷ୍ଟ ଦ୍ରବ୍ୟ ବା ବାହ୍ୟ ପଦାର୍ଥର ସର୍ବୋଚ୍ଚ ଗ୍ରହଣ ସୀମା**

୧. ବାଲି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ-୧%
୨. କୁଟା, କାଠି, ଧୂସ, ଅଗାଡି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ -୧%
୩. ଆର୍ଦ୍ରତା-୧୭%
୪. ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକ ଇତ୍ୟାଦି - ୫%
୫. ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଂକୁଚିତ ଇତ୍ୟାଦି-୩%
୬. (ଗ୍ରେଡ୍ ଏ) ସରୁଧାନରେ ମିଶିଥିବା ମୋଟା ଧାନ ପରିମାଣ-୬%

**ଚଳିତ ଖରିଫ ୨୦୨୦-୨୧ ବର୍ଷରେ ନିମ୍ନଲିଖିତ କେନ୍ଦ୍ରମାନଙ୍କରେ ଧାନ କ୍ରୟ କରାଯିବ**

| କ୍ର.ନଂ. | ଧାନ କ୍ରୟ ଦିବସ | ଧାନ କ୍ରୟ କେନ୍ଦ୍ର/ପ୍ରାଥମିକ ସମବାୟ ସମିତି ଲିଃର ନାମ |
|---|---|---|
| ୧ | ସୋମବାର | ଭାପୁର, କାଙ୍କଡପାଳ, ତାଳବରକୋଟ, ଗଦାଶିଳା, ଖଡଗପ୍ରସାଦ, ନୟାଭାଗୀରଥିପୁର, ବାଇଁଶିଆ, ମନ୍ଦାର, ଲାଉଲଇ, ନିହଲପ୍ରସାଦ, ସଞ୍ଚପୁର, ସଡଙ୍ଗି |
| ୨ | ମଙ୍ଗଳବାର | ବଣସିଂହ, ଗୋବିନ୍ଦପୁର, କଙ୍କଡାହାଡ, ମାଣିପୁର, ଇନ୍ଦିପୁର, ଦେଓଗାଁ, ଗଁଦିଆ, କରମୂଳ, ପିଙ୍ଗୁଆ, ସଡଙ୍ଗି, କାଶୀପୁର |
| ୩ | ବୁଧବାର | ଚନ୍ଦ୍ରଶେଖରପ୍ରସାଦ, ଗେଙ୍ଗୁଟିଆ, କାଙ୍କଡପାଳ, ତାଳବରକୋଟ, ତରଭା, ଘଟିପିରି, ଖଡଗପ୍ରସାଦ, ଓଡାପଡା, ସଦାଶିପୁର, ବିଧାରପୁର, ସଞ୍ଚପୁର, କାଲୁରିଆ, କାଶୀପୁର, ରତନପୁର |
| ୪ | ଗୁରୁବାର | ବଣସିଂହ, ବେଲଟିକିରି, ଭାପୁର, ଚନ୍ଦ୍ରଶେଖରପ୍ରସାଦ, ଗଦାଶିଳା, ଦେଓଗାଁ, ଯୋରନ୍ଦା, ମନ୍ଦାର, ନିହଲପ୍ରସାଦ, ପିଙ୍ଗୁଆ |
| ୫ | ଶୁକ୍ରବାର | କଙ୍କଡାହାଡ, ଶଙ୍କରପୁର, ଘଟିପିରି, ନୟାଭାଗୀରଥିପୁର, ଓଡାପଡା, ବାଇଁଶିଆ, ଗଁଦିଆ, କରମୂଳ, ରତନପୁର |
| ୬ | ଶନିବାର | ବେଲଟିକିରି, ଗେଙ୍ଗୁଟିଆ, ଗୋବିନ୍ଦପୁର, ମାଣିପୁର, ତରଭା, ଘଟିପିରି, ବିଧାରପୁର, ଯୋରନ୍ଦା, ଲାଉଲଇ, କାଲୁରିଆ |

ବି.ଦ୍ର.:- ଜଣେ ଚାଷୀ ସର୍ବାଧିକ ଦୈନିକ କ୍ୱି୫୦.୦୦ଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିପାରିବେ। ମଣ୍ଡିରେ ପୂର୍ବାହ୍ନ ଘ.୮.୦୦ଟିକାଠାରୁ ଅପରାହ୍ନ ଘ.୨.୦୦ଟିକା ପର୍ଯ୍ୟନ୍ତ ଧାନ ଗ୍ରହଣ କରାଯିବ। କେଉଁ ତାରିଖରେ କେଉଁ ପଞ୍ଜୀକୃତ ଚାଷୀ କେତେ ପରିମାଣ ଧାନ ମଣ୍ଡିକୁ ଆଣିବେ, ସେଥିପାଇଁ ସେମାନଙ୍କୁ ଆଗୁଆ (ଏସ୍.ଏମ.ଏସ୍.) ବାର୍ତ୍ତା ମାଧ୍ୟମରେ ଜଣାଇଦିଆଯିବ। ଏହି ତଥ୍ୟ ମଧ୍ୟ ସୋସାଇଟିରେ ଉପଲବ୍ଧ କରାଯାଉଅଛି। ଅମଳ କରିସାରିଥିବା ବା କରିବାକୁ ଯାଉଥିବା ଚାଷୀଙ୍କ ତଥ୍ୟକୁ ନିର୍ଭରକରି ଟୋକନ୍ ପ୍ରସ୍ତୁତ କରାଯାଉଛି। ଏହି ତଥ୍ୟ ସୋସାଇଟି କର୍ତ୍ତୃପକ୍ଷ ପ୍ରଦାନ କରୁଛନ୍ତି। ନିର୍ଦ୍ଧାରିତ ତାରିଖରେ ମଣ୍ଡିକୁ ଧାନ ନ ଆଣିପାରିଲେ ପରବର୍ତ୍ତୀ ସମୟରେ ମଧ୍ୟ ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦିଆଯିବ। ଚଳିତବର୍ଷ ଚାଷୀଙ୍କର ପରିଚୟ ଆଧାର ପ୍ରମାଣୀକରଣ ବ୍ୟବସ୍ଥାରେ କରାଯାଉଛି। ବୃଦ୍ଧ, ରୋଗଗ୍ରସ୍ତ ବା ଅକ୍ଷମ ବ୍ୟକ୍ତିମାନେ, ଆଧାର ପ୍ରମାଣୀକରଣ ପାଇଁ ମଣ୍ଡିରେ ଉପସ୍ଥିତ ନ ରହିପାରିଲେ ମଧ୍ୟ ସେମାନଙ୍କ ନୋମିନି ଜରିଆରେ ଧାନ କ୍ରୟ କରାଯିବ। ଧାନ କ୍ରୟ ବିକ୍ରୟ ବାବଦରେ କୌଣସି ଅଭିଯୋଗ ଦରଜ କରିବାକୁ ଚାହିଁଲେ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବର ୧୯୬୭ କିମ୍ବା ଜିଲ୍ଲା ଯୋଗାଣ ବିଭାଗର କଣ୍ଟ୍ରୋଲରୁମ୍ ଫୋନ୍ ନମ୍ବର ୦୬୭୬୨୨୨୬୫୭୬ରେ ଯୋଗାଯୋଗ କରିପାରିବେ।

ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳ
ସ୍ୱା./- ଉପଜିଲ୍ଲାପାଳ-ତଥା ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳ

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o- SUPERINTENDING ENGINEER, CIVIL WORKS CIRCLE, BHUBANESWAR
CIN:U40102OR2004SGC007553
Lifeline of Odisha

No. CAD-929 **E-TENDER CALL NOTICE NO:04 OF 2020-21**

Tenders are invited from the experienced bidders through open tender for the work, **" M/R to MS Building, OPTCL, Bhubaneswar (Repairing and Painting of inside building)."**
**Cost of Tender Paper:** Rs.6000/- + 12% GST
**EMD:** @1% of estimated cost put to Tender Value to be pledged to EE, CWD-II, OPTCL, BBSR.
**Sale & receipt of Tender Document:** 18.12.2020 at 11.00AM to 28.12.2020 up to 05.00PM through Website **www.tenderodisha.gov.in.**
**Date of Tender Opening:** 30.12.2020 at 11.00 AM
For Details/Corrigendum please visit: **www.optcl.co.in.**

FIPR- 46/2020-21 OIPR-04011/11/0064/2021 Sd/- SUPERINTENDING ENGINEER (C)

**ତହସିଲଦାରଙ୍କ କାର୍ଯ୍ୟାଳୟ**
**ଧର୍ମଗଡ଼, ଜିଲ୍ଲା: କଳାହାଣ୍ଡି**
**ଲଘୁ ଖଣିଜ ଉତ୍ସ (ବାଲି, ମୋରୁମ ଓ ପଥର ଖାଦାନ)ର**
**୫ ବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ**

ଇସ୍ତାହାର ସଂଖ୍ୟା: ୨୫୩୨/ତୈଜି ତା୧୫।୧୨।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଧର୍ମଗଡ଼ ତହସିଲ ଅନ୍ତର୍ଗତ ୩ ଗୋଟି ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ସକାଶେ ନିଲାମ ଆହ୍ୱାନ କରାଯାଉଛି। ଇଚ୍ଛୁକ ପ୍ରାର୍ଥୀମାନେ ତା୧୮।୧୨।୨୦୨୦ରୁ ୦୪।୦୧।୨୦୨୧ (2.00 P.M.) ମଧ୍ୟରେ ଆବେଦନ କରିପାରିବେ। ସବିଶେଷ ବିବରଣୀ ପାଇଁ **www.kalahandi.nic.in**କୁ ଲଗ୍‌ଇନ୍ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟରେ ବୁଝିପାରିବେ।

ସ୍ୱା./- ତହସିଲଦାର, ଧର୍ମଗଡ଼

**OFFICE OF THE SUPERINTENDENT**
**MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,**
BERHAMPUR-760004, GANJAM, ODISHA
Tel.0680-2292624, FAX: 0680-2292752/E-mail: supdtmkcg@gmail.com, supdtmkcg-bam@gov.in
No.13980 MCH/CS/2020 Date: 16.12.2020

**TENDER CALL NOTICE**

**No. E-447:-** The Superintendent, MKCG Medical College Hospital, Berhampur-760004, Dist. Ganjam, Odisha invites sealed tenders in the prescribed Proforma from the Registered and reputed Manufacturers, Authorized suppliers, Dealers, Stockist and EPM rate Contract holders for **"Supply of Medicine & Injectable items"** for M.K.C.G. Medical College Hospital, Berhampur.

The detail information, terms and conditions can be obtained from the office of the undersigned in any working day after publication in newspapers. The bidder can also download the tender documents directly from the website www.ganjam.nic.in.

The last date of receipt of tenders through Regd. Post/ Speed/ Courier is on or before **Dt. 25.01.2021 at 05.00 P.M.** & the Tender will be opened on **28.01.2021.** It may be extended. **The Superintendent, M.K.C.G. Medical College Hospital, Berhampur reserves right to accept/reject/cancel any or all the tenders in full or part without assigning any reason thereof.**

**Sd./- Superintendent, MKCG Medical College Hospital, Berhampur**
OIPR-10028/11/0010/2021

**Bhubaneswar Municipal Corporation**
*Progress through Partnership for better Bhubaneswar*
**RFP No.: 90820** **Date: 17.12.2020**

**Notice Inviting Request for Proposal**

**No. C-252:-** Sealed Proposal are invited for **"Selection of a Non-profit Organization for Collection and Distribution of Usable Clothes in Bhubaneswar Municipal Corporation Area"** in conformity with the Terms & Conditions of the Detailed RFP from intending bidders fulfilling the terms of eligibility laid down in the RFP document. Please refer to website www.bmc.gov.in for complete details and downloading the Document. The RFP document is available from **17.12.2020** with last date of submission being **13.01.2021 till 2.00 P.M.**

For any queries please contact:
**dc-sanitation@bmc.gov.in**

**Sd./- Deputy Commissioner (Sanitation)**
**Bhubaneswar Municipal Corporation**
OIPR-13002/11/0061/2021

See Career Appointment on every Wednesday & Saturday

**OFFICE OF THE MUNICIPAL COUNCIL, MALKANGIRI**
**Odisha, PIN-764045, Ph.- 06861-230244, e-Mail: malkangiri@ulborissa.gov.in**
**Lt.No.3345/Mpl./2020** **Dated: 17.12.2020**

**TENDER CALL NOTICE**

Sealed tenders are hereby invited from intending Limited Company/Pvt. Limited Company/ NGO (Registered with Sec 8 of the Companies Act)/Societies for Sanitation Work of Malkangiri Municipality for a period of 03 (Three) years.
Work details:-

| Sl.No. | Name of the work | Estimated cost (Rs.) per month | E.M.D. (Rs.) | Paper cost (Rs.) | Security deposit (Rs.) |
|---|---|---|---|---|---|
| 1 | Sanitation work of Malkangiri Municipality | 16,25,000/- | 16250/- | 10,000/- | 15,00,000/- |

The tender papers along with DTCN will be available in the District portal i.e. www.malkangiri.nic.in from dated 18.12.2020 at 10 A.M. to 04.01.2021 at 5.00 P.M. The tender paper along with Paper Cost, EMD and other documents must be reached through Registered Post/Speed Post on or before 5.00 P.M. of dated 04.01.2021. Any tender received after the specified date shall be rejected. The sealed cover should be superscribed with the TCN No. & date. The tender paper will be opened in presence of the tenderers or their authorized representatives on dated 06.01.2021 at 11.00 A.M. in the office of the undersigned.

**Sd./- Executive Officer, Malkangiri Municipality**

GOVERNMENT OF ODISHA No. A-382
**OFFICE OF THE EXECUTIVE ENGINEER**
**KANUPUR REHABILITATION CAMPS & BUILDING DIVISION**
At/P.O.: Basudevpur, Dist.- Keonjhar, PIN - 758047
**e-PROCUREMENT NOTICE**
**Bid Identification No. EE, KRC & BD-06/2020-21**
**E-mail: eekrcbdbasudevpur@gmail.com**

| Sl. No. | Name of Work | Approx. value of work (Rs. in lakh) | E.M.D./Bid Security in Rs. (To be remitted Online) | Cost of Bid document in Rs. (To be remitted Online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Power supply to village electrification for R & R Colony, Dhobakuchuda (Kumulanali) for the DPs of village Dhobakuchuda under KIP" | 13.84 | 13,900.00 | 6,000.00 | 3 (Three) Calendar Months | Elect. HT | Kanupur Reh. Camps & Building Division, At/P.O.- Basudevpur, Dist.- Keonjhar |
| 02 | "Power supply to village electrification for cluster No.14 at Naradpur Panchayatsahi for the DPs of village Chamakpur under KIP" | 8.27 | 8,300.00 | 4,000.00 | 3 (Three) Calendar Months | Elect. HT | |
| 03 | "Power supply to village electrification for cluster No.05 at Sunakhanisahi, Basudevpur for the DPs of village Remenshapur (Ka) under KIP." | 5.15 | 5,150.00 | 4,000.00 | 2 (Two) Calendar Months | Elect. HT | |

| Procurement Officer | Bid Identification No. | Availability of Tender Online for Bidding | | Date & time of Opening of Tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Executive Engineer, Kanupur Reh, C. & B. Division, Basudevpur, Dist.- Keonjhar. | EE, KRC & BD-06/ 2020-21 | 23.12.2020 from 10.00 hours | 07.01.2021 upto 17.00 hours | 08.01.2021 | 11.00 hours | Office of the Executive Engineer, Kanupur Reh., Camps & Building Division, Basudevpur, Keonjhar |

**Sd./- Executive Engineer, Kanupur Reh., C & B Division, Basudevpur**
**OIPR-32053/11/0003/2021**

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RWSS DIVISION, KORAPUT**
**e-mail-eerwss_kpt@nic.in, Ph.No. 06852-250281(Off), Ph.No. 06852-250680 (Res), Fax.No.06852-251098.**
**National Competitive Bidding Through E-Procurement**
**Tender Identification No.9/EE/RWSS/KPT/2020-21/11.12.2020**

No. O-750: The Executive Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Double cover ( P1 contract) from the eligible class of experienced registered contractors through e-Tendering system for the Piped water supply works as detailed in DTCN. The bid should be submitted on-line in the website **www.tenderorissa.gov.in** separately for the works.

| | | |
|---|---|---|
| 1 | Nature of Work | Rural piped Water Supply Work (Civil) |
| 2 | Estimated Cost | Varies from 6.20 lakhs to 139.40 lakhs |
| 3 | No. of Works | 13 Nos. |
| 4 | Tender Cost | Rs.4000/- to 10000/- |
| 5 | Class of Contractor | "D", "C", "B" & "A" |
| 6 | Availability of Bid document in the website | Dt.24.12.2020, 17 hours to 02.01.2021 17 hours. |
| 7 | Date of seeking Clarification | During the Office hours of 24.12.2020 to 01.01.2021 |
| 8 | Date of Opening of Bid | Dt.04.01.2021 at 11 hours |

Further details can be seen in the bidding documents which is available in the e-procurement portal **https/www.tendersorissa.gov.in.** Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

**Sd./- Executive Engineer,**
**RWS&S Division, Koraput**
**OIPR-25034/11/0009/2021**

# ପ୍ରଥମ ଟେଷ୍ଟ: ଭାରତ ୨୩୩/୬

**ଆଡିଲେଡ, ୧୭।୧୨**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦିବାରାତ୍ର ପ୍ରଥମ କ୍ରିକେଟ ଟେଷ୍ଟ ଗୁରୁବାର ଆରମ୍ଭ ହୋଇଛି। ପ୍ରଥମ ସେସନରେ ଅଷ୍ଟ୍ରେଲୀୟ ବୋଲରମାନେ ପରିବେଶରୁ ଫାଇଦା ଉଠାଇଥିଲେ ହେଁ ପରେ ଅଧିନାୟକ ବିରାଟ କୋହଲିଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ମାତ୍ର କୋହଲିଙ୍କ ରନଆଉଟ୍ ଭ୍ରମଣକାରୀ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ଫଳରେ ଏକଦା ୩ ଉଇକେଟ ହରାଇ ୧୮୮ ରନ କରିଥିବା

## କୋହଲିଙ୍କ ରନଆଉଟ୍ ମହଙ୍ଗା ପଡ଼ିଲା

ଭାରତ ପ୍ରଥମ ଦିନ ଶେଷ ବେଳକୁ ୬ ଉଇକେଟ ହରାଇ ୨୩୩ ରନ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ବିରାଟ। ମାତ୍ର ପୃଥ୍ୱୀ ଶ'ଙ୍କ ଦୁର୍ବଳ ଟେକ୍ନିକ ଯୋଗୁ ଦଳ ପ୍ରଥମ ଓଭରରେ ହିଁ ଝଟ୍‌କା ଖାଇଥିଲା। ସ୍ୱିଙ୍ଗ୍‌ଷ୍ଟର ମିଚେଲ ଷ୍ଟାର୍କ ଦ୍ୱିତୀୟ ବଲରେ ପୃଥ୍ୱୀଙ୍କୁ କ୍ଲିନ୍ ବୋଲ୍ଡ କରି ଘରୋଇ ଦଳରେ ଉତ୍ସାହ ଭରିଥିଲେ। ଭଲ ଆରମ୍ଭ କରିଥିଲେ ହେଁ ମୟଙ୍କ ଅଗ୍ରୱାଲ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ୪୦ ବଲରୁ ୧୭ (୨ ଚୌକା) ରନ କରିଥିବାବେଳେ ପ୍ୟାଟ୍ କୁମିନ୍ସଙ୍କ ବଲରେ ବୋଲ୍ଡ ହୋଇଥିଲେ। ଫଳରେ ୩୨ ରନ ମଧ୍ୟରେ ଦୁଇ ଓପନରଙ୍କ ବିଦାୟ ନିର୍ଭରଯୋଗ୍ୟ ଚେତେଶ୍ୱର ପୂଜାରା ଓ ବିରାଟ ଇନିଂସ ସମ୍ଭାଳିଥିଲେ। ଅଷ୍ଟ୍ରେଲୀୟ ବୋଲରଙ୍କୁ ସଫଳ ମୁକାବିଲା କରି ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିବା ପୂଜାରା ୧୬୦ ବଲରୁ ୪୩ ରନ କରିଥିବାବେଳେ ସ୍ପିନର ନାଥାନ ଲିୟନଙ୍କ ବଲରେ ମାର୍ନସ ଲାବୁସ୍କାନଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ବିରାଟ ଓ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ସତର୍କତାର ସହିତ ବ୍ୟାଟିଂ କରି ଭାରତକୁ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ୩ ଉଇକେଟ ହରାଇ ଭାରତ ୧୮୮ ରନରେ ପହଞ୍ଚି ଯାଇଥିବାବେଳେ ଏକ ଅଭାବନୀୟ ଘଟଣା ଘଟିଥିଲା। ୭୭ତମ ଓଭରର ଶେଷ ବଲକୁ ଲିୟନ ଅଫ୍‌ଷ୍ଟମ୍ପ ବାହାରେ ଫ୍ଲାଇଟେଡ ରଖିଥିବାବେଳେ ରାହାନେ ନିୟନ୍ତ୍ରଣରେ ତାହାକୁ ମିଡ୍-ଅଫ୍ ଅଞ୍ଚଳକୁ ଖେଳିଥିଲେ। ସେଠାରେ ଥିବା ଫିଲ୍ଡର ଦ୍ରୁତ ବେଗରେ ବଲ ନିକଟରେ ପହଞ୍ଚିଥିବାବେଳେ ରାହାନେ ରନ ନେବାପାଇଁ କଲ୍ ଦେଇ କିଛିପାଦ ଆଗେଇ ଯାଇଥିଲେ। ତାଙ୍କ କଲ୍‌କୁ ଗ୍ରହଣ କରିଥିଲେ କୋହଲି। ସେ ପାଖାପାଖି କ୍ରିଜ୍‌ର ଅଧାରେ ପହଞ୍ଚି ଯାଇଥିବାବେଳେ ରାହାନେ ତାଙ୍କୁ ଫେରିଯିବାପାଇଁ କହିଥିଲେ। କିଂକର୍ତ୍ତବ୍ୟ ବିମୂଢ଼ କୋହଲି କ୍ରିଜ୍‌କୁ ଫେରିପାରି ନ ଥିଲେ। ଜୋଶ୍ ହାଜେଲଉଡ୍‌ଙ୍କଠାରୁ ପାସ୍ ପାଇ ଲିୟନ ନନ୍‌ଷ୍ଟ୍ରାଇକର ଏଣ୍ଡ ଷ୍ଟମ୍ପ ଭାଙ୍ଗିବାରୁ କୋହଲି ରନଆଉଟ୍ ହୋଇଯାଇଥିଲେ। ୧୮୦ଟି ବଲ ଖେଳିଥିବା କୋହଲି ୮ ଚୌକା ସହାୟତାରେ ୭୪ ରନ ସଂଗ୍ରହ କରିଥିଲେ। ସେ ପୂଜାରାଙ୍କ ସହ ତୃତୀୟ ଉଇକେଟରେ ୬୮ ଏବଂ ରାହାନେଙ୍କ ସହ ୪ର୍ଥ ଉଇକେଟରେ ୮୮ ରନର ମୂଲ୍ୟବାନ ଭାଗୀଦାରି ଗଢ଼ି ଅଷ୍ଟ୍ରେଲୀୟ ବୋଲରଙ୍କୁ ଚିନ୍ତାରେ ପକାଇଥିଲେ। ତେଣୁ କୋହଲିଙ୍କ ବିଦାୟପରେ ଘରୋଇ ବୋଲର ଉତ୍ସାହୀ ପ୍ରଦର୍ଶନ କରି ଶୀଘ୍ର ଆଉ ୨ ଉଇକେଟ ନେଇଯାଇଥିଲେ। ଫଳରେ ୨୦୬ ରନରେ ଭାରତର ୬ଷ୍ଠ ଉଇକେଟ ପତନ ଘଟିଥିଲା। ଅଷ୍ଟ୍ରେଲିଆ ନୂଆ ବଲ ନେବାପରେ ରାହାନେ ଆଉଟ ହୋଇଥିଲେ। ସେ ୯୨ ବଲରୁ ୪୨(୩ ଚୌକା, ୧ ଛକା) ରନ କରିଥିଲେ। ୬ ନମ୍ବରରେ ଆସିଥିବା ହନୁମା ବିହାରୀ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ମାତ୍ର ୧୬ ରନ କରିଥିଲେ। ଋଦ୍ଧିମାନ ଶାହା ୯ ଓ ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନ ୧୫ ରନରେ ଅପରାଜିତ ରହି ଅସମାପ୍ତ ୭ମ ଉଇକେଟରେ ୨୭ ରନ ଯୋଗ କରି ଭାରତ ପାଇଁ ଆଶା ଉଜ୍ଜୀବିତ ରଖିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୨ଟି ଏବଂ ହାଜେଲଉଡ୍, ପ୍ୟାଟ୍‌କୁମିନ୍ସ ଓ ଲିୟନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଦ୍ୱିତୀୟ ଦିବସର ପ୍ରଥମ ୧ ଘଣ୍ଟା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ଋଦ୍ଧିମାନଙ୍କ ଉପରେ ଗୁରୁଦାୟିତ୍ୱ ରହିବ।



ଭାରତର ପ୍ରଥମ ଇନିଂସ୍‌ରେ ଶଟ୍ ଖେଳୁଛନ୍ତି ବିରାଟ କୋହଲି।

### ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ**
ପୃଥ୍ୱୀ-ବୋ-ଷ୍ଟାର୍କ-୦
ମୟଙ୍କ-ବୋ-କୁମିନ୍ସ-୧୭
ପୂଜାରା-କ-ଲାବୁସ୍କାନ-ବୋ-ଲିୟନ-୪୩
କୋହଲି-ରନ୍‌ଆଉଟ-୭୪
ରାହାନେ-ଏଲବିଡବ୍ଲ୍ୟୁ-ଷ୍ଟାର୍କ-୪୨
ହନୁମା-ଏଲବିଡବ୍ଲ୍ୟୁ-ହାଜେଲ୍‌ଉଡ୍-୧୬
ଋଦ୍ଧିମାନ-ନଟଆଉଟ-୯
ଅଶ୍ୱିନ-ନଟ୍‌ଆଉଟ-୧୫
ଅତିରିକ୍ତ-୧୭
ମୋଟ (୬ ଉଇକେଟ, ୮୯ ଓଭର) ୨୩୩।
ଉଇକେଟ ପତନ୧/୦, ୨/୩୨, ୩/୧୦୦, ୪/୧୮୮, ୫/୧୯୬, ୬/୨୦୬।
ବୋଲିଂ(ଅଷ୍ଟ୍ରେଲିଆ)
ଷ୍ଟାର୍କ ୧୯-୪-୪୯-୨
ହାଜେଲ୍‌ଉଡ୍ ୨୦-୬-୪୭-୧
କୁମିନ୍ସ ୧୯-୭-୪୨-୧
ଗ୍ରୀନ୍ ୯-୨-୧୫-୦
ଲିୟନ ୨୧-୨-୬୮-୧
ଲାବୁସ୍କାନ ୧-୦-୩-୦।



ଅଜିଙ୍କ୍ୟ ରାହାନେଙ୍କୁ ଆଉଟ୍ କରିବା ପରେ ଉଲ୍ଲସିତ ମିଚେଲ ଷ୍ଟାର୍କ।

# ଫୁଟ୍‌ବଲ କୋଚ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବିଭିନ୍ନ ଜିଲାର କୋଚ୍‌ଙ୍କ ସହ ମୁଖ୍ୟ ପ୍ରଶିକ୍ଷକ ଓ ଆୟୋଜକ।

**ବଲାଙ୍ଗୀର ଅଫିସ, ୧୭।୧୨**

## ଓଡ଼ିଶାର ୨୨ ଜିଲାରୁ ୨୮ କୋଚ୍ ପ୍ରଶିକ୍ଷଣ ନେଲେ

ବଲାଙ୍ଗୀର ସାଇଟ୍ ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମଠାରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ଡିପ୍ଲୋମା ଫୁଟବଲ କୋଚିଂ ପାଠ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଅଲଇଣ୍ଡିଆ ଫୁଟବଲ ଫେଡେରେସନ ନୂଆଦିଲ୍ଲୀ ଓ ଫାଓ କଟକ ମିଳିତ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ତରଫରୁ ଗତ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଆଇଏଫ୍‌ଏଫ୍ ପ୍ରଶିକ୍ଷକଭାବେ କଲିକତାର ସୟଦ ଅଲତାଭ ଉଦ୍ଦିନ ଅହମ୍ମଦ ଯୋଗଦେଇଥିଲେ। ବଲାଙ୍ଗୀର ଜିଲା ଫୁଟବଲ କୋଚ୍ ପରାଶର ବାଗ ସଂଯୋଜକ ଦାୟିତ୍ୱ ତୁଲାଇଥିଲେ। ଏଥିରେ ଓଡ଼ିଶାର ୨୨ ଜିଲାରୁ ୨୮ ଜଣ ଫୁଟବଲ କୋଚ୍ ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଫାଓ ଓଡିଶା କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗୀର ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଶିକ୍ଷକ ଅହମ୍ମଦଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସପ୍ତାହବ୍ୟାପୀ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଜିଲା କ୍ରୀଡା ସଂସଦ ତରଫରୁ ବହୁ ସଦସ୍ୟ ଯୋଗଦାନ କରି କୋଚ୍‌ମାନଙ୍କୁ ଉତ୍ସାହିତ କରିଥିଲେ।ଶେଷରେ କୋଚ ପରାଶର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତକୁ ୪ ପଦକ ନିଶ୍ଚିତ

**ନୂଆଦିଲ୍ଲୀ, ୧୭।୧୨:** ଜର୍ମାନୀର କୋଲୋନରେ ଚାଲିଥିବା ବକ୍ସିଂ ବିଶ୍ୱକପ୍‌ରେ ଭାରତର ଅମିତ ପଙ୍ଘାଲ ୫୨ କେ.ଜି. ବର୍ଗରେ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ବ୍ୟତୀତ ଅନ୍ୟ ୩ ଜଣ ଭାରତୀୟ ମହିଳା ବକ୍ସର ପଦକ ନିଶ୍ଚିତ କରିଛନ୍ତି। ଏସିଆନ ଗେମ୍ସ ଚାମ୍ପିୟନ ପଙ୍ଘାଲ ଫ୍ରାନ୍ସ ବକ୍ସର ବିଲାଲ ବେନ୍ନାମାଙ୍କୁ ୫-୦ରେ ପରାସ୍ତ କରିଛନ୍ତି। ବିଲାଲ ପୂର୍ବରୁ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ପୂର୍ବରୁ ୩ଜଣ ଭାରତୀୟ ମହିଳା ବକ୍ସର ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଥିଲେ। ପୂଜା ରାଣୀ ୭୫ କେ.ଜି., ମନୀଷା ୫୭ କେ.ଜି. ଓ ସିମରନଜିତ କୌର ୬୦ କେ.ଜି. ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଆହତ ସମସ୍ୟା କାରଣରୁ ଏସିଆନ୍ ମେଡାଲିଷ୍ଟ ଶିବ ଥାପ୍ପା (୬୩ କେ.ଜି.) ଓ ସଞ୍ଜିତ (୯୧ କେ.ଜି.) ଟୁର୍ନାମେଣ୍ଟରୁ ଓହରିବାକୁ ବାଧ ହୋଇଛନ୍ତି। ଏହି ଟୁର୍ନାମେଣ୍ଟରେ ୪ ଭାରତୀୟ ପୁରୁଷ ଓ ୫ଜଣ ମହିଳା ଅଂଶଗ୍ରହଣ କରିଛନ୍ତି।

# ଏଲିଟ୍ ଗ୍ରୁପ୍ ବି'ରେ ଓଡ଼ିଶା

**ମୁମ୍ବାଇ, ୧୭।୧୨ (ପି.ଟି.)**



- ସୟଦ ମୁସ୍ତାକ ଅଲୀ ଟି୨୦ ଜାନୁୟାରୀ ୧୦ରୁ
- ୬ ଭେନ୍ୟୁରେ ଲିଗ୍
- ଅହମ୍ମଦାବାଦରେ ହେବ ନକ୍‌ଆଉଟ୍

ଆସନ୍ତା ଜାନୁୟାରୀ ୧୦ରୁ ୩୧ ପର୍ଯ୍ୟନ୍ତ ଜୈବ ସୁରକ୍ଷିତ ପରିବେଶରେ ସୟଦ ମୁସ୍ତାକ ଅଲି ଟି୨୦ ଚାମ୍ପିୟନଶିପ୍ ଖେଳାଯିବ। ଏଥିସହିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଘରୋଇ ସିଜନ ୨୦୨୦-୨୧ ଆରମ୍ଭ ହେବ। ପ୍ରତିଯୋଗିତାର ଲିଗ୍ ମ୍ୟାଚଗୁଡ଼ିକ ମୁମ୍ବାଇ, କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ, ଇନ୍ଦୋର, ଭଦୋଦରା ଆଦି ୬ଟି ଭେନ୍ୟୁରେ ଖେଳାଯିବ। ଅହମ୍ମଦାବାଦର ସର୍ଦ୍ଦାର ପଟେଲ ଷ୍ଟାଡିୟମରେ ନକ୍‌ଆଉଟ ମ୍ୟାଚ ଖେଳାଯିବ। ଓଡ଼ିଶା ଏଲିଟ୍ ଗ୍ରୁପ୍ ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ବେଙ୍ଗଲ, ଝାଡ଼ଖଣ୍ଡ ତାମିଲନାଡୁ, ଆସାମ ଓ ହାଇଦ୍ରାବାଦ ସ୍ଥାନ ପାଇଛନ୍ତି। ଏଲିଟ୍ ଗ୍ରୁପ୍ 'ବି'ର ମ୍ୟାଚଗୁଡ଼ିକ କୋଲକାତାଠାରେ ଖେଳାଯିବ। ବିସିସିଆଇ ସମ୍ପାଦକ ଜୟ ଶାହା ସମସ୍ତ ରାଜ୍ୟ କ୍ରିକେଟ ଆସୋସିଏଶନ ନିକଟକୁ ପଠାଇଥିବା ଚିଠି ଅନୁସାରେ ଅଂଶଗ୍ରହଣ କରିବାକୁଥିବା ଦଳଗୁଡ଼ିକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ତନ୍ମଧ୍ୟରେ ରହିଛି ୫ଟି ଏଲିଟ୍ ଗ୍ରୁପ୍ ଏବଂ ଗୋଟିଏ ପ୍ଲେଟ ଗ୍ରୁପ୍। ପ୍ଲେଟ୍ ଗ୍ରୁପ୍‌ରେ ମୁମ୍ବାଇ, କୋଲକାତା, ଇନ୍ଦୋର, ଚେନ୍ନାଇ ଓ ଭଦୋଦରା ଭଳି ଦଳ ରହିଛନ୍ତି। ଦଳଗୁଡ଼ିକ ଜାନୁୟାରୀ ୨ ପୂର୍ବରୁ ସେମାନଙ୍କ ଆୟୋଜକ ସହରରେ ପହଞ୍ଚିବେ। ପ୍ରଥମେ ସେମାନଙ୍କର କୋଭିଡ୍ ଟେଷ୍ଟ ହେବା ଏବଂ ସେମାନେ କ୍ୱାରାଣ୍ଟାଇନ୍‌ରେ ରହିବେ। ୨, ୪ ଓ ୬ ତାରିଖରେ ସେମାନଙ୍କର କୋଭିଡ୍ ଟେଷ୍ଟ ହେବ। ନକ୍ ଆଉଟ ପର୍ଯ୍ୟାୟ ପୂର୍ବରୁ ପ୍ରଥମେ ଜାନୁୟାରୀ ୨୦ ଏବଂ ପରେ ଜାନୁୟାରୀ ୨୨ରେ ଖେଳାଳିମାନଙ୍କ କୋଭିଡ୍ ଟେଷ୍ଟ ହେବ। ଚେନ୍ନାଇରେ ପ୍ଲେଟ୍ ଗ୍ରୁପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଏହି ଗ୍ରୁପ୍‌ରେ ୮ଟି ଦଳ ସ୍ଥାନ ପାଇଥିବାବେଳେ ଅନ୍ୟ ୩୦ଟି ଦଳକୁ ୫ ଏଲିଟ୍ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗତଥରର ଚାମ୍ପିୟନ କର୍ଣ୍ଣାଟକ ଏଲିଟ୍ ଗ୍ରୁପ୍ ଏ'ରେ ସ୍ଥାନ ପାଇଛି। ଦଳ ଏହାର ମ୍ୟାଚ୍‌ଗୁଡ଼ିକ ବେଙ୍ଗାଲୁରୁରେ ଖେଳିବ। ଘରୋଇ ଶକ୍ତିଶାଳୀ ଦଳ ମୁମ୍ବାଇ ଏଲିଟ୍ ଗ୍ରୁପ୍ ଇ'ରେ ସ୍ଥାନ ପାଇଛି। ଦଳ ଏହାର ମ୍ୟାଚଗୁଡ଼ିକ ମୁମ୍ବାଇରେ ଖେଳିବ।

# ଅମିରଙ୍କ ଅବସର



**କରାଚୀ, ୧୭।୧୨ (ପି.ଟି.):** ପାକିସ୍ତାନ ଫାଷ୍ଟ ବୋଲର ମହମ୍ମଦ ଅମିର ଗୁରୁବାର ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଛନ୍ତି। ଜାତୀୟ କ୍ରିକେଟ ବୋର୍ଡ (ପିସିବି) ମ୍ୟାନେଜମଣ୍ଟ ଦ୍ୱାରା ସେ ବାରମ୍ବାର ମାନସିକ ନିର୍ଯାତନାର ଶିକାର ହେବାରୁ ଏହି ନିଷ୍ପତ୍ତି ନେବାକୁ ସେ ବାଧ ହୋଇଛନ୍ତି। ୨୮ ବର୍ଷୀୟ ବାମହାତୀ ପେସ୍ ବୋଲରଙ୍କ ଏହି ଆକସ୍ମିକ ଘୋଷଣା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଅମିର କହିଛନ୍ତି, ଯେଉଁ କାରଣରୁ ହେଉ ନା କାହିଁକି ସେ ୨୦୧୦ରୁ ୨୦୧୫ କ୍ରିକେଟରୁ ବାହାରେ ରହିଥିଲେ। ଏହି ସମୟରେ ସ୍ପଟ୍ ଫିକ୍ସିଂ ସମ୍ପୃକ୍ତି ନେଇ ସେ ବାସନ୍ଧ ଦଣ୍ଡ ଭୋଗିଛନ୍ତି ଏବଂ ଆବଶ୍ୟକତା ଅନୁସାରେ ସବୁକିଛି କରିଛନ୍ତି। ଏହା ସତ୍ତ୍ୱେ ସେ ମାନସିକ ନର୍ଯାତନା ମଧ୍ୟ ପାଇଛନ୍ତି ବୋଲି ବର୍ତ୍ତମାନ ଶ୍ରୀଲଙ୍କାରେ ଥିବା ଅମିର କହିଛନ୍ତି। ପିସିବି ତରଫରୁ ତାଙ୍କ ବିରୋଧରେ ବାରମ୍ବାର ତଦନ୍ତ ଦ୍ୱାରା ସେ ନିରୁତ୍ସାହିତ ହୋଇପଡ଼ିଥିଲେ ବୋଲି କହିଛନ୍ତି। ହ୍ୱାଇଟ୍ ବଲ କ୍ରିକେଟରେ ମନୋନିବେଶ ପାଇଁ ଅମିର ଗତବର୍ଷ ଟେଷ୍ଟରୁ ଅବସର ନେଇଥିଲେ। ସମସ୍ତ ଫର୍ମାଟ୍‌ରେ ଖେଳିବା ଲାଗି ତାଙ୍କ ଶରୀର ଅନୁମତି ଦେଉନାହିଁ ବୋଲି ସେ ଦର୍ଶାଇଥିଲେ। ୨୦୦୯ରେ ପଦାର୍ପଣ ପରେ ଅମିର ୩୬ଟି ଟେଷ୍ଟ ମ୍ୟାଚ ଖେଳି ୧୧୯ ଉଇକେଟ ଅକ୍ତିଆର କରିଛନ୍ତି। ହ୍ୱାଇଟ୍ ବଲ କ୍ରିକେଟରେ ସେ ପାକିସ୍ତାନ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ। ମାତ୍ର ପିସିବି ମ୍ୟାନେଜମେଣ୍ଟ ମାସ ଅବା ଦୁଇମାସ ବ୍ୟବଧାନରେ ତାଙ୍କ ବୋଲିଂ ଉପରେ ପ୍ରଶ୍ନ ଉଠାଇଛି। ବର୍ତ୍ତମାନର ଟିମ୍ ମ୍ୟାନେଜମେଣ୍ଟକୁ ନେଇ ଚଳିବା ତାଙ୍କ ପକ୍ଷେ ଅସମ୍ଭବ ଥିଲା ବୋଲି ଅମିର କହିଛନ୍ତି।

# ରାଜୀବ ଶୁକ୍ଲା ପୁଣି ହେବେ ବିସିସିଆଇ ଉପସଭାପତି

**ନୂଆଦିଲ୍ଲୀ, ୧୭।୧୨ (ପି.ଟି.):** ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଭେଟେରାନ କଂଗ୍ରେସ ନେତା ରାଜୀବ ଶୁକ୍ଲା ପୁଣିଥରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଉପସଭାପତି ହେବାକୁ ଯାଉଛନ୍ତି। ବୋର୍ଡର ସଦସ୍ୟମାନେ ତାଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଶୁକ୍ଲା ପୂର୍ବରୁ ଏନ୍. ଶ୍ରୀନିବାସନଙ୍କ କାର୍ଯ୍ୟକାଳରେ ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲର ସେ ଥିଲେ ଜଣେ ଲୋକପ୍ରିୟ ଚେୟାରମ୍ୟାନ। ଡିଡିସିଏ (ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ) ସଭାପତି ରୋହନ ଜେଟ୍‌ଲୀ ଶୁକ୍ଲାଙ୍କ ନାମ ପ୍ରସ୍ତାବ ରଖିଥିଲେ। ଉତ୍ତରାଖଣ୍ଡର ମହିମ ବର୍ମା ସମର୍ଥନ କରିଥିଲେ, ଯିଏକି ଚଳିତବର୍ଷ ପ୍ରାରମ୍ଭରେ ଏହି ପଦ ତ୍ୟାଗ କରିଥିଲେ। ବର୍ମା ପଦତ୍ୟାଗ କରିବା ମାତ୍ରେ ଏହି ପଦବୀ ପାଇଁ ଶୁକ୍ଲାଙ୍କ ନାମ ସବୁଠାରୁ ଆଗରେ ରହିଥିଲା। ଖବର ଅନୁସାରେ ଶୁକ୍ଲାଙ୍କ ପାଇଁ କୁଲିଂ ଅଫ୍ ପିରିୟଡ ଲାଗୁ ହେବ ନାହିଁ। କାରଣ ଆଇପିଏଲ୍ ଚେୟାରମ୍ୟାନଶିପ୍ ଜଣେ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ହିସାବରେ ଗଣତି ହୁଏ ନାହିଁ। ଡିସେମ୍ବର ୨୪ରେ ଅହମ୍ମଦାବାଦରେ ବିସିସିଆଇର ବାର୍ଷିକ ସାଧାରଣ ଅଧିବେଶନ ବସିବ। ଏଥିରେ ଶୁକ୍ଲା ବିଧିବଦ୍ଧ ଭାବେ ନିର୍ବାଚିତ ହେବେ।

# ସ୍ୱସ୍ତିକ, ରାଜେଶ, ରାକେଶଙ୍କ ଶତକ

## ଓସିଏ ଆନ୍ତଃଜିଲା ସିନିୟର ଟି୨୦ ଲିଗ୍

- ସମ୍ବଲପୁର, ଖୋର୍ଦ୍ଧା ୧୦ ଉଇକେଟରେ ବିଜୟୀ
- କଟକ-ଏ ୧୬୦, ଇକୋର୍ସା ୧୫୫ ରନରେ ବିଜୟୀ

**ଭୁବନେଶ୍ୱର, ୧୭।୧୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଭୁବନେଶ୍ୱର ଓ କଟକର ୯ଟି ଭେନ୍ୟୁରେ ଚାଲିଥିବା ଆନ୍ତଃଜିଲା ସିନିୟର ପୁରୁଷ ଟି୨୦ କ୍ରିକେଟ ଲିଗ୍‌ରେ ଗୁରୁବାର ରାଉରକେଲା, କଟକ-ଏ, ବାଲେଶ୍ୱର, କେନ୍ଦୁଝର, ଯାଜପୁର, ନୟାଗଡ଼, ଭୁବନେଶ୍ୱର-ବି, ଭୁବନେଶ୍ୱର-ଏ, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବୌଦ୍ଧ, କେନ୍ଦ୍ରାପଡ଼ା, ଇକୋର୍ସା, କଟକ-ବି, ଖୋର୍ଦ୍ଧା, ଅନୁଗୋଳ, ଗଞ୍ଜାମ ବିଜୟ ହାସଲ କରିଛନ୍ତି। ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ରାଉରକେଲାର ସ୍ୱସ୍ତିକ ସାମଲ (୧୪୭), କଟକ-ଏର ରାଜେଶ ଧୂପର (୧୦୯*), ଅନୁଗୋଳର ରାକେଶ ଗୋଚ୍ଛାୟତ (୧୦୫*) ଶତକ ହାସଲ କରି ନିଜ ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି।

ତୃତୀୟ ଦିବସରେ ଆୟୋଜିତ ୧୮ ମ୍ୟାଚ ମଧ୍ୟରେ ରାଉରକେଲା ୧୧୫ ରନରେ ମୟୂରଭଞ୍ଜକୁ, କଟକ-ଏ ୧୬୦ ରନରେ ସୋନପୁରକୁ, ବାଲେଶ୍ୱର ୪୩ ରନରେ ଭଦ୍ରକକୁ, କେନ୍ଦୁଝର ୮ ଉଇକେଟରେ ଜଗତସିଂହପୁରକୁ, ଯାଜପୁର ୬୩ ରନରେ ଗଜପତିକୁ, ନୟାଗଡ଼ ୬୧ ରନରେ ମାଲକାନଗିରିକୁ ପରାସ୍ତ କରିଛି। ସେହିପରି କେନ୍ଦ୍ରାପଡ଼ା ୨୧ ରନରେ ନବରଙ୍ଗପୁରକୁ, ଇକୋର୍ସା ୧୫୫ ରନରେ କୋରାପୁଟକୁ, କଟକ-ବି ୧୧୩ ରନରେ ପାରାଦୀପକୁ, ଖୋର୍ଦ୍ଧା ୧୦ ଉଇକେଟରେ ରାୟଗଡ଼ାକୁ, ଅନୁଗୋଳ ୯୯ ରନରେ ଦେବଗଡ଼କୁ, ଗଞ୍ଜାମ ୯୩ ରନରେ କଳାହାଣ୍ଡିକୁ ହରାଇ ଦେଇଛି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଭୁବନେଶ୍ୱର-ବି ୫ ଉଇକେଟରେ ନୂଆପଡ଼ାକୁ, ଭୁବନେଶ୍ୱର-ଏ ୬ ଉଇକେଟରେ ସୁନ୍ଦରଗଡ଼କୁ, ଝାରସୁଗୁଡ଼ା ୮ ଉଇକେଟରେ ବଲାଙ୍ଗୀରକୁ, ସମ୍ବଲପୁର ୧୦ ଉଇକେଟରେ ପୁରୀକୁ, ବରଗଡ଼ ୧୦୫ ରନରେ କନ୍ଧମାଳକୁ ଏବଂ ବୌଦ୍ଧ ୬ ଉଇକେଟରେ କିଟ୍‌କୁ ପରାସ୍ତ କରିଛି। ୨ଟି ଲେଖାଏ ମ୍ୟାଚ ରେଭେନ୍ସା, ବାରବାଟୀ ଷ୍ଟାଡିୟମ, ଡ୍ରିମ୍ସ, ବିଡ଼ାନାସୀ, ବିକାଶ ଗ୍ରାଉଣ୍ଡ, ଟାଉନ୍ କ୍ଲବ ପଡ଼ିଆ, ସେଞ୍ଚୁରିଅନ, ନିମପୁର ଓ କିଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା।



ଶତକ ହାସଲ ଅବସରରେ ସ୍ୱସ୍ତିକ ସାମଲ।

## କୁଲଡିହାରେ ମାଈ ହାତୀର ମୃତ୍ୟୁ

ସଜନାଗଡ, ୧୭।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟ ବିଟ-୨ ନିକଟରେ ଏକ ମାଈ ହାତୀର ମୃତ୍ୟୁ ହୋଇଥିବା ଜଣାପଡିଛି। ଗୁରବାର ପୂର୍ବାହ୍ନରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ହାତୀର ମୃତଦେହ ଦେଖିଥିଲେ। ସେମାନେ କୁଲଡିହା ରେଞ୍ଜର ବିଜୟ ମହାପାତ୍ରଙ୍କୁ ଅବଗତ କରାଇଥିଲେ। ପରେ ରେଞ୍ଜର ଓ ବାଲେଶ୍ୱର ଏସିଏଫ୍‌ଓ ଶରତ ବେହେରା, ସମୀର ସାହୁ, ତପନ ପରିଡା ପହଞ୍ଚି ହାତୀର ବ୍ୟବଚ୍ଛେଦ କରିଥିଲେ।

# ପରୀକୁ ନ୍ୟାୟ ମିଳୁ, ନିର୍ଦ୍ଦୋଷ ଦଣ୍ଡ ନ ପାଉ

ନୟାଗଡ଼ ଅଫିସ,୧୭।୧୨

ପରୀ ନ୍ୟାୟ ପାଉ । ତେବେ ବାହାବା ନେବା ପାଇଁ ନିର୍ଦ୍ଦୋଷକୁ ଦଣ୍ଡ ଦିଆ ନ ଯାଉ । ଦୋଷର ପ୍ରମାଣ ମିଳିଲେ ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ । ହେଲେ ନିର୍ଦ୍ଦୋଷକୁ ଫସାଇବାକୁ ଚେଷ୍ଟା କରାଗଲେ ପ୍ରତିବାଦ କରାଯିବ । ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଗୁରୁବାର ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି । ଗ୍ରାମବାସୀଙ୍କ ଏପରି ଧମକକୁ ଭାଜପା, କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି।

ନୟାଗଡ଼ ଜିଲା ଯଦୁପୁରର ୫ ବର୍ଷର ଶିଶୁକନ୍ୟା ପରୀ ଅପହରଣ ଓ ହତ୍ୟା ଘଟଣାର ତଦନ୍ତ କରୁଥିବା ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍(ଏସ୍‌ଆଇଟି) ବୁଧବାର ହାଇକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛି। ପରୀକୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଓ ବଳାତ୍କାରୀ ଯଦୁପୁର ଗାଁର ବୋଲି ଦର୍ଶାଯାଇଥିବା ଅସମର୍ଥିତ ସୂତ୍ରରୁ ଜଣାପଡିଛି। ଯଦି ବଳାତ୍କାରୀଙ୍କୁ ଏସ୍‌ଆଇଟି ଜାଣିଛି ତେବେ ଗିରଫ କରିବାରେ ଅସୁବିଧା କେଉଁଠି ବୋଲି ଏଠାରେ ଆଲୋଚନା ଜୋର ଧରିଛି । କାରଣ ଯଦୁପୁରରେ ଏବେ ସବୁ ଲୋକ ଅଛନ୍ତି । ଗାଁଲୋକ ପୁଣି ତଦନ୍ତରେ ସହଯୋଗ କରୁଛନ୍ତି । ଅନ୍ୟପକ୍ଷେ ବନ୍ଦ ଲଫାପାରେ ଷ୍ଟାଟସ

### ଦୋଷୀଙ୍କୁ ଫାଶୀ ଦିଅ, ନଚେତ୍ ଆନ୍ଦୋଳନ

ରିପୋର୍ଟ ଏସ୍‌ଆଇଟି ହାଇକୋର୍ଟରେ ଦାଖଲ କରିଥିଲା । ତାହା କିପରି ଲିକ୍ ହେଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପରୀ ହତ୍ୟାକାରୀଙ୍କୁ ଧରିବାରେ ଏସ୍‌ଆଇଟିର ଆନ୍ତରିକତା ନାହିଁ। ବରଂ ସାଧାରଣ ଲୋକଙ୍କୁ ଭୟ ଓ ଲୋଭ ଦେଖାଇ ମାମଲାକୁ ବନ୍ଦ କରାଯିବାକୁ ପ୍ରୟାସ କରାଯାଉଛି ବୋଲି ଅଭିଯୋଗ ହୋଇଛି ।

ଏନେଇ ଯଦୁପୁର ଗାଁ ସଭାପତି ଜୟକୃଷ୍ଣ ପରିଡା କହିଛନ୍ତି, ପରୀ ହତ୍ୟାକାରୀଙ୍କୁ ଫାଶୀ ଦିଆଯାଉ । ହେଲେ ହତ୍ୟାକାରୀ ବୋଲି ପ୍ରମାଣ କରାଯିବା ଦରକାର । ନଚେତ୍ ନିର୍ଦ୍ଦୋଷଙ୍କୁ ଫସାଇ ଦିଆଗଲେ ପରୀ ଆତ୍ମା ଶାନ୍ତି ପାଇବନି । ପୁଣି ଏକ ନିର୍ଦ୍ଦୋଷ ପରିବାର ଫସିଯିବ । ନିର୍ଦ୍ଦୋଷ ବ୍ୟକ୍ତି ଫସିବାର ଜଣାପଡିଲେ ଆମେ ପ୍ରତିବାଦ କରିବୁ ବୋଲି ସେ କହିଛନ୍ତି । କଂଗ୍ରେସ ନେତା ମନୋଜ ସାହୁ କହିଛନ୍ତି, ପରୀ ବଳାତ୍କାର ଯଦି ସତ୍ୟ ତେବେ ସ୍ଥାନୀୟ ପୋଲିସ କ'ଣ ପାଇଁ ନୀରବ ଥିଲା । ନିଲମ୍ବିତ ଆଇଆଇସି ଓ ବଦଳି ହୋଇଥିବା ଏସ୍‌ଡିପିଓ ହତ୍ୟାକାରୀଙ୍କ ପ୍ରମାଣକୁ ତଦନ୍ତ ଆଳରେ ନଷ୍ଟ କରିଦେଲେ । ନିଲମ୍ବନ ଓ ବଦଳି ପରେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ । ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ହତ୍ୟାକାରୀ ନିର୍ଭୟରେ ବୁଲୁଥିବାରୁ ଧରାପଡୁ ନାହାନ୍ତି । ଏଣୁ ମନ୍ତ୍ରୀ ଇସ୍ତଫା ଦେବା ଦରକାର ବୋଲି ସେ କହିଛନ୍ତି । ଭାଜପା ଯୁବନେତା ସନ୍ତୋଷ ପ୍ରଧାନ କହିଛନ୍ତି, ଅଙ୍ଗତସ୍କରିକୁ ଘଣ୍ଟ ଘୋଡାଇବା ପାଇଁ ଏବଂ ତଦନ୍ତକୁ ପଥଭ୍ରଷ୍ଟ କରିବାକୁ ସୁଚିନ୍ତିତ ଯୋଜନା ଚାଲିଛି। କେତେଜଣ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଢାଲ ଭାବେ କାମ କଲାଣି ଏସ୍‌ଆଇଟି । ପରୀର ଖେଳ ସାଙ୍ଗର ମା' କାହ୍ନା ବେହେରାଙ୍କ ନାଁ କହୁଥିବାବେଳେ ଏସ୍‌ଆଇଟି ତାଙ୍କୁ ଗିରଫ କରୁନି । ବରଂ ଜଣେ କଲେଜ ଛାତ୍ରଙ୍କୁ ଫସେଇବାକୁ ଉଦ୍ୟମ ଆରମ୍ଭ କରିଛି । ଦୋଷୀ ଦଣ୍ଡ ପାଉ । ନିର୍ଦ୍ଦୋଷ ନ ଫସିବା ଦରକାର । ଏଣୁ ସିବିଆଇ ତଦନ୍ତ ଦାବିକୁ ସରକାର ମାନି ନିଅନ୍ତୁ । ମନ୍ତ୍ରୀ ଅରୁଣ ସାହୁ ଇସ୍ତଫା ଦେଇ ପରୀ ହତ୍ୟାର ଉପଯୁକ୍ତ ତଦନ୍ତ ପାଇଁ ପଦକ୍ଷେପ ନିଅନ୍ତୁ । ନଚେତ୍ ଆଗାମୀ ଦିନରେ ପରୀ, ସ୍ୱାତୀ ପରି ଆଉ କେତେଜଣ ନିରୀହ ଶିଶୁଙ୍କ ଜୀବନ ଚାଲିଯାଇ ପାରେ ବୋଲି ସେ ଆଶଙ୍କା କରିଛନ୍ତି ।

### ମୋତେ ଫସେଇଲେ ଆତ୍ମାହୁତି ଦେବି: ସରୋଜ

ମୁଁ ସରୋଜ ସେଠୀ । ବୟସ ୧୮ । ପରୀ ଗାଁ ଯଦୁପୁରରେ ମୋର ଘର। ମୁଁ ଯୁକ୍ତ ୩ ପ୍ରଥମ ବର୍ଷର କଳା ଛାତ୍ର । ମୁଁ ନିର୍ଦ୍ଦୋଷ। ମୋତେ ଫସାଇବାକୁ ଉଦ୍ୟମ ଚାଲିଛି। ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା ମୋତେ ବାରମ୍ବାର ଫସାଇବାକୁ ଉଦ୍ୟମ ଚଳାଇଛନ୍ତି। ଏସ୍‌ଆଇଟି ଜେରା ବେଳେ ଏକଥା ମୁଁ ଜାଣି ପାରିଛି । ମୋର ଡରିବାର ନାହିଁ। ସତ କଥା କ'ଣ ସବୁ ଲୋକେ ଜାଣନ୍ତୁ। ପରୀ ନ୍ୟାୟ ପାଉ ମୁଁ ବି ଚାହୁଁଛି । ମୁଁ ବି ତଦନ୍ତରେ ସହଯୋଗ କରୁଛି ଓ କରିବି। ମୋତେ ଫସା ନ ଯାଉ। ପ୍ରକୃତ ହତ୍ୟାକାରୀ ଚିହ୍ନଟ ହେଉ। ମୋତେ ଫସାଗଲେ ମୁଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବି । ଅନ୍ୟପକ୍ଷେ ମୋ ମୃତ୍ୟୁ ପାଇଁ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା ଦାୟୀ ରହିବେ ବୋଲି ସେ କହିଛନ୍ତି ।

# କୋଭିଡ୍ ଯୋଦ୍ଧା, ବୟସ୍କଙ୍କୁ ମାଗଣା ଟିକା

ଭୁବନେଶ୍ୱର,୧୭।୧୨(ବ୍ୟୁରୋ)

ଜାନୁୟାରୀ ଶେଷ ସୁଦ୍ଧା କୋଭିଡ୍ ଟିକା ଆସିବାର ସମ୍ଭାବନା ରହିଛି। ରାଜ୍ୟ ସରକାର ଏହି ଟିକାକରଣ ବ୍ୟବସ୍ଥାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିସାରିଥିବା ବେଳେ କୋଭିଡ୍ ଯୋଦ୍ଧା ଓ ବୟସ୍କଙ୍କୁ ମାଗଣା ଟିକା ଦେବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଟିକା ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଶାରେ ୩ଟି ଶ୍ରେଣୀଭୁକ୍ତ କରୋନା ଯୋଦ୍ଧାଙ୍କୁ ମାଗଣା ଟିକା ମିଳିବ। ପ୍ରଥମେ ଆଗଧାଡ଼ିର କୋଭିଡ୍ ଯୋଦ୍ଧା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ମାଗଣାରେ ଟିକା ଦିଆଯିବ। ଏହାପରେ ୬୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ତଥା ଯେଉଁମାନଙ୍କର କୋମର୍‌ବିଡ୍ କଣ୍ଡିଶନ ଥିବ ଏବଂ କୋଭିଡ୍‌ରେ ସଂକ୍ରମିତ ହେବାର ଅଧିକ ଆଶଙ୍କା ଥିବ ସେମାନଙ୍କୁ ମାଗଣାରେ ଟିକା ଦିଆଯିବ। ଏହି ଦୁଇ ଶ୍ରେଣୀର ଲୋକଙ୍କ ପରେ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ପୌର ଓ ପାନୀୟ ଜଳ ଯୋଗାଣ କର୍ମଚାରୀଙ୍କ ସମେତ ଅନ୍ୟ ଜନସ୍ୱାସ୍ଥ୍ୟ କର୍ମୀଙ୍କ ମାଗଣା ଟିକାକରଣ କରିବାକୁ ଓଡ଼ିଶା ସରକାର କେନ୍ଦ୍ରକୁ ଅନୁରୋଧ କରିଥିବା ସେ କହିଛନ୍ତି। ଦେଶରେ ମୋଟ ୩୦ କୋଟି ଲୋକ ତଥା ସ୍ୱାସ୍ଥ୍ୟକର୍ମୀ ଏବଂ ବୟସ୍କ ନାଗରିକଙ୍କୁ ଟିକା ଦିଆଯିବାକୁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ତେବେ ଆସନ୍ତା ଜାନୁୟାରୀ ମଧ୍ୟରେ ଟିକାକରଣ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଆଶା ପ୍ରକାଶ କରିବା ସହ କହିଛନ୍ତି ଯେ, ରାଜ୍ୟ ସରକାର ଏନେଇ ସଚେତନ ଅଛନ୍ତି। ଟିକାକରଣ ଆରମ୍ଭ ହେଲେ ରାଜ୍ୟର କରୋନା ଯୋଦ୍ଧାଙ୍କୁ ପ୍ରାଥମିକତା ଦିଆଯିବ। କୋଭିଡ୍-୧୯ ଟିକାକରଣ ନେଇ କେନ୍ଦ୍ର ସରକାର ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି। ସଫଳ ଟିକାକରଣ ପାଇଁ ଓଡ଼ିଶାରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବା ସହ ଜିଲା ଓ ବ୍ଲକ୍ ସ୍ତରରେ ଏକାଧିକ କମିଟି ଗଠନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାରମ୍ଭରେ ବରିଷ୍ଠ ନାଗରିକଙ୍କୁ କୋଭିଡ୍-୧୯ ଟିକାକରଣ ପ୍ରକ୍ରିୟାରେ ପ୍ରାଥମିକତା ଦେବାକୁ ଘୋଷଣା କରିଥିଲେ। ଏହାକୁ ଦୃଷ୍ଟିରେ ରଖି ବୟସ୍କମାନଙ୍କୁ ଟିକା ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱ ଦିଆଯିବ। ଯୋଜନା ମୁତାବକ ଟିକାକରଣର ପ୍ରାଥମିକ ପର୍ଯ୍ୟାୟରେ ୩.୨୦ ଲକ୍ଷ ଲୋକ ବିଶେଷକରି ସ୍ୱାସ୍ଥ୍ୟକର୍ମୀମାନେ ଉପକୃତ ହେବେ। ଟିକାର ସୁରକ୍ଷିତ ସଂରକ୍ଷଣ ପାଇଁ ଓଡ଼ିଶାରେ ୧୨୨୨ କୋଲ୍ଡ ଚେନ୍ ଥିବାବେଳେ ୧୭୯୬ ଆଇଏଲ୍‌ଆର୍ ଏବଂ ୧୭୭୨ ଫ୍ରିଜର ରହିଥିବା ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି।

# ୨୦ରେ ମହାପ୍ରଭୁ ପିନ୍ଧିବେ ଘୋଡ଼

ପୁରୀ ଅଫିସ, ୧୭।୧୨

### ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କଲେ ଦରଜି ସର୍ଦ୍ଦାର

ଶୀତ ଜୋର୍ ଧରିବା ଆରମ୍ଭ କଲାଣି। ତେଣୁ ମହାପ୍ରଭୁଙ୍କୁ ଶୀତ ପ୍ରକୋପରୁ ସୁରକ୍ଷିତ ରଖିବା ପାଇଁ ଘୋଡ଼ ଲାଗି କରାଯିବ। ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ର ଏହି ଘୋଡ଼ (ଶୀତବସ୍ତ୍ର) ତିଆରି କରିସାରି ଗୁରୁବାର ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ଆସନ୍ତା ୨୦ ତାରିଖରେ ଓଢ଼ଣି ଷଷ୍ଠୀ। ଏହି ନୂତନ ଘୋଡ଼ ମହାପ୍ରଭୁଙ୍କ ସେବାରେ ଲାଗିବ। ଏହାକୁ ତିଆରି କରିବା ପାଇଁ ୧୬ ହାତିଆ ୪ ପଟିଆ କନା ୪ଟି, ୧୧ ହାତିଆ ୪ ପଟିଆ ୨ଟି, ୭୨ ହାତିଆ ଗୋଟିଏ, ୩୬ ହାତିଆ ୨ଟି, ଧୋଡ଼ ପାହାଡ଼ିଆ ୩ଟା, ଖଟ ପାଛୁଡ଼ି ୩ଟି, ଫୁଲଛେଦା ୨ଟି ଆବଶ୍ୟକ ହୋଇଥିଲା। କେବଳ ଚତୁର୍ଦ୍ଧାମୂର୍ତ୍ତି ନୁହେଁ, ଅନେକ ପାର୍ଶ୍ୱ ଦେବଦେବୀଙ୍କ ପାଇଁ ମଧ୍ୟ ଘୋଡ଼ ପ୍ରସ୍ତୁତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କ ସେବାରେ ଲାଗୁଥିବା ଘୋଡ଼ ଗୀତଗୋବିନ୍ଦ ପାଟ ଏବଂ କୁସୁମି (ଅଳତା ରଙ୍ଗର କପଡ଼ା)ରେ ସୁଭଦ୍ରା ଓ ସୁଦର୍ଶନଙ୍କ ବସ୍ତ୍ର ପ୍ରସ୍ତୁତ କରାଯାଇଛି। ସେହିଭଳି ସୂର୍ଯ୍ୟ, ଗରୁଡ଼, ମନ୍ଦିର ଭିତର ନୃସିଂହ, ଗୁଣ୍ଡିଚା ମନ୍ଦିର ପାଖ ନୃସିଂହ ଏବଂ କାକୁଡ଼ିଖାଇଙ୍କ ଲାଗି ତିଆରି ହୋଇଥିବା ଘୋଡ଼ରେ ପତନୀ କନା, ସୂତାପଟକୁ ବ୍ୟବହାର କରାଯାଇଛି।

ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର ହୋଇଥିବା ଘୋଡ଼କୁ ଦେଉଳକରଣମାନେ ଦେଖିବେ। ଏହାର ଲମ୍ବ ଓ ଚଉଡ଼ା ମାପ କରିବା ସହ କାରୁକାର୍ଯ୍ୟ ଉପରେ ଧ୍ୟାନ ଦେବେ। ଏହା ଦାରୁଦିଅଁଙ୍କ ସେବାରେ ଲାଗିପାରିବା ନେଇ ନିଶ୍ଚିତ ହେବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ସୂଚନା ଦିଆଯିବ। ଏହାପରେ ତାହାକୁ ମହାପ୍ରଭୁଙ୍କ ସେବାରେ ଲାଗି ପାଇଁ ସ୍ୱୀକୃତି ମିଳିବ। ଉଲ୍ଲେଖଯୋଗ୍ୟ, ଏଥର ନିର୍ଦ୍ଧାରିତ ସମୟ ପୂର୍ବରୁ ଘୋଡ଼ ପ୍ରସ୍ତୁତି ସରିଛି।



ମହାପ୍ରଭୁଙ୍କ ଘୋଡ଼ ଲାଗି ପାଇଁ ପ୍ରସ୍ତୁତି ଚାଲିଛି।

# ଦାଦନ ଯାଇ ଫଶିଛନ୍ତି ଇଞ୍ଜିନିୟରିଂ ଛାତ୍ରୀ

ବାଲେଶ୍ୱର ଅଫିସ,୧୭।୧୨

ପରିବାରର ଦାୟିତ୍ୱ କାନ୍ଧକୁ ନେଇ ଆନ୍ଧ୍ରକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଇଞ୍ଜିନିୟରିଂ ଛାତ୍ରୀ ସେଠାରେ ନିର୍ଯାତନାର ଶିକାର ହେଉଛନ୍ତି। ୪ମାସ ହେଲା ସେ ବେତନ ନ ପାଇ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ପ୍ରତିବାଦ କଲେ ମାଡ଼ ମରାଯିବା ସହ ଖାଇବାକୁ ଦିଆ ନ ଯିବା, କପଡା ଲୁଚାଇ ଦିଆଯିବା, ସିକ୍ୟୁରିଟି ମାଧ୍ୟମରେ ବିଭିନ୍ନ ଧମକଚମକ ଦିଆଯାଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଉକ୍ତ ଛାତ୍ରୀଙ୍କ ସହ ୪ଜଣ ଯୁବତୀ ଏକ ଭିଡ଼ିଓ ମାଧ୍ୟମରେ ସେମାନଙ୍କୁ ଉଦ୍ଧାର କରିବା ଲାଗି ନିବେଦନ କରିଛନ୍ତି।

ଉକ୍ତ ଛାତ୍ରୀଙ୍କ ଘର ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳରେ। ତାଙ୍କ ବାପା ଜଣେ ପାରାଲିସିସ୍ ରୋଗୀ। ତାଙ୍କର ୩ ବଡ଼ଭଉଣୀଙ୍କ ବିବାହ ସରିଛି। ମହାମାରୀ କରୋନା ସମୟରେ ପରିବାର ଭରଣପୋଷଣ ଅସହ୍ୟ ହୋଇପଡ଼ିଲା। ମା'ବାପାଙ୍କ ସହ ତିନି ପ୍ରାଣୀ ଦିନକୁ ଦୁଇଓଳି ପେଟପୂରା ଖାଇବା ସମ୍ଭବ ହେଲାନାହିଁ। ସେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରୁ ଡିଗ୍ରୀ କରିଥିଲେ ମଧ୍ୟ ରାଜ୍ୟରେ କୌଣସି ନିଯୁକ୍ତି ନ ପାଇ ଦାଦନ ଖଟିବା ପାଇଁ ପ୍ରସ୍ତୁତ ହୋଇଥିଲେ। ଯାଜପୁର ଜିଲା ଜେନାପୁର ଅଧୀନ ତୁରଙ୍ଗ ଗ୍ରାମର ଜଣେ ବ୍ୟକ୍ତି ଆନ୍ଧ୍ରପ୍ରଦେଶର ଏକ ସୂତା କାରଖାନାରେ କାମ ଦେବାକୁ କହିଥିଲେ। ମାସିକ ସମସ୍ତ ଖର୍ଚ୍ଚ ପରେ ୧୦ରୁ ୧୨ହଜାର ଟଙ୍କା ସହ ଯୋଗ୍ୟତା ଅନୁସାରେ କାମ ଦେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ରାଜି ହୋଇ ଛାତ୍ରୀଜଣକ ଆନ୍ଧ୍ରପ୍ରଦେଶର କଡ଼ପା ଜିଲା କୁଲିଭେଣ୍ଟୁଲା ଥାନା ଏନ୍‌ଏସ୍‌ଏଲ୍ ଡିଜିଟାଲ କଟନ ମିଲ୍‌ରେ କାର୍ଯ୍ୟ କରିବାକୁ ଗତ ୪ମାସ ପୂର୍ବେ ଯାଇଥିଲେ। ତାଙ୍କ ସହିତ ଓଡ଼ିଶାରୁ ମଧ୍ୟ ୩୦ରୁ ଊର୍ଦ୍ଧ୍ୱ ଯୁବତୀ ଯାଇଥିଲେ। ସେଠାରେ ପହଞ୍ଚି କାର୍ଯ୍ୟରେ ଯୋଗଦେବା ପରେ ପ୍ରତିଶ୍ରୁତି ଦେଇଥିବା କାର୍ଯ୍ୟ ନ କରାଇ ଲେବର କାର୍ଯ୍ୟ କରାଇଥିଲେ। ଏନେଇ ସମ୍ପୃକ୍ତ ଛାତ୍ରୀ ଏକ ଭିଡିଓ କରି ଜଣାଇବା ପରେ ତାଙ୍କ ବାପା ଗତ ୬ ତାରିଖରେ ଏ ସମ୍ପର୍କରେ ବସ୍ତା ଥାନା ଅମର୍ଦ୍ଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ବସ୍ତା ଥାନା ଅଧିକାରୀ ଅଶୋକ ନାୟକ କୁହନ୍ତି, ଚାକିରି କରିବାକୁ ଯାଇ ଅସୁବିଧାରେ ପଡ଼ିଥିବା ରିପୋର୍ଟ ମିଳିଛି। ଏନେଇ ଜିଲା ଶ୍ରମ ଅଧିକାରୀଙ୍କୁ ଅବଗତ କରାଇ ତାଙ୍କୁ ଉଦ୍ଧାର କରିବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଭିଜନାଲ ଲେବର କମିଶନର ତଥା ଜିଲା ଶ୍ରମ ଅଧିକାରୀ ଅଜୟ କୁମାର ପ୍ରଧାନ କହିଛନ୍ତି, ଖବର ପାଇବା ପରେ ଏକ ଟିମ୍ ଗଠନ କରି ଛାତ୍ରୀଙ୍କ ଗ୍ରାମକୁ ପଠାଯାଇଛି। ପ୍ରାଥମିକ ତଦନ୍ତ ପରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପ୍ରଥମ ପୃଷ୍ଠାରୁ...

### ଦାଣ୍ଡରୁ ହଜିଲା...

ମଧ୍ୟ ଯାଞ୍ଚ କରାଯାଇଛି ବୋଲି ଏସ୍‌ପି ପଟ୍ଟନାୟକ ସୂଚନା ଦେଇଛନ୍ତି। କିଏ ଓ କାହିଁକି ଶିଶୁଟିକୁ ଅପହରଣ କରିଛନ୍ତି ସେ ନେଇ ପୋଲିସ ତଦନ୍ତ ଚଳାଇଛି, ମାତ୍ର କୌଣସି ସନ୍ଧାନ ମିଳି ନାହିଁ।

### କୂଅରୁ କାଳିଆ...

ହେଲେ ଶିଶୁ ନିଖୋଜ ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଚାଲିଥିବାବେଳେ ଏହାକୁ ଗୁରୁତ୍ୱର ସହ ନେଇ ନ ଥିଲେ ପୋଲିସ ଅଧିକାରୀ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖାଦେଇଥିଲା। ତେବେ ଦୁଃଖରେ ଥିବା ପରିବାର ଏବଂ ସମ୍ପର୍କୀୟମାନେ ନିଜ ଉଦ୍ୟମରେ ନିଖୋଜ ଶିଶୁଙ୍କୁ ଖୋଜିବା ଆରମ୍ଭ କରିଥିଲେ। ବିଳମ୍ବିତ ରାତିରେ ଚନ୍ଦନଙ୍କ ଘର ନିକଟସ୍ଥ କୂଅରୁ କାଳିଆର କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଥିଲା। ଗୁରୁବାର ସକାଳେ ନିହଲପ୍ରସାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଚନ୍ଦନଙ୍କ ଅଭିଯୋଗ ଅନୁଯାୟୀ ଥାନାରେ ନଂ. ୧୪୩/୨୦, ଦଫା ୩୦୨ ଓ ୨୦୧ରେ ହତ୍ୟା ମାମଲା ରୁଜୁ କରାଯାଇଛି। ଏତଲାକୁ ଭିତ୍ତିକରି ସମ୍ପର୍କୀୟ ଭାଉଜଭାଇ ତଥା ମୃତ ଶିଶୁଙ୍କ ଦାଦା, ଖୁଡୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି ପୋଲିସ। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର କୁହନ୍ତି, ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ହତ୍ୟା ମାମଲା ରୁଜୁ ହୋଇଛି। ଜଣେ ଅଭିଯୁକ୍ତ ଦମ୍ପତିଙ୍କୁ ପଚରାଉଚୁରା କରାଯାଉଛି।

#### ମୁଣ୍ଡରେ ଗଭୀର କ୍ଷତ

କୂଅରୁ ମିଳିଥିବା କାଳିଆର ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଶିଶୁକୁ ପ୍ରଥମେ ଅପହରଣ କରିବା ପରେ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଛି ଏବଂ ଘଟଣାକୁ ଭିନ୍ନମୋଡ଼ ଦେବାକୁ କୂଅ ଭିତରେ ପକାଇ ଦିଆଯାଇଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ହଠାତ୍ ଗାଁ ଦାଣ୍ଡରେ ଖେଳୁଥିବା କୋମଳମତି ଶିଶୁ କିଭଳି କୂଅକୁ ଆସିଲା ତାହା ଏବେ ବି ରହସ୍ୟ ଘେରରେ।

#### ଆୟୁଷର ନ ଥିଲା ଆୟୁଷ

ଗତ ବୁଧବାର ସନ୍ଧ୍ୟା ୬ଟା ଯାଏ ଗାଁ ଦାଣ୍ଡରେ ଖେଳିକୁଦି ଚହଲ ପକାଇଥିବା ପୁଅ ଆଉ ନାହିଁ ଏକ କଥାକୁ ବିଶ୍ୱାସ କରିପାରୁ ନାହାନ୍ତି ବାପା ଚନ୍ଦନଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ। ଯେଉଁ କାନ୍ଧ ମଶାଣିକୁ ନେଇଯିବ ବୋଲି ଆଶା ଥିଲା, ସେହି ପୁଅର ମୃତଦେହ କାନ୍ଧେଇବା ବେଳକୁ ଫାଟି ପଡୁଥିଲା ଛାତି। ଏହି ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିବାବେଳେ ଆୟୁଷର ଆୟୁଷ ଏତିକି ଥିଲା ବୋଲି ଅନେକେ ଲୁହ ଛଳଛଳ ଆଖିରେ କୁହାକୁହି ହେଉଛନ୍ତି। ଏଥିରେ ସମ୍ପୃକ୍ତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଭାକ୍ସିନ...

ବିପର୍ଯ୍ୟସ୍ତ ହୋଇଯାଇଥିବା ଦେଶର ଅର୍ଥନୀତି ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି, ଯେତେବେଳେ କି ସଂକ୍ରମିତଙ୍କ ସଂଖ୍ୟା ୯୪,୮୯,୭୪୦ ଓ ମୃତ୍ୟୁହାର ୧.୪୫% ଛୁଇଁ ସାରିଛି। ଟିକା ଆସିବା ବେଳକୁ ଏହି ସଂଖ୍ୟା ଆହୁରି ବଢ଼ିଯାଇଥିବ। ସେତେବେଳେ କୌଣସି ବ୍ୟକ୍ତି ଭୋଟ ଦେବା ପାଇଁ ଯିବା ଭଳି ଭାକ୍ସିନ ନେଇଗଲେ ତାଙ୍କୁ ତାହା ଦିଆଯିବ ନାହିଁ। କୋଭିଡ୍ ଟିକା ଏକ ଆଡଲ୍ଟ ଭାକ୍ସିନ ହୋଇଥିବାରୁ ଏହା କେବଳ ସାବାଳକମାନଙ୍କୁ ଦିଆଯିବ। ୧୮ ବର୍ଷରୁ କମ୍ ବୟସ୍କ ପିଲା କେବେ ଟିକା ନେଇ ପାରିବେ ସେନେଇ କିଛି ସ୍ପଷ୍ଟ ହୋଇନାହିଁ। ସରକାର ପର୍ଯ୍ୟାୟ ଅନୁସାରେ ଯୋଗ୍ୟ ବିବେଚନା କରୁଥିବା ବ୍ୟକ୍ତିଙ୍କୁ ଟିକା ନେବାକୁ ହେଲେ ପ୍ରଥମେ ତାଙ୍କୁ କୋୱିନ୍ ୱେବ୍‌ସାଇଟ୍‌ରେ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ଟିକାକରଣ ପାଇଁ ତିନୋଟି ପ୍ରକୋଷ୍ଠ ରହିବ। ଟିକା ନେବାକୁ ଯାଇଥିବା ବ୍ୟକ୍ତି ୱେଟିଂ ରୁମ୍‌ରେ ନିଜ ନମ୍ବର ଆସିବା ଯାଏ ଅପେକ୍ଷା କରିବେ। ପରେ ତାଙ୍କୁ ଭାକ୍ସିନେଶନ ରୁମ୍‌କୁ ନେଇ ଟିକା ଦିଆଯିବ। ଦିନକୁ ପ୍ରତି ପର୍ଯ୍ୟାୟରେ ୧୦୦ରୁ ୨୦୦ ଜଣଙ୍କୁ ଟିକା ଦିଆଯିବ। ଟିକା ନେବା ପରେ ସେମାନଙ୍କୁ ଅବ୍‌ଜର୍ଭେଶନ ରୁମ୍‌ରେ ଅଧଘଣ୍ଟା ଧରି ଅନୁଧ୍ୟାନ କରାଯିବ। ଟିକା ନେଇଥିବା ବ୍ୟକ୍ତିଙ୍କଠାରେ କୌଣସି ତତ୍କାଳ ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଉଛି କି ନାହିଁ ତାହା ବିଶେଷଜ୍ଞ ଟିମ୍ ଅନୁଧ୍ୟାନ କରିବେ ବୋଲି କୁହାଯାଉଛି। କେନ୍ଦ୍ର ପକ୍ଷରୁ ରାଜ୍ୟଗୁଡ଼ିକ ପାଇଁ ଜାରି ଜାରି କୋଭିଡ୍-୧୯ ଟିକା ଗାଇଡ୍‌ଲାଇନ୍ ଅନୁସାରେ ଭାକ୍ସିନ ଇଣ୍ଟେଲିଜେନ୍ସ ନେଟ୍‌ୱର୍କ (କୋ-ୱିନ୍) ବ୍ୟବସ୍ଥା ନାମକ ଡିଜିଟାଲାଇଜ୍‌ଡ ପ୍ଲାଟଫର୍ମର ଉପଯୋଗ କରାଯିବ। ଏଥିରେ ତାଲିକାଭୁକ୍ତ ହିତାଧିକାରୀମାନଙ୍କୁ ଟିକାକରଣ ପାଇଁ ଟ୍ରାକ୍ କରାଯିବ।ମିଳିଥିବା ସୂଚନାନୁସାରେ ଭାରତରେ ପ୍ରାୟ ୨.୫ ନିୟୁତ ସ୍ୱାସ୍ଥ୍ୟ କର୍ମୀ ସର୍ବବୃହତ୍ ଟିକାକରଣ ଯୋଜନାକୁ ସଫଳ କରିବା ପାଇଁ ନିୟୋଜିତ ହେବେ। ଏଠାରେ ପ୍ରଶ୍ନ ଉଠେ ଉପରଲିଖିତ ବ୍ୟବସ୍ଥା ଓ ମାନବ ସମ୍ବଳକୁ ନେଇ ଏତେ ବଡ଼ ଦେଶରେ ଟିକାକରଣ କେତେ ଫଳପ୍ରଦ ହେବ। ଅନେକ ସ୍ଥାନରେ କୋଲ୍ଡ ଚେନ୍ ସିଷ୍ଟମ୍ ଖରାପ ହୋଇ ପଡ଼ିଛି। ଭାକ୍ସିନ ସଂରକ୍ଷଣ ପାଇଁ ଆବଶ୍ୟକ ତାପମାତ୍ରା (କେତେକ ସ୍ଥଳେ -୭୦ ଡିଗ୍ରୀ ସେଲ୍‌ସିୟସ୍) ବଜାୟ ରଖିବା ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ ହେବ। କାରଣ ନିର୍ଦ୍ଧାରିତ ତାପମାତ୍ରାଠାରୁ ଅଧିକ ଟେମ୍ପରେଚରରେ ଭାକ୍ସିନକୁ ରଖିଲେ ତାହା ସଙ୍ଗେ ସଙ୍ଗେ ଅକାମୀ ହୋଇଯିବ। ସେହିପରି ଭାରତର ଅଧିକାଂଶ ଅଞ୍ଚଳରେ ପାୱାର କଟ୍ ଓ ବିଦ୍ୟୁତ୍ ଯୋଗାଣରେ ବ୍ୟାଘାତ ହେବା ନିତିଦିନିଆ କଥା। ୨୦୨୧ ଅଗଷ୍ଟ ସୁଦ୍ଧା ୩୦ କୋଟି ଲୋକଙ୍କୁ ୬୦ କୋଟି ଡୋଜ୍ ଟିକା ଦେବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସେମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ କର୍ମୀ, ସଫେଇ କର୍ମୀ, ପୋଲିସ ଓ ବୟସ୍କ ବ୍ୟକ୍ତି ରହିଛନ୍ତି। ମାର୍ଚ୍ଚରୁ ଗ୍ରୀଷ୍ମଋତୁ ଆରମ୍ଭ ହେଉଥିବାରୁ ଭାକ୍ସିନ ପରିବହନରେ ମଧ୍ୟ ଅବ୍ୟବସ୍ଥା ଦେଖାଦେଇପାରେ। ଦେଶର କୋଣ ଅନୁକୋଣରେ ଟିକା ପହଞ୍ଚାଇବାକୁ ହେଲେ ପୂର୍ବ ଭଳି ପାରମ୍ପରିକ ପରିବହନ ମାଧ୍ୟମ ପରିବର୍ତ୍ତେ ଅତ୍ୟାଧୁନିକ ରେଫ୍ରିଜିରେଟେଡ୍ ଟ୍ରକ୍ ବ୍ୟବସ୍ଥା କରିବାକୁ ପଡ଼ିବ। ଏହି ଧରଣର ଟ୍ରକ୍ ଓ ଟ୍ରେନ୍‌ଗୁଡ଼ିକ ଟିକା ଉତ୍ପାଦନ କରାଯାଉଥିବା ପ୍ଲାଣ୍ଟରୁ ପ୍ରତ୍ୟେକ ରାଜ୍ୟର ତାପମାତ୍ରା-ନିୟନ୍ତ୍ରିତ ଷ୍ଟୋରେଜ୍ ସେଣ୍ଟରଗୁଡ଼ିକୁ ୱାକ୍-ଇନ୍ କୁଲର ଓ ଫ୍ରିଜରରେ ଟିକା ପରିବହନ କରିବେ। ସେଠାରୁ ଅନୁଷଙ୍ଗିକ ବ୍ୟବସ୍ଥା ଥିବା ଟ୍ରକ୍, ଟ୍ରେନ୍ ଓ ସ୍ଥଳ ବିଶେଷରେ ବିମାନରେ ମଧ୍ୟ ଜିଲା ମୁଖ୍ୟାଳୟ, ହସ୍ପିଟାଲ, ହେଲ୍‌ଥ ସେଣ୍ଟର ଓ କ୍ଲିନିକ୍‌ଗୁଡ଼ିକୁ ନିଆଯିବ। ଟିକା ଦେବା ଯାଏ ଭାକ୍ସିନଗୁଡ଼ିକୁ ସେଠାରେ ଫ୍ରିଜରରେ ରଖିବାକୁ ପଡ଼ିବ।

ତ୍ୱରିତ ଟିକାକରଣ ପାଇଁ ମୋଦି ସରକାର ଆଗ୍ରହ ଦେଖାଉଥିବାବେଳେ ତାଙ୍କ ମନ୍ତ୍ରୀମାନେ ମଧ୍ୟ ବଡ଼ ବଡ଼ କଥା କହୁଛନ୍ତି। କିନ୍ତୁ ବର୍ତ୍ତମାନର ପ୍ରସ୍ତୁତିକୁ ଅନୁଧ୍ୟାନ କଲେ ତାହା ବିଶେଷ ଫଳପ୍ରଦ ହେବ ନାହିଁ ବୋଲି କୁହାଯାଉଛି। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପ୍ରଶ୍ନ ହେଉଛି, ଭାରତରେ ସାମୂହିକ ଟିକାକରଣ ପାଇଁ ଯେଉଁ ବ୍ୟବସ୍ଥା ଲୋଡ଼ା, ତାହା କେଉଁ ପର୍ଯ୍ୟାୟରେ ପହଞ୍ଚିଛି ସେନେଇ କିଏ ସମୀକ୍ଷା କରିଛନ୍ତି କି? ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇମ୍ୟୁନୋଲୋଜି ବୈଜ୍ଞାନିକ ଡକ୍ଟର ସତ୍ୟଜିତ୍ ରଥଙ୍କ ମତରେ ଯେଉଁ ସ୍ତରରେ ପ୍ରସ୍ତୁତି ହେବା କଥା ସେଭଳି ହୋଇନହିଁ। ଆମେ କୌଣସି ନିର୍ଦ୍ଦିଷ୍ଟ ରୂପରେଖ ଦେଖିପାରୁ ନାହୁଁ। କ୍ଲିନିକ୍‌ଗୁଡ଼ିକରେ ଲୋକେ ଲମ୍ବାଧାଡ଼ିରେ ଛିଡ଼ା ହୋଇଥିବାବେଳେ ଭାକ୍ସିନ ନିଅଣ୍ଟ ହେଲେ ବିଭ୍ରାଟ ଦେଖାଦେବ। ପ୍ରିୟାପ୍ରିତି ତୋଷଣ ହେଲେ ଟିକା ପ୍ରଦାନକାରୀଙ୍କ ନିଜ ଲୋକ ଆଗେ ପାଇବେ। ଏସବୁ ସମ୍ଭାବ୍ୟ ସ୍ଥିତି ଆଉ ଏକ ଅଚଳାବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ସତ୍ୟଜିତ୍ କହିଛନ୍ତି। ସେହିପରି ଦିଲ୍ଲୀର ପିପୁଲ୍ସ ହେଲ୍‌ଥ ମୁଭ୍‌ମେଣ୍ଟ କୋଅର୍ଡିନେଟର ଟି. ସୁନ୍ଦରରାମନ୍ ମଧ୍ୟ କୋଲ୍ଡ ଚେନ୍ କାପାସିଟିକୁ ଟିକାକରଣ କାର୍ଯ୍ୟକ୍ରମ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ଚେତାଇ ଦେଇଛନ୍ତି। ବର୍ତ୍ତମାନର ଭିତ୍ତିଭୂମିକୁ ୫-୧୦ ଗୁଣା ଉନ୍ନତ କରିବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଅଭୟକାନ୍ତଙ୍କୁ ବାଧ୍ୟତାମୂଳକ...

ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଜବତ କରାଯାଇଥିଲା। ଏଥିସହିତ ଚାର୍ଟର ବିମାନରେ ଯିବା ଆସିବାରେ ସେ ୩କୋଟି ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ପୁଣେଠାରେ ଏକ ବିଳାସପୂର୍ଣ୍ଣ ହୋଟେଲରେ ରହିବା ବାବଦରେ ସେ ୧କୋଟି ଟଙ୍କା ଘରଭଡ଼ା ଆକାରରେ ଦେଇଥିଲେ। ଏପରି କି ଉଭୟ ବାପପୁଅ ବେଆଇନଭାବେ ଅର୍ଜିତ କରିଥିବା ସମ୍ପତ୍ତିକୁ ସୁରକ୍ଷା ଦେବା ପାଇଁ ଘରୋଇ ସୁରକ୍ଷା କର୍ମୀ ନିୟୋଜିତ କରିଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।ସେହିପରି ଅଭୟକାନ୍ତ ତାଙ୍କ ପୁଅ ଆକାଶଙ୍କ ଆକାଉଣ୍ଟରେ ବେଆଇନ କ୍ୟାଶ ଡିପୋଜିଟ କରୁଥିଲେ। ଏଥିସହ ଆକାଶ ଟାଟା ମୋଟର୍ସରେ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟକରୁଥିବା ନେଇ ମିଥ୍ୟା ପରିଚୟ ଦେଇ ବହୁ ଲୋକଙ୍କୁ ଠକିଛନ୍ତି। ଚାକିରି କରାଇଦେବା ବାହାନାରେ ଅନେକ ବେକାର ଯୁବତୀଯୁବକଙ୍କଠାରୁ ପ୍ରଚୁର ଅର୍ଥ ନେବା ସହ ଜାଲିଆତି, ଠକେଇ କରିଛନ୍ତି। ସେଥିପାଇଁ ଆକାଶଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

### ପ୍ରଦୀପଙ୍କ ସହଯୋଗୀ...

ପରୀକ୍ଷା ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସର୍ବେଶ୍ୱରଙ୍କୁ ଝାରପଡ଼ା ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି। ସେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତରେ ରହିବେ। ଅନ୍ୟପକ୍ଷରେ ପ୍ରଦୀପଙ୍କ ୨ ଦିନିଆ ରିମାଣ୍ଡ ଅବଧି ସରିବା ପରେ ଗୁରୁବାର କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇ ଝାରପଡା ଜେଲର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ କୋର୍ଟ ଓ ହସ୍ପିଟାଲ ପରିସରରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଦୀପ କହିଥିଲେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ। ଧୈର୍ଯ୍ୟ ରଖନ୍ତୁ, ସମସ୍ତ ଅଭିଯୋଗ ମିଥ୍ୟା ବୋଲି କୋର୍ଟରେ ପ୍ରମାଣିତ କରିବି। ଏଥିସହ ରାଜନୈତିକ ବନ୍ଦୀର ସୁବିଧା ଦେବାକୁ କୋର୍ଟଙ୍କୁ ନିବେଦନ କରିଥିବା ପ୍ରଦୀପ କହିଥିଲେ।

ସୂଚନାଯୋଗ୍ୟ, ଠକେଇ ଓ ବେଆଇନ ଅର୍ଥ କାରବାର ଅଭିଯୋଗରେ ଜେଲ ଯାଇଥିବା ବିଧାୟକ ପ୍ରଦୀପଙ୍କ ମୁଖ୍ୟ ରାଜନୈତିକ ଓ ବ୍ୟବସାୟିକ ସହଯୋଗୀ ହେଉଛନ୍ତି ସର୍ବେଶ୍ୱର। ପ୍ରଦୀପଙ୍କର ସବୁକିଛି ବୁଝୁଥିବାରୁ ତାଙ୍କୁ ସର୍ବେସର୍ବା କୁହାଯାଉଥିଲା। ତଦନ୍ତବେଳେ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଥିଲା ଯେ, ସର୍ବେଶ୍ୱର ବ୍ରହ୍ମପୁରସ୍ଥିତ ସିଟି କଲେଜର ଅଧ୍ୟାପକ ଥିବାବେଳେ ପ୍ରଦୀପଙ୍କ ପ୍ରତିଦିନ ରାଜନୈତିକ ଗସ୍ତଠାରୁ ଆରମ୍ଭ କରି ସମସ୍ତ ଅର୍ଥ କାରବାର ବୁଝୁଥିଲେ। ସର୍ବେଶ୍ୱରଙ୍କ ସହ ଅବସରପ୍ରାପ୍ତ ଶିକ୍ଷକ କମ୍ବୁପାଣି ସାହୁଙ୍କ ଗୁପ୍ତ ଚୁକ୍ତିନାମାରେ ଆକାଶ, ପ୍ରଦୀପ ଓ ତାଙ୍କ ଭାଇଙ୍କ ସମସ୍ତ ବେଆଇନ କାରବାର ଚାଲିଥିବା ନେଇ ସୂଚନା ପାଇବା ପରେ କ୍ରାଇମବ୍ରାଞ୍ଚ ଏସ୍‌ଆଇଟି କମ୍ବୁପାଣିଙ୍କୁ ମଧ୍ୟ ବ୍ରହ୍ମପୁରରେ ୨ଦିନ ଧରି ଜେରା କରି ଛାଡ଼ିଥିଲା। ତେବେ କୋଟିଏରୁ ଊର୍ଦ୍ଧ୍ୱ ଠକେଇରେ ସର୍ବେଶ୍ୱରଙ୍କ ସମ୍ପୃକ୍ତି ନେଇ ଦୃଢ଼ ପ୍ରମାଣ ମିଳିଥିଲା। ପୂର୍ବରୁ ଗିରଫ ଭୟରେ ଆତ୍ମଗୋପନ କରିଥିଲେ ସର୍ବେଶ୍ୱର। ଆକାଶଙ୍କ ପିଏ ଡେଭିଡ୍ ପିଟରଙ୍କୁ ଜେରା ସମୟରେ ସର୍ବେଶ୍ୱରଙ୍କ ନାଁ ସାମ୍ନାକୁ ଆସିଥିଲା। କଲେଜରୁ ଅବସର ନେବାପରେ ପ୍ରଦୀପ ଓ ଆକାଶଙ୍କ ଠକେଇ ର୍‌ୟାକେଟ୍‌ର ପ୍ରମୁଖ ଭୂମିକା ନେଇଥିଲେ। ସେ ଯୁବତୀଯୁବକଙ୍କ ବାୟୋଡାଟା ସହ ଟଙ୍କା ସଂଗ୍ରହ କରିବାରେ ନିୟୋଜିତ ଥିଲେ। ମିଛ ନିଯୁକ୍ତି ଫାଶରେ ଯୁବତୀଯୁବକଙ୍କୁ ଫସାଉଥିଲେ।

# ଠିକାଦାରଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୧୭।୧୨(ଡି.ଏନ୍.ଏ.)- ଦୀର୍ଘଦିନର ନୀରବତା ପରେ ପୁଣି ସକ୍ରିୟ ହୋଇଛି ଲାଲବାହିନୀ। ଜଣେ ଠିକାଦାରଙ୍କୁ ହତ୍ୟାକରି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ଏଥିସହ ସେମାନେ ଗାଡ଼ି ଜାଳିଦେଇଛନ୍ତି। ଏପରି ଘଟଣା ଘଟିଛି ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଜନ୍ତ୍ରାଗୁଡ଼ା ଗ୍ରାମରେ । ଖବରରୁ ଜଣାପଡିଛି ମାଥିଲି ବ୍ଲକ ଅନ୍ତର୍ଗତ ଜନ୍ତ୍ରାଗୁଡ଼ାଠାରେ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ଏହାକୁ ବିରୋଧକରି ମାଓବାଦୀମାନେ ଠିକାଦାରଙ୍କୁ ହତ୍ୟା କରିଛନ୍ତି। ତାଙ୍କ ନାମ ସୁକୁମାର ମଣ୍ଡଳ। ଏଥିସହ ମାଓବାଦୀମାନେ ରାସ୍ତା କାମରେ ନିୟୋଜିତ ଏକ ପୋକ୍ଲିନ୍ ଗାଡି କ୍ଷତି କରିବା ସହ ଏକ ବୋଲେରୋରେ ନିଆଁ ଲଗାଇ ପୋଡି ଦେଇଛନ୍ତି। ତେବେ ଠିକାଦାର ସୁକୁମାର ମାଓବାଦୀଙ୍କ ଭୟରେ କାର୍ଯ୍ୟସ୍ଥଳରୁ ଜେସିବି ଏବଂ ବୋଲେରୋକୁ ବୁଧବାର ସନ୍ଧ୍ୟାରେ ସାଲିମି ଗ୍ରାମକୁ ନେଇ ଆସିଥିଲେ। ଗୁରୁବାର ସକାଳେ ରାସ୍ତା ନିର୍ମାଣ ପାଇଁ ଗାଡିଗୁଡିକୁ କାର୍ଯ୍ୟସ୍ଥଳକୁ ନେଇ କାର୍ଯ୍ୟ ଆରମ୍ଭ କରିବା ସମୟରେ ଦର୍ଭା ଡିଭିଜନର ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ ପହଞ୍ଚି ସୁକୁମାରଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏଥିରୁ ଶ୍ରମିକମାନେ ମଧ୍ୟ ବାଦ୍ ପଡି ନ ଥିଲେ। ମାଓବାଦୀଙ୍କ ମାଡ଼ରେ ସୁକୁମାରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହ ପାଖରେ ଏକ ପୋଷ୍ଟର ଛାଡି ମାଓବାଦୀମାନେ ଚାଲିଯାଇଥିଲେ। ଏଥିରେ ଉଲ୍ଲେଖ ରହିଛି ଯେ, ଏକ ରାଜନୈତିକ ଦଳର କେତେଜଣ ଦଲାଲ ମାଲକାନଗିରି ଜିଲାର ବିକାଶ ନାମରେ ଖଣିଜ ସମ୍ପଦ ଲୁଟ୍ କରିବାକୁ ଯୋଜନା କରିଛନ୍ତି। ଏହି ରାସ୍ତା ନିର୍ମାଣକରି ତୁଳସୀ ପାହାଡ଼ର ମୂଲ୍ୟବାନ ଖଣିଜ ସମ୍ପଦକୁ କମ୍ପାନୀକୁ ବିକ୍ରି କରିବା ପାଇଁ ମସୁଧା କରୁଛନ୍ତି। ସେମାନଙ୍କ ଏହି ଉଦ୍ଦେଶ୍ୟ କେବେ ପୂରଣ ହେବାକୁ ଆମେ ଦେବୁନାହିଁ ବୋଲି ଉଲ୍ଲେଖ ରହିଛି। ଘଟଣା ପରେ ମାଥିଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ୨୦୨/୨୦ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ଖାନତଲାସି ଆରମ୍ଭ ହୋଇଥିବା ଆଇଆଇସି ରଘୁ ମାଝି କହିଛନ୍ତି।



ଦେଢହଜାର ବର୍ଷ ତଳେ ଆମେରିକାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁର ରହସ୍ୟ ଏବେ ପଦାକୁ ଆସିଛି। ରିସର୍ଚ୍ଚ ଅନୁସାରେ ଘର ଲୋକେ ଲଗାତର ଝିଣ୍ଟିକା ଖାଇବାକୁ ଦେବାରୁ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ଲାଇଫ୍‌ସାଇନ୍ସ ଜର୍ନାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଆମେରିକାର ଟେକ୍ସାସ ସହରରେ ଥିବା ଏକ ମମିକୁ ନେଇ ରିସର୍ଚ୍ଚ କରାଯାଇଥିଲା। ବ୍ୟକ୍ତିଜଣକ ଛାଗସ ନାମକ ରୋଗର ଶିକାର ହୋଇଥିଲେ। ଯାହାଫଳରେ ସେହି ବ୍ୟକ୍ତିଙ୍କର ପେଟ ୬ ଗୁଣ ବଢ଼ି ଯାଇଥିଲା। ଫଳରେ ସେ ଏତେ ଖାଦ୍ୟ ନ ଖାଇ କୁପୋଷଣର ଶିକାର ହୋଇଥିଲେ ଯେ ଛିଡ଼ା ହେବାକୁ ମଧ୍ୟ ସମର୍ଥ ହୋଇ ନ ଥିଲେ।

# ଧନ ବଢ଼ାଉଛି ତାଲିବାନ୍

**ବିଶ୍ୱକୁ ଥରହର କରି ରଖିଛି ତାଲିବାନ। ଆତଙ୍କବାଦୀ କାର୍ଯ୍ୟକଳାପ, ଗଣସଂହାର, ହିଂସାକାଣ୍ଡ, ନିରୀହଙ୍କ ଉପରେ ଅତ୍ୟାଚାର ପାଇଁ ହିଟ୍‌ଲିଷ୍ଟରେ ରହିଆସିଛି ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ ଏହି ବିଦ୍ରୋହୀ ସଂଗଠନ। ଦୀର୍ଘ ଦୁଇଦଶନ୍ଧି ଧରି ଚାଲିଥିବା ରକ୍ତାକ୍ତ ସଂଘର୍ଷ ଭିତରେ ତାଲିବାନ ସମ୍ପତ୍ତି ବହୁଗୁଣ। ବଢ଼ିଛି। ଆଫ୍‌ଗାନ ଜନତାଙ୍କ ଲହୁଲୁହର ଇତିହାସ ଉପରେ ସମୃଦ୍ଧିର ସୌଧ ତିଆରି କରିଛି ତାଲିବାନ୍। ଏହା ପଛରେ ରହିଛି ଡ୍ରଗ୍ସ, ମାଇନିଂ, ରପ୍ତାନି, କର ଆଦାୟ, ପାଣି ଯୋଗାଣ ଭଳି ଆନେକ ଅର୍ଥ ଆଦାୟର ଉତ୍ସ।**



**କାବୁଲ:** ଶେଷ ହୋଇଥିବା ୨୦୧୯-୨୦ ଆର୍ଥିକ ବର୍ଷରେ ତାଲିବାନ ସଂଗ୍ରହ କରିଛି ୧.୬ ବିଲିୟନ ଡଲାର ପାଣ୍ଠି। ସ୍ୱଳ୍ପ ଅବଧି ସମୟରେ ଏହି କ୍ଷୁଦ୍ର ବିଦ୍ରୋହୀ ସଂଗଠନ ଏତେ ପରିମାଣର ଅର୍ଥ ସଂଗ୍ରହ କରିବା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଦୀର୍ଘଦଶନ୍ଧି ଧରି ତାଲିବାନୀ ଗୋଷ୍ଠୀ ସହିତ ଯୁଦ୍ଧ ଲଢୁଥିବା ଆଫଗାନିସ୍ତାନ ନିକଟକୁ ସମାନ ସମୟ ମଧ୍ୟରେ ୫.୫ ବିଲିୟନ ଡଲାର ଆସିଛି, ଯାହା ତୁଳନାତ୍ମକ ଭାବେ ବେଶ୍ କମ୍। ତାଲିବାନୀ ଆତଙ୍କବାଦୀ ସହିତ ଲଢ଼ିବା ଲାଗି ଆଫଗାନିସ୍ତାନ ସମେତ ଆମେରିକା ମୋଟା ଅଙ୍କର ରାଶି ଖର୍ଚ୍ଚ କରୁଛନ୍ତି। ଏହାର ବୋଝ ବୋହୁଛନ୍ତି ସ୍ଥାନୀୟ ଜନସାଧାରଣ। ଅନ୍ୟପଟେ ତାଲିବାନୀ ଗୋଷ୍ଠୀ ବିଭିନ୍ନ ବେଆଇନ କାରବାର ଦ୍ୱାରା ନିଜର ଆର୍ଥିକସ୍ଥିତି ଦୃଢ଼ କରିବାରେ ଲାଗିଛି। ତାଲିବାନର ତଥାକଥିତ ଆଧାତ୍ମିକ ନେତା ମୁଲ୍ଲା ମହମ୍ମଦ ଓମାରଙ୍କ ପୁଅ ମୁଲ୍ଲା ୟାକୁବ ଏକ ଗୋପନୀୟ ରିପୋର୍ଟରେ ଏହାର ଖୁଲାସା କରିଛନ୍ତି। ଏହାକୁ ନାଟୋ ପକ୍ଷରୁ ସାର୍ବଜନୀନ କରାଯାଇଛି। ଆଫଗାନିସ୍ତାନର ବିଦ୍ରୋହୀ ସଙ୍ଗଠନ ତାଲିବାନ ଉପରେ ୨୦୦୧ରେ ଆମେରିକା ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରିଥିଲା। ଆଫଗାନିସ୍ତାନ ଉପରେ ଅଧ୍ୟୟନ କରୁଥିବା ହନିଫ ସୁଫିଜାଦା ଏକ ବିସ୍ତୃତ ରିପୋର୍ଟ ଲେଖିଛନ୍ତି। ସେ ତାଲିବାନ ପାଖକୁ ଏତେ ପରିମାଣର ଅର୍ଥ କେଉଁଠାରୁ ଆସୁଛି ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇଛନ୍ତି।

**ଡ୍ରଗ୍ସ:** ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ପୃଥିବୀର ଉତ୍ପାଦିତ ମୋଟ ଅଫିମ ଭିତରୁ ୮୪% ଆଫଗାନିସ୍ତାନର। ଏଠାକାର ଅଫିମ ଉତ୍ପାଦନ, ରପ୍ତାନି ସମ୍ପୂର୍ଣ୍ଣ ରୂପେ ତାଲିବାନୀ ଗୋଷ୍ଠୀ ନିୟନ୍ତ୍ରଣରେ ରହିଛି। କେବଳ ଏତିକି ନୁହେଁ, ତାଲିବାନ ଏହି ନେଟୱାର୍କରେ ଉତ୍ପାଦନର ୧୦% ଟାକ୍ସ ଆଦାୟ କରୁଛି। ଅଫିମର ବେଆଇନ କାରବାରରୁ ତାଲିବାନ ପାଖାପାଖି ୪୧.୬ କୋଟି ଡଲାର କମାଉଛି।

**ମାଇନିଂ:** ଲୁହାପଥର, ମାର୍ବଲ, ତମ୍ବା, ସୁନା, ଜିଙ୍କ୍ ଭଳି ଅନେକ ମୂଲ୍ୟବାନ ଖଣିଜର ଭଣ୍ଡାର ଆଫଗାନିସ୍ତାନ। ଏହାକୁ ରପ୍ତାନି କରି ପ୍ରଚୁର ବୈଦେଶିକ ମୁଦ୍ରା ସଂଗ୍ରହ କରାଯାଇଥାଏ। ହେଲେ ତାଲିବାନୀ ଗୋଷ୍ଠୀକୁ ବାଦ୍ ଦେଇ ଏହାର ମୁକ୍ତ କାରବାର କରିବା ଅସମ୍ଭବ। ଖଣିଖାଦାନ ଚଳାଉଥିବା ବ୍ୟକ୍ତି ଏଥିଲାଗି ତାଲିବାନକୁ ମୋଟା ଅଙ୍କର ଅର୍ଥ ଦେଇଥାନ୍ତି। ମାଇନିଂରୁ ୪୦ କୋଟି ଡଲାର ପାଣ୍ଠି ସଂଗ୍ରହ କରାଯାଉଥିବା ଏକ ରିପୋର୍ଟରେ କୁହାଯାଇଛି। ହେଲେ ନାଟୋ ସୂଚନା ଅନୁଯାୟୀ ଏହି ଅଙ୍କ ୪୬.୪ କୋଟି ଡଲାର।

**ଟ୍ୟାକ୍ସ:** ଆଫଗାନିସ୍ତାନରେ ତାଲିବାନ ସମାନ୍ତରାଳ ସରକାର ଚଳାଉଛି। ଜବରଦସ୍ତ ଖଜଣା ଆଦାୟ କରାଯାଉଛି। ଏଥିଲାଗି ରସିଦ ମଧ୍ୟ ଦିଆଯାଉଛି। କେବଳ ଖଣିଖାଦାନ ନୁହେଁ, ଗଣମାଧ୍ୟମ ସଂସ୍ଥାଠାରୁ ଆରମ୍ଭ କରି ବିକାଶମୂଳକ ପ୍ରୋଜେକ୍ଟ, ଅନ୍ତର୍ଜାତୀୟ ସଙ୍ଗଠନରୁ ବଳପ୍ରୟୋଗ କରି ତାଲିବାନ ଖଜଣା ଆଦାୟ କରୁଛି। ଫସଲ ମଧ୍ୟ ଏଥିରୁ ବାଦ୍ ପଡୁନାହିଁ। ଏସବୁ ଉତ୍ସରୁ ବର୍ଷକୁ ୧୬ କୋଟି ଡଲାର ମିଳୁଛି।

**ପାଣି ସଂଗ୍ରହ:** ପର୍ସିଆ ଉପକୂଳର ଏମିତି କୌଣସି ସ୍ଥାନ ନାହିଁ, ଯେଉଁଠାରୁ ତାଲିବାନକୁ ଗୁପ୍ତ ପାଣି ମିଳେନି। ଏଥିରୁ ବାର୍ଷିକ ୨୦ କୋଟି ଡଲାର ମିଳିଥାଏ। ଏହାକୁ ବାଦ୍ ଦେଲେ ଆରବ, ପାକିସ୍ତାନ, ଇରାନ ସମେତ ଅନ୍ୟ କେତେକ ଦେଶରୁ ପ୍ରାଇଭେଟ ଡୋନେଶନ ବାବଦକୁ ୪ରୁ ୬ କୋଟି ଡଲାର ତାଲିବାନ ହାତକୁ ଆସେ।

**ରପ୍ତାନି:** ଆତଙ୍କ ସୃଷ୍ଟି କରୁଥିବା ତାଲିବାନୀ ସଙ୍ଗଠନ ଏବେ ବିଭିନ୍ନ ସାମଗ୍ରୀର ରପ୍ତାନି ଦିଗରେ ମଧ୍ୟ ବେଶ୍ ସକ୍ରିୟ। ନୁରଜାଇ ବ୍ରଦର୍ସ ଭଳି କମ୍ପାନୀ ଜରିଆରେ ଏହା ଅଟୋରିକ୍ସା ପାର୍ଟସ ଆମଦାନୀ କରୁଛି। ରି-ଆସେମ୍ବଲ ପରେ ଯାନବାହନ ବାହାର ଦେଶକୁ ରପ୍ତାନି ମଧ୍ୟ କରିଥାଏ। ଏହାକୁ ବାଦ୍‌ଦେଲେ ଡ୍ରଗ୍ସ, ମାଇନିଂରୁ ମଧ୍ୟ ବିପୁଳ ପରିମାଣର ଅର୍ଥ ମିଳିଥାଏ। ଏସବୁଥିରୁ ତାଲିବାନ ୨୪ କୋଟି ଡଲାର ଯୋଗାଡ଼ କରୁଛି।

**ରିୟଲ ଇଷ୍ଟେଟ୍:** ଆଫଗାନିସ୍ତାନ, ପାକିସ୍ତାନ ସମେତ ଅନ୍ୟ କେତେକ ଦେଶରେ ତାଲିବାନର ସମ୍ପତ୍ତି ରହିଛି। ମୁଲ୍ଲା ୟୁକୁବଙ୍କ ରିପୋର୍ଟ ଅନୁଯାୟୀ, ରିୟଲ ଇଷ୍ଟେଟ୍‌ରୁ ବାର୍ଷିକ ୮ କୋଟି ଡଲାର ଲାଭ ହୋଇଥାଏ। ଅନ୍ୟ ଦେଶରେ କରାଯାଉଥିବା ଫଣ୍ଡିଂରୁ ୧ କୋଟି ଡଲାର ପହଞ୍ଚୁଛି। ତେବେ ଅନ୍ୟ କେତେଜଣ ଅର୍ଥନୀତିଜ୍ଞ ଏହାର ପରିମାଣ ବାର୍ଷିକ ୫୦ କୋଟି ଡଲାର ବୋଲି କହିଛନ୍ତି।

# ଶାଢ଼ିରେ ସୁରଭିଙ୍କ ଷ୍ଟନିଂ ଲୁକ୍




**ନୂଆଦିଲ୍ଲୀ:** 'ନାଗିନ-୫'ରେ ଇଚ୍ଛାଧାରୀ ନାଗିନ ରୋଲ ପ୍ଲେ କରିଥିବା ଟେଲି ଅଭିନେତ୍ରୀ ସୁରଭି ଚନ୍ଦନା ଏବେ ଖୁବ୍ ଚର୍ଚ୍ଚାରେ। ସୁରଭିଙ୍କ ଏହି ରୋଲ୍‌କୁ ପ୍ରଶଂସକମାନେ ଖୁବ୍ ପସନ୍ଦ କରିଛନ୍ତି। ସୁରଭି ସୋସିଆଲ ମିଡିଆ ଜରିଆରେ ଫ୍ୟାନ୍‌ମାନଙ୍କ ସହିତ ସବୁବେଳେ ଜଡ଼ିତ ରହିଥାନ୍ତି। ନିକଟରେ ସୁରଭି ତାଙ୍କର ଫଟୋଶୁଟ୍‌ର ଭିଡିଓ ଅଫିସିଆଲ ଇନ୍‌ଷ୍ଟା ଆକାଉଣ୍ଟରେ ଶେୟାର କରିଛନ୍ତି। ଯେଉଁଥିରେ ଫ୍ୟାନ୍‌ମାନେ ପଜିଟିଭ୍ ରିଆକ୍ସନ ଦେଇଛନ୍ତି। ଏହି ଭିଡିଓ ଶେୟାର କରି ସୁରଭି କ୍ୟାପଶନ୍‌ରେ ଲେଖିଛନ୍ତି, ସମୁଦ୍ରରୁ ମୁଁ ଏହି ରଙ୍ଗ କିଣିଛି। ଯେଉଁଥିରେ ଫ୍ୟାନ୍‌ମାନେ କମେଣ୍ଟ କରିଛନ୍ତି 'ଆକାଶର ପରୀ ସତେ ଯେମିତି ପୃଥିବୀକୁ ଓହ୍ଲାଇ ଆସିଛି'। ସୁରଭି ଚନ୍ଦନାଙ୍କ ସବୁ ଅବତାର ଷ୍ଟନିଂ ହୋଇଥିବା ବେଳେ ଶାଢ଼ିରେ ସେ ଖୁବ୍ ସୁନ୍ଦର ଦିଶିଥାନ୍ତି। ସ୍କାଏ ବ୍ଲୁ କଲର ଶାଢ଼ିରେ ତାଙ୍କ ଲୁକ୍‌ସ ମସ୍ତ ହୋଇଛି। ସୁରଭି କେବେ ଭାବି ନ ଥିଲେ ଶାଢ଼ିରେ ତାଙ୍କ ଲୁକ୍‌କୁ ଲୋକେ ଏତେ ପସନ୍ଦ କରିବେ। ସେଥିପାଇଁ ଫ୍ୟାନ୍‌ମାନଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ତାଙ୍କୁ ଟିଭି ଇଣ୍ଡଷ୍ଟ୍ରିର ମୋଷ୍ଟ ଫ୍ୟାଶନିଷ୍ଟ ଗର୍ଲ ବୋଲି କୁହାଯାଏ। ପ୍ରକାଶ ଥାଉ କି, ଅଭିନେତ୍ରୀ ସୁରଭି ଜୀ ଟିଭିର ଶୋ' 'କୁବୁଲ ହୈ'ରେ ହୟାର ରୋଲ୍ ପ୍ଲେ କରି ଜବରଦସ୍ତ ଲୋକପ୍ରିୟତା ହାସଲ କରିଥିଲେ। ଏହାପରେ ସେ ଷ୍ଟାର୍ ପ୍ଲସ୍‌ର କେତେକ ପପୁଲାର ଶୋ'ରେ ନଜର ଆସିଥିଲେ। 'ଇଶକ୍‌ବାଜ୍', 'ଦିଲ୍ ବୋଲେ ଓବରୟ' ଏବଂ 'ସଞ୍ଜୀବନୀ' ଭଳି ଶୋ'ତାଙ୍କ କ୍ୟାରିୟରକୁ ଭଲ ମାଇଲେଜ ଦେଇଥିଲା।

# ଦାଢ଼ି ରଖିଥିବା କନ୍ୟା



ଚଣ୍ଡୀଗଡ଼, ୧୭।୧୨- ନିଶ ଦାଢ଼ି ରଖିବାରେ ବିଶ୍ୱରେ ପ୍ରଥମ କନ୍ୟା ଭାବେ ଚର୍ଚ୍ଚାରେ ହରମାନ କୌର। ପଲିସିଷ୍ଟିକ ଓଭାରି ସିଣ୍ଡ୍ରୋମ୍ସରେ ପୀଡ଼ିତ କାରଣରୁ ତାଙ୍କ ଶରୀରରେ ଅଧିକ କେଶ ଉଠୁଥିବା ଡାକ୍ତର କୁହନ୍ତି। ହେଲେ ଏଥିପାଇଁ ହରମାନ ଆଦୌ ଚିନ୍ତିତ ନୁହନ୍ତି। ୧୧ ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ଶରୀରରେ ଏଭଳି ଅସ୍ୱାଭାବିକତା ଦେଖିବାକୁ ମିଳିଥିଲା। ସେ ଶିଖ୍ ପରିବାରର ହୋଇଥିବାରୁ ଦାଢ଼ି ସହ ମୁଣ୍ଡରେ ପଗଡ଼ି ମଧ୍ୟ ଭିଡ଼ନ୍ତି। ଏପରିକି ତାଙ୍କ ବ୍ରାଇଡାଲ ଫଟୋ ଶୁଟ୍‌ରେ ମଧ୍ୟ ସେ ଦାଢ଼ି ରଖି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ।

# ବ୍ରିଫ୍‌କେସ୍‌କୁ ବିବାହ

**ନୂଆଦିଲ୍ଲୀ:** ଭଲପାଇବା ପରେ ମନର ମଣିଷକୁ ବିବାହ କରିବା ପାଇଁ ସମସ୍ତଙ୍କର ପ୍ରବଳ ଇଚ୍ଛା ଥାଏ। କିନ୍ତୁ ବେଳେବେଳେ କିଛି ଲୋକ ନିର୍ଜୀବ ବସ୍ତୁକୁ ବି ପାଗଳଙ୍କ ଭଳି ଭଲ ପାଇ ବସନ୍ତି। ଏମିତି କି ନିର୍ଜୀବ ବସ୍ତୁକୁ ବିବାହ କରିବାକୁ ବି ପଛାନ୍ତି ନାହିଁ। ଠିକ୍ ଏମିତି ପ୍ରେମ କରି ଏବେ ଏକ ବ୍ରିଫକେସ୍‌କୁ ବିବାହ କରିଛନ୍ତି ରେନ୍ ଗାର୍ଡନ।

ରେନ୍ ଗାର୍ଡନ ନାମକ ଜଣେ ୨୪ ବର୍ଷୀୟା ଯୁବତୀ ଏକ ବ୍ରିଫକେସ୍‌କୁ ଅନ୍‌ଲାଇନ୍ ମାଧ୍ୟମରେ ବିବାହ କରିଛନ୍ତି। ସୋସିଆଲ ମିଡିଆରେ ରେନ୍ ତାଙ୍କର ଏହି ବିବାହ ସମ୍ପର୍କରେ ଜଣାଇଛନ୍ତି। କହିଛନ୍ତି, ସେ ଜଣେ ସ୍କୁଲ ଶିକ୍ଷକ ଆଉ ତାଙ୍କର ଏକ ବ୍ରିଫକେସ୍‌କୁ ଏତେ ମାତ୍ରାରେ ଭଲପାଆନ୍ତି ଯେ ଶେଷରେ ସାଙ୍ଗମାନଙ୍କ ଉପସ୍ଥିତିରେ ବିବାହ କରିଛନ୍ତି। ଏହି ବ୍ରିଫ୍‌କେସ୍‌କୁ ସେ ପ୍ରେମରେ କିଡିୟାନ୍ ବୋଲି ଡାକନ୍ତି। ୫ ବର୍ଷ ତଳେ ଏକ ହାର୍ଡଓୟାର ଷ୍ଟୋରରୁ ସେ ଏହି ବ୍ରିଫ୍‌କେସ୍‌ଟିକୁ କିଣିଥିଲେ। ଏହା ପରଠାରୁ ବ୍ରିଫ୍‌କେସ୍‌ଟି ତାଙ୍କୁ ଏତେ ଭଲ ଲାଗିଥିଲା ଯେ ଘଣ୍ଟା ଘଣ୍ଟା ଧରି ସେ ତା' ପାଖରେ ବସି ତା' ସହ କଥା ହୁଅନ୍ତି। ଆଉ ନିଜେ କହନ୍ତି କି ବ୍ରିଫକେସ ମଧ୍ୟ ତାଙ୍କ ଭାବ ବୁଝିପାରେ ଓ ସେମାନଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ବନ୍ଧନ ରହିଛି। ଏଥିପାଇଁ ସେମାନେ ଏକତ୍ର ବହୁ ସମୟ କଥା ହୋଇଥାନ୍ତି। ତେଣୁ ସେ ଅନୁଭବ କରିଥିଲେ କି ବ୍ରିଫକେସ୍‌କୁ ସେ ଏତେ ଭଲ ପାଉଛନ୍ତି ଯେ ତାକୁ ଛାଡ଼ି ବଞ୍ଚିବା ସମ୍ଭବ ନୁହେଁ। ତେଣୁ ସେ ପ୍ରଥମେ ତାଙ୍କ ବନ୍ଧୁମାନଙ୍କୁ ଡାକି ପରସ୍ପର ପାଇଁ ମୁଦି ତିଆରି କରିଥିଲେ ଏବଂ ବ୍ରିଫକେସ୍‌କୁ ଅନ୍‌ଲାଇନ୍‌ରେ ବିବାହ କରିଥିଲେ। ପରେ ତାଙ୍କ ଘରଲୋକଙ୍କୁ ଏ ବାବଦରେ ଜଣାଇଥିଲେ।



# ନାଁ ପାଇଲା ଓରାଙ୍ଗଉଟାନ୍

**ପ୍ରେଗ:** ଚେକ୍ ରିପବ୍ଲିକ୍‌ର ପ୍ରେଗ୍ ଚିଡ଼ିଆଖାନାରେ ଜନ୍ମ ନେଇଥିବା ଲୁପ୍ତପ୍ରାୟ ବେବି ସୁମାତ୍ରାନ୍ ଓରାଙ୍ଗଉଟାନ୍ ଶେଷରେ ନାଁ ପାଇଛି। ବୁଧବାର ଚିଡ଼ିଆଖାନା ପକ୍ଷରୁ ତା'ର ନାମ ପୁସ୍ତକାୱାନ୍ ତଥା କାୱି ରଖାଯାଇଛି। ନଭେମ୍ବର ୧୭ରେ କାୱି ଜନ୍ମ ହୋଇଥିଲା। ତା'ର ନାମକରଣ ପାଇଁ ୪ହଜାର ନାଁ ପ୍ରସ୍ତାବ ଆସିଥିଲା। ଏହା ମଧ୍ୟରୁ ଉପଯୁକ୍ତ ନାମ ଚୟନ କରାଯାଇ ବେବି ଓରାଙ୍ଗଉଟାନ୍‌ର ନାମକରଣ କରାଯାଇଥିବା ଚିଡ଼ିଆଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କାୱି ମା' ମାୱାର୍‌ଙ୍କ ଚତୁର୍ଥ ଏବଂ ବାପା ପାଗିଙ୍କ ପ୍ରଥମ ଛୁଆ। କାୱି ନାମର ଅର୍ଥ ହେଲା ଲିବ୍ରାରିଆନ୍। ଏକ ନୋଭେଲରେ ଓରାଙ୍ଗଉଟାନ୍‌ର ନାମ ଲିବ୍ରାରିଆନ୍ ରହିଥିବା ଜଣାପଡ଼ିଛି। ଜଙ୍ଗଲ ନଷ୍ଟ ଏବଂ ଶିକାର ଯୋଗୁ ସୁମାତ୍ରାନ୍ ଓରାଙ୍ଗଉଟାନ୍‌ଙ୍କ ସଂଖ୍ୟା କମିବାରେ ଲାଗିଛି। ଏବେ ଜଙ୍ଗଲରେ ପ୍ରାୟ ୧୪ହଜାର ଲମ୍ବା କେଶର ବଡ଼ ବାନର(ଗ୍ରେଟ୍ ଆପେସ୍)ହିଁ ରହିଥିବା ଅନୁମାନ କରାଯାଉଛି।



ସୁମାତ୍ରାନ୍ ଓରାଙ୍ଗଉଟାନ୍


**ଜନ୍ମଦିନ ଶୁଭେଚ୍ଛା**

ଅନ୍ୱେଷା ନାୟକ
ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଗୌରୀଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।
-:ଶୁଭେଚ୍ଛା ସହ:-
ଜେଜେ, ବାବା, ମାମା ଓ ପରିବାରବର୍ଗ।
ଧ-୧୯୨୫୬

**Happy Birthday**

Tapan Mohanty
Wishing you a day filled with happiness and a year filled with joy. Happy Birthday and God bless you.
:With Wishes From:
Prasant
D-70062

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଗରବତି ମେସିନ**
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

**ବନ୍ଧକ ଋଣ**
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
Commitment Forever
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

**ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା**
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଭଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**All India Tower Group**
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍। ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
√ ସ୍ୱର୍ଣ୍ଣ ମଞ୍ଜରୀ ମହାନ୍ତି
ଦତ୍ତତୋଟା, ପୁରୀ
ଆବିର୍ଭାବ- ୧୨.୧୦.୧୯୪୯
ତିରୋଧାନ- ୦୮.୧୨.୨୦୨୦
ଆମକୁ ଛାଡି ଆପଣ ସବୁଦିନ ପାଇଁ ଇହଜଗତରୁ ବିଦାୟ ନେଇଗଲେ, ମାଆ ଡାକ ସବୁଦିନ ପାଇଁ ହଜିଗଲା। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକ ସନ୍ତପ୍ତ
ବନ୍ଧୁ ଓ ପରିବାର ବର୍ଗ।
ଧ-୭୦୦୬୧

**ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**
ସ୍ୱର୍ଗତା ତାରାମଣୀ ଦିବ୍ୟା
ସ୍ୱାମୀ ସ୍ୱର୍ଗତ ଲୋକନାଥ ନନ୍ଦ
ଶ୍ରୀରାମଚନ୍ଦ୍ରପୁର ଶାସନ, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୦୧।୦୧।୧୯୧୨
ତିରୋଧାନ: ୦୯।୧୨।୨୦୨୦
୧୦୮ବର୍ଷରେ ଆପଣଙ୍କ ତିରୋଧାନ ଏକ ଯୁଗର ଅବସାନ ଘଟିଲା। ଆପଣଙ୍କର ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନନ୍ଦ ପରିବାର ଓ ବନ୍ଧୁବର୍ଗ।
ଧ-୬୭୬୨୯

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଶଙ୍କା-ଉତ୍ସାହ-ଦୁଃଖ

**ସ୍ମୃତିର ଫର୍ଦ୍ଦରେ ଯୋଡି ହେବାକୁ ଯାଉଛି ୨୦୨୦। କୋଭିଡ୍‌-୧୯ କାରଣରୁ କ୍ରୀଡ଼ା ଏହି ବର୍ଷ ସାଂଘାତିକ ଭାବେ ପ୍ରଭାବିତ ହୋଇଛି । କିନ୍ତୁ ଏହି ମହାମାରୀ ଆଗରେ କ୍ରୀଡ଼ା ହାରମାନି ନାହିଁ। ବିଦାୟୀ ବର୍ଷର ପ୍ରଥମ ୩ ମାସ ପରେ କ୍ରୀଡ଼ା ଠପ୍ ହୋଇଥିଲେ ମଧ୍ୟ ଶେଷ ଆଡକୁ ଏହା ସକ୍ରିୟ ହୋଇଛି। ମାରାଡୋନା, କୋବ୍ ବ୍ରାଏଣ୍ଟଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କ ପରଲୋକ ହୋଇଥିବାବେଳେ ଲୁଇସ୍ ହାମିଲଟନ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ଟି୨୦ରେ ଘରୋଇ ନ୍ୟୁଜିଲାଣ୍ଡକୁ ୫-୦ରେ ଓ ଅଷ୍ଟ୍ରେଲିଆକୁ ୨-୧ରେ ସିରିଜ ହରାଇବା ଭାରତ ପାଇଁ ଉଲ୍ଲେଖନୀୟ ସଫଳତା ଥିଲା।**


ଡିଏଗୋ ମାରାଡୋନା

**ହାମିଲଟନ୍‌ଙ୍କ ରେକର୍ଡ:** ଲୁଇସ୍ ହାମିଲଟନ ସପ୍ତମ ବିଶ୍ୱ ଟାଇଟଲ ହାସଲ କରି ମାଇକେଲ ସୁମାକରଙ୍କ ରେକର୍ଡର ସମକକ୍ଷ ହେଲେ। ଚଳିତ ସେସନରେ ସେ ୧୧ଟି ଫର୍ମୁଲା-୧ ରେସ୍‌ରେ ଟାଇଟଲ ଜିତିଛନ୍ତି। ନ୍ୟୁଜିଲାଣ୍ଡରେ ଭାରତର ପ୍ରଥମ ଟି୨୦ ସିରିଜ ବିଜୟ। ୫-୦ରେ ଭାରତର କ୍ଲିନ୍ ସୁଇପ୍। ଦିନିକିଆରେ ଦ୍ରୁତତମ ୧୨,୦୦୦ ରନ୍ ପୂରଣ କଲେ ବିରାଟ କୋହଲି। ରଣଜୀ ଟ୍ରଫିରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୱାସିମ ଜାଫର ୧୨,୦୦୦ ରନ ପୂରଣ କରି ରେକର୍ଡ କରିଛନ୍ତି। ପାରମ୍ପରିକ ଦୌଡ଼ରେ ଉସେନ ବୋଲ୍ଟଙ୍କଠାରୁ କର୍ନାଟକର ଶ୍ରୀନିବାସ ଦ୍ରୁତତମ। ପ୍ରଥମ କ୍ରିକେଟର ଭାବେ ରସ୍ ଟେଲର ସବୁ ଫର୍ମାଟ୍‌ରେ ଖେଳିଲେ ୧୦୦ ମ୍ୟାଚ୍। ସୌରାଷ୍ଟ୍ରକୁ ପ୍ରଥମ ରଣ୍‌ଜୀ ଟାଇଟଲ। ଏଟିକେକୁ ତୃତୀୟ ଆଇଏସ୍‌ଏଲ୍ ଟାଇଟଲ। ଦୀର୍ଘ ୩୦ ବର୍ଷ ପରେ ଲିଭରପୁଲ ଇଂଲିଶ ପ୍ରିମିୟର ଲିଗ୍ ଚାମ୍ପିୟନ। ୫୦୦ ଟେଷ୍ଟ ଉଇକେଟ କ୍ଲବରେ ଷ୍ଟୁଆର୍ଟ ବ୍ରଡ। ୧୯୪ ଆଇପିଏଲ୍ ମ୍ୟାଚ୍ ଖେଳି ଧୋନୀଙ୍କ ରେକର୍ଡ। ଦିନିକିଆ ମ୍ୟାଚ୍ ପରିଚାଳନାର ପାକ୍ ଅମ୍ପାୟର ଆଲିମ ଦାରଙ୍କ ରେକର୍ଡ। ଭାରତର ନୀତିନ ମେନନ୍ ସର୍ବକନିଷ୍ଠ ଅମ୍ପାୟର ଭାବେ ଆଇସିସି ଏଲିଟ ପ୍ୟାନେଲ୍‌ରେ ସାମିଲ।

**ମାରାଡୋନା, କୋବ୍ ବ୍ରାଏଣ୍ଟଙ୍କ ପରଲୋକ:** କିମ୍ବଦନ୍ତୀ ଆର୍ଜେଣ୍ଟିନା ଫୁଟବଲର ଡିଏଗୋ ମାରାଡୋନଙ୍କ ୬୦ ବର୍ଷରେ ପରଲୋକ। ଇଟାଲୀ କିମ୍ବଦନ୍ତୀ ଫୁଟବଲର ପାଓଲୋ ରୋସିଙ୍କ ଦେହାନ୍ତ। ଟିମ୍ ଇଣ୍ଡିଆ ସୁପର ଫ୍ୟାନ ଚାରୁଲତା ପଟେଲଙ୍କ ପରଲୋକ। ଭାରତୀୟ ପୂର୍ବତନ ଅଲରାଉଣ୍ଡର ବାପୁ ନାଦକର୍ଣ୍ଣୀଙ୍କ ପରଲୋକ। ହେଲିକପ୍ଟର ଦୁର୍ଘଟଣାରେ କିମ୍ବଦନ୍ତ ବାସ୍କେଟବଲ ଖେଳାଳି କୋବ୍ ବ୍ରାଏଣ୍ଟଙ୍କ ଦେହାନ୍ତ। ୭୭ ବର୍ଷରେ ପୂର୍ବତନ ହକି ଖେଳାଳି ବଲବୀର ସିଂ କୁଲାରଙ୍କ ପରଲୋକ। ୮୩ ବର୍ଷରେ ପୂର୍ବତନ ଭାରତୀୟ ଫୁଟବଲର ପି.କେ. ବାନାର୍ଜୀଙ୍କ ଦେହାନ୍ତ। ପୂର୍ବତନ ଓପନର ଚେତନ ଚୌହାନଙ୍କ ପରଲୋକ। ଅଲିମ୍ପିକ୍ ଚାମ୍ପିୟନ ଚାର୍ଲି ମୁରେଙ୍କ ପରଲୋକ।

ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଡିନ୍ ଜୋନ୍ସଙ୍କ ପରଲୋକ। ୮୨ ବର୍ଷରେ ପୂର୍ବତନ ଭାରତୀୟ ଫୁଟବଲର ଚୁନୀ ଗୋସ୍ୱାମୀଙ୍କ ପରଲୋକ। କିମ୍ବଦନ୍ତୀ ହକି ଖେଳାଳି ବଲବୀର ସିଂଙ୍କ ପରଲୋକ। ମୋଟର ସ୍ପୋର୍ଟ୍ସ କିମ୍ବଦନ୍ତୀ ଷ୍ଟର୍ଲିଂ ମୋସଙ୍କ ପରଲୋକ। ଡକ୍‌ୱର୍ଥ-ଲୁଇସ୍ ନିୟମର ଅନ୍ୟତମ ସ୍ରଷ୍ଟା ଟୋନୀ ଲୁଇସ୍‌ଙ୍କ ପରଲୋକ। ପୂର୍ବତନ ଆମେରିକୀୟ ଧାବକ ବବି ଜୋଏ ମୋରୋଙ୍କ ପରଲୋକ।


କୋବ୍ ବ୍ରାଏଣ୍ଟ


ମନପ୍ରୀତ ସିଂ ଓ ଇଲି ସିଦ୍ଦିକି

## ସଫଳତା

ଟି୨୦ ସିରିଜରେ ଆୟୋଜକ ଅଷ୍ଟ୍ରେଲିଆକୁ ହରାଇଲା ଭାରତ। ଆଇଗା ସ୍ୱୀଟେକ ଫ୍ରେଞ୍ଚ୍ ଓପନ ମହିଳା ସିଙ୍ଗଲ୍ସ ଚାମ୍ପିୟନ। ରାଫାଲ ନାଡାଲଙ୍କୁ ରେକର୍ଡ ୧୩ତମ ଫ୍ରେଞ୍ଚ୍ ଓପନ୍ ଟାଇଟଲ। ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରେ ଭାରତ ୨-୦ରେ ବିଜୟୀ। ମୁମ୍ବାଇ ଇଣ୍ଡିଆନ୍ସକୁ ପଞ୍ଚମ ଆଇପିଏଲ୍ ଟାଇଟଲ। ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ଅଲିମ୍ପିକ୍ ଯୋଗ୍ୟତା। ଅଧିନାୟିକା ରାନୀ ରାମପଲ ବିଶ୍ୱର ପ୍ରଥମ ମହିଳା ହକି ଭାବେ ସମ୍ମାନଜନକ ‘ୱାର୍ଲ୍ଡ ଗେମ୍ ଆଥଲେଟ୍ ଅଫ୍ ଦି ଇୟର’ ବିବେଚିତ। ଇଣ୍ଡିଆନ ଓମ୍ୟାନ୍ସ ଲିଗ୍‌ରେ ଗୋକୁଲମ କେରଳ ଚାମ୍ପିୟନ। ଜ୍ୟୋତ୍ସ୍ନା ଚିନ୍ନାପା, ସୌରଭ ଘୋଷାଲ ଜିତିଲେ ଜାତୀୟ ସିନିୟର ଟ୍ରଫି। ସଚିନ ଜିତିଲେ ଲୌରିୟସ କ୍ରୀଡ଼ା ପୁରସ୍କାର। ରାନୀ ରାମପଲ ଓ ମନପ୍ରୀତ ସିଂ ହକି ଇଣ୍ଡିଆ ଶ୍ରେଷ୍ଠ ଖେଳାଳି। ପ୍ରଥମଥର ଫେଡ୍ କପ୍ ପ୍ଲେ ଅଫ୍‌ରେ ଭାରତ। ୱିଜଡେନ ତାଲିକାରେ ରବୀନ୍ଦ୍ର ଜାଡେଜା ସବୁଠାରୁ ମୂଲ୍ୟବାନ ଭାରତୀୟ ଟେଷ୍ଟ ଖେଳାଳି। ରିୟଲ ମାଡ୍ରିଡ ଜିତିଲା ସ୍ପାନିଶ ଲିଗ୍ ଲା ଲିଗା ଟାଇଟଲ। ଫର୍ମୁଲା-୧ ରେସ୍‌ରେ ଲୁଇସ୍ ହାମିଲଟନଙ୍କ ସଫଳତା ଜାରି। ହାମିଲଟନ ବେଲଜିଆନ ଜିପି, ବ୍ରିଟିସ୍ ଜିପି, ସ୍ପାନିଶ ଜିପି, ପର୍ତ୍ତୁଗୀଜ ଜିପି ଫର୍ମୁଲା-୧ ସମେତ ସେ ୧୧ଟି ରେସ୍‌ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଚାମ୍ପିୟନ୍ସ ଲିଗ୍‌ରେ ବେୟର୍ନ ମ୍ୟୁନିକଙ୍କୁ ଷଷ୍ଠ ଟାଇଟଲ। ମୋହନ ବାଗାନକୁ ଆଇ-ଲିଗ୍ ଟ୍ରଫି। ୱାର୍ଲ୍ଡ ଓପନ୍ ଚେସ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ପି. ଇନିୟାନଙ୍କ ବିଜୟ। କ୍ୟାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ତ୍ରିନିବାଗୋ ନାଇଟ ରାଇଡର୍ସ ଚାମ୍ପିୟନ। ୟୁଏସ୍ ଓପନ୍‌ରେ ନାଓମି ଓସାକା ମହିଳା ସିଙ୍ଗଲ୍ସ ଚାମ୍ପିୟନ। ସ୍ଲୋଭେନିଆର ଟାଡେଜ୍ ପୋଗାକାର ଟୁର୍ ଡି ଫ୍ରାନ୍ସ ଚାମ୍ପିୟନ। ଗୁରପ୍ରୀତ ସିଂ ସାନ୍ଧୁ ଓ ସଞ୍ଜୁଙ୍କୁ ଏଆଇଏଫ୍‌ଏଫ୍ ପୁରସ୍କାର। ମହିଳା ସୁପର ଲିଗ୍ ଚେଲ୍‌ସି ଚାମ୍ପିୟନ। କୋହଲି ଆଇସିସି ଦିନିକିଆ, ଟେଷ୍ଟ ଅଧିନାୟକ। ଅଷ୍ଟମ ଅଷ୍ଟ୍ରେଲିଆନ ଓପନ ଜିତି ନୋଭାକ ଜୋକୋଭିଚ୍ ୧ ନମ୍ବର ସ୍ଥାନକୁ ଫେରିଲେ। ୨୧ ବର୍ଷୀୟା ଆମେରିକୀୟ ମହିଳା ଟେନିସ ତାରକା ସୋଫିଆ କେନିନ୍ ଅଷ୍ଟ୍ରେଲିଆନ ଓପନ ସିଙ୍ଗଲ୍ସ ଚାମ୍ପିୟନ। ୱିଜ୍‌ଡେନ ପୋଲ୍‌ରେ ସଚିନଙ୍କୁ ପଛରେ ପକାଇ ଦ୍ରାବିଡ଼ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ।


ଲୁଇସ୍ ହାମିଲଟନ

**ନୂଆ ଦାୟିତ୍ୱ:** ଦୀପା ମଲ୍ଲିକ ଭାରତୀୟ ପାରା ଆଥ୍‌ଲେଟିକ କମିଟି (ପିସିଆଇ) ସଭାପତି ନିଯୁକ୍ତ। ଜାନେକ ସ୍କୋପ୍‌ମ୍ୟାନ ଭାରତୀୟ ମହିଳା ହକି ଦଳର ଆନାଲିଟିକା କୋଚ୍ ନିଯୁକ୍ତ। କ୍ରିଷ୍ଟନ ଡିକକ୍ ଦକ୍ଷିଣ ଆଫ୍ରିକା ଦିନିକିଆ ଅଧିନାୟକ ନିଯୁକ୍ତ। କ୍ରିକେଟ ଉପଦେଷ୍ଟା କମିଟିରେ ମଦନ ଲାଲ। ଅଜୟ ପଟେଲ ଭାରତୀୟ ଚେସ୍ ମହାସଂଘର ନୂଆ ସଭାପତି ନିଯୁକ୍ତ। ସୁନୀଲ ଜୋଷୀ ଚୟନକମିଟି ଅଧ୍ୟକ୍ଷ ନିଯୁକ୍ତ। ସୋଫି ଡିଭାଇନ୍ ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ ନିଯୁକ୍ତ। ଆଦିଲ ସୁମରିୱାଲା ତୃତୀୟ ଥର ପାଇଁ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ ଇଣ୍ଡିଆ (ଏଏଫ୍‌ଆଇ) ସଭାପତି ନିଯୁକ୍ତ। ନୀତୁ ଡେଭିଡ୍ ମହିଳା ଚୟନ କମିଟି ମୁଖ୍ୟ ନିଯୁକ୍ତ। ମଣିପୁର ଜ୍ଞାନେନ୍ଦ୍ର ନିଙ୍ଗୋମ୍ବାମ୍ ନୂଆ ହକି ଇଣ୍ଡିଆ ଅଧ୍ୟକ୍ଷ ନିଯୁକ୍ତ। ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ ଗ୍ରେଗ୍ ବାର୍କଲେ ଆଇସିସି ନୂଆ ଅଧ୍ୟକ୍ଷଭାବେ ଦାୟିତ୍ୱ ନେଲେ। ରାଧାକ୍ରିଷ୍ଣନ ନାୟାର ଏଏଫ୍‌ଆଇ ହେଡ କୋଚ୍ ନିଯୁକ୍ତ।

**ବିଫଳତା:** ଦୀର୍ଘ ୩୧ ବର୍ଷ ପରେ ଦିନିକିଆ ସିରିଜରେ ଭାରତ ଘରୋଇ ନ୍ୟୁଜିଲାଣ୍ଡଠାରୁ ୩-୦ରେ ହାରି ହ୍ୱାଇଟ୍‌ୱାସ୍‌ର ସମ୍ମୁଖୀନ ହୋଇଛି। ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ପଡୋଶୀ ବାଂଲାଦେଶଠାରୁ ଫାଇନାଲରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ। ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ ଫାଇନାଲରେ ଭାରତ ଅଷ୍ଟ୍ରେଲିଆଠାରୁ ପରାସ୍ତ। ଘରୋଇ ନ୍ୟୁଜିଲାଣ୍ଡଠାରୁ ୨-୦ରେ ଭାରତ ଟେଷ୍ଟ ସିରିଜ ହାରିଲା। ଟି୨୦ ବିଶ୍ୱକପ୍ ଫାଇନାଲରେ ଭାରତୀୟ ମହିଳା ଦଳ ଆୟୋଜକ ଅଷ୍ଟ୍ରେଲିଆଠାରୁ ହାରି ରନର୍ସଅପ୍।

**ଅବସର:** ରୁଷୀୟ ମହିଳା ଟେନିସ ତାରକା ମାରିଆ ସାରାପୋଭାଙ୍କ ଅବସର। ଅଲରାଉଣ୍ଡର ଇର୍ଫାନ ପଠାନଙ୍କ ଅବସର। ଟେନିସରୁ କାରୋଲିନା ଓଜ୍‌ନିଆକିଙ୍କ ଅବସର। ଓଡ଼ିଆ କ୍ରିକେଟର ପ୍ରଜ୍ଞାନ ଓଝାଙ୍କ ଅବସର। ୱାସିମ ଜାଫରଙ୍କ ଅବସର। ବ୍ୟାଡମିଣ୍ଟନ ସୁପରଷ୍ଟାର ଲିନ୍ ଡାନ୍‌ଙ୍କ ଅବସର। ମହେନ୍ଦ୍ର ସିଂ ଧୋନୀ ଓ ସୁରେଶ ରାଇନାଙ୍କ ଅବସର। ଫୁଟବଲର ଗ୍ୟାରେଥ ବେଲ୍‌ଙ୍କ ଅବସର। ଅଷ୍ଟ୍ରେଲୀୟ ଅଲରାଉଣ୍ଡର ସେନ୍ ୱାଟସନଙ୍କ ଅବସର। ଭାରତୀୟ ଆଥ୍‌ଲେଟିକ୍ସ କୋଚ୍ ପଦରୁ ବାହାଦୁର ସିଂଙ୍କ ଅବ୍ୟାହତି।

**ବିବାହ, ନିର୍ବନ୍ଧ, ଜନ୍ମ:** ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ବାନ୍ଧବୀ ତଥା ସର୍ବିୟ ଅଭିନେତ୍ରୀ ନତାଶା ଷ୍ଟାଙ୍କୋଭିକ୍‌ଙ୍କ ବିବାହ। ହାର୍ଦ୍ଦିକ ପ୍ରଥମ ସନ୍ତାନର ଜନକ। ଜୟଦେବ ଉନାଡକଟଙ୍କ ନିର୍ବନ୍ଧ। ଭାରତୀୟ ବାନ୍ଧବୀଙ୍କ ସହ ମ୍ୟାକ୍ସୱେଲଙ୍କ ନିର୍ବନ୍ଧ। ତୀରନ୍ଦାଜ ଦୀପିକା କୁମାରୀ ଓ ଅତନୁ ଦାସ ବିବାହ ବନ୍ଧନରେ ଆବଦ୍ଧ। ସାମନ୍ଥା ଷ୍ଟୋସୁର କନ୍ୟା ସନ୍ତାନର ଜନନୀ। ଭାରତୀୟ ହକି ଅଧିନାୟକ ମନପ୍ରୀତ ସିଂ ମାଲେସୀୟ ବାନ୍ଧବୀ ଇଲି ସିଦ୍ଦିକିଙ୍କୁ ବିବାହ କଲେ। ବାପା ହେଲେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ। ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ ବାନ୍ଧବୀ ଧନଶ୍ରୀଙ୍କ ନିର୍ବନ୍ଧ। କନ୍ୟା ସନ୍ତାନର ପିତା ହେଲେ ଉସେନ ବୋଲ୍ଟ।

**ଟୋକିଓ ଅଲିମ୍ପିକ୍ସ ଘୁଞ୍ଚିଲା:** କରୋନା ଯୋଗୁ ଟୋକିଓ ଅଲିମ୍ପିକ୍ସ ଗୋଟିଏ ବର୍ଷ ଘୁଞ୍ଚିଲା। ଭାରତ- ଦକ୍ଷିଣ ଆଫ୍ରିକା ସିରିଜ ବାତିଲ। ୟୁରୋ ୨୦୨୦ ସ୍ଥଗିତ ୨୦୨୧କୁ ଘୁଞ୍ଚିଲା। କରୋନା କାରଣରୁ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ଘୁଞ୍ଚିଲା। ଭାରତରେ ଆୟୋଜନ ହେବ ୨୦୨୧ ଟି୨୦ ବିଶ୍ୱକପ୍। ୨୦୨୨କୁ ଘୁଞ୍ଚିଲା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍। ଦିଲ୍ଲୀ ଶୁଟିଂ ୱାର୍ଲ୍ଡକପ୍ ବାତିଲ। ଜାପାନରେ ଅଲିମ୍ପିକ ଜ୍ୟୋତି ପ୍ରଦର୍ଶନ ବାତିଲ। ଥୋମାସ- ଉବର କପ୍ ଫାଇନାଲ୍ସ ଘୁଞ୍ଚିଲା। ଭାରତରେ ଆୟୋଜନ ହେବ ମହିଳା ଏଏଫ୍‌ସି ଏସିଆ କପ୍। କୋଭିଡ୍ କାରଣରୁ ଭାରତର ଜିମ୍ବାୱେ ଟୁର ସ୍ଥଗିତ।


ଟି୨୦ ସିରିଜରେ ନ୍ୟୁଜିଲାଣ୍ଡକୁ ହରାଇଥିବା ଭାରତୀୟ ଦଳ

**ପୁରସ୍କାର:** ଆଇସିସି କ୍ରିକେଟ ପୁରସ୍କାରରେ ରୋହିତ ଶର୍ମା ଶ୍ରେଷ୍ଠ ଦିନିକିଆ କ୍ରିକେଟର। କୋହଲିଙ୍କୁ ସ୍ପିରିଟ୍ ଅଫ୍ ଦି କ୍ରିକେଟ ସମ୍ମାନ। ଦୀପକ ଚହରଙ୍କୁ ଟି୨୦ ପର୍‌ଫର୍‌ମାନ୍ସ କ୍ରିକେଟର ଅଫ୍ ଦି ଇୟର। ଓମେନ୍ସ କ୍ରିକ୍‌ଜୋନ୍‌ରେ ସ୍ମୃତି ମାନ୍ଧନା, ଦୀପ୍ତି ଶର୍ମା ଶ୍ରେଷ୍ଠ କ୍ରିକେଟର। ବିସିସିଆଇ ବାର୍ଷିକ ପୁରସ୍କାର ଉତ୍ସବରେ ଯଶପ୍ରୀତ ବୁମ୍‌ରାଙ୍କୁ ପଲି ଉମ୍ରିଗର ପୁରସ୍କାର। ଆଣ୍ଡ୍ରୁ ଷ୍ଟ୍ରାସ୍‌ଙ୍କୁ ନାଇଟ୍ ଉପାଧି। ତୃତୀୟଥର ପାଇଁ ଡେଭିଡ୍ ୱାର୍ନର ଜିତିଲେ ଆଲାନ ବର୍ଡର ମେଡାଲ। ପ୍ରଥମ ଭାରତୀୟ ଭାବେ ହକି ଅଧିନାୟକ ମନପ୍ରୀତ ସିଂଙ୍କୁ ଏଫ୍‌ଆଇଏଚ୍ ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର।


ଗ୍ରେଗ୍ ବାର୍କଲେ

**ଚର୍ଚ୍ଚାରେ:** ଦେଶର ଦୁଇ ପ୍ରମୁଖ ଫୁଟବଲ କ୍ଲବ ମୋହନ ବାଗାନ ଓ ଏଟିକେର ବିଧିବଦ୍ଧ ମିଶ୍ରଣ। ଦିନିକିଆରେ ଏକାଠି ଡେବ୍ୟୁ କଲେ ମୟଙ୍କ ଅଗ୍ରୱାଲ ଓ ପୃଥ୍ୱୀ ଶ। ସ୍ତ୍ରୀ କେଲି ବୋଲ୍ଟିଙ୍କଠାରୁ ମାଇକେଲ କ୍ଲାର୍କ ଅଲଗା ହେଲେ। ରଣଜୀ ଟ୍ରଫିରେ ପ୍ରଥମଥର ଲାଗୁ ହେଲା ଡିଆରଏସ୍। ଆଇସିସି ଅଧ୍ୟକ୍ଷ ପଦରୁ ଓହରିଲେ ଶଶାଙ୍କ ମନୋହର। ଅନ୍ ଲାଇନ୍ ସର୍ଚ୍ଚରେ କୋହଲି ସବୁଠାରୁ ଲୋକପ୍ରିୟ କ୍ରିକେଟର। ବାସ୍କେଟବଲ୍ କିମ୍ବଦନ୍ତୀ ମାଇକେଲ ଜୋର୍ଡାନଙ୍କ ଯୋତା ୪ କୋଟି ୬୦ ଲକ୍ଷ ଟଙ୍କାରେ ନିଲାମ। ସୁରେଶ ରାଇନାଙ୍କ ସମ୍ପର୍କୀୟଙ୍କୁ ଦୁର୍ବୃତ୍ତଙ୍କ ହତ୍ୟା। ସାମାଜିକ ନ୍ୟାୟ ପାଇଁ ମାଇକେଲ ଜୋର୍ଡାନ ଦେବେ ୭୫୫ କୋଟି ଟଙ୍କା। ଲକ୍‌ଡାଉନ୍ କାରଣରୁ ମୁମ୍ବାଇ ଏୟାରପୋର୍ଟରେ ୭୪ ଦିନ ରହିଲେ ଘାନା ଫୁଟବଲର। ମାରାଡୋନାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ମେସି ଦଣ୍ଡିତ। ବ୍ରେକ୍‌ଡ୍ୟାନ୍ସିଂକୁ ଅଲିମ୍ପିକ୍ସ କ୍ରୀଡ଼ା ମାନ୍ୟତା। ଭିଭୋ ଆଇପିଏଲ୍ ପ୍ରାୟୋଜନରୁ ବାଦ୍ ପଡିଲା। ଲାଇନ୍ ଜଜ୍‌ଙ୍କୁ ବଲରେ ଆଘାତ ଦେଇ ଜୋକୋଭିଚ୍ ୟୁଏସ୍ ଓପନରୁ ବାଦ୍ ପଡିଲେ।


ସୁରେଶ ରାଇନା ଓ ମହେନ୍ଦ୍ର ସିଂ ଧୋନୀ

**ମୁସ୍ତାକ ଅହମ୍ମଦଙ୍କ ଇସ୍ତଫା:** ମହେନ୍ଦ୍ର ସିଂ ଧୋନୀ ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରୁ ବାଦ୍। ଭାରତୀୟ ଆଥଲେଟିକ୍ସ କୋଚ୍ ପଦରୁ ଓହରିଲେ ବାହାଦୁର ସିଂ। ହକି ଇଣ୍ଡିଆ ଅଧ୍ୟକ୍ଷ ପଦରୁ ମହମ୍ମଦ ମୁସ୍ତାକ ଅହମ୍ମଦଙ୍କ ଇସ୍ତଫା। ବିସିସିଆଇ କ୍ରିକେଟ ଅପରେଶନ ଜେନେରାଲ ମ୍ୟାନେଜର ପଦରୁ ଓହରିଲେ ସବା କରିମ।


ମାରିଆ ସାରାପୋଭା

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୧୮/୨୦୨୦ Sambalpur, Friday, December 18/ 2020

# ଯୋଗାସନକୁ କ୍ରୀଡ଼ା ମାନ୍ୟତା


କିରେନ ରିଜିଜୁ

**ନୂଆଦିଲ୍ଲୀ, ୧୭।୧୨ (ପି.ଟି.):** କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଗୁରୁବାର ଆନୁଷ୍ଠାନିକ ଭାବେ ଯୋଗାସନକୁ ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ଭାବେ ସ୍ୱୀକୃତି ପ୍ରଦାନ କରିଛି। ଫଳରେ ଏଣିକି ଏହାକୁ ସରକାରୀ ଅନୁଦାନ ମିଳିପାରିବ। କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ଏବଂ ଆୟୁଷ (ଆୟୁର୍ବେଦ, ଯୋଗ ଆଣ୍ଡ୍ ନେଚରୋପାଥି ,ୟୁନାନି. ସିଦ୍ଧ, ହୋମିଓପାଥି) ମନ୍ତ୍ରୀ ଶ୍ରୀପଦ ୟୋସୋ ନାଏକ ଏଠାରେ ଏକ କ୍ରୀଡ଼ା ଇଭେଣ୍ଟରେ ଯୋଗଦାନପୂର୍ବକ ଯୋଗାସନକୁ ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ଭାବେ ଘୋଷଣା କରିଛନ୍ତି। ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରିବାରେ ଯୋଗ ବିଶେଷ ସହାୟକ ହୋଇଥାଏ। ଯୋଗାସନ ବହୁ ଦିନ ହେଲା ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ହୋଇ ରହି ଆସିଛି। କିନ୍ତୁ ଏପର୍ଯ୍ୟନ୍ତ ଭାରତ ସରକାରଙ୍କ ଦ୍ୱାରା ବିଧିବଦ୍ଧ ସ୍ୱୀକୃତି ଲାଭ କରି ନ ଥିଲା। କିନ୍ତୁ ଗୁରୁବାର ଏହା ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ାର ମାନ୍ୟତା ଲାଭ କରିଛି। ଗତବର୍ଷ ନଭେମ୍ବରରେ ଯୋଗଗୁରୁ ବାବା ରାମଦେବଙ୍କ ସଭାପତିତ୍ୱରେ ଏକ ଅନ୍ତର୍ଜାତୀୟ ଯୋଗାସନ କ୍ରୀଡ଼ା ମହାସଂଘ ଗଠିତ ହୋଇସାରିଛି। ଡ. ଏଚ୍.ଆର. ନଗେନ୍ଦ୍ର ଏହାର ସମ୍ପାଦକ ଅଛନ୍ତି। ଏକ ପ୍ରତିଯୋଗିତା କ୍ରୀଡ଼ା ଭାବେ ଯୋଗର ସଂରକ୍ଷଣ ଓ ବିକାଶ ଲାଗି ଭାରତର ଏକ ଜାତୀୟ ଯୋଗାସନ କ୍ରୀଡ଼ା ମହାସଂଘ (ଏନ୍‌ୱାଇଏସ୍‌ଏଫ୍‌ଆଇ) ମଧ୍ୟ ଇତିମଧ୍ୟରେ ଗଠିତ ହୋଇସାରିଛି। ଗତ ମାସରେ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଏହା ଏକ ଜାତୀୟ କ୍ରୀଡ଼ା ମହାସଂଘ ଭାବେ ସ୍ୱୀକୃତି ଲାଭ କରିସାରିଛି। କ୍ରୀଡ଼ା ମନ୍ତ୍ରଣାଳୟ ଏନ୍‌ୱାଇଏସ୍‌ଏଫ୍‌ଆଇକୁ ଆର୍ଥିକ ସହାୟତା ଦେବା ଆରମ୍ଭ କରିବ। ଯାହା ଫଳରେ ମହାସଂଘ ଆଗାମୀ ବର୍ଷଗୁଡ଼ିକରେ ଏହାର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିପାରିବ।

# ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ଏଫ୍‌ସି ପରାସ୍ତ

**ବାମ୍ବୋଲିମ୍, ୧୭।୧୨**

ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ବେଙ୍ଗାଲୁରୁ ଏଫସି ନିକଟରୁ ୧-୨ ଗୋଲରେ ହାରି ଯାଇଛି। ଫଳରେ ଦଳ ୬ ମ୍ୟାଚ ଖେଳି ସାରିଥିଲେ ହେଁ ବିଜୟ ସ୍ୱାଦ ଚାଖିବା ସମ୍ଭବ ହୋଇନାହିଁ। ଗୋଟିଏ ମାତ୍ର ମ୍ୟାଚ ଡ୍ର ରଖିଥିବାବେଳେ ୫ ମ୍ୟାଚରେ ପରାଜିତ ହୋଇଛି ଭୁବନେଶ୍ୱର ଭିତ୍ତିକ ଏହି ଦଳ। ଦଳର ଗୋଲ ସ୍କୋରିଂ ପ୍ରତିଶତ ମଧ୍ୟ ନୈରାଶ୍ୟଜନକ ରହିଛି। ଏପର୍ଯ୍ୟନ୍ତ ମାତ୍ର ୩ଟି ଗୋଲ ଦେଇ ପାରିଥିବାବେଳେ ୯ ଗୋଲ ବରଣ କରିଛି। ଫଳରେ ପଏଣ୍ଟ ଟେବୁଲରେ ଦଳ ୧୦ମ ସ୍ଥାନରେ ପଡ଼ି ରହିଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ୬ ମ୍ୟାଚରୁ ୩ୟ ବିଜୟ ସହ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

## ଛେତ୍ରୀଙ୍କ ୫୦ ଗୋଲ

ମ୍ୟାଚଟି ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ୩୮ତମ ମିନିଟରେ ପୂର୍ବତନ ଚାମ୍ପିୟନ ବେଙ୍ଗାଲୁରୁ ଅଗ୍ରଣୀ ନେଇ ମ୍ୟାଚକୁ ରୋମାଞ୍ଚକ କରିଥିଲା। ହରମନଜୋତ ଖବ୍ରାଙ୍କଠାରୁ ପାଇଥିବା ପାସ୍‌କୁ ଅଧିନାୟକ ସୁନୀଲ ଛେତ୍ରୀ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ। କ୍ୟାରିୟରରେ ଅନେକ ରେକର୍ଡର ଅଧିକାରୀ ହୋଇଥିବା ଛେତ୍ରୀ ଏଥିସହ ଆଇଏସ୍‌ଏଲ୍‌ରେ ୫୦ତମ ଗୋଲ ପୂରଣ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ବେଙ୍ଗାଲୁରୁ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲା। ୭୧ତମ ମିନିଟରେ ଅଧିନାୟକ ଷ୍ଟିଭେନ ଟେଲରଙ୍କ ଗୋଲ ଜରିଆରେ ଓଡ଼ିଶା ଏଫ୍‌ସି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଜେରୀ ମାୱିମିଙ୍ଗଥଙ୍ଗାଙ୍କଠାରୁ ପାସ୍

**ଇଣ୍ଡିଆନ ସୁପରଲିଗ୍**

ପାଇଥିଲେ ଟେଲର। ତେବେ ଓଡ଼ିଶା ଦଳର ଏହି ଖୁସି ବେଶୀ ସମୟ ତିଷ୍ଠି ନ ଥିଲା। ୮ ମିନିଟ ପରେ ଅର୍ଥାତ୍ ୭୯ତମ ମିନିଟରେ କ୍ଲିଟନ ସିଲ୍‌ଭା ଏକ ଗୋଲ ଦେଇ ବେଙ୍ଗାଲୁରୁକୁ ପୁଣି ଅଗ୍ରଣୀ କରାଇଥିଲେ। ଦେଶୋର୍ନ ବ୍ରାଉନ୍‌ଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରିଥିଲେ ସିଲ୍‌ଭା। ଏହାପରେ ଉଦ୍ୟମ କରିଥିଲେ ହେଁ ଓଡ଼ିଶା ଏଫସି ଗୋଲ ପରିଶୋଧ କରିପାରି ନ ଥିଲା। ବେଙ୍ଗାଲୁରୁର ବ୍ରାଉନ୍ ପାସ୍ ଅଫ୍ ଦି ମ୍ୟାଚ ଏବଂ ସିଲ୍‌ଭା ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।


ବେଙ୍ଗାଲୁରୁ ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ପରବର୍ତ୍ତୀ ଦୁଇ ଅଲିମ୍ପିକ୍ସରୁ ରୁଷିଆ ବାସନ୍ଦ

**ଜେନେଭା, ୧୭।୧୨ (ଏପି)**

ରୁଷିଆ ପରବର୍ତ୍ତୀ ଦୁଇଟି ଅଲିମ୍ପିକ୍ସ ଅବା ପରବର୍ତ୍ତୀ ଦୁଇବର୍ଷ ଧରି କୌଣସି ବିଶ୍ୱ ଚାମ୍ପିୟନଶିପ୍‌ରେ ଏହାର ନାମ, ପତାକା ଓ ଜାତୀୟ ସଙ୍ଗୀତ ବ୍ୟବହାର କରିପାରିବ ନାହିଁ। କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ(କାସ୍) ଗୁରୁବାର ତାଙ୍କ ରୁଲିଂରେ କହିଛନ୍ତି। ପୁନଶ୍ଚ ରୁଷିଆ ଆସନ୍ତା ଦୁଇବର୍ଷ ପାଇଁ କୌଣସି ପ୍ରମୁଖ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିପାରିବ ନାହିଁ। ତେବେ ଡୋପିଂ କାର୍ଯ୍ୟରେ ଲିପ୍ତ ନ ଥିବା ଓ ପଜିଟିଭ ଟେଷ୍ଟକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରି ନ ଥିବା ରୁଷୀୟ ଆଥଲେଟ ଓ ଟିମ୍ ଆସନ୍ତା ବର୍ଷ ଟୋକିଓ ଅଲିମ୍ପିକ୍ସ ଏବଂ ୨୦୨୨ ବେଜିଂ ୱିଣ୍ଟର ଅଲିମ୍ପିକ୍ସରେ ଭାଗ ନେବାକୁ ଅନୁମତି ପାଇବେ। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ୪ ବର୍ଷ ବାସନ୍ଦ କରିବା ଲାଗି ପ୍ରସ୍ତାବ ଦେଇଥିଲା। ମାତ୍ର କାସ୍ ଏହାର ପରିମାଣ ହ୍ରାସ କରିଦେଇଛନ୍ତି। 'କାସ୍'ରେ କିନ୍ତୁ ରୁଷିଆର ଏକ ଛୋଟ ବିଜୟ ହୋଇଛି। ପ୍ରମୁଖ ଇଭେଣ୍ଟଗୁଡ଼ିକରେ ଆଥଲେଟଙ୍କ ୟୁନିଫର୍ମରେ ରୁଷିଆ ନାମ ରହିପାରିବ। ତେବେ ୟୁନିଫର୍ମରେ 'ନିରପେକ୍ଷ ଆଥଲେଟ୍ ଅବା 'ନିରପେକ୍ଷ ଦଳ' ଶବ୍ଦକୁ ସମାନ ଗୁରୁତ୍ୱ ଦିଆଯିବା ଦରକାର ବୋଲି କୋର୍ଟ କହିଛନ୍ତି। ଏହା ସତ୍ତ୍ୱେ ୨୦୧୪ ସୋଚି ଅଲିମ୍ପିକ୍ସ ପରେ ରୁଷିଆ ବିରୋଧରେ ରାଷ୍ଟ୍ର ପ୍ରାୟୋଜିତ ଡୋପିଂ ଏବଂ ଏହାକୁ ଘଣ୍ଟ ଘୋଡାଇବାଲାଗି ପ୍ରଚେଷ୍ଟା ଅଭିଯୋଗ ଉପରେ କୋର୍ଟରେ ୩ଜଣ ବିଚାରପତି କଠୋର ଦଣ୍ଡ ପ୍ରଦାନ କରିଛନ୍ତି। ୱାଡାକୁ ୧.୨୭ ନିୟୁତ ଡଲାର ଦେବା ପାଇଁ କୋର୍ଟ ରୁଷିଆ ଆଣ୍ଟି ଡୋପିଂ ଏଜେନ୍ସି (ରୁଷାଡା)କୁ କହିଛନ୍ତି।















Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୧୮/୨୦୨୦ Sambalpur, Friday, December 18/ 2020

# ଯୋଗାସନକୁ କ୍ରୀଡ଼ା ମାନ୍ୟତା


କିରେନ ରିଜିଜୁ

**ନୂଆଦିଲ୍ଲୀ, ୧୭।୧୨ (ପି.ଟି.):** କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଗୁରୁବାର ଆନୁଷ୍ଠାନିକ ଭାବେ ଯୋଗାସନକୁ ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ଭାବେ ସ୍ୱୀକୃତି ପ୍ରଦାନ କରିଛି। ଫଳରେ ଏଣିକି ଏହାକୁ ସରକାରୀ ଅନୁଦାନ ମିଳିପାରିବ। କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ଏବଂ ଆୟୁଷ (ଆୟୁର୍ବେଦ, ଯୋଗ ଆଣ୍ଡ୍ ନେଚରୋପାଥି ,ୟୁନାନି. ସିଦ୍ଧ, ହୋମିଓପାଥି) ମନ୍ତ୍ରୀ ଶ୍ରୀପଦ ୟୋସୋ ନାଏକ ଏଠାରେ ଏକ କ୍ରୀଡ଼ା ଇଭେଣ୍ଟରେ ଯୋଗଦାନପୂର୍ବକ ଯୋଗାସନକୁ ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ଭାବେ ଘୋଷଣା କରିଛନ୍ତି। ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ କରିବାରେ ଯୋଗ ବିଶେଷ ସହାୟକ ହୋଇଥାଏ। ଯୋଗାସନ ବହୁ ଦିନ ହେଲା ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ହୋଇ ରହି ଆସିଛି। କିନ୍ତୁ ଏପର୍ଯ୍ୟନ୍ତ ଭାରତ ସରକାରଙ୍କ ଦ୍ୱାରା ବିଧିବଦ୍ଧ ସ୍ୱୀକୃତି ଲାଭ କରି ନ ଥିଲା। କିନ୍ତୁ ଗୁରୁବାର ଏହା ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ାର ମାନ୍ୟତା ଲାଭ କରିଛି। ଗତବର୍ଷ ନଭେମ୍ବରରେ ଯୋଗଗୁରୁ ବାବା ରାମଦେବଙ୍କ ସଭାପତିତ୍ୱରେ ଏକ ଅନ୍ତର୍ଜାତୀୟ ଯୋଗାସନ କ୍ରୀଡ଼ା ମହାସଂଘ ଗଠିତ ହୋଇସାରିଛି। ଡ. ଏଚ୍.ଆର. ନଗେନ୍ଦ୍ର ଏହାର ସମ୍ପାଦକ ଅଛନ୍ତି। ଏକ ପ୍ରତିଯୋଗିତା କ୍ରୀଡ଼ା ଭାବେ ଯୋଗର ସଂରକ୍ଷଣ ଓ ବିକାଶ ଲାଗି ଭାରତର ଏକ ଜାତୀୟ ଯୋଗାସନ କ୍ରୀଡ଼ା ମହାସଂଘ (ଏନ୍‌ୱାଇଏସ୍‌ଏଫ୍‌ଆଇ) ମଧ୍ୟ ଇତିମଧ୍ୟରେ ଗଠିତ ହୋଇସାରିଛି। ଗତ ମାସରେ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଏହା ଏକ ଜାତୀୟ କ୍ରୀଡ଼ା ମହାସଂଘ ଭାବେ ସ୍ୱୀକୃତି ଲାଭ କରିସାରିଛି। କ୍ରୀଡ଼ା ମନ୍ତ୍ରଣାଳୟ ଏନ୍‌ୱାଇଏସ୍‌ଏଫ୍‌ଆଇକୁ ଆର୍ଥିକ ସହାୟତା ଦେବା ଆରମ୍ଭ କରିବ। ଯାହା ଫଳରେ ମହାସଂଘ ଆଗାମୀ ବର୍ଷଗୁଡ଼ିକରେ ଏହାର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିପାରିବ।

# ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ଏଫ୍‌ସି ପରାସ୍ତ

**ବାମ୍ବୋଲିମ୍, ୧୭।୧୨**

ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ବେଙ୍ଗାଲୁରୁ ଏଫସ ନିକଟରୁ ୧-୨ ଗୋଲରେ ହାରି ଯାଇଛି। ଫଳରେ ଦଳ ୬ ମ୍ୟାଚ ଖେଳି ସାରିଥିଲେ ହେଁ ବିଜୟ ସ୍ୱାଦ ଚାଖିବା ସମ୍ଭବ ହୋଇନାହିଁ। ଗୋଟିଏ ମାତ୍ର ମ୍ୟାଚ ଡ୍ର ରଖିଥିବାବେଳେ ୫ ମ୍ୟାଚରେ ପରାଜିତ ହୋଇଛି ଭୁବନେଶ୍ୱର ଭିତ୍ତିକ ଏହି ଦଳ। ଦଳର ଗୋଲ ସ୍କୋରିଂ ପ୍ରତିଶତ ମଧ୍ୟ ନୈରାଶ୍ୟଜନକ ରହିଛି। ଏପର୍ଯ୍ୟନ୍ତ ମାତ୍ର ୩ଟି ଗୋଲ ଦେଇ ପାରିଥିବାବେଳେ ୯ ଗୋଲ ବରଣ କରିଛି। ଫଳରେ ପଏଣ୍ଟ ଟେବୁଲରେ ଦଳ ୧୦ମ ସ୍ଥାନରେ ପଡ଼ି ରହିଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ୬ ମ୍ୟାଚରୁ ୩ୟ ବିଜୟ ସହ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

## ଛେତ୍ରୀଙ୍କ ୫୦ ଗୋଲ

ମ୍ୟାଚଟି ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ୩୮ତମ ମିନିଟରେ ପୂର୍ବତନ ଚାମ୍ପିୟନ ବେଙ୍ଗାଲୁରୁ ଅଗ୍ରଣୀ ନେଇ ମ୍ୟାଚକୁ ରୋମାଞ୍ଚକ କରିଥିଲା। ହରମନଜୋତ ଖବ୍ରାଙ୍କଠାରୁ ପାଇଥିବା ପାସ୍‌କୁ ଅଧିନାୟକ ସୁନୀଲ ଛେତ୍ରୀ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ। କ୍ୟାରିୟରରେ ଅନେକ ରେକର୍ଡର ଅଧିକାରୀ ହୋଇଥିବା ଛେତ୍ରୀ ଏଥିସହ ଆଇଏସ୍‌ଏଲ୍‌ରେ ୫୦ତମ ଗୋଲ ପୂରଣ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ବେଙ୍ଗାଲୁରୁ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲା। ୭୧ତମ ମିନିଟରେ ଅଧିନାୟକ ଷ୍ଟିଭେନ ଟେଲରଙ୍କ ଗୋଲ ଜରିଆରେ ଓଡ଼ିଶା ଏଫ୍‌ସି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଜେରୀ ମାୱ୍ମିଙ୍ଗଥଙ୍ଗାଙ୍କଠାରୁ ପାସ୍ ପାଇଥିଲେ ଟେଲର। ତେବେ ଓଡ଼ିଶା ଦଳର ଏହି ଖୁସି ବେଶୀ ସମୟ ତିଷ୍ଠି ନ ଥିଲା। ୮ ମିନିଟ ପରେ ଅର୍ଥାତ୍ ୭୯ତମ ମିନିଟରେ କ୍ଲିଟନ ସିଲ୍‌ଭା ଏକ ଗୋଲ ଦେଇ ବେଙ୍ଗାଲୁରୁକୁ ପୁଣି ଅଗ୍ରଣୀ କରାଇଥିଲେ। ଦେଶୋର୍ନ ବ୍ରାଉନ୍‌ଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରିଥିଲେ ସିଲ୍‌ଭା। ଏହାପରେ ଉଦ୍ୟମ କରିଥିଲେ ହେଁ ଓଡ଼ିଶା ଏଫ୍‌ସି ଗୋଲ ପରିଶୋଧ କରିପାରି ନ ଥିଲା। ବେଙ୍ଗାଲୁରୁର ବ୍ରାଉନ୍ ପାସ୍ ଅଫ୍ ଦି ମ୍ୟାଚ ଏବଂ ସିଲ୍‌ଭା ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।


ବେଙ୍ଗାଲୁରୁ ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଇଣ୍ଡିଆନ ସୁପରଲିଗ୍**

# ପରବର୍ତ୍ତୀ ଦୁଇ ଅଲିମ୍ପିକ୍ସରୁ ରୁଷିଆ ବାସନ୍ଦ

**ଜେନେଭା, ୧୭।୧୨ (ଏପି)**

ରୁଷିଆ ପରବର୍ତ୍ତୀ ଦୁଇଟି ଅଲିମ୍ପିକ୍ସ ଅବା ପରବର୍ତ୍ତୀ ଦୁଇବର୍ଷ ଧରି କୌଣସି ବିଶ୍ୱ ଚାମ୍ପିୟନଶିପ୍‌ରେ ଏହାର ନାମ, ପତାକା ଓ ଜାତୀୟ ସଙ୍ଗୀତ ବ୍ୟବହାର କରିପାରିବ ନାହିଁ। କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ(କାସ୍) ଗୁରୁବାର ତାଙ୍କ ରୁଲିଂରେ କହିଛନ୍ତି। ପୁନଶ୍ଚ ରୁଷିଆ ଆସନ୍ତା ଦୁଇବର୍ଷ ପାଇଁ କୌଣସି ପ୍ରମୁଖ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିପାରିବ ନାହିଁ। ତେବେ ଡୋପିଂ କାର୍ଯ୍ୟରେ ଲିପ୍ତ ନ ଥିବା ଓ ପଜିଟିଭ ଟେଷ୍ଟକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରି ନ ଥିବା ରୁଷୀୟ ଆଥଲେଟ ଓ ଟିମ୍ ଆସନ୍ତା ବର୍ଷ ଟୋକିଓ ଅଲିମ୍ପିକ୍ସ ଏବଂ ୨୦୨୨ ବେଜିଂ ୱିଣ୍ଟର ଅଲିମ୍ପିକ୍ସରେ ଭାଗ ନେବାକୁ ଅନୁମତି ପାଇବେ। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ୪ ବର୍ଷ ବାସନ୍ଦ କରିବା ଲାଗି ପ୍ରସ୍ତାବ ଦେଇଥିଲା। ମାତ୍ର କାସ୍ ଏହାର ପରିମାଣ ହ୍ରାସ କରିଦେଇଛନ୍ତି। 'କାସ୍'ରେ କିନ୍ତୁ ରୁଷିଆର ଏକ ଛୋଟ ବିଜୟ ହୋଇଛି। ପ୍ରମୁଖ ଇଭେଣ୍ଟଗୁଡ଼ିକରେ ଆଥଲେଟଙ୍କ ୟୁନିଫର୍ମରେ ରୁଷିଆ ନାମ ରହିପାରିବ। ତେବେ ୟୁନିଫର୍ମରେ 'ନିରପେକ୍ଷ ଆଥଲେଟ୍ ଅବା 'ନିରପେକ୍ଷ ଦଳ' ଶବ୍ଦକୁ ସମାନ ଗୁରୁତ୍ୱ ଦିଆଯିବା ଦରକାର ବୋଲି କୋର୍ଟ କହିଛନ୍ତି। ଏହା ସତ୍ତ୍ୱେ ୨୦୧୪ ସୋଚି ଅଲିମ୍ପିକ୍ସ ପରେ ରୁଷିଆ ବିରୋଧରେ ରାଷ୍ଟ୍ର ପ୍ରାୟୋଜିତ ଡୋପିଂ ଏବଂ ଏହାକୁ ଘଣ୍ଟ ଘୋଡାଇବାଲାଗି ପ୍ରଚେଷ୍ଟା ଅଭିଯୋଗ ଉପରେ କୋର୍ଟର ୩ଜଣ ବିଚାରପତି କଠୋର ଦଣ୍ଡ ପ୍ରଦାନ କରିଛନ୍ତି। ୱାଡାକୁ ୧.୨୭ ନିୟୁତ ଡଲାର ଦେବା ପାଇଁ କୋର୍ଟ ରୁଷିଆ ଆଣ୍ଟି ଡୋପିଂ ଏଜେନ୍ସି (ରୁଷାଡା)କୁ କହିଛନ୍ତି।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଡିସେମ୍ବର ୧୮/୨୦୨୦ Sambalpur, Friday, December 18/ 2020

# ଯୋଗାସନକୁ କ୍ରୀଡ଼ା ମାନ୍ୟତା



କିରେନ ରିଜିଜୁ

**ନୂଆଦିଲ୍ଲୀ, ୧୭।୧୨ (ପି.ଟି.):** କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଗୁରୁବାର ଆନୁଷ୍ଠାନିକ ଭାବେ ଯୋଗାସନକୁ ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ଭାବେ ସ୍ୱୀକୃତି ପ୍ରଦାନ କରିଛି। ଫଳରେ ଏଣିକି ଏହାକୁ ସରକାରୀ ଅନୁଦାନ ମିଳିପାରିବ। କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ଏବଂ ଆୟୁଷ (ଆୟୁର୍ବେଦ, ଯୋଗ ଆଣ୍ଡ୍ ନେଚରୋପାଥି ,ୟୁନାନି. ସିଦ୍ଧ, ହୋମିଓପାଥି) ମନ୍ତ୍ରୀ ଶ୍ରୀପଦ ୟୋସୋ ନାଏକ ଏଠାରେ ଏକ କ୍ରୀଡ଼ା ଇଭେଣ୍ଟରେ ଯୋଗଦାନପୂର୍ବକ ଯୋଗାସନକୁ ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ଭାବେ ଘୋଷଣା କରିଛନ୍ତି। ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁଦୃଢ଼ କରିବାରେ ଯୋଗ ବିଶେଷ ସହାୟକ ହୋଇଥାଏ। ଯୋଗାସନ ବହୁ ଦିନ ହେଲା ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ା ହୋଇ ରହି ଆସିଛି। କିନ୍ତୁ ଏପର୍ଯ୍ୟନ୍ତ ଭାରତ ସରକାରଙ୍କ ଦ୍ୱାରା ବିଧିବଦ୍ଧ ସ୍ୱୀକୃତି ଲାଭ କରି ନ ଥିଲା। କିନ୍ତୁ ଗୁରୁବାର ଏହା ଏକ ପ୍ରତିଯୋଗିତାମୂଳକ କ୍ରୀଡ଼ାର ମାନ୍ୟତା ଲାଭ କରିଛି। ଗତବର୍ଷ ନଭେମ୍ବରରେ ଯୋଗଗୁରୁ ବାବା ରାମଦେବଙ୍କ ସଭାପତିତ୍ୱରେ ଏକ ଅନ୍ତର୍ଜାତୀୟ ଯୋଗାସନ କ୍ରୀଡ଼ା ମହାସଂଘ ଗଠିତ ହୋଇସାରିଛି। ଡ. ଏଚ୍.ଆର. ନଗେନ୍ଦ୍ର ଏହାର ସମ୍ପାଦକ ଅଛନ୍ତି। ଏକ ପ୍ରତିଯୋଗିତା କ୍ରୀଡ଼ା ଭାବେ ଯୋଗର ସଂରକ୍ଷଣ ଓ ବିକାଶ ଲାଗି ଭାରତର ଏକ ଜାତୀୟ ଯୋଗାସନ କ୍ରୀଡ଼ା ମହାସଂଘ (ଏନ୍‌ୱାଇଏସ୍‌ଏଫ୍‌ଆଇ) ମଧ୍ୟ ଇତିମଧ୍ୟରେ ଗଠିତ ହୋଇସାରିଛି। ଗତ ମାସରେ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଏହା ଏକ ଜାତୀୟ କ୍ରୀଡ଼ା ମହାସଂଘ ଭାବେ ସ୍ୱୀକୃତି ଲାଭ କରିସାରିଛି। କ୍ରୀଡ଼ା ମନ୍ତ୍ରଣାଳୟ ଏନ୍‌ୱାଇଏସ୍‌ଏଫ୍‌ଆଇକୁ ଆର୍ଥିକ ସହାୟତା ଦେବା ଆରମ୍ଭ କରିବ। ଯାହା ଫଳରେ ମହାସଂଘ ଆଗାମୀ ବର୍ଷଗୁଡ଼ିକରେ ଏହାର ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିପାରିବ।

# ଲଢ଼ୁଆ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ଏଫ୍‌ସି ପରାସ୍ତ

**ବାମ୍ବୋଲିମ୍, ୧୭।୧୨**

ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ଲଢ଼ୁଆ ପ୍ରଦର୍ଶନ କରିଥିଲେ ହେଁ ବେଙ୍ଗାଲୁରୁ ଏଫସ ନିକଟରୁ ୧-୨ ଗୋଲରେ ହାରି ଯାଇଛି। ଫଳରେ ଦଳ ୬ ମ୍ୟାଚ ଖେଳି ସାରିଥିଲେ ହେଁ ବିଜୟ ସ୍ୱାଦ ଚାଖିବା ସମ୍ଭବ ହୋଇନାହିଁ। ଗୋଟିଏ ମାତ୍ର ମ୍ୟାଚ ଡ୍ର ରଖିଥିବାବେଳେ ୫ ମ୍ୟାଚରେ ପରାଜିତ ହୋଇଛି ଭୁବନେଶ୍ୱର ଭିତ୍ତିକ ଏହି ଦଳ। ଦଳର ଗୋଲ ସ୍କୋରିଂ ପ୍ରତିଶତ ମଧ୍ୟ ନୈରାଶ୍ୟଜନକ ରହିଛି। ଏପର୍ଯ୍ୟନ୍ତ ମାତ୍ର ୩ଟି ଗୋଲ ଦେଇ ପାରିଥିବାବେଳେ ୯ ଗୋଲ ବରଣ କରିଛି। ଫଳରେ ପଏଣ୍ଟ ଟେବୁଲରେ ଦଳ ୧୦ମ ସ୍ଥାନରେ ପଡ଼ି ରହିଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ୬ ମ୍ୟାଚରୁ ୩ୟ ବିଜୟ ସହ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

## ଛେତ୍ରୀଙ୍କ ୫୦ ଗୋଲ

ମ୍ୟାଚଟି ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ୩୮ତମ ମିନିଟରେ ପୂର୍ବତନ ଚାମ୍ପିୟନ ବେଙ୍ଗାଲୁରୁ ଅଗ୍ରଣୀ ନେଇ ମ୍ୟାଚକୁ ରୋମାଞ୍ଚକ କରିଥିଲା। ହରମନଜୋତ ଖବ୍ରାଙ୍କଠାରୁ ପାଇଥିବା ପାସ୍‌କୁ ଅଧିନାୟକ ସୁନୀଲ ଛେତ୍ରୀ ହେଡ୍ ଜରିଆରେ ଗୋଲରେ ପରିଣତ କରିଥିଲେ। କ୍ୟାରିୟରରେ ଅନେକ ରେକର୍ଡର ଅଧିକାରୀ ହୋଇଥିବା ଛେତ୍ରୀ ଏଥିସହ ଆଇଏସ୍ଏଲ୍‌ରେ ୫୦ତମ ଗୋଲ ପୂରଣ କରିଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ବେଙ୍ଗାଲୁରୁ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲା। ୭୧ତମ ମିନିଟରେ ଅଧିନାୟକ ଷ୍ଟିଭେନ ଟେଲରଙ୍କ ଗୋଲ ଜରିଆରେ ଓଡ଼ିଶା ଏଫ୍‌ସି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ଜେରୀ ମାୱିମିଙ୍ଗଥଙ୍ଗାଙ୍କଠାରୁ ପାସ୍ ପାଇଥିଲେ ଟେଲର। ତେବେ ଓଡ଼ିଶା ଦଳର ଏହି ଖୁସି ବେଶୀ ସମୟ ତିଷ୍ଠି ନ ଥିଲା। ୮ ମିନିଟ ପରେ ଅର୍ଥାତ୍ ୭୯ତମ ମିନିଟରେ କ୍ଲିଟନ ସିଲ୍‌ଭା ଏକ ଗୋଲ ଦେଇ ବେଙ୍ଗାଲୁରୁକୁ ପୁଣି ଅଗ୍ରଣୀ କରାଇଥିଲେ। ଦେଶୋର୍ନ ବ୍ରାଉନ୍‌ଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରିଥିଲେ ସିଲ୍‌ଭା। ଏହାପରେ ଉଦ୍ୟମ କରିଥିଲେ ହେଁ ଓଡ଼ିଶା ଏଫସି ଗୋଲ ପରିଶୋଧ କରିପାରି ନ ଥିଲା। ବେଙ୍ଗାଲୁରୁର ବ୍ରାଉନ୍ ପାସ୍ ଅଫ୍ ଦି ମ୍ୟାଚ ଏବଂ ସିଲ୍‌ଭା ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।



ବେଙ୍ଗାଲୁରୁ ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଇଣ୍ଡିଆନ ସୁପରଲିଗ୍**

# ପରବର୍ତ୍ତୀ ଦୁଇ ଅଲିମ୍ପିକ୍ସରୁ ରୁଷିଆ ବାସନ୍ଦ

**ଜେନେଭା, ୧୭।୧୨ (ଏପି)**

ରୁଷିଆ ପରବର୍ତ୍ତୀ ଦୁଇଟି ଅଲିମ୍ପିକ୍ସ ଅବା ପରବର୍ତ୍ତୀ ଦୁଇବର୍ଷ ଧରି କୌଣସି ବିଶ୍ୱ ଚାମ୍ପିୟନଶିପ୍‌ରେ ଏହାର ନାମ, ପତାକା ଓ ଜାତୀୟ ସଙ୍ଗୀତ ବ୍ୟବହାର କରିପାରିବ ନାହିଁ। କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ(କାସ୍) ଗୁରୁବାର ତାଙ୍କ ରୁଲିଂରେ କହିଛନ୍ତି। ପୁନଶ୍ଚ ରୁଷିଆ ଆସନ୍ତା ଦୁଇବର୍ଷ ପାଇଁ କୌଣସି ପ୍ରମୁଖ କ୍ରୀଡ଼ା ଇଭେଣ୍ଟ ଆୟୋଜନ କରିପାରିବ ନାହିଁ। ତେବେ ଡୋପିଂ କାର୍ଯ୍ୟରେ ଲିପ୍ତ ନ ଥିବା ଓ ପଜିଟିଭ ଟେଷ୍ଟକୁ ଘଷ୍ଟ ଘୋଡାଇବାକୁ ଚେଷ୍ଟା କରି ନ ଥିବା ରୁଷୀୟ ଆଥଲେଟ ଓ ଟିମ୍ ଆସନ୍ତା ବର୍ଷ ଟୋକିଓ ଅଲିମ୍ପିକ୍ସ ଏବଂ ୨୦୨୨ ବେଜିଂ ୱିଣ୍ଟର ଅଲିମ୍ପିକ୍ସରେ ଭାଗ ନେବାକୁ ଅନୁମତି ପାଇବେ। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ୪ ବର୍ଷ ବାସନ୍ଦ କରିବା ଲାଗି ପ୍ରସ୍ତାବ ଦେଇଥିଲା। ମାତ୍ର କାସ୍ ଏହାର ପରିମାଣ ହ୍ରାସ କରିଦେଇଛନ୍ତି। 'କାସ୍'ରେ କିନ୍ତୁ ରୁଷିଆର ଏକ ଛୋଟ ବିଜୟ ହୋଇଛି। ପ୍ରମୁଖ ଇଭେଣ୍ଟଗୁଡ଼ିକରେ ଆଥଲେଟଙ୍କ ୟୁନିଫର୍ମରେ ରୁଷିଆ ନାମ ରହିପାରିବ। ତେବେ ୟୁନିଫର୍ମରେ 'ନିରପେକ୍ଷ ଆଥଲେଟ୍' ଅବା 'ନିରପେକ୍ଷ ଦଳ' ଶବ୍ଦକୁ ସମାନ ଗୁରୁତ୍ୱ ଦିଆଯିବା ଦରକାର ବୋଲି କୋର୍ଟ କହିଛନ୍ତି। ଏହା ସତ୍ତ୍ୱେ ୨୦୧୪ ସୋଚି ଅଲିମ୍ପିକ୍ସ ପରେ ରୁଷିଆ ବିରୋଧରେ ରାଷ୍ଟ୍ର ପ୍ରାୟୋଜିତ ଡୋପିଂ ଏବଂ ଏହାକୁ ଘଷ୍ଟ ଘୋଡାଇବାଲାଗି ପ୍ରଚେଷ୍ଟା ଅଭିଯୋଗ ଉପରେ କୋର୍ଟରେ ୩ଜଣ ବିଚାରପତି କଠୋର ଦଣ୍ଡ ପ୍ରଦାନ କରିଛନ୍ତି। ୱାଡାକୁ ୧.୨୭ ନିୟୁତ ଡଲାର ଦେବା ପାଇଁ କୋର୍ଟ ରୁଷିଆ ଆଣ୍ଟି ଡୋପିଂ ଏଜେନ୍ସି (ରୁଷାଡା)କୁ କହିଛନ୍ତି।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ